ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ରଥଯାତ୍ରାର ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ | ୬



ବିଜେପି-ଆର୍‌ଏସ୍‌ଏସ୍‌କୁ ଟାର୍ଗେଟ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୮ Vol. 22 No-88 28 JUNE 2025 SATURDAY, BHUBANESWAR ଶନିବାର, ୨୮ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

# ରଥ ଟଣାରେ ଅହେତୁକ ବିଳମ୍ବ

# ଚକେ ଗଲା ନନ୍ଦିଘୋଷ

## ବଳଗଣ୍ଡିରେ ତାଳଧ୍ୱଜ, ମରିଚିକୋଟରେ ଦର୍ପଦଳନ







ପୁରୀ,୨୭।୬(ଭାସ୍କର ନ୍ୟୁଜ): ସବୁ ପ୍ରତୀକ୍ଷାର ଅନ୍ତଃ ଘଟିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଦିନାତ୍ମକ ରଥଯାତ୍ରାର ପ୍ରଥମ ଦିନର ରଥଟଣା ଶେଷ ହୋଇଛି। ତେବେ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣାରେ ବିଳମ୍ବ ଘଟିଛି। ସିଂହଦ୍ୱାରଠାରୁ ଅଳ୍ପକିଛି ବାଟ ଗଡ଼ିବା ପରେ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଅଟକିଛି। ଅନ୍ୟପକ୍ଷରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକରେ ଅଟକି ଥିବାବେଳେ ମାତା ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଟାଉନଥାନା ନିକଟରେ ଅଟକିଥିବା ସୂଚନା ଦିଆଯାଇଛି। ପ୍ରଭୁ ଜଗନ୍ନାଥଙ୍କ ରଥଟଣାରେ ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇଛନ୍ତି ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ। ଅନ୍ୟପକ୍ଷରେ ରାଜ୍ୟ ଆଇନମନ୍ତ୍ରୀ ● ପୃଷ୍ଠା ୫ ଦେଖନ୍ତୁ

- ଭାବ ଓ ଭକ୍ତିରେ ବୁଡ଼ିଲା ଶ୍ରୀକ୍ଷେତ୍ର
- ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଚତୁର୍ଦ୍ଦିଗ
- ୧୫ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ରଥ ଟାଣିଲେ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ
- ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲେ ମୁଖ୍ୟ ପ୍ରଶାସକ
- ତିନୋଟି କାରଣ ପାଇଁ ରଥଟଣାରେ ବିଳମ୍ବ: ଆଇନମନ୍ତ୍ରୀ
- ପ୍ରବଳ ଗରମ ଯୋଗୁ ୬୦୦ ଶ୍ରଦ୍ଧାଳୁ ଅସୁସ୍ଥ

### ବଡ଼ଦାଣ୍ଡରେ ନିଆରା ଦୃଶ୍ୟ

## ମୁଖ୍ୟମନ୍ତ୍ରୀଙ୍କ ହାତରୁ ଟଙ୍କତୋରାଣି ପିଇଲେ ଶ୍ରଦ୍ଧାଳୁ



ପୁରୀ,୨୭।୬(ଭାସ୍କର ନ୍ୟୁଜ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନଙ୍କୁ ଟଙ୍କତୋରାଣି ବଣ୍ଟନ କରିଛନ୍ତି। ବଡ଼ଦାଣ୍ଡ ପାର୍ଶ୍ୱରେ ଖୋଲାଯାଇଥିବା ଏକ ଷ୍ଟଲରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଟଙ୍କତୋରାଣି ବାଣ୍ଟୁଥିବାବେଳେ ଶ୍ରଦ୍ଧାଳୁମାନେ ଆନନ୍ଦର ସହିତ ଏହାକୁ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଏହି ଟଙ୍କତୋରାଣି ବାଣ୍ଟିବା ଦୃଶ୍ୟ ଖୁବ୍ ନିଆରା ବୋଲି ଆଲୋଚନା ଚାଲିଛି। ଶ୍ରଦ୍ଧାଳୁମାନେ ମଧ୍ୟ ଏହାକୁ ପିଇ ନିଜକୁ ଧନ୍ୟ ମନେ କରୁଛନ୍ତି। ସୂଚନାଯୋଗ୍ୟ ଯେ ଟଙ୍କତୋରାଣିକୁ ଅବଢା ତୋରାଣି କୁହାଯାଇଥାଏ। ଆନନ୍ଦବଜାରରେ ମିଳୁଥିବା ଟଙ୍କତୋରାଣି ଅବଢା ଅନ୍ନରେ ଦହି, ● ପୃଷ୍ଠା ୫ ଦେଖନ୍ତୁ







ଓଡିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ରାଜନଗର(ଭାସ୍କର ନ୍ୟୁଜ): ବିଗତ ଦିନରେ ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ହେଲେ ଗୋଟିଏ ସମସ୍ୟାର ସମାଧାନକୁ ଛାଡ଼ିଦେଲେ ଅନ୍ୟ ସମସ୍ୟାର ସମାଧାନ କଲେ ନାହିଁ ସରକାର । ଆହୁରି ୭ଟି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପୁଣି ସରକାରଙ୍କୁ ଗୁହାରୀ କରିଥିଲେ । ହେଲେ କିଛି ଫଳ ମିଳିଲା ନାହିଁ। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜିରେ ଶାନ୍ତି ପୂର୍ଣ ଧାରଣା ଦେଇଥିଲେ। ତଥାପି ସମସ୍ୟାର ସମାଧାନ ହୋଇପାରିଲା ନାହିଁ । ଫଳରେ ଡ୍ରାଇଭରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ମାସରେ ସରକାର ସେମାନଙ୍କ ସମସ୍ୟାର ସମାଧାନ ନ କରନ୍ତି, ତେବେ ଆସନ୍ତା ୮ ତାରିଖଠାରୁ ଡ୍ରାଇଭରମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଡ୍ରାଇଭର ସଂଘ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର ସ୍ଥାନୀୟ ଥାନା,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ ତହସିଲ କାର୍ଯ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହି ସମୟ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସେଥିପାଇଁ ସରକାର୍ ଦାୟୀ ରହିବେ ବୋଲି ସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏଇ କାର୍ଯ୍ୟକ୍ରମରେ,ଦିଲ୍ଲୀପ କୁମାର ସାହୁ( ସମ୍ପାଦକ),ଉପସଭାପତି ଅନିରୁଦ୍ଧ ମଲିକ,ଫଗୁ ଚରଣ ସ୍ୱାଇଁ,ଓ ଅନ୍ୟ ସଭ୍ୟମାନେ ଯୋଗ ଦେଇ ଦାବି ପତ୍ର ପ୍ରଦାନ କରିଥିଲେ।

# କୃତ୍ରିମ ହ୍ରଦ ପାଲଟିଛି ରାସ୍ତା

## ଆଣ୍ଠୁଏ ପାଣିରେ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଗୋପାଳପୁରୁ ଠାରୁ ଗୁପ୍ତି ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ ବନ ବିହାରୀପୁର ଗ୍ରାମରେ ଆରଡି ରାସ୍ତା ଉପରେ ଆଣ୍ଠୁଏ ପାଣି ରହୁଛି। ରାସ୍ତା ନିର୍ମାଣ ସମୟରେ ଯେତେ କହିଲେ ମଧ ଠିକାଦାର ଓ ଯନ୍ତ୍ରୀ କେହି ନିର୍ମାଣଧିନ ରାସ୍ତା ସମୟରେ ଉପସ୍ଥିତ ରହୁ ନଥିବାରୁ ମିସ୍ତ୍ରୀ ଲେବର ତାଙ୍କ ମର୍ଜିରେ ଏପରି ନିମ୍ନମାନର କାର୍ଯ୍ୟ କରି ଅର୍ଥ ଲୁଟିଥିବା ବେଳେ ଗ୍ରାମବାସୀ ପାଣି କାଦୁଅରେ ଜୁଡୁବୁଡୁ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ହେଲା ଦିନଠାରୁ ଅଭିଯୋଗ କରି ଆସୁଥିଲେ ମଧ କର୍ଣ୍ଣପାତ କରୁନାହାଁନ୍ତି। ଯାହାଫଳରେ ପାଣି ଜମି କୃତ୍ରିମ ହ୍ରଦରେ ପରିଣତ ହୋଇଛି। ସେହି କାଦୁଆ ପାଣିରେ ପଶି ଲୋକମାନେ ଗୁପ୍ତି ମେଡିକାଲ,ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଦି କାର୍ଯ୍ୟ ପାଇଁ ଯାତାୟତ କରୁଥିବା ବେଳେ ପିଲାମାନେ ଏହି କାଦୁଆ ପାଣିରେ ପଶି ସ୍କୁଲକୁ ଯାତାୟତ କରୁଛନ୍ତି,ଯାହା ଫଳରେ ବିଭିନ୍ନ ରୋଗର ଶିକାର ହେଉଥିବା ଆଭିଯୋଗ ହେଉଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ କରୋନା,ଡାଇରିଆ,ଓ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ସରକାର ତତ୍ପରତା ଦେଖାଉଛନ୍ତି, କିନ୍ତୁ ବନବିହାରୀପୁରର ଅସ୍ୱାସ୍ଥ୍ୟକର ପରିବେଶ ଉପରେ ସ୍ୱାସ୍ଥ୍ୟ ବିଭାଗ ଓ ଆରଡି ବିଭାଗ ଗୁରୁତ୍ୱ ନଦେଇ ଲୋକମାନଙ୍କୁ ମରଣଯନ୍ତାକୁ ଠେଲି ଦେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି,ଏଠାରେ ମହାମାରୀ ରୋଗର ଶିକାର ହେବାକୁ ଅସ୍ୱୀକାର କରିବା ଠିକ୍ ହେବ ନାହିଁ। ଆରଡି ବିଭାଗର ଯନ୍ତ୍ରୀମାନେ ଲୋକଙ୍କ ଯାତାୟାତ ରାସ୍ତାରେ ଅନିୟମିତ କରି ଅର୍ଥ ଲୁଟି ନିଜେ ଖାଇବା ସହ ମୁଖ୍ୟଯନ୍ତ୍ରୀଙ୍କୁ ଦେଉଥିଲେ।'ଝିଣ୍ଟିକା ମାରି ବଣୀ ପୋଷିବା ' ନିତିରେ ମୁଖ୍ୟ ଯନ୍ତ୍ରୀ କୋଟିକୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଥିବା ତଥା ଆରଡ଼ି ବିଭାଗର ଅର୍ଥ ଲୁଟିଥିବା ନେଇ ଜେଲର ଚାରିକାନ୍ଥ ମଧ୍ୟରେ ଟଙ୍କା ଆୟ କଥା ଭାବୁଛନ୍ତି। ଏହି ବିଭାଗର ତଳସ୍ତରରେ ଯନ୍ତ୍ରୀଙ୍କୁ କେବେ ଇଡ଼ି ଦୃଷ୍ଟି ଦେବ ତାହା ସମୟକୁ ଅପେକ୍ଷା।

# ଶାବର ଶ୍ରୀକ୍ଷେତ୍ରରୁ ପୁରୀକୁ ଗଲା କଳାଜିରା ଚାଉଳ



କୋରାପୁଟ (ଭାସ୍କର ନ୍ୟୁଜ): ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ଶ୍ରୀକ୍ଷେତ୍ର ପୁରୀକୁ ଗଲା କଳାଜିରା ଚାଉଳ। ପବିତ୍ର ନେତ୍ର ଉତ୍ସବ ଅବସରରେ ଜିଲ୍ଲାପାଳ ଭି. କିର୍ତି ଭାସନଙ୍କ ଦ୍ୱାରା କୋଠଭୋଗ ଓ ଅମୃତ ଅନ୍ନ ନିମନ୍ତେ ଜୈବିକ କୋରାପୁଟ କଳାଜିରା ଚାଉଳର ଯୋଗାଣର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପ୍ରଶାସନଙ୍କ ଅନୁରୋଧ କ୍ରମେ ପ୍ରଗତି ଅନୁଷ୍ଠାନ ଜୈବିକ ଶ୍ରୀ ଓ ଚିତ୍ରିଦୋରା କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ୩୨ କ୍ୱିଣ୍ଟାଲ ଜୈବିକ କଳାଜିରା ଚାଉଳ ସହ ୧କ୍ୱିଣ୍ଟାଲ ମୁଗ ଓ ୧କ୍ୱିଣ୍ଟାଲ ବିରି କୋଠଭୋଗ ଉଦ୍ଦେଶ୍ୟରେ ପଠାଇଛି । ଏହି ଚାଉଳ ଆଡପ ମଣ୍ଡପରୁ ଆରମ୍ଭ ହୋଇ କୋଠଭୋଗ ଓ ମହାପ୍ରସାଦ ପାଇଁ ବ୍ୟବହାର ହେବ। ଏହାଦ୍ୱାରା ଚାଷୀଙ୍କ ଗୌରବ, ଆର୍ଥିକ ବିକାଶ ସହ ଜୈବିକ କୃଷିର ଉନ୍ନତି, ପ୍ରାକୃତିକ ସନ୍ତୁଳନର ସୁରକ୍ଷା ତଥା ସୁସ୍ଥ ଖାଦ୍ୟ ଯୋଗାଣବାବଦରେ କୋରାପୁଟ ଜିଲ୍ଲାର କୃଷକ ସମାଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଖୁବ୍ ଶୀଘ୍ର ଶ୍ରୀମନ୍ଦିର ପରିଚାଳନା ଟ୍ରଷ୍ଟ ଦ୍ୱାରା ପୁରୀ ଶ୍ରୀମନ୍ଦିରରେ ଜୈବିକ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତି ଲାଗି ଅମୃତ ଅନ୍ନ ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି ଏହାଛଡା କୋରାପୁଟ କଳାଜିରା ଚାଉଳରୁ ପ୍ରସ୍ତୁତ ଅମୃତ ଅନ୍ନର ସ୍ୱତନ୍ତ୍ର ବିକ୍ରିୟ କେନ୍ଦ୍ର ଖୋଲାଯାଇ ଭକ୍ତଙ୍କ ନିମନ୍ତେ ମହାପ୍ରସାଦ ଉପଲବ୍ଧ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ବୋଲଗଡ(ଭାସ୍କର ନ୍ୟୁଜ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଦିବସ ଅବସରରେ ବ୍ଲକର ସଂଗ୍ରାମୀ ଗ୍ରାମ ଚମ୍ପାଗୋଲା ଖଦିକେନ୍ଦ୍ର ଠାରେ ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପ ସିଂହ, ମନୋଜ ଗୁମାନସିଂହ, ଅର୍ଜୁନ ରଣଜିତସିଂହ ପ୍ରମୁଖ ଉତ୍କଳମଣି ପ୍ରତିମୂର୍ତ୍ତିରେ ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ଖଦୀମାଳ ପିନ୍ଧାଇ ୧୯୩୦



ମସିହାରେ ଖଦୀକେନ୍ଦ୍ର ପ୍ରତିଷ୍ଠାରେ ଗୋପବନ୍ଧୁଙ୍କ ଅବଦାନ ସମ୍ପର୍କ ଆଲୋକପାତ କରିଥିଲେ। ସେହିପରି ବୋଲଗଡ ଗୋପବନ୍ଧୁ ଛକ ଠାରେ ଦରିଦ୍ର ନାରାୟଣ ସେବା ସଂଘ ପକ୍ଷରୁ ବୋଲଗଡର ବନ୍ଧ ପୋଖରୀ ତୁଠରେ ପୁଣ୍ୟାତ୍ମାଙ୍କ ତିଳ ତର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିଥି ରୂପେ ଇଷ୍ଟର୍ଣ୍ଣ କଲଟରାଲ ଆସୋସେସନର ସଭ୍ୟ ରଘୁନାଥ ଦଳବେହେରା, ପ୍ରହଲ୍ଲାଦ ମହାପାତ୍ର, ଆଶୋକ ଦତ୍ତ, ସତ୍ୟନାରାୟଣ ଦାସ , ଲଲାଟ ସିଂହ , ଶିଶିର ଦତ୍ତ ,ସୁମନ୍ତ ଛୋଟରାୟ, ପଦ୍ମ ଚରଣ ବେହେରା, ସରୋଜ ସାହୁ, ରବୀନ୍ଦ୍ର ପରିଡା, ଗୋପୀନାଥ ଖାଡଙ୍ଗା ଯୋଗଦାନ କରିଥିଲେ। ଶେଷରେ ସାମ୍ବାଦିକ ସଂଘ ସଭାପତି ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଭିଯୋଗରେ କଙ୍ଗାରୁକୋର୍ଟ



ଜଳେଶ୍ୱର (ଭାସ୍କର ନ୍ୟୁଜ): ଜଳେଶ୍ୱରରେ କଙ୍ଗାରୁକୋର୍ଟ। ଚୋରି କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ନିଷ୍ଠୁର ମାଡ଼ ମାରିବା ସହ ଲଣ୍ଡା କରି ବେକରେ ଜୋତା ମାଳ ଦେଇ ଗାଁ ବୁଲାଇଲେ ଲୋକେ ଏବଂ ମାଡ ମାରି ଏକ କେନାଲରେ ଫୋପାଡି ଦେଇଥିବା ଅଭିଯୋଗ ହୋଇଛି। ଦୁଇ ଦିନ ଧରି କଙ୍ଗାରୁ କୋର୍ଟର ଶିକାର ହୋଇଥିବା ଯୁବକଙ୍କ ପତ୍ତା ମିଳିନାହିଁ। ସୂଚନା ମୁତାବକ ବାଲେଶ୍ୱର ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ଼ି ପଞ୍ଚାୟତର ଉତ୍ତରପଡା ଗ୍ରାମର ପଦ୍ମଲୋଚନ ସାହୁ ନାମକ ଜଣେ ଯୁବକ ଗ୍ରାମରେ ନିର୍ମାଣ ହେଉଥିବା ପାଣିଟାଙ୍କି ସୁପରଭାଇଜର ଭାବେ କାମ କରୁଥିଲେ, ଗତ ୨୪ ତାରିଖ ରାତିରେ ବିଦ୍ୟୁତ୍ ବଲବ ଚୋରି ଅଭିଯୋଗରେ ପଡୋଶୀ ଖଳାବାଡ଼ିଆ ଗ୍ରାମର ଲୋକ ତାଙ୍କୁ ବାନ୍ଧି ନିର୍ଦ୍ଧୁମ ମାଡ ମାରିଥିଲେ। ତହିଁ ପରଦିନ ସକାଳୁ ସଂପୃକ୍ତ ଯୁବକଙ୍କୁ ଲଣ୍ଡା କରି ବେକରେ ଜୋତା ମାଳ ପକାଇ ଓ ଦେହରେ ଅଳିଆ ବାନ୍ଧି ଗାଁ ସାରା ବୁଲିବା ପରେ ନିର୍ଦ୍ଧୁମ ମାଡ ମାରି ଏକ କେନାଲକୁ ଫିଙ୍ଗି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ରିନାରାଣୀ ସାହୁ। ସେବେଠାରୁ ଏପର୍ଯ୍ୟନ୍ତ ଯୁବକର କୌଣସି ପତ୍ତା ମିଳିନାହିଁ। ଏନେଇ ପଦ୍ମଲୋଚନଙ୍କ ସ୍ତ୍ରୀ ରିନାରାଣୀ ସାହୁ ଦୁଇ ଜଣ ମହିଳା ମମତା ରଣା ଓ ମିନତି ମାଝୀ ନାମରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ଏ ନେଇ ଜଳେଶ୍ୱର ଥାନାରେ ୨୯୬/୨୫ ମାମଲା ରୁଜୁ ହୋଇ ଦୁଇଜଣ ମହିଳାଙ୍କୁ ପୋଲିସ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଛି।

## ଆଦର୍ଶ ଶିକ୍ଷକ ବିଷ୍ଣୁ ସାର୍‌ଙ୍କ ପରଲୋକ



ବ୍ୟାସନଗର (ଭାସ୍କର ନ୍ୟୁଜ): କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଗୋଡ଼ି ପାଟଣା ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁ ଙ୍କ ଜ୍ୟେଷ୍ଠ ପୁତ୍ର ତଥା ହିଙ୍ଗୁଳା ହାଇସ୍କୁଲର ଭାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ସାହୁଙ୍କର ୨୫ ତାରିଖ ବିଳମ୍ବିତ ରାତ୍ରୀରେ ଅର୍ଥାତ ୨୬ ତାରିଖ ଭୋର୍ ୪ ଘଟିକା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ରେ ୭୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ସେ ଏକ ମାସ ରୁ ଉର୍ଦ୍ଧ୍ୱ ଧରି ସେଠାରେ ବହୁବିଧ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ସକାଳୁ ସକାଳୁ ବିଦ୍ୟୁତ୍ ବେଗରେ ତାଙ୍କ ର ମୃତ୍ୟୁ ଖବର ପ୍ରଚାରିତ ହୋଇଯିବା ଫଳରେ ସାରା ଶଙ୍ଖଚିଲା ରେ ଶୋକର ଛାୟା ଖେଳିଯାଇଥିଲା। ସେ ଜଣେ ଛାତ୍ର ବତ୍ସଳ ଅନୁଷ୍ଠାନ ପ୍ରେମୀ ଦରଦି ମଣିଷ ତଥା ସଂସ୍କାର ପୂର୍ଣ୍ଣ ଶିକ୍ଷକ ଏବଂ ସର୍ବୋପରି ଅଞ୍ଚଳ ର ବିଭିନ୍ନ ଅନୁଷ୍ଠାନ ର ଦାୟୀତ୍ୱ ନିର୍ବାହକ ଜଣେ ଆଗ ଧାଡ଼ିର କର୍ମ କର୍ତ୍ତା ଭାବେ ସାରା ଅଞ୍ଚଳ ରେ ଜଣାଶୁଣା। ମୃତ୍ୟୁ ସମୟରେ ସାନ ଭାଇ ନାରାୟଣ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ,ବଡ଼ ପୁଅ ଡାକ୍ତର ରାଧା ରମଣ ସାହୁ ଓ ସାନ ପୁଅ ଦିବ୍ୟ ଜୀବନ ସାହୁ,ଭଉଣୀ ଚଞ୍ଚଳା, କଲ୍ୟାଣୀ ଓ ପୁତ୍ର ବଧୁ ନାତି ନାତୁଣୀ ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ମର ଶରୀର କୁ ପାଛୋଟି ଆଣି ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ, ଶଙ୍ଖଚିଲା ବଜାର ଓ ଶଙ୍ଖଚିଲା ଗ୍ରାମ ସମୁହ ପରିକ୍ରମା କରି ଗାଁ ଶ୍ମଶାନ ଡାହାଣି ପଡିଆ ଠାରେ ଶବ ସତ୍କାର କରାଇଥିଲେ । କନିଷ୍ଠ ପୁତ୍ର ଦିବ୍ୟ ଜୀବନ ସାହୁ ମୁଖାଗ୍ନି ଦେଇଥିଲେ

# ବିଜେଡି ଛାତ୍ର ସଂଗଠନର ପ୍ରତିବାଦ



ଉମରକୋଟ(ଭାସ୍କର ନ୍ୟୁଜ): ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅପରାଧ ଘଟଣାକୁ ନେଇ ଉମରକୋଟ ବିଜୁ ଜନତା ଦଳର ଛାତ୍ର ସଂଗଠନ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରାଯାଇଥିଲା। ଓଡ଼ିଶାରେ ଭାଜପା ସରକାର ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର ଘଟଣା ପ୍ରତି ନିରବ ଦର୍ଶକ ହୋଇ ରହିଛି। ସେମାନେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ପାଇଁ ଭାଜପା ସରକାରଙ୍କୁ ଦାୟୀ କରିଛନ୍ତି।ଭାଜପା ରାଜ୍ୟରେ କ୍ଷମତାକୁ ଆସିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ନିରନ୍ତର ଖରାପ ହେଉଛି। ପ୍ରତିଦିନ ଖବରକାଗଜରେ ଯୁବତୀ ମାନଙ୍କୁ ହଇରାଣ କରାଯିବା, ଦୁଷ୍କର୍ମ, ଅପହରଣ କିମ୍ବା ହତ୍ୟାର ଖବର ପ୍ରକାଶ ପାଉଛି। ଗୋପାଳପୁର ଲଜ୍ଜା ଘଟଣାରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରାଯାଇଥିଲା, ଯିଏକି ଗଛରେ ବନ୍ଧା ହୋଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ଏକ ଦୁଃଖଦ ଘଟଣା ଘଟିଛି। ଏହି ପ୍ରତିବାଦ ସଭାରେ ପୌରାଧ୍ୟକ୍ଷା ରାଧା ଭତ୍ରା , କାଉନସିଲର ନିଲମ ହରିହର ହରିଜନ, କାଉନସିଲର ମନୋଜ ନାୟକ, ବିକ୍ରମ ସରକାର, ଲଳିତ ସେଠି, କୈଳାସ ନାୟକ, ଚନ୍ଦନ ବେହେରା, ହିମାଂଶୁ ଜେନାଙ୍କ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ସଂସଦୀୟ ସଡ଼କ ସୁରକ୍ଷା କମିଟି ବୈଠକ



ନବରଙ୍ଗପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସଡ଼କ ସୁରକ୍ଷା କମିଟି ବୈଠକ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ୍ , ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଡ଼ାବୁଗାଁ ମନୋହର ରାନ୍ଧାରି, ବିଧାୟକ ଝରିଗାଁ ନରସିଂ ଭତରା , ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦୀପ ସମ୍ପତ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନଙ୍କ ସମେତ ସଡ଼କ ସୁରକ୍ଷା ସମିତି ସଭ୍ୟ,ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆର୍‌ଟିଓ ଜୀତେନ୍ଦ୍ର କୁମାର ଭୋଇ ସଡ଼କ ସୁରକ୍ଷା ଉପରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନା ଅନୁସାରେ ୨୦୨୩ ମସିହାରେ ରାସ୍ତା ଦୁର୍ଘଟଣାରେ ୨୦୭, ୨୦୨୪ ମସିହାରେ ୨୫୬ ଏବଂ ୨୦୨୫ ମସିହା ଏପ୍ରିଲ୍ ପର୍ଯ୍ୟନ୍ତ ୧୦୯ ଜଣଙ୍କର ମୃତ୍ୟୁ ହୋଇଛି। ଯାହାକୁ ନେଇ ସାଂସଦ କ୍ଷୋଭ ପ୍ରକାଶ ସହ ଦୁର୍ଘଟଣା କମାଇବା ପାଇଁ ଉଚିତ୍ ଓ ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ।ଅନେକ ଦୁର୍ଘଟଣା ଦ୍ରୁତଗତି, ମଦ୍ୟପାନ, ଯଥେଷ୍ଟ ସତର୍କ ସୂଚନା ବୋର୍ଡର ଅଭାବ, ରାସ୍ତାରେ ବେଆଇନ ପାର୍କିଂ, ବିନା ହେଲମେଟ ଓ ସିଟବେଲ୍ଟ ଯୋଗୁଁ ହେଉଅଛି। ପରିବହନ ବିଭାଗ ତରଫରୁ ଜାତୀୟ ରାଜପଥ ୨୬ ର ପାପଡ଼ାହାଣ୍ଡି ଦୁଲୁପୁର ମୋଡ଼, ଡିଅର ପାର୍କ, ଏସ ଏଚ୍ଚ ୩୯ ର ତୁରୀ ନଦୀ ,ଉମରକୋଟର ଡିଏନ୍‌କେରୁ ଦାଦିଆଗୁଡ଼ା, ଜେଲ୍ ରୋଡରୁ ଚିକଲପଦର୍ ଚୌକ, ମେଡାବେଡା ରୁ ବାସିନୀ,ଝରିଗାଁର ଚନ୍ଦାହାଣ୍ଡି ଘାଟି, କୋଷାଗୁମୁଡ଼ାର ମାଝୀଗୁଡା ଛକ ଏଭଳି ୮ ଟି ବ୍ଲାକ ସ୍ପଟ୍ ଚିହ୍ନଟ କରାଯାଇଛି। ଆର୍‌ଟିଓ ବୈଠକରେ ସଡ଼କ ସୁରକ୍ଷା ପାଇଁ ସଚେତନ ରଥ, ଲିଫ୍ଲେଟ ବଣ୍ଟନ, ପୋଷ୍ଟର, ବ୍ୟାନର, ଧରପଗଡ, ଫାଇନ୍, ଗୁଡ ସମାରିଟାନ ପୁରସ୍କାର, ଡ୍ରାଇଭରମାନଙ୍କୁ ତାଲିମ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଉପରେ କହିଥିଲେ। ୨୦୨୫ଜାନୁଆରୀରୁ ମେ ମାସ ମଧ୍ୟରେ ଜିଲ୍ଲାରେ ୪୩୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ସାଂସଦ ସଡ଼କ ଦୁର୍ଘଟନା କମାଇବା ପାଇଁ ପୋଲିସ ଓ ପରିବହନ ବିଭାଗ ଦ୍ୱାରା ଅଚାନକ ଧରପଗଡ଼ , ଫାଇନ , ଜାତୀୟ ରାଜପଥ ରେ ହମ୍ପସ ହଟାଇବା,ବିନା ଲାଇସେନ୍ସ,ବିନା ହେଲମେଟ ପାଇଁ ଉଚିତ କାର୍ଯ୍ୟାନୁଷ୍ଠାନ ଭଳି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ଜୟନ୍ତୀ ପାଳିତ

ତାଳଚେର(ଭାସ୍କର ନ୍ୟୁଜ): ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ର ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଏକ ଅନୁଷ୍ଠାନ। ତାଙ୍କର ସାଲିସ୍‌ବିହୀନ ସାମ୍ବାଦିକତା, ସ୍ପଷ୍ଟବାଦିତା ଓ ନିର୍ଭିକତା ପାଇଁ ସେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ବୋଲି ଅନୁଷ୍ଠିତ ୧୧୦ ତମ ଜୟନ୍ତୀ ସଭାରେ ଢେଙ୍କାନାଳ ର ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲ । ଅନ୍ୟତମ ଅତିଥି ଭାବେ ତାଳଚେରପୌରପରିଷଦ ର ନଗର ପାଳ ପବିତ୍ରଭୂତିଆ ଯୋଗଦେଇ ସାମ୍ବାଦିକତା ଓ ତାଳଚେର ର ସମସ୍ୟା ପାଇଁ ସବୁବେଳେଚିନ୍ତାକରୁଥିବା ସ୍ୱର୍ଗତ ଦିବାକର ମିଶ୍ର ଙ୍କ ନିତିଆଦର୍ଶ ତାଳଚେର ବାସୀ ଙ୍କ ପାଇଁ ଏକ ଅଭୂଲା ସ୍ମୃତି ବୋଲି ପ୍ରକାଶ କରିଥିଲେ । ଏଥିସହିତ ଏହି ଜୟନ୍ତୀ ସଭାରେ ତାଳଚେରର ଅନେକବୁଦ୍ଧିଜୀବୀ ବ୍ୟବସାୟୀ ସାମ୍ବାଦିକ ମାନେ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ର ତାଳଚେର ର ସେତେ ବେଳେ ଜଣେ ମୁରବୀ ସ୍ଥାନୀୟ ବ୍ୟକ୍ତି ଥିବା ହେତୁ ଏବେ ତାଙ୍କର ଅନୁପସ୍ଥିତତା ସମଗ୍ର ସହର ବାସୀ ଙ୍କ ପାଇଁ ଶୂନ୍ୟସ୍ଥାନ ହୋଇରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ସହରର ବଡ଼ ବଜାର ସ୍ଥିତ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସାମ୍ବାଦିକ ବିରଜା ମିଶ୍ର , କେଶବ ଭୂତିଆ, ବିଜେଡ଼ି ଜିଲ୍ଲା କୋଷାଧ୍ୟକ୍ଷ ବାନାମ୍ବର ଭୂତିଆ, କାଉନସିଲର ଆସିଫ୍ ଖାନ୍, ଯଶୋବନ୍ତ ମିଶ୍ର, ସନ୍ତୋଷ କୁମାର ବେହେରା, ବାବୁନି ସ୍ୱାଇଁ , ଜ୍ୟୋତି ରଂଜନ ଦାସ , ବଳରାମକୁଣ୍ଡ , ଦିଲୀପ ପାଣି ,ଜିଲ୍ଲା ବିଜେପି ସମ୍ପାଦକ ପ୍ରକାଶ ମହାରଣା, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ଶିକ୍ଷାବିତ୍ ବିଭୂତି ମିଶ୍ର, ସ୍ମୃତି କମିଟି ସଂଯୋଜକ ତପନ କୁମାର ମହାରଣା ,ରାମଚନ୍ଦ୍ର ଭୂତିଆ , ଭାଗିରଥି ମହାପାତ୍ର, ପ୍ରକାଶ ସାହୁ, ପ୍ରଦୀପ ମହାରଣା, ତାଳଚେର ମ୍ୟୁନିସିପାଲିଟି ପକ୍ଷରୁ ବଡ଼ ବାବୁ ଚିତ୍ତରଂଜନ ସାହୁ, ବୁଦ୍ଧିଆ ଭୂତିଆ, ଅବୁ ଖାନ, ବଣିକ ସଂଘର ସଦସ୍ୟ ପ୍ରଦୀପ ସାହୁ, ଗୋବିନ୍ଦ ଭୂତିଆ, ସାମ୍ବାଦିକ ଦେବୀ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ବୁଦ୍ଧିଜୀବୀ, ବ୍ୟବସାୟୀ ଓ ଜନସାଧାରଣ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସିଟିଜେନ ଫୋରମର ସଂଯୋଜକ ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାଳଚେର ପ୍ରେସ୍ କ୍ଲବ୍ ଠାରେ ପ୍ରେସକ୍ଲବରସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତିସଭାରେ ସଂଘର ସାଧାରଣ ସମ୍ପାଦକ ଡ଼ଃ ରଶ୍ମିରଞ୍ଜନ ମିଶ୍ର ସ୍ୱର୍ଗତ ଦିବାକର ମିଶ୍ର ଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରିବା ସହ ଜୟନ୍ତୀ ସଭାରେ ତାଙ୍କରସ୍ମୃତି ଚାରଣ କରାଯାଇ ଥିଲା ।

# କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ଛତ୍ରପୁର (ଭାସ୍କର ନ୍ୟୁଜ୍): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରି ଜନ୍ମଦିନ ପାଳିଛନ୍ତି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ। ଛତ୍ରପୁର ରିଡିଙ୍ଗ ରୁମ ପରିସରରେ ଆୟୋଜିତ ଏହି ମେଗା ରକ୍ତଦାନ ଶିବିରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୪୩୨ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ବୃକ୍ଷରୋପଣ ସହ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ଏମ କେ ସି ଜି ମେଡିକାଲ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ରହିଥିବା ବେଳେ ଏହି ରକ୍ତଦାନ ଶିବିର କିଛି ମାତ୍ରାରେ ରକ୍ତର ଅଭାବ ଦୂର କରିବ ବୋଲି କହିଛନ୍ତି ଛତ୍ରପୁର ବିଧାୟକ, ଏହା ସହ ସମସ୍ତ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ,ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ରଘୁନାଥ ସାହୁ, ଲକ୍ଷ୍ମୀ ପଣ୍ଡା, ପଦ୍ମ ଚରଣ ସାହୁ, ପ୍ରଦୀପ ପାଢ଼ୀ, ଏନ.ଦୁର୍ଯ୍ୟୋଧନ ରେଡି, ସଞ୍ଜିତ ରାଉଳ, ସାଂସଦ ପ୍ରତିନିଧି ସନ୍ତୋଷ ରେଡି, ରୁହୀନକ୍ଷ ପଟ୍ଟନାୟକ, ରଶ୍ମିରଣୀ ମହାପାତ୍ରଙ୍କ ସମେତ ବହୁ ସରପଞ୍ଚ , ସମିତିସଭ୍ୟ ଓ ଦଳୀୟ କର୍ମୀ ଥିଲେ ।

# ସାରସ୍ୱତ ସାଧକ ଗଗନ ବିହାରୀଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ସାରସ୍ୱତ ସାଧକ, ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ତଥା ସୁସାହିତ୍ୟିକ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କ ୮୩ ତମ ଜୟନ୍ତୀ ଜନ୍ମସ୍ଥାନ ପଳାଶୋଳ ଗ୍ରାମରେ ପାଳିତ ହୋଇଯାଇଛି।ପରିଷଦର ସଭାପତି ସାହିତ୍ୟିକ ରମାରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମେନକା ଦାସ ଯୋଗଦେଇ କହିଲେ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳ ଏକାଧାରରେ ଜଣେ କୃତୀ ଶିକ୍ଷକ ଓ ସୁସାହିତ୍ୟିକ ଭାବେ ଏ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗଗନ ବିହାରୀ ବିଶ୍ୱାଳଙ୍କ ସୃଜନଶୀଳତାର ଚଉହଦୀ ନାଟକ, ଗଳ୍ପ ଠାରୁ ଆରମ୍ଭ କରି ଏକାଙ୍କିକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି କହିଥିଲେ । ଏଥିରେ ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନାଦର୍ଶ



ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି(କାଳିଆ ସାର), ଉପସଭାପତି ତପନ କୁମାର ରାଉତରାୟ, ସଂଗ୍ରାମ କେଶରୀ ମହାନ୍ତି, ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ. ଜ୍ୱାଇଁ ଅମୀୟ କୁମାର ମହାନ୍ତି,ଅଜୟ କୁମାର ମହାନ୍ତି,ମନୋଜ କୁମାର ବିଶ୍ୱାଳ, ଜ୍ଞାନପ୍ରକାଶ ସାମନ୍ତରାୟ,ବିଭାସ ରାୟ,ସଞ୍ଜୟ କୁମାର ମହାନ୍ତି ,ସୁପୁତ୍ର ପ୍ରଦୀପ୍ତ କୁମାର ବିଶ୍ୱାଳ, ନାତି ସୂର୍ଯ୍ୟସ୍ନାତ ମହାନ୍ତି,ଶୁଭ୍ରସ୍ନାତ ମହାନ୍ତି ,ଏମ. ଏମ ଅମନ ବିଶ୍ୱାଳ,ପ୍ରତୀକ ବିଶ୍ୱାଳ, ପ୍ରତ୍ୟୁଷ କୁମାର ବିଶ୍ୱାଳ,ସାଇପ୍ରକାଶ ସାମନ୍ତରାୟ, ତତ୍ତ୍ୱପ୍ରକାଶ ସାମନ୍ତରାୟ, ବେଦାନ୍ସ ରାୟ, ମେଗାନ ରାୟ, ଶ୍ରେୟାଂଶ ମହାନ୍ତି,ଅଶୋକ କୁମାର ବିଶ୍ୱାଳ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସୁପୁତ୍ର ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଲମରା ସୀମାନ୍ତ ମହାବିଦ୍ୟାଳୟରେ ଖୋଲିଲା ଯୁକ୍ତ ୩

ଜଳେଶ୍ୱର(ଭାସ୍କର ନ୍ୟୁଜ): ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା ରାଇବଣିଆ ଅଞ୍ଚଳରେ ଏକ ଯୁକ୍ତ ତିନି କଲେଜ ପ୍ରତିଷ୍ଠା ପାଇଁ।ରାଇବଣିଆ ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ଏବଂ ଯାହାକୁ ନେଇ ସ୍ଥାନୀୟ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ତିନି କଲେଜ ପ୍ରତିଷ୍ଠା ପାଇଁ ଅନୁରୋଧ କରା ଯାଇଥିଲା।ଯାହାକୁ ପ୍ରଶାସନ ଗୁରୁତ୍ୱ ଦେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟା କ୍ରମେ ଆଜି ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ଯୁକ୍ତ ତିନି କଲେଜରେ ପରିଣତ ହୋଇ ୨୦୨୫/୨୬ ଶିକ୍ଷା ବର୍ଷ ପାଇଁ ଯୁକ୍ତତିନି କଳାର ସ୍ୱୀକୃତି ପାଇଛି। ଏହାର ସିଟ ସଂଖ୍ୟା ୧୩୬ ରହିଛି ଏବଂ ଓଡିଆ, ଇତିହାସ, ସଂସ୍କୃତ, ରାଜନୀତି ବିଜ୍ଞାନ, ଧନ୍ଦାମୂଳକ ଶିକ୍ଷା ଏବଂ ଅର୍ଥନୀତିରେ ଅନର୍ସ ପାଇଁ ୧୬ ସଂଖ୍ୟା ବିଶିଷ୍ଟ ସିଟ ରହିଛି। ଯାହାକୁ ରାଇବଣିଆ ଥାନା ଅଞ୍ଚଳବାସୀଙ୍କ ଦାବୀକୁ ଗୁରୁତ୍ୱର ସହ ନେଇ ଯୁକ୍ତତିନି ମହାବିଦ୍ୟାଳୟ ସ୍ଥାପନ କରିଥିବାରୁ ଉଚ୍ଚ ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସାଂସଦଙ୍କ ଜଳେଶ୍ୱର ପ୍ରତନିଧି ତଥା ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଏବଂ ଓଲମରା ପଞ୍ଚାୟତର ଯୁବନେତା ରାସବିହାରୀ ରଣାଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଲେ।




## ଟ୍ରେନ୍ ଦୁର୍ଘଟଣାରେ ଜଣେ ମୃତ

କୁଚିଣ୍ଡା(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ସ୍ଥିତ ହରିପଡ଼ା ରେଳ ଫାଟକ ନିକଟରେ ଟ୍ରେନ ଧକ୍କାରେ ଜଣେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ହରିପଡ଼ା ରେଳ ଫାଟକ ନିକଟ ରେଳ ଲାଇନ ମଝି ଡ୍ରେନରେ ଜଣେ ଯୁବକଙ୍କ ଶବ ପଡ଼ି ରହିଥିବା ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରୁ ମୃତ ଯୁବକ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ସୁରେନ୍ଦ୍ର କିସାନଙ୍କ ପୁଅ ପ୍ରମୋଦ କିସାନ ବୋଲି ଜଣାପଡ଼ିଥିଲା। ସେ ଗୁରୁବାର ଦିନ ପ୍ରାୟ ୨ ଟାରେ ନିଜ ସାଙ୍ଗ ମୋହନ କିସାନଙ୍କ ସହ ଏକ ବାଇକ୍ ଯୋଗେ ବାମରାର ହରିପଡ଼ା ରେଳ ଫାଟକକୁ ଆସିଥିଲେ। ମୋହନ ତାଙ୍କୁ ଛାଡି ଘରକୁ ଫେରି ଯାଇଥିବା ବେଳେ ସେ ରେଳ ଲାଇନ୍‌ରେ ବୁଲାବୁଲି କରୁଥିବା ସମୟରେ ପୁନେ ହାଓ୍ୱଡା ଦୁରନ୍ତୋ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକିପଡ଼ି ରେଳ ଲାଇନ ମଝିରେ ଥିବା ଡ୍ରେନରେ ପଶି ଯାଇଥିଲେ। ତାଙ୍କ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ ଯୁବକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।



କଟକ(ଭାସ୍କର ନ୍ୟୁଜ୍): ଜଣେ ଅଧ୍ୟାପକଙ୍କ ଜନ୍ମ ତାରିଖ ସଂଶୋଧନ ପ୍ରସଙ୍ଗରେ ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ସଂପୃକ୍ତ ଅଧ୍ୟାପକ ଚାକିରୀରେ ରହିବେ ବୋଲି ଅନ୍ତରୀଣ ଆଦେଶ ଦେଇଛନ୍ତି । ଆବେଦନକାରୀ ଯାଜପୁର ଅଙ୍ଗାଳୋସ୍ଥିତ ଲଛମନଜିଉ କଲେଜର ଅଧ୍ୟାପକ ଆଲୋକଚନ୍ଦ୍ର ବାରିକଙ୍କପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଇଜିଲାସ ଉପରୋକ୍ତ ଆଦେଶ ଦେଇଛନ୍ତ । ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ଅଧ୍ୟାପକ ଜଣକ ଜୁନ ୩୦ରେ ଅବସର ନ ନେଇ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଜ ପଦବିରେ କାର୍ଯ୍ୟ କରିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଆସନ୍ତା ଜୁଲାଇ ୨୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ଡ. ପୁରୁଷୋତ୍ତମ ଚୁଳି ପରିଚାଳନା କରୁଛନ୍ତି ।

## ଟ୍ୱିନ୍‌ସିଟିରେ ଘୋଷଯାତ୍ରା

# ଭକ୍ତିମୟ ପରିବେଶରେ ଗଡ଼ିଲା ରଥ

## କଟକ ସହର

## ଶ୍ରୀବାଣୀ କ୍ଷେତ୍ର

ସବୁ ପ୍ରତୀକ୍ଷାର ଅନ୍ତ ଘଟି ଶେଷରେ ଶୁକ୍ରବାର ଟ୍ୱିନ୍‌ସିଟିରେ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାରେ ସମାପନ ହୋଇଛି । ଦୀର୍ଘଦିନ ହେବ ପ୍ରସ୍ତୁତି ପର୍ବ ସବୁଠି ଜୋରଦାର ଚାଲିଥିବା ବେଳେ ଶେଷରେ ପବିତ୍ର ଘୋଷଯାତ୍ରାରେ ତିନିରଥ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିଛି । ଏଥିପାଇଁ ଟ୍ୱିନ୍‌ସିଟି ଉତ୍ସବମୁଖର ହୋଇଉଠିଥିବା ବେଳେ ଭକ୍ତିମୟ ପରିବେଶରେ ଭକ୍ତମାନେ ତିନିରଥକୁ ଟାଣି ନେଇଛନ୍ତି । ଏହିଭଳି ଏକ ଅପୂର୍ବ ମହାମିଳନ ସମୟ ମଧ୍ୟରେ ଭକ୍ତ-ଭଗବାନ ଏକାକାର ହେବାର ପରିବେଶ ସୃଷ୍ଟି ହୋଇଥିଲା । ଏଥିପାଇଁ ଟ୍ୱିନ୍‌ସିଟି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଶୁକ୍ରବାର ରାଜଧାନୀର ବିଭିନ୍ନ ସ୍ଥାନରେ ରଥଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଥିଲା । ପଳାଶୁଣିରୁ ରସୁଲଗଡ, ବାଣୀବିହାରରୁ ପୁରୁଣା ଭୁବନେଶ୍ୱର ଓ ଇସ୍କନରୁ ତମାଣ୍ଡୋ ପର୍ଯ୍ୟନ୍ତ ସବୁଠି ରଥମୟ ହେବା ସହ ଭକ୍ତଙ୍କ ଭିଡ଼ ଜମିଥିଲା । ସେହିପରି ଐତିହ୍ୟସମ୍ପନ୍ନ କଟକ ସହରର କୋଣ ଅନୁକୋଣରେ ରଥଯାତ୍ରା ସମାପନ ହୋଇଥିଲା । ଚାନ୍ଦିନୀଚୌକରୁ ଆରମ୍ଭକରି ଦୋଳମୁଣ୍ଡାଇ, ରାଣୀହାଟରୁ ଆରମ୍ଭକରି ଦରଘାବଜାର ପର୍ଯ୍ୟନ୍ତ ସବୁଠି ରଥମୟ ପରିବେଶ ସୃଷ୍ଟି ହୋଇଥିଲା । ଅପରପକ୍ଷରେ କୁନି କୁନି ପିଲାମାନେ କୁନି ରଥଗୁଡିକୁ ଶଙ୍ଖ, ଘଣ୍ଟ, ଘଣ୍ଟା ଓ ତୁରୀ ବାଦ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରଥ ଟାଣିଥିବା ଦେଖିବାକୁ ମିଳିଥିଲା ।



କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିଭିନ୍ନ ସ୍ଥାନରେ ଶୁକ୍ରବାର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଟକ ସହରର ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ରଘୁନାଥଜୀଉ ଜଗନ୍ନାଥ ମନ୍ଦିର, ଖାନ୍‌ନଗର ଜଗନ୍ନାଥ ମନ୍ଦିର, ମର୍କତନଗର ସେକ୍ଟର ୬ ଜଗନ୍ନାଥ ମନ୍ଦିର, ମହମଦିଆ ବଜାର ଜଗନ୍ନାଥ ମନ୍ଦିର, ରାଣୀହାଟ ଜଗନ୍ନାଥ ମନ୍ଦିର, ଯୋବ୍ରା ଜଗନ୍ନାଥ ମନ୍ଦିର, ନୂଆବଜାର ସମେତ ସମେତ ସହରର ବିଭିନ୍ନ ସ୍ଥାନରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତଙ୍କ ହରିବୋଲ, ହୁଳାହୁଳି ଡାକ ସାଙ୍ଗକୁ ଘଣ୍ଟଘଣ୍ଟି ଶବ୍ଦରେ ସହରରେ ଆଧ୍ୟାତ୍ମିକ ବାତାବରଣ ଦେଖିବାକୁ ମିଳିଥିଲା । ରଥଟଣା ପୂର୍ବରୁ ସୂର୍ଯ୍ୟପୂଜା, ମଇଲମ୍, ଖୈଚୁଡି ଭୋଗ ଓ ଅନ୍ୟ ସମସ୍ତ ନିତିକାନ୍ତି ଅନୁଷ୍ଠିତ ହୋଇଥିଲା । ନିତିକାନ୍ତି ପରେ ପହଣ୍ଡି କରାଯାଇଥିଲା । ଛେରା ପହଁରା ପରେ ଦିଅଁମାନଙ୍କୁ ରଥାରୁଢ କରାଯାଇଥିଲା । ଏହା ପରେ ପ୍ରଭୁ ବଳଭଦ୍ରଙ୍କ ତଳଧ୍ୱଜ ରଥ ଟଣା ପରେ ଶ୍ରଦ୍ଧାଳୁମାନେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟାଣିଥିଲେ । ଶେଷରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିଥିଲେ । ସହରରେ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ସମାପନ କରିବା, ଶ୍ରଦ୍ଧାଳୁମନେ କିପରି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ ସେଥିପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିବା ବେଳେ ଶାନ୍ତି କମିଟି ଓ ବିଭିନ୍ନ ପୂଜା କମିଟି ପକ୍ଷରୁ ମଧ୍ୟ ଅନୁରୂପ ଭାବେ ବ୍ୟବସ୍ଥା କରାଯାଇଥିଲା ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି । ଆଜି ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା । ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ । ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା । ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ । ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ । ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ । ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱକର୍ମା, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି । ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ । ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ । ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି । ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ ।

## ଇସ୍କନ୍‌ରେ ଗଡ଼ିଲା ୩ ରଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ପବିତ୍ର ରଥଯାତ୍ରାରେ ଗାଁରୁ ପଲ୍ଲୀ ସବୁ ଚଳଚଞ୍ଚଳ ହୋଇଉଠିଛି । ତେବେ ପୁରୀରେ ଧୁମଧାମରେ ରଥଯାତ୍ରା ଧୁମଧାମରେ ପାଳନ ହେଉଥିବା ବେଳେ ଭକ୍ତମୟ ପରିବେଶରେ କମ୍ପି ଉଠୁଛି ଶ୍ରୀକ୍ଷେତ୍ର । ସେହିପରି ରାଜଧାନୀ ଇସ୍କନରେ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ପାଳିତ ହୋଇଯାଇଛି । ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଓ ସୁଦର୍ଶନ ରଥାରୁଢ଼ା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରଥ ଟଣା ଆରମ୍ଭ ହୋଇଥିବା ବେଳେ ମାଉସୀ ମା' ଅଭିମୁଖେ ଯାଉଛନ୍ତି ତିନି ରଥ । ଜଗନ୍ନାଥଙ୍କ ରଥ ଟଣାକୁ ନେଇ ସହରର ପଥରେ ଭକ୍ତ ଆଉ ଭଗବାନଙ୍କର ଅପୂର୍ବ ମିଳନ ହେଉଥିବା ଘଣ୍ଟାଘଣ୍ଟା ହୁଳହୁଳି ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହେଉଛି ରାଜଧାନୀର ରାସ୍ତା । ତିନି ରଥକୁ ଭକ୍ତ ମାନେ ଟାଣି ନେଉଥିବା ବେଳେ ମାତା ସୁଭଦ୍ରାଙ୍କ ରଥକୁ ଟାଣିଥିଲେ ମହିଳା ଭକ୍ତ । ସୁରୁଖୁରରେ ଇସ୍କନ ରଥ ଯାତ୍ରା ଚାଲିଥିବା ବେଳେ ପ୍ରଭୁର କୃପାଲାଭ କରି ଭାବବିହ୍ୱଳ ହୋଇ ପଡିଥିଲେ ଶ୍ରଦ୍ଧାଳୁ । ପୂର୍ବାହ୍ନ ୧୧ ଟାରେ ଇସ୍କନରେ ପହଣ୍ଡି ଆରମ୍ଭ ହୋଇଥିବା ବେଳେ ପ୍ରଥମେ ସୁଦର୍ଶନ ପରେ ବଳଭଦ୍ର ସୁଭଦ୍ରା ଆଉ ଜଗନ୍ନାଥ ପହଣ୍ଡି କରି ରଥାରୂଢ଼ ହୋଇଥିଲେ । ପରେ ଛେରା ପହଁରା ହୋଇଥିଲା । ଆଉ ରଥର ଶୁଦ୍ଧିକରଣ ପରେ ୩ଟା ୩୦ ମିନିଟରେ ଗଡିଥିଲା ରଥ । ଭକ୍ତଙ୍କ ଗହଣରେ ମାଉସୀ ମା' ଘର ବାହାରିଥିଲେ ଜଗନ୍ନାଥ । ଆଉ ମହାପ୍ରଭୁଙ୍କ ଏହି ପବିତ୍ର ଯାତ୍ରାକୁ ନେଇ ଭୁବନେଶ୍ୱର ଇସ୍କନରେ ପ୍ରବଳ ଗହଳି ହୋଇଥିବା ବେଳେ ପ୍ରଭୁଙ୍କ ଏହି ଅପୂର୍ବ ଯାତ୍ରାକୁ ଦେଖି ପରମାନନ୍ଦ ଲାଭ କରିଛନ୍ତି ଭକ୍ତ ।



## ବାହୁଡ଼ା ଓ ସୁନାବେଶ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାହୁଡ଼ା ଓ ସୁନାବେଶ ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ୫ ତାରିଖ ବାହୁଡ଼ାଯାତ୍ରା ବେଳେ ଅପରାହ୍ଣ ୩ଟାରୁ ରଥଗୁଡ଼ିକ ସିଆର୍‌ପି ଛକ ଅତିକ୍ରମ ନ କରିବା ପର୍ଯ୍ୟନ୍ତ ଖଣ୍ଡଗିରି ପଟୁ ଫାୟାରଷ୍ଟେସନ ସର୍ଭିସ୍ ରୋଡ୍ ଦେଇ କୌଣସି ପ୍ରକାର ଭାରୀଯାନ ସିଆରପି ଛକ ଆଡ଼କୁ ଅସିପାରିବେ ନାହିଁ । ସେହିପରି ଡିଏଭି ୟୁନିଟ୍-୮ରୁ ମାଉସୀମା ମନ୍ଦିର ଓ ସିଆରପି ଛକ, ସିଆରପି ଛକରୁ ଇସ୍କନ ମନ୍ଦିର ଆଡ଼କୁ ଅସୁଥିବା ଗାଡ଼ିଗୁଡ଼ିକ ଉପରେ ସମାନ କଟକଣା ଲଗାଯାଇଛି । ୬ ତାରିଖ ସନ୍ଧ୍ୟା ୫ଟାରୁ ସୁନାବେଶ ଦର୍ଶନ ଶେଷ ହେବା ପର୍ଯ୍ୟନ୍ତ ସିଆରପି ଛକରୁ ଇସ୍କନ ମନ୍ଦିର ମଧ୍ୟରେ କୌଣସି ଯାନବାହାନ ଯାତାୟତ କରିପାରିବେ ନାହିଁ ।

## ସନ୍ତରଣକାରୀ ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସନ୍ତରଣକାରୀ ମନ୍ନତା ମିଶ୍ର ଓ ପ୍ରତ୍ୟାଶା ରାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ୭୮ତମ ସିନିୟର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନ୍‌ଶିପ୍ ୨୦୨୫ରେ ଓଡିଶାର ସନ୍ତରଣକାରୀ ମନ୍ନତା ମିଶ୍ରଙ୍କୁ ୧୦୦ମି. ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିବା ପାଇଁ ଓ ପ୍ରତ୍ୟାଶା ରାୟଙ୍କୁ ୧୦୦ମି. ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ କାଂସ୍ୟ ପଦକ ଜିତିବା ପାଇଁ ଅଭିନନ୍ଦନ । ସେମାନେ ଏହି ବିଜୟ ଧାରାକୁ ଜାରି ରଖନ୍ତୁ ଏବଂ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣନ୍ତୁ । ସେମାନଙ୍କୁ ଶୁଭେଚ୍ଛା ଓ ଅନେକ ଶୁଭକାମନା ।

## ଘୁଞ୍ଚିଲା ବିଇଡି ଏଣ୍ଟ୍ରାନ୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଘଞ୍ଚିଲା ବିଇଡି ଏଣ୍ଟ୍ରାନ୍ସ । ୨୦୨୫-୨୬ ଶିକ୍ଷାବର୍ଷରେ ବିଇଡି, ବିଏଚଇଡି ଓ ଏମଇଡି ବିଷୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଘୁଞ୍ଚିଲା । ଖୁବଶୀଘ୍ର ରାଜ୍ୟ ଚୟନ ବୋର୍ଡ ପକ୍ଷରୁ ନୂଆ ତାରିଖ ଘୋଷଣା ହେବ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।





ତାରିଖ- ୨୮.୦୬.୨୦୨୫, ଶନିବାର
କାର୍ଯ୍ୟକ୍ରମ
ପୂର୍ବାହ୍ନ ୮ଘ. ୩୦ ମିନିଟ୍: ପାତ୍ରପଡା ସ୍ଥିତ ସ୍ମୃତି ବନଠାରେ ବୃକ୍ଷ ପୂଜା
ପୂର୍ବାହ୍ନ ୧୧ ଘଣ୍ଟା: ଦୟାନନ୍ଦ ଆଦର୍ଶ ଗୁରୁକୁଳ, ଖୋର୍ଦ୍ଧାଠାରେ ଯଜ୍ଞ ଓ ପ୍ରସାଦ ବଣ୍ଟନ
ସଂଧ୍ୟା ୬ଘଣ୍ଟା : ବୁଦ୍ଧ ମନ୍ଦିରଠାରେ ଜୟନ୍ତୀ ଉତ୍ସବ
ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ ।
- ନିବେଦକ -
ଡ଼ଃ. ପ୍ରଫେସର ବୁଦ୍ଧଦେବ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଧ୍ୟକ୍ଷ
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ, ଭୁବନେଶ୍ୱର
- ପରିବାର ପକ୍ଷରୁ -
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି


## ବକ୍ସିବଜାର ମାର୍କେଟ କମ୍ପ୍ଲେକ୍ସରେ ଅଶୋକ ବାରିକଙ୍କୁ ହତ୍ୟା ଘଟଣା

# ଫେରାର୍ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରକାଶ ବାରିକ ଗିରଫ

କଟକ(ଭାସ୍କର ନ୍ୟୁଜ୍): ବକ୍ସିବଜାର ମାର୍କେଟ କମ୍ପ୍ଲେକ୍ସରେ ଗତ ୧୭ ତାରିଖରେ ହୋଇଥିବା ଅଶୋକ ବାରିକ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ଫେରାର୍ ଅପରାଧୀ ପ୍ରକାଶ ବାରିକ ଓରଫ ଫକାକୁ କ୍ୟାଣ୍ଟନ୍‌ମେଣ୍ଟ୍ ପୋଲିସ୍ ଗିରଫ କରିଛି । ମୃତକ ଅଶୋକ ବାରିକ୍‌ଙ୍କ ଭାଇ ହେଉଛି ପ୍ରକାଶ । ପ୍ରକାଶ ନିଜ ଭାଇ ସହ ଜମି ବିବାଦକୁ କେନ୍ଦ୍ର କରି ଅଶୋକଙ୍କୁ ପରିବାର ସଦସ୍ୟଙ୍କ ସହିତ ମିଶି ହତ୍ୟା କରିଥିଲା । ଗିରଫ ପ୍ରକାଶ ହେଉଛି ୯୦ ଦଶକରେ ଗ୍ୟାଙ୍ଗଷ୍ଟର ରାଜା ଆର୍ଚ୍ଚର୍ଯ୍ୟର ପ୍ରମୁଖ ସହଯୋଗୀ ଥିଲା । ସୂଚନାଥାଉକି ଶଙ୍କରପୁର ଅଞ୍ଚଳର ଅଶୋକ ବାରିକଙ୍କର ଦୁଇ ଭାଇ ଓ ଜଣେ ଭଉଣୀ ଅଛନ୍ତି । ୨୦୨୩ରେ ସାଲେପୁର ଅଞ୍ଚଳରେ ଥିବା ଏକ ଜମିକୁ ଅଶୋକଙ୍କ ମା' ଓ ଭଉଣୀ ଭାଗ ହିସାବରେ ନେଇ ଯାଇଥିଲେ । ପରେ ବାପା ଉପେନ୍ଦ୍ରଙ୍କ ଦେହାନ୍ତ ପରେ ସମ୍ପତିଗୁଡ଼ିକ ଉଭୟ ପ୍ରକାଶ ଓ ଉମେଶ ବିକ୍ରି କରିବାକୁ ଚାହୁଁଥିଲେ । ଅଶୋକ କିନ୍ତୁ ଏହି ଜମି ବିକ୍ରି ପ୍ରସ୍ତାବକୁ ବିରୋଧ କରି ଆସୁଥିଲେ । ଏହି ଜମିବାଡି ବିବାଦକୁ ନେଇ ହୋଇଥିବା ଗଣ୍ଡଗୋଳ ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ହୋଇଥିଲା । ତେବେ ଜମି ବିକ୍ରୀକୁ ବିରୋଧ କରୁଥିବା ଅଶୋକଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ନିମନ୍ତେ ପ୍ରକାଶ ଓ ତାର ସହଯୋଗୀମାନେ ଷଡଯନ୍ତ୍ର କରିଥିଲେ । ଯୋଜନା ମୁତାବକ ବକ୍ସିବଜାର ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଗତ ୧୭ ତାରିଖ ରାତିରେ ଅଶୋକ ଶୋଇଥିବା ବେଳେ ପ୍ରକାଶ ତା ପତ୍ନୀ ସରସ୍ୱତୀ, ପୁଅ ସ୍ୱୟଂ ପ୍ରଭୁ ଶ୍ରୀଚନ୍ଦନ ଓ ଭାଇ ଉମେଶ ସହିତ ମିଶି ବିଭିତ୍ସ ହତ୍ୟାକାଣ୍ଡ ଘଟାଇଥିଲେ । ଘଟଣା ଘଟାଇବା ପରେ ପ୍ରକାଶ ସେବେଠାରୁ ଫେରାର ହୋଇଯାଇଥିବାବେଳେ ଅନ୍ୟମାନେ ଗିରଫ ହୋଇଥିଲେ । ଗିରଫ ପରେ ପ୍ରକାଶର ଲମ୍ବା ଅପରାଧିକ ରେକର୍ଡ ଏବେ ସାମନାକୁ ଆସିଛି । ପ୍ରକାଶ ବିରୋଧରେ ୧୯୯୬ରେ ମାଲଗୋଦାମ ଥାନାରେ ତିନୋଟି ମାମଲା ହୋଇଥିବାବେଳେ ୧୯୯୭ରେ ପୁରୀଘାଟ ଓ ମାଲଗୋଦାମ ଥାନାରେ ଦୁଇଟି ମାମଲା ହୋଇଥିଲା । ସେହିପରି ୧୯୯୮ରେ ମସିହାରେ ମଧ୍ୟ ମାଲଗୋଦାମ ଥାନାରେ ତା ବିରୋଧରେ ଗୋଟିଏ ଅପରାଧିକ ମାମଲା ରହିଛି । ପ୍ରକାଶ ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ଅପହରଣ, ଦାଦାବଟି ଆଦାୟ, ଡକାୟତି, ମରଣାନ୍ତକ ଆକ୍ରମଣ ଭଳି ସଙ୍ଗୀନ୍ ଅପରାଧ ମାମଲାରେ ସମ୍ପୃକ୍ତ ଥିଲା ।

## ୩୦ରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀ ଜୁନ୍ ୩୦ ତାରିଖ,ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁନ୍ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରାଉଦ୍ଦିଷ୍ଟ କ୍ୟୁଆରକୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସଂବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ସମାଜର ସହ ସମ୍ପାଦକ ଆଦିତ୍ୟ ପତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାଜର ସହ ସମ୍ପାଦକ ଆଦିତ୍ୟ କୁମାର ପତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବରିଷ୍ଠ ସାମ୍ବାଦିକ ତଥା ସମାଜର ସହ ସମ୍ପାଦକ ଆଦିତ୍ୟ କୁମାର ପତିଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ।

# ଡେଙ୍ଗୁ ସଚେତନତା ପାଇଁ ବୁଲିଲା ବିଏମ୍‌ସିର ଏଲ୍‌ଇଡି ଭ୍ୟାନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି )ପକ୍ଷରୁ ଡେଙ୍ଗୁ ରୋଗ ସଚେତନତା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ଡେଙ୍ଗୁ ରୋଗ ନିରାକରଣ ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଗୋଷ୍ଠୀସମୁଦାୟଙ୍କୁ ସମ୍ବେଦନଶୀଳ କରାଇବା ପାଇଁ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ପ୍ରତିଷେଧକ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜିଠାରୁ ଏକ ଏଲ୍ ଇଡି ଲ୍ୟାନ୍ ସମଗ୍ର ସହରରେ ବୁଲିବା ଆରମ୍ଭ କରିଛି । ଏହି ଭ୍ୟାନ୍ ସହର ବୁଲି ଲୋକମାନଙ୍କୁ ଡେଙ୍ଗୁ ରୋଗ ବ୍ୟାପିବାର କାରଣ ଓ ନିରାକରଣ ସଂପର୍କରେ ସଚେତନ କରାଇବ । ଏହି ସଚେତନତା ଭ୍ୟାନ୍ ସହର ବିଭିନ୍ନ ହାଟ, ବଜାର, ପ୍ରମୁଖ ଛକ, ଜନଗହଳି ପୂର୍ଣ୍ଣସ୍ଥାନ, ଖାସ୍ କରି ଆଜି ରଥଯାତ୍ରା ଥିବାରୁ ବିଭିନ୍ନ ରଥ ଦାଣ୍ଡ ତଥା ଜଗନ୍ନାଥ ମନ୍ଦିର ଓ ଜନ ଗହଳିପୂର୍ଣ୍ଣସ୍ଥାନରେ ଏହି ଏଲ୍‌ଇଡି ଭ୍ୟାନ୍ ଲୋକମାନଙ୍କୁ ଭିଡିଓ ବାର୍ତ୍ତା ଜରିଆରେ ଡେଙ୍ଗୁ ରୋଗ ନିରାକରଣ ସଂପର୍କରେ ସଚେତନ କରାଉଛି । ଆଗାମୀ ଦିନରେ ମଧ୍ୟ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମ ଜାରି ରହିବ । ଆଗାମୀ ଦିନରେ ଏହି ଏଲ୍‌ଇଡି ଲ୍ୟାନ୍ ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରା ବା ମାଉସୀ ମାଆ ମନ୍ଦିର ନିକଟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବ । ଲୋକମାନେ ସଚେତନ ହେଲେ ଡେଙ୍ଗୁକୁ ସହଜରେ ଆମେ ଦୂରେଇ ଦେଇ ପାରିବା । ଏଥିପାଇଁ ଗୋଷ୍ଠୀ ସହଯୋଗ କାମନା କରିଛନ୍ତି ମାନନୀୟା ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ । ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଏହି ସମସ୍ତ ଜନ ସଚେତନତନା କାର୍ଯ୍ୟକ୍ରମର ସଂଯୋଜନା କରୁଥିବା ବେଳେ ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏବଂ ସୁଶ୍ରୀ ରଶ୍ମୀରେଖା ଅମାତ ସହଯୋଗ କରୁଛନ୍ତି ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



### ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଜୟୀ କିଏ ?

## ଉଭୟ ଦେଶରେ ବିଜୟ ଉତ୍ସବ

ଯୁଦ୍ଧ ବିରତି ରାଜିନାମା ପରେ ଇସ୍ରାଏଲ୍-ଇରାନ୍ ମଧ୍ୟରେ ବାରଦିନ ଧରି ଚାଲିଥିବା ଭୟଙ୍କର ଯୁଦ୍ଧର ପରିସମାପ୍ତି ଘଟିଛି। ଶେଷ ପର୍ଯ୍ୟାୟରେ ମହା ପରାକ୍ରମଶାଳୀ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହି ଯୁଦ୍ଧରେ ସାମିଲ ହୋଇ ଇରାନ୍‌ର ତିନିଟି ପରମାଣୁ କେନ୍ଦ୍ର ଉପରେ ପ୍ରଚଣ୍ଡ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଥିଲା। ଅନ୍ୟପକ୍ଷରେ ରୁଷ, ଚୀନ୍ ସମେତ ଅନେକ ମୁସଲିମ୍ ରାଷ୍ଟ୍ର ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣକୁ ନିନ୍ଦା କରି ଇରାନ୍‌କୁ ନୈତିକ ସମର୍ଥନ ଜଣାଇଥିଲେ ହେଁ କେହି ଖୋଲାଖୋଲି ଯୁଦ୍ଧରେ ସାମିଲ ହୋଇନଥିଲେ। ତେବେ ଅସ୍ତ୍ର ବିରତି ଲାଗୁ ହୋଇ ଯୁଦ୍ଧର ଅନ୍ତ ଘଟିବା ଫଳରେ ସାରା ବିଶ୍ୱ ଏକ ସମ୍ଭାବ୍ୟ ବିଭୀଷିକାରୁ ଯେ ବର୍ତ୍ତି ଯାଇଛି, ଏଥିରେ ସନ୍ଦେହ ନାହିଁ। ଏହି ବାରଦିନିଆ ଯୁଦ୍ଧରେ ପ୍ରକୃତରେ କିଏ ବିଜୟ ହାସଲ କଲା କିମ୍ବା କାହାର ଲକ୍ଷ୍ୟ ସାଧିତ ହେଲା, ତାହାର ଆକଳନ କରିବା ସମ୍ଭବପର ନୁହେଁ। ମାତ୍ର କୌତୁହଳର ବିଷୟ ଯେ, ଉଭୟ ଇରାନ୍ ଓ ଇସ୍ରାଏଲ୍ ଏହି ଯୁଦ୍ଧରେ ନିଜ ନିଜକୁ ବିଜୟୀ ଘୋଷଣା କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଅନ୍ୟପକ୍ଷରେ ନିଜକୁ ଶାନ୍ତିର ଅବତାର ରୂପେ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟପ୍ରାଚ୍ୟ ଯୁଦ୍ଧ ବିରତିର ଶ୍ରେୟ ନିଜେ ନେବାକୁ ଉଦ୍ୟମ ଚଳାଇଛନ୍ତି। ଗୁରୁବାର ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖୋମେନେଇ ଇସ୍ରାଏଲ୍-ଇରାନ୍ ମଧ୍ୟରେ ହୋଇଥିବା ଯୁଦ୍ଧରେ ଇରାନ୍ ବିଜୟୀ ହୋଇଥିବାର ଦାବି କରିଛନ୍ତି। ସେ କହିଛନ୍ତି ଯେ, ଏହି ଯୁଦ୍ଧର ମଝିରେ ନିଜକୁ ସାମିଲ କରିଥିବା ଆମେରିକା ମୁହଁରେ ଇରାନ୍ ଶକ୍ତ ଚାପୁଡ଼ା ମାରିବାରେ ସକ୍ଷମ ହୋଇଛି। ଦେଶବାସୀଙ୍କୁ ଟେଲିଭିଜନ୍ ବାର୍ତ୍ତା ଦେଇ ଆୟାତୋଲ୍ଲା ଆହୁରି ଦର୍ଶାଇଛନ୍ତି ଯେ, କାତାରସ୍ଥିତ ଆମେରିକାର ବାୟୁସେନା ଘାଟି ଉପରେ ଇରାନ୍ ଯେଉଁ ଆକ୍ରମଣ କରିଥିଲା, ତାହା ୱାଶିଂଟନ୍ ମୁହଁରେ ଏକ ଚାପୁଡ଼ା ମାରିବା ସଦୃଶ ଥିଲା। ଇସ୍ରାଏଲ୍ ବିରୋଧୀ ଯୁଦ୍ଧରେ ଇରାନ୍ ବିଜୟୀ ହୋଇଥିବାରୁ ଦେଶବାସୀଙ୍କୁ ସେ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଆମେରିକାଓ ଇସ୍ରାଏଲ୍ ଯଦି ଆଗକୁଆଉ କୌଣସି ଆକ୍ରମଣ କରନ୍ତି, ତା'ହେଲେ ଚରମ ପରିଣାମ ଭୋଗିବେ ବୋଲି ସତର୍କ କରାଇ ଦେଇଥିଲେ। ଅନ୍ୟପଟେ ଯୁଦ୍ଧ ବିରତି ପରେ ଇସ୍ରାଏଲ୍ ମଧ୍ୟ ନିଜ ଦେଶରେ ବିଜୟ ଦିବସ ପାଳନ କରୁଥିବାର ଦେଖାଯାଉଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ବିରୋଧରେ ତାଙ୍କ ଦେଶ ଐତିହାସିକ ବିଜୟ ହାସଲ କରିଥିବାର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବାରଦିନ ଧରି ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ତାଙ୍କ ସେନା ଇତିହାସ ସୃଷ୍ଟି କରିଛି। ଏହି ଅଭିଯାନରେ ଇସ୍ରାଏଲ୍ ସେନା ଇରାନ୍‌ର ପରମାଣୁ ଘାଟି, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିର୍ମାଣ କେନ୍ଦ୍ର ଓ ଡିପୋ ଉପରେ ଆକ୍ରମଣ କରି ସେସବୁକୁ ଧ୍ୱଂସ କରି ଦେଇଥିଲେ। ତାଙ୍କ ଦେଶର ଏହି ବିଜୟକୁ ପିଢ଼ି ପରେ ପିଢ଼ି ମନେରଖିବେ ବୋଲି ନେତାନ୍ୟାହୁ ଉଲ୍ଲେଖ କରି ବେଶ୍ ଆତ୍ମସନ୍ତୋଷ ଲାଭ କରିଛନ୍ତି। ତେବେ ମଧ୍ୟପ୍ରାଚ୍ୟରେ ଘନେଇ ଆସିଥିବା ଏହି ଯୁଦ୍ଧ ଅଧିକ ଦିନ ଚାଲିଥିଲେ ମାନବ ସମାଜର ଯେ ନାହିଁ ନଥିବା କ୍ଷତି ଘଟିଥାନ୍ତା, ଏଥିରେ ଦ୍ୱିମତର ଅବକାଶ ନାହିଁ। ସେହି ଦୃଷ୍ଟିରୁ ଯିଏ ବିଜୟର ଶ୍ରେୟ ନିଅନ୍ତୁ ନା କାହିଁକି ବିଶ୍ୱବାସୀ ଯେ ଏକ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଭାରତରେ ବିକାଶର ମୋଡ଼ ବଦଳାଉଛି 'ସଡ଼କପଥ'



ନୀତିନ ଗଡକରୀ
କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

୨୦୧୪ ମସିହାରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେବା ପରଠାରୁ, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଭିତ୍ତିଭୂମି ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଇଆସୁଛି। ଏହି ଦିଗରେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଭିତ୍ତିଭୂମି ବିକାଶର କେନ୍ଦ୍ରବିନ୍ଦୁ ପାଲଟିଛି। ମୋଦୀଙ୍କ ନେତୃତ୍ୱରେ, ଏହି ମନ୍ତ୍ରଣାଳୟ ୨୦୧୪ ମସିହାରୁ ଆଜି ଯାଏ, ଏହି ୧୧ ବର୍ଷ ମଧ୍ୟରେ କେବଳ ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିନାହିଁ ବରଂ ଏହାକୁ ଏକ ନୂତନ ପରିଭାଷା ଦେଇଛି।

ରାଜପଥ, ସେ ସମ୍ପୂର୍ଣ୍ଣ ରାଜପଥ ହେଉ ବା ନିର୍ମାଣାଧୀନ, ଦେଶର ବିକାଶର ଦିଗ ବଦଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଦୃଢ଼ ରାଜପଥ, ଜଳପଥ ଏବଂ ରେଳପଥର ଭିତ୍ତିଭୂମି ମାଲ ପରିବହନ ଓ ସେବା ପ୍ରଦାନ ଖର୍ଚ୍ଚକୁ ହ୍ରାସ କରିପାରିବ ଏବଂ ଅର୍ଥନୀତିକୁ ତ୍ୱରାନ୍ୱିତ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ 'ବିଶ୍ୱଗୁରୁ'ରେ ପରିଣତ କରିବା ନେଇ ସ୍ୱପ୍ନ ଦେଖନ୍ତି। ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ଏବଂ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବରେ ଉଭା ହୋଇଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ, ଆମକୁ ରପ୍ତାନି ବୃଦ୍ଧି କରିବାକୁ ପଡିବ, ଯାହା ଫଳରେ କୃଷି, ସେବା ଏବଂ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ବୃଦ୍ଧି ପାଇବ।

ଗତ ୧୧ ବର୍ଷ ମଧ୍ୟରେ ନିର୍ମିତ ରାସ୍ତାଗୁଡ଼ିକ ଆମର ଲଜିଷ୍ଟିକ୍ସ ଖର୍ଚ୍ଚକୁ ୧୬% ରୁ ୧୦% କୁ ହ୍ରାସ କରିଛି। ଆଗାମୀ ବର୍ଷ, ଆମେ ଏହାକୁ ଆହୁରି କମାଇ ୯% କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଆମର ରପ୍ତାନି ବୃଦ୍ଧି କରିବ, ଆମକୁ ଅଧିକ ପ୍ରତିଯୋଗିତାମୂଳକ କରିବ ଏବଂ ଭାରତକୁ 'ବିଶ୍ୱଗୁରୁ' ହେବା ଦିଗରେ ଅଧିକ ସହାୟକ ହେବ।

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ସାରା ଦେଶରେ ୨୫ଟି ନୂତନ ଗ୍ରୀନଫିଲ୍ଡ ଏକ୍ସପ୍ରେସ ହାଇୱେ ନିର୍ମାଣ ଜାରି ରହିଛି। ବନ୍ଦରଗୁଡ଼ିକୁ ସଂଯୋଗ କରିବା ଏବଂ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ୩,୦୦୦ କିଲୋମିଟରରୁ ଅଧିକ ରାଜପଥ ମଧ୍ୟ ନିର୍ମାଣ କରାଯାଉଛି। ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ମଧ୍ୟ ବାସ୍ତବ ରୂପ ନେଉଛି। ୨୨,୦୦୦ କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିବା ବୌଦ୍ଧ ସର୍କିଟ୍ ପ୍ରକଳ୍ପ, ଦକ୍ଷିଣ ଏସିଆ, ଇଣ୍ଡୋନେସିଆ, ମାଲେସିଆ, ଚୀନ୍, ସିଙ୍ଗାପୁର ଏବଂ ଜାପାନରୁ ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାକୁ ଯଥେଷ୍ଟ ବୃଦ୍ଧି କରିଛି।

ଏହା ସହିତ, ସନାତନୀଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ଚାରି ଧାମ - ବଦ୍ରିନାଥ, କେଦାରନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇଛି। ୧୨,୦୦୦ କୋଟି ଟଙ୍କା ବ୍ୟୟରେ କେଦାରନାଥକୁ ସଂଯୋଗ କରିବା ପାଇଁ ଏକ ରୋପୱେ ନିର୍ମାଣ କରାଯାଉଛି। ଉତ୍ତରାଖଣ୍ଡର କୈଳାସ ମାନସରୋବରକୁ ପିଥୋରାଗଡ଼ ସହିତ ସଂଯୋଗ କରୁଥିବା ରାସ୍ତାର ପ୍ରାୟ ୯୦% ରାସ୍ତା ସମ୍ପୂର୍ଣ୍ଣ ହୋଇଛି।

ଭାରତରେ, ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର)ରେ 'ଉଡ଼ନ୍ତା ବସ୍' (ଫ୍ଲାଇଂ ବସ୍)ର ସ୍ୱପ୍ନ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଏଥିରେ ଏରିଏଲ ବସ୍, ଫ୍ଲାସ୍-ଚାର୍ଜିଂ ଇଲେକ୍ଟ୍ରିକ୍ ବସ୍ ଏବଂ ପାହାଡ଼ି ଅଞ୍ଚଳ ପାଇଁ ଉଡ଼ନ୍ତା ଡବଲ୍-ଡେକର୍ ବସ୍ ଅନ୍ତର୍ଭୁକ୍ତ। ଦିଲ୍ଲୀର ଧୌଲା କୁଆଁରୁ ମାନେସର ପର୍ଯ୍ୟନ୍ତ ସ୍କାଏୱେ ସିଷ୍ଟମ ଉପରେ ଆଧାରିତ ଉଡ଼ନ୍ତା ବସ୍ ସେବା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଁ ନିଶ୍ଚିତ ଯେ ଏହି ପରୀକ୍ଷଣ ଏହି ନିର୍ଦ୍ଦିଷ୍ଟ ରୁଟରେ ଟ୍ରାଫିକ୍ ଜାମର ଚିରସ୍ଥାୟୀ ସମସ୍ୟାର ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

ପ୍ରଥମ ଫ୍ଲାସ୍-ଚାର୍ଜିଂ ଇଲେକ୍ଟ୍ରିକ୍ ବସ୍ ଖୁବ୍ ଶୀଘ୍ର ନାଗପୁରରେ ଆରମ୍ଭ ହେବ। ଏଥିରେ ୧୩୫ ସିଟ୍, ଏକଜିକ୍ୟୁଟିଭ୍ କ୍ଲାସ୍, ସାମ୍ନାରେ ଟିଭି ସ୍କ୍ରିନ୍ ଏବଂ ଏୟାର ହୋଷ୍ଟେସ୍ ଭଳି ବସ୍ ହୋଷ୍ଟେସ୍ ରହିବେ। ବସ୍‌ର ସର୍ବାଧିକ ଗତି ଘଣ୍ଟା ପ୍ରତି ୧୨୦ କିମି ରହିବ। ପୁଣି ଏହି ଯାତ୍ରା ସମୟରେ ପ୍ରତି ୪୦ କିଲୋମିଟର ଦୂରତାରେ ୩୦ ସେକେଣ୍ଡ ସମୟ ପାଇଁ ଅଟକିବ। ଏହି ରହଣି ସମୟରେ ବସ୍ ସମ୍ପୂର୍ଣ୍ଣ ଚାର୍ଜ ହୋଇପାରିବ।

କେବଳ ଏକ କାର୍ଯ୍ୟାଳୟରେ ବସି ଡିପିଆର ପ୍ରସ୍ତୁତ କରି ଏହା କରାଯାଇପାରିବ ନାହିଁ - ଏଥିପାଇଁ ବହୁତ ପ୍ରୟାସ ଆବଶ୍ୟକ !

ଆଇଆଇଏମ୍-ବାଙ୍ଗାଲୋର ଦ୍ୱାରା ରାସ୍ତା ନିର୍ମାଣ ଉପରେ ହୋଇଥିବା ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ଜାତୀୟ ରାଜପଥ (ଏନ୍‌ଏଚ୍) ନିର୍ମାଣରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ୧ ଟଙ୍କା ଭାରତର ଜିଡିପିରେ ୩.୨୧ ଟଙ୍କା ଯୋଡିଥାଏ, ଯାହା ୩.୨ ଗୁଣ ଗୁଣକ ପ୍ରଭାବ ପକାଇଥାଏ। ଫଳସ୍ୱରୂପ, ଘରୋଇ ଉତ୍ପାଦନ ୯% ଏବଂ କାର ବିକ୍ରୟ ୧୦.୪% ବୃଦ୍ଧି ପାଇଛି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା କାର୍ଯ୍ୟ କେବଳ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିଛି ନାହିଁ ବରଂ ଅନେକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଛି।

କିଛି ଉଲ୍ଲେଖନୀୟ ପରିସଂଖ୍ୟାନ: ୨୦୧୪ରେ, ଭାରତରେ କେବଳ ୯୧ ହଜାର କିଲୋମିଟର ଜାତୀୟ ରାଜପଥ ଥିଲା। ୨୦୨୪ ବେଳକୁ ଏହି ନେଟୱାର୍କରେ ପ୍ରାୟ ୬୦% ବୃଦ୍ଧି ହୋଇ ୧.୪୬ ଲକ୍ଷ କିଲୋମିଟର ହୋଇଛି। ରାସ୍ତା ନିର୍ମାଣର ଦୈନିକ ଗତି ୧୨ କିଲୋମିଟରରୁ ୨୮ରୁ ୩୦ କିଲୋମିଟର ହୋଇଛି। ୫.୩୫ ଲକ୍ଷ କୋଟି ଟଙ୍କାର ଭାରତମାଳା ପ୍ରକଳ୍ପ ଅଧୀନରେ, ଆର୍ଥିକ କରିଡର, ଆନ୍ତର୍ଜାତୀୟ ସୀମା ରାସ୍ତା ଏବଂ ସୀମାବର୍ତ୍ତୀ ଅଞ୍ଚଳ ସଂଯୋଗୀକରଣ ସମେତ ୬୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଭାରତର ଲଜିଷ୍ଟିକ୍ସ ଖର୍ଚ୍ଚକୁ ଆହୁରି ହ୍ରାସ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ।

'ଗତି ଶକ୍ତି' ଏବଂ ବହୁମୁଖୀ ସଂଯୋଗୀକରଣ ପଦକ୍ଷେପଗୁଡ଼ିକ ରାସ୍ତା, ରେଳ, ଆକାଶପଥ, ଜଳପଥ ଏବଂ ବନ୍ଦରଗୁଡ଼ିକୁ ଏକକ ଡିଜିଟାଲ ପ୍ଲାଟଫର୍ମରେ ଏକୀକୃତ କରିଛି, ଯାହା ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତିକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି। ଆମର ମନ୍ତ୍ରଣାଳୟ ମଧ୍ୟ ସରକାରୀ-ବେସରକାରୀ ସହଭାଗୀତା (ପିପିପି) ମଡେଲ ମାଧ୍ୟମରେ ରାସ୍ତା ବିକାଶ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛି, ଯାହା ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶକୁ ଆକର୍ଷିତ କରିଛି। ଏହି ମଡେଲ ଅଧୀନରେ, ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରାସ୍ତା ପ୍ରକଳ୍ପ ହାତକୁ ନିଆଯାଇଛି।

୨୦୧୪ରେ ଆରମ୍ଭ ହୋଇଥିବା ଏହି ଯାତ୍ରା କେବଳ ରାସ୍ତା ବିଷୟରେ ନୁହେଁ; ଏହା ଭାରତର ପ୍ରଗତିର ଜୀବନରେଖା ପାଲଟିଛି। ରାଜପଥ ନେଟୱାର୍କର ବିସ୍ତାର କେବଳ ଯାତ୍ରାକୁ ସହଜ କରିଛି ତାହା ନୁହେଁ, ବରଂ ଘରୋଇ ବାଣିଜ୍ୟ, ଶିକ୍ଷା, ପର୍ଯ୍ୟଟନ ଏବଂ ସୁରକ୍ଷାକୁ ମଧ୍ୟ ବୃଦ୍ଧି କରିଛି।

ପ୍ରଥମ ଦିନରୁ, ଆମ ସରକାର ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଅନ୍ତର୍ଭୁକ୍ତିମୂଳକ ବିକାଶକୁ ନିଶ୍ଚିତ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଆସୁଛି। ଏହି ଲକ୍ଷ୍ୟକୁ ଯଥାଶୀଘ୍ର ହାସଲ କରିବା ପାଇଁ ଆମେ ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକୁ ଆହୁରି ଦ୍ରୁତ ଗତିରେ କରିବାକୁ ପ୍ରତିବଦ୍ଧ।

ବର୍ତ୍ତମାନ ଆମେ ବିଶ୍ୱସ୍ତରୀୟ ୨୦୪୭ ସୁଦ୍ଧା ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ଏବଂ ଆମର ଜାତୀୟ ରାଜପଥ ନେଟୱାର୍କକୁ ଆମେରିକା ଅପେକ୍ଷା ଭଲ କରିବା ପାଇଁ ଆମର ଏକ ସ୍ପଷ୍ଟ ଦୃଷ୍ଟିକୋଣ ରହିଛି, ଯାହାଦ୍ୱାରା ଭାରତ ଏକ ଆର୍ଥିକ ମହାଶକ୍ତି ହୋଇପାରିବ।

'ଆମେରିକା ଧନୀ ହୋଇଥିବାରୁ ଏହାର ଭଲ ରାସ୍ତା ରହିଛି ତାହା ନୁହେଁ; ଆମେରିକା ଧନୀ କାରଣ ଏହାର ଭଲ ରାସ୍ତା ରହିଛି।' ପୂର୍ବତନ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ଏହି ଉକ୍ତିଟିକୁ ଦିଲ୍ଲୀର ପରିବହନ ଭବନରେ ଥିବା ମୋ କାର୍ଯ୍ୟାଳୟରେ ଏବଂ ପୂର୍ବରୁ ଯେତେବେଳେ ମୁଁ ମହାରାଷ୍ଟ୍ରରେ ମନ୍ତ୍ରୀ ଥିଲି ସେତେବେଳେ ଲଗାଯାଇଛି। ଗତ ୧୧ ବର୍ଷ ଧରି ମୋଦିଜୀଙ୍କ ନେତୃତ୍ୱରେ ଏହା ଆମର ମାର୍ଗଦର୍ଶକ ମନ୍ତ୍ର ହୋଇଆସିଛି।

ଆମେ ଭବିଷ୍ୟତରେ ଏହି କାର୍ଯ୍ୟକୁ ଆହୁରି ଦ୍ରୁତ ଗତିରେ ଆଗକୁ ନେବାକୁ ପ୍ରତିବଦ୍ଧ। ଆଗାମୀ ବର୍ଷଗୁଡ଼ିକରେ, ଭାରତର ସଡ଼କ ପରିବହନ ଭିତ୍ତିଭୂମି ଆମେରିକା ଅପେକ୍ଷା ଭଲ ହେବ - ଏହା ଏକ ସ୍ୱପ୍ନ ନୁହେଁ ବରଂ ଏକ ବାସ୍ତବତା ଯାହା ରୂପ ନେଉଛି। ଗୁଣବତ୍ତା, ଗତି, ସ୍ୱଚ୍ଛତା ଏବଂ ପରିବେଶ-ଅନୁକୂଳ ନୀତିରେ ସନ୍ତୁଳନ ବଜାୟ ରଖି ଭାରତର ଜାତୀୟ ରାଜପଥ ନେଟୱାର୍କ ବିଶ୍ୱ ସ୍ତରରେ ସ୍ୱୀକୃତି ପାଇବ।'

## ବାପା ଥିବା ପୁଅ ସଭାରେ ହାରେନା

ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ପିତା ହେଉଛନ୍ତି ପ୍ରତିଟି ମଣିଷ ପାଇଁ ଛାତ। ଯିଏ ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରି ନିଜ ସନ୍ତାନଙ୍କ ମୁହଁରେ ହସ ଫୁଟାଏ। ଯିଏ ପରିବାରର ବର୍ତ୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବାର ପଣ କରିଥାଏ। ଯିଏ ଖାଲି ପକେଟ ଓ ଖାଲି ପେଟରେ ବି ଛୁଆଙ୍କ ସ୍ୱପ୍ନ ପୂରା କରିବାର ସାହସ ଧରିରଖିଥାଏ ସେ ହିଁ ତ ବାପା। ମା' ଯେଉଁଠି ସନ୍ତାନର ଟିକେ କ୍ଷତରେ କାନ୍ଦି ନିଜ ଦୁଃଖ ଜାହିର କରିଦିଅନ୍ତି। ପିତା ନିଜ ମଧ୍ୟରେ ଦୁଃଖ ରଖିଲେ ମଧ୍ୟ ପରିବାରକୁ ସମ୍ଭାଳିବାକୁ ଯାଇ ଏକ ଶକ୍ତ ପାଚେରୀ ହୋଇ ଠିଆ ହୋଇଥାନ୍ତି। ସନ୍ତାନ ଯଦି ମା'ଙ୍କ ଠାରୁ ସଂସ୍କାର ଶିଖେ ତେବେ ଦୁନିଆରେ କିଭଳି ନିଜକୁ ସଫଳ କରିବା ପାଇଁ କଠିନ ପରିଶ୍ରମ ଏବଂ ଉପଯୁକ୍ତ ଜ୍ଞାନ ଆହରଣ କରିହେବ ତାହା ପିତାଙ୍କ ଠାରୁ ଅବା କିଏ ଭଲରେ ବୁଝାଇପାରିବ। ଅବଶ୍ୟ ମା' ୧୦ ମାସ ୧୦ ଦିନ ଗର୍ଭରେ ଧରି କଷ୍ଟ ସହି ସନ୍ତାନକୁ ଦୁନିଆକୁ ଆଣେ। କିନ୍ତୁ ଜନ୍ମ ହେବା ପରେ ସନ୍ତାନର ପାଦ ପାଦରେ ଯାହାଙ୍କ ନଜର ରହିଥାଏ ସେ ହେଉଛନ୍ତି ପିତା। ଯେତେବେଳେ ବି ପିତା ମାତାଙ୍କ ସ୍ନେହ ଆଦର କଥା ଉଠେ ମା'ଙ୍କ ନାମ ପ୍ରଥମେ ନିଆଯାଏ ଆଉ ବାପାଙ୍କ ନାମ ପଛରେ। କିନ୍ତୁ ଏଥିରେ ତିଳେମାତ୍ର କ୍ଷୋଭ କରିନଥାନ୍ତି ବାପା।

ପିତା ଓ ମାତା ଭଗବାନଙ୍କ ଦ୍ୱିତୀୟ ରୂପ। ସନ୍ତାନଙ୍କ ଜୀବନରେ ଦୁହିଁଙ୍କର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏ ସଂସାରରେ ପିତା ନିଜ ପିଲାମାନଙ୍କ ଲାଗି ମେରୁଦଣ୍ଡ ସଦୃଶ୍ୟ। ବାପା ପରିବାର ପାଇଁ ଛାତଟିଏ। ନିଜ ସନ୍ତାନଙ୍କୁ ହାତ ଧରି ଯିଏ ଚାଲିବା ଶିଖାଏ, ସିଏ ହେଉଛନ୍ତି ବାପା। ମୁଣ୍ଡଝାଳ ତୁଣ୍ଡରେ ମାରି ପରିବାର ମହଁରେ ଯିଏ ଆହର ଦିଏ, ସିଏ ହେଉଛନ୍ତି ବାପା। ପରିବାର ସଦସ୍ୟଙ୍କ ପାଇଁ ସେ ଘରର ମୁରବୀ। ଆପଦ ବିପଦରେ ଯାହାର ଛତ୍ରଛାୟା ତଳେ ସୁରକ୍ଷିତ ରହେ ପରିବାର। ବାପା ସ୍ନେହ, ଶ୍ରଦ୍ଧା ଓ ଅନୁଶାସନର ଏକ ସୁନ୍ଦର ଉଦାହରଣ।

ପିତା ହେଉଛନ୍ତି ଯିଏ ପିଲାମାନଙ୍କର ସମସ୍ତ ଇଚ୍ଛା ଏବଂ ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରନ୍ତି। ବାପା ବାହାରୁ କଠିନ ଦେଖାଯାଆନ୍ତି, କିନ୍ତୁ ପିଲାମାନଙ୍କ ପାଇଁ ହୃଦୟରୁ ସେ ବହୁତ ନରମ ହୋଇଥାଆନ୍ତି। ବାପା ସନ୍ତାନର ବୋଝକୁ ବାହୁରେ ବଳଥିବା ପର୍ଯ୍ୟନ୍ତ ବୋହିଥାନ୍ତି। ଘର ପାଇଁ ଛାତ ଯେପରି, ପରିବାର ପାଇଁ ବାପା ସେପରି। କଥାରେ ଅଛି ବାପା ନାହିଁ ଯାହାର ଏ ଦୁନିଆ ତା' ପାଇଁ ଅନ୍ଧାର। ଯାହା ହାତ ଧରି ଚାଲି ଶିଖାନ୍ତି, ଯାହାଙ୍କ ଆଦର୍ଶକୁ ଦିଗ୍‌ଦର୍ଶନ କରି ବାଟ ଚାଲନ୍ତି ସେ ହେଉଛନ୍ତି ବାପା। ପରିବାରର ମେରୁଦଣ୍ଡ, ପରିବାରର ଛତ୍ରଛାୟା ହେଉଛନ୍ତି ବାପା। ଦୁଃଖର ସାଗରକୁ ଯିଏ ଆଖିତଳେ ଚାପି ରଖି ସନ୍ତାନର ସୁଖ ପାଇଁ ଯିଏ ଦିନରାତି କାମ କରନ୍ତି ସେ ହେଉଛନ୍ତି ପିତା। ସନ୍ତାନ ପାଇଁ ପ୍ରଥମ ପ୍ରେରଣାସ୍ରୋତ, ସୁରକ୍ଷା କବଚ, ଆତ୍ମବିଶ୍ୱାସର ବାହକ ହେଉଛନ୍ତି ପିତା।

ପ୍ରତ୍ୟେକ ସନ୍ତାନ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ମାତ୍ର ସେ ନିଜର ସମସ୍ତ ପିଲାଙ୍କ ନିକଟରେ ସମସ୍ତ ସ୍ଥାନରେ ଓ ସମୟରେ ରହି ତାଙ୍କର ଟିକିନିକି କଥା ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ପ୍ରତି ପିଲାଙ୍କୁ ପିତାମାତା ସ୍ୱରୂପ ଉପହାର ଦେଇଥାଆନ୍ତି। ଦୁନିଆର ପ୍ରତ୍ୟେକଟି ସନ୍ତାନ ନିଜ ନିଜ ମା'-ବାପାଙ୍କୁ ସମ୍ମାନ ଦେବା ଉଚିତ୍।

## ବିଶ୍ୱ ତାପମାନ ଓ ଅସନ୍ତୁଳନ ପରିବେଶ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୯୯୩୮୯୦୬୦୭୦

ଦିନକୁ ଦିନ ପୃଥିବୀ ପୃଷ୍ଠରେ ବଢ଼ି ଚାଲିଛି କାର୍ବନ ଡାଇଅକ୍ସାଇଡର ପରିମାଣ। ଆଉ ଏହି କାରଣରୁ ପୃଥିବୀ ଉତ୍ତପ୍ତ ପିଣ୍ଡ ହେବାରେ ଲାଗିଛି। ଏହାସହ ଗ୍ରୀନ୍ ହାଉସ୍ ଗ୍ୟାସ ମଧ୍ୟ କ୍ରମାଗତ ବୃଦ୍ଧି ହେବାରୁ ପୃଥିବୀର ହାରାହାରି ତାପମାତ୍ରା ବଢୁଛି। ଏହା ତ ଆପଣ ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଦେଖି ଜାଣି ପାରୁଥିବେ। ଏହି ବିଶ୍ୱ ତାପନ କାରଣରୁ ମେରୁ ଅଞ୍ଚଳରେ ଗଚ୍ଛିତ ଗ୍ଲେସିୟର ତରଳିବାରେ ଲାଗିଛି। ଯେଉଁଥିପାଇଁ କେବଳ ପୃଥିବୀର ଜଳ ଚକ୍ର ପ୍ରଭାବିତ ହେଉଛି ତାହା ନୁହେଁ, ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ଡାକି ଆଣୁଛି ବୋଲି ବୈଜ୍ଞାନିକମାନେ ସିଧା ସିଧା କହି ଦେଇଛନ୍ତି। ନିକଟରେ ପୁଣି ନାସାର ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି ଯେ ଅଙ୍ଗାରକାମ୍ଳ ନିର୍ଗତ ଓ ପ୍ରଦୂଷଣ ଉପରେ ନିୟନ୍ତ୍ରଣ ନ ହେଲେ ପୃଥିବୀର ତାପମାତ୍ରା ବଢ଼ିବ ଆଉ ତାପମାତ୍ରା ବଢ଼ିବା ଦ୍ୱାରା ଗ୍ଲେସିୟର ତରଳିବା ନିଶ୍ଚିତ ଓ ଏହା ତରଳିବା ପରେ ସମୁଦ୍ର ଓ ସ୍ଥଳ ଭାଗରେ ତାଣ୍ଡବ ଲୀଳା କରିବ। ନାସାର ପ୍ରୋଜେକସନ ଟୁଲରେ ସମଗ୍ର ଦୁନିଆ ନକ୍ସା ପ୍ରସ୍ତୁତ କରି ଦର୍ଶାଇଛନ୍ତି ଯେ କେଉଁ ବର୍ଷ କେଉଁ ଦୁନିଆରେ ସମୁଦ୍ର ସ୍ତର ବୃଦ୍ଧି ଘଟିବ। ବୈଜ୍ଞାନିକ ଏହା ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ ଏହିପରି ଯଦି ଗ୍ଲେସିୟର ତରଳିବ ତେବେ ଆମ ଭାରତର କିଛି ସହର ଅଢେଇ ଫୁଟ ସମୁଦ୍ର ଜଳରେ ଲିନ ହୋଇଯିବ ଓ ଏହାର କାରଣ ହେଉଛି ଯେ ସେତେବେଳେକୁ ଗରମ ଏତେ ପରିମାଣରେ ବଢ଼ିବ ଯେ ଗ୍ଲାସିଅର ତରଳିବ ଓ ଏହା ତରଳିବା ଦ୍ୱାରା ସମୁଦ୍ର ଜଳସ୍ତର ବଢ଼ିବ। ଏହା ଫଳରେ କିଛି ସହର ଜଳମଗ୍ନ ହୋଇଯିବ।

ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳସ୍ତର ବୃଦ୍ଧି। ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲେସିୟର କୁହାଯାଏ। ୧୯୨ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି। ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ସର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି। ଆର୍ଥ ଓ ପରିବେଶ ପତ୍ରିକାରେ ପ୍ରକାଶିତ ଆଲଫ୍ରେଡ ୱେଗର୍ନ ଇନଷ୍ଟିଚ୍ୟୁଟ ତଥା AWIର ଅଧ୍ୟୟନର ମୁଖ୍ୟ ଲେଖକ ତଥା ଜିଓଫିଜିକ କହିଛନ୍ତି ଯେ ସେମାନଙ୍କ ମାପରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓଟର୍ମାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟରର ତରଳିବାର ହାର ବଢ଼ାଇଇପାରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ। ଏହା ବ୍ୟତୀତ, ଏହି ଗ୍ଲେସିୟର ପଶ୍ଚିମ ଆଣ୍ଟାର୍କଟିକାର ମୁଖ୍ୟ ଅଞ୍ଚଳରେ ପଡେ, ଯେଉଁ କାରଣରୁ ଏଠାରେ ସମୁଦ୍ରର ଉଷ୍ମ ଓ ଲୁଣିଆ ସ୍ରୋତର ପ୍ରଭାବ ବରଫକୁ ଶୀଘ୍ର ତରଳିପାରେ। ଧ୍ୱଂସ କରିବାର କ୍ଷମତା ହେତୁ ଏହାର ନାମ ଡୁମସଡେ ଗ୍ଲାଇସର ରଖାଯାଇଛି। ଏକ ରିପୋର୍ଟ ଅନୁଯାୟୀ ୧୯୮୦ ଦଶକରୁ ଏଯାବତ ଏହି ଗ୍ଲେସିୟର ୫୯୫ବିଲିୟନ ଟନ୍ ବରଫ ହରାଇଛି। ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି। ଆମର ବୈଜ୍ଞାନିକମାନେ ମଧ୍ୟ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଖୋଜୁଛନ୍ତି। ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ।

ନିକଟରେ କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଗ୍ଲେସିୟର ଭିତରେ ବହୁ ପରିମାଣର ଅଜ୍ଞାତ ଭାଇରସ୍ ଲୁଚି ରହିଛନ୍ତି, ଯାହା ଗ୍ଲେସିୟର ତରଳିବା ପରେ ପୁନଃ ସକ୍ରିୟ ହୋଇ ପୃଥିବୀରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିପାରନ୍ତି। ନିକଟରେ ଆମେରିକୀୟ ବୈଜ୍ଞାନିକମାନଙ୍କର ଏକ ଦଳ ତିବ୍ବତକୁ ଯାଇ ଗ୍ଲାସିଅର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ବିଷୟରେ ଅନୁସନ୍ଧାନ କରିଥିଲେ। ସେମାନେ ସେଠାରୁ ସଂଗ୍ରହ କରିଥିବା ନମୂନାରୁ ଜଣାପଡିଛି ଯେ, ସେଥିରେ ୨୮ ପ୍ରକାରର ଜୀବନ୍ତ ଜୀବାଣୁ ରହିଥିଲା, ଯାହାକି ୧୫ ହଜାର ବର୍ଷ ଧରି ବରଫ ତଳେ ପୋତି ହୋଇ ରହିଥିଲେ। ବୈଜ୍ଞାନିକମାନେ ଏହା ମଧ୍ୟ କହିଛନ୍ତି ଯେ ଏହା ଅତ୍ୟନ୍ତ ବିପଜ୍ଜନକ ଜୀବାଣୁ। ଯାହା କି ଭିନ୍ନ ଭିନ୍ନ ଜଳବାୟୁରେ ବଞ୍ଚିବାକୁ ସକ୍ଷମ ଅଟନ୍ତି। ଏପରି ପରିସ୍ଥିତିରେ ଯଦି ସେମାନେ ଭବିଷ୍ୟତରେ ସକ୍ରିୟ ହୁଅନ୍ତି, ତେବେ ଫଳାଫଳ ବହୁତ ଭୟଙ୍କର ହେବ। ଏହା କରୋନା ମହାମାରୀଠାରୁ ଅତ୍ୟନ୍ତ ଭୟଙ୍କର ହେବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇପାରେ। ମଣିଷ ସମାଜ ବର୍ତ୍ତମାନ ସେହି ଜୀବାଣୁ ସହ ଲଢ଼ିବାକୁ ସକ୍ଷମ ନୁହେଁ ବୋଲି ଅନୁସନ୍ଧାନକାରୀ ଦଳ ପକ୍ଷରୁ କୁହାଯାଇଛି। ଅନୁସନ୍ଧାନକାରୀମାନେ ଏହା ମଧ୍ୟ ଜଣାଇଛନ୍ତି ଯେ, ଏବେ ଆଣ୍ଟାର୍କଟିକାର ଗ୍ଲେସିୟର ପୂର୍ବ ଅପେକ୍ଷା ବହୁତ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ସେହି ଗ୍ଲେସିୟରରେ ମଧ୍ୟ ଅନେକ ଭାଇରସ୍ ଲୁଚି ରହିଛି, ଯାହା ଭବିଷ୍ୟତରେ ପୃଥିବୀରେ ଏକ ଭୟଙ୍କର ମହାମାରୀ ଆଣିପାରେ। ନିକଟରେ କିଛି ମାସ ପୂର୍ବରୁ ଉତ୍ତରାଖଣ୍ଡର ଚାମୋଲିରେ ଗ୍ଲେସିୟର ତରଳି ଭାଙ୍ଗିବାର ଖବର ଆସିଥିଲା। ଭାରତର ଏହି ଅଞ୍ଚଳରେ ବହୁତ ଗ୍ଲେସିୟର ଅଛି ଏବଂ ପରିବେଶବିତ୍‌ଙ୍କ ଅନୁଯାୟୀ କ୍ରମାଗତ ତାପମାତ୍ରା ବୃଦ୍ଧି ହେତୁ ସେଗୁଡ଼ିକର ତରଳିବାର ଗତି ପୂର୍ବ ଅପେକ୍ଷା ବହୁତ ତୀବ୍ର ହୋଇଛି। ଏହି ପରିସ୍ଥିତିରେ ବରଫ ତରଳିବା କାରଣରୁ ଗ୍ଲେସିୟର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ନଦୀରେ ଦେଖିବାକୁ ମିଳିପାରେ ଏବଂ ସେହି ମାରାତ୍ମକ ଜୀବାଣୁଗୁଡିକ ନଦୀ ସାହାଯ୍ୟରେ ସାରା ଦେଶରେ ବ୍ୟାପିବାର ସମ୍ଭାବନା ରହିଛି, ଯେଉଁ କାରଣରୁ ଭାରତରେ ଏକ ଗୁରୁତର ମହାମାରୀ ଜନ୍ମ ହୋଇପାରେ। ତେଣୁ ଏଥିପାଇଁ ସମସ୍ତଙ୍କୁ ସଜାଗ ରହିବା ଦରକାର। ପୃଥିବୀର ତାପମାତ୍ରା କିପରି ହ୍ରାସ ପାଇବ ଆଉ ଗ୍ଲେସିୟର ତରଳିବାକୁ ରୋକାଯାଇ ପାରିବ ସେଥିପ୍ରତି ବିଶ୍ୱ ଏକ ହେବା ଦରକାର, ନୋହିଲେ ଖୁବ୍ ନିକଟରେ ପୃଥିବୀକୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିବ।

## ତିଲକା ମାଝୀ ବିଦ୍ରୋହ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ:୯୩୩୭୪୦୪୨୫୪

ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଓ ଭୂ-ରାଜସ୍ୱ ଆଇନ ପ୍ରଣୟନ ପରେ ଆଦିବାସୀ ଭୂମି ବିକ୍ରିଯୋଗ୍ୟ କରାଗଲା। ଭୂମିର ବ୍ୟକ୍ତିଗତ ମାଲିକାନାକୁ ପ୍ରଦାନ କରାଗଲା। କିନ୍ତୁ ଚାଷୀଙ୍କଠୁ ଅଧିକରୁ ଅଧିକ ଖଜଣା ଆଦାୟ ହେଲା। ପୁଞ୍ଜିପତିମାନଙ୍କୁ ଲାଭ ଦେବାପାଇଁ ଖାଦ୍ୟ ଫସଲ ପରିବର୍ତ୍ତେ ବାଣିଜ୍ୟିକ ଫସଲକୁ ଉତ୍ସାହିତ କରାଗଲା। ଉତ୍ପାଦିତ ଫସଲକୁ ବଜାରରେ ଅଗ୍ରାଧିକାର ଦେବାପାଇଁ ସ୍ଥାନୀୟ ଉଦ୍ୟୋଗକୁ ଚପାଇ ଦିଆଗଲା। ଯେଉଁମାନେ ଭୂ-ରାଜସ୍ୱ ଖଜଣା ଦେଲେନାହିଁ ସେମାନଙ୍କଠୁ ଜବରଦସ୍ତ ଜମିକୁ ଛଡ଼ାଇ ନିଆଗଲା। କୃଷି-ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ଢାଞ୍ଚାରେ ନୂତନ ପରିବର୍ତ୍ତନ ଯୋଗୁଁ କୃଷକମାନେ ଅଧିକରୁ ଅଧିକ ଶୋଷଣର ଶିକାର ହେଲେ। ଆଦିବାସୀଙ୍କ ପାରମ୍ପରିକ ନୀତିନିୟମକୁ ଉଚ୍ଛେଦ କରି ନୂତନ କରି ଇଂରେଜ ଆଇନ ତିଆରି ହେବା ଦ୍ୱାରା ଚାଷଜମି ସହଜରେ କମ୍ପାନୀ ହାତକୁ ଗଲା। ଇଂରେଜମାନଙ୍କ ଏଭଳି ମନମୁଖୀ ଆଇନ ଏବଂ ଶାସନ ବିରୋଧରେ ପ୍ରଥମ ସ୍ୱର ଉତ୍ତୋଳନ କରାଗଲା। ଏହାର ନେତୃତ୍ୱ ନେଲେ ବାବା ତିଲ୍‌କା ମାଝୀ।

ବିହାର ରାଜ୍ୟ (ଅଧୁନା ଝାଡ଼ଖଣ୍ଡ)ରେ ଥିବା ସୁଲତାନଗ ଜିଲ୍ଲାର ଅନ୍ତର୍ଗତ ତିଲକପୁର ଗ୍ରାମରେ ଫେବୃଆରୀ ୧୧ ତାରିଖ ୧୭୫୦ରେ ବାବା ତିଲକା ମାଝୀଙ୍କ ଜନ୍ମ। ପିତା ସୁନ୍ଦର ମାଝୀ ଥିଲେ ସେହି ଗ୍ରାମର ମୁଖିଆ। ଜ୍ୟେଷ୍ଠ ସନ୍ତାନ ଥିବା କାରଣରୁ ତିଲକା ମାଝୀ ସେହି ଗାଁର ଜଗ-ମାଝୀ ଭାବେ ରହି ପିତାଙ୍କୁ ସାହାଯ୍ୟ କରି ଗ୍ରାମର ଭଲମନ୍ଦ କଥା ବୁଝୁଥିଲେ। କିନ୍ତୁ ଛୋଟ ଥିବା ସମୟରୁ ସେ ଖୁବ ଚତୁର ଓ ସାହସୀ ଥିଲେ। ମାତ୍ର କ୍ରୀଡ଼ା କସରତରେ ତାଙ୍କୁ କେହି ପରାଜିତ କରିପାରି ନଥିଲେ। ବଡ଼ ହେଲା ପରେ ତାଙ୍କ ପିତାଙ୍କ ପଦବୀରେ ରହି ଗାଁର ସବୁ ଦାୟିତ୍ୱ ସଠିକ ଭାବେ ସେ ତୁଲାଇଲେ। ସେହି ସମୟରେ ରୋବର୍ଟ କ୍ଲାଇବ୍ ଦ୍ୱିତୀୟ ଥର ପାଇଁ ଅର୍ଥାତ୍ ୧୭୬୪ ରୁ ୧୭୬୭ ମସିହା ଯାଏଁ Bengal Presidencyରେ Governor ହେଲେ। ୧୭୬୫ରେ ବେଙ୍ଗଲ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ରାଜସ୍ୱ ଆଦାୟ ଅଧିକାରୀଙ୍କୁ ନିଯୁକ୍ତି କଲେ। Warren Hastings Company's Council of Bengalକୁ ପ୍ରତିନିଧିତ୍ୱ କଲେ। ସେହି ସମୟରେ ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାକୁ Bengal Presidency ସହିତ ମିଶାଇ ଦିଆଗଲା। ଏହି ସମୟ ମଧ୍ୟରେ ଅର୍ଥାତ ୧୭୭୦ରେ କରାଳ ଦୁର୍ଭିକ୍ଷ ସମଗ୍ର ଅଞ୍ଚଳକୁ ଗ୍ରାସ କରିବାରୁ ପ୍ରାୟ କୋଟିଏରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ତେଣୁ ଲୋକଙ୍କ ପେଟରେ ଦାନା ଯୋଗାଇବାକୁ ଯାଇ ୧୭୬୯ରୁ ୧୭୭୩ ମଧ୍ୟରେ ତିଲକା ମାଝୀ ରଣକ୍ଷେତ୍ରକୁ ଓହ୍ଲାଇ ଆସିଲେ। ସେତେବେଳେ ବେଙ୍ଗଲ୍ ପ୍ରେସିଡେନ୍‌ସିର ଭାଗଲପୁର ସରକାରୀ ତହବିଲ ରହିଥିଲା। ୧୭୭୨ରେ ତିଲକା ମାଝୀ ଭାଗଲପୁର ଟ୍ରେଜାରୀ ଲୁଟ୍ କରି ସେହି ଅର୍ଥ ଗ୍ରାମବାସୀଙ୍କ ମଧ୍ୟରେ ବାଣ୍ଟି ଦେବାରୁ ତାଙ୍କ ଆଦର ଚାରିଆଡ଼େ ବଢ଼ିବାରେ ଲାଗିଲା। ଅଞ୍ଚଳବାସୀଙ୍କୁ ନେଇ ଗଢିଥିବା 'ମୁକ୍ତିଦଳ' ମଜଭୁତ ଓ ଶକ୍ତିଶାଳୀ ହେବାକୁ ଲାଗିଲା। ମାତ୍ର ଇଂରେଜଙ୍କ ଆଖିରେ ତିଲକା ମାଝୀ ପାଲଟିଗଲେ ବିଦ୍ରୋହର ବଡ଼ଶତ୍ରୁ।

ଇଂରେଜ ଅଧୀନରେ ଥିବା ବିଭିନ୍ନ ଅଞ୍ଚଳକୁ ତିଲକା ନିଜ ଅକ୍ତିଆରକୁ ନେଇ ଆସିଲେ। ଇଂରେଜ ସରକାର ପରିବର୍ତ୍ତେ ତିଲକା ସରକାର ଗଠନ ହେଲା। ଇଂରେଜ ଆଇନକୁ ହଟାଇ ପାରମ୍ପରିକ ନୀତିନିୟମ ଲାଗୁ କଲେ। ଏହା ଦେଖି ଅଞ୍ଚଳବାସୀଙ୍କ ମନରେ ଆହୁରି ଖୁସିର ଲହର ଖେଳିଗଲା। କିନ୍ତୁ Bengal Governorଙ୍କ ଆଖିରୁ ନିଦ ହଜିଗଲା। ତାଙ୍କର ଗୋଟିଏ ଚିନ୍ତା ଥିଲା ତିଲକ ମାଝୀଙ୍କୁ କେମିତି ଧରିବା। ତିଲକା ଅସାଧାରଣ ଲୋକ, ଗରିଲା ଯୁଦ୍ଧର ଜଣେ ମହାଯୋଦ୍ଧା। ତେଣୁ ଗରିଲା ଯୁଦ୍ଧ ଜାଣିଥିବା ଅଧିକାରୀ Captain Robert Bruckଙ୍କୁ ଦାୟିତ୍ୱ ଦିଆଗଲା ଏବଂ ଆଠଶହ ଶକ୍ତିଶାଳୀ ସେନାକୁ ନେଇ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ ହେଲା। ପାଖାପାଖି ଦୁଇବର୍ଷ କାଳ ଗରିଲା ଯୁଦ୍ଧ ଚାଲିଲା କିନ୍ତୁ Captain Robert Bruck ପରାଜୟ ବରଣ କରିବାରୁ ପଦବୀରୁ ଇସ୍ତଫା ଦେଲେ। ସେହିପରି ୧୭୭୩ରେ James Brownଙ୍କୁ ନିଯୁକ୍ତି ଦିଆଗଲା। ସେ ମଧ୍ୟ ୧୭୭୩ ରୁ ୧୭୭୮ ମସିହା ଯାଏଁ ରହି ତିଲକାଙ୍କୁ ଧରିବାରେ ବିଫଳ ହେବାରୁ ପରିଶେଷରେ ନିଜ ପଦବୀରୁ ଇସ୍ତଫା ଦେଲେ। ୧୭୭୮ରେ ରାମଗଡ଼ କ୍ୟାଣ୍ଟନମେଣ୍ଟର ପଞ୍ଜାବ ରେଜିମେଣ୍ଟ କମ୍ପାନୀ ଉପରେ ଆକ୍ରମଣ କରି ସେ ସମଗ୍ର ଅଞ୍ଚଳକୁ ନିଜ କବ୍‌ଜାକୁ ନେଲେ। ୧୭୭୯ରେ ଯୁବ Collector Augustus Clevelandଙ୍କୁ ଦାୟିତ୍ୱ ଦିଆଗଲା। ଏକଥା ସେ ଜାଣି ଥିଲେ ଯେ, ଆଦିବାସୀଙ୍କୁ ପ୍ରଲୋଭିତ କରିବା ଏତେ ସହଜ ନୁହଁ। ତେଣୁ ତିଲକାଙ୍କୁ ଧରିବା ପାଇଁ ଏକ ଅଭିନବ କୌଶଳ ପ୍ରୟୋଗ କଲେ। ସାନ୍ତାଳ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରିବା ପାଇଁ ଇଂରେଜମାନେ ସାନ୍ତାଳୀ ଭାଷା ଶିଖିଲେ ସାନ୍ତାଳମାନଙ୍କ ବିଶ୍ୱାସଭାଜନ ହେଇପାରିବେ ଆଉ ତିଲକାଙ୍କୁ ଧରିବା ସହଜ ହେବ। ତେଣୁ ଇଂରେଜମାନେ ସାନ୍ତାଳୀମାନଙ୍କ ସହିତ ନିଜ ସମ୍ପର୍କୀୟ ପରି ଖୋଲାମନରେ କଥା ହେଲେ, ପର୍ବପର୍ବାଣୀରେ ସାମିଲ ହେଲେ। ବିନା ଅଙ୍ଗରକ୍ଷୀ ସାହାଯ୍ୟରେ ଗ୍ରାମକୁ ଯାଇ ମହିଳା ଏବଂ ଶିଶୁମାନଙ୍କୁ ଉପହାର ଦେଲେ। ଏସବୁ କରିବା ଭିତରେ ସାନ୍ତାଳଙ୍କ ମଧ୍ୟରେ ସେନାବାହିନୀ ତିଆରି କରି ପ୍ରତି ସେନାକୁ ଦରମା ମଧ୍ୟ ପ୍ରଦାନ କରାଗଲା। ତିଲକାଙ୍କୁ ସେନା ବାହିନୀରେ ସେନାମୁଖ୍ୟ କରିବା ପାଇଁ ଅନୁରୋଧ କଲେ। କିନ୍ତୁ ଏହା ଇଂରେଜମାନଙ୍କ ବଡ଼ ଚକ୍ରବ୍ୟୁହ ଜାଣିପାରି ତାଙ୍କ କଥାରେ ରାଜି ହେଲେନାହିଁ। ପୁନଶ୍ଚ, ଇଂରେଜ ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କଲେ। ତଥାପି କେହି ରାଜି ନହେବାରୁ ଯୋଜନା ବାଟବଣା ହୋଇଗଲା। ଏତିକିବେଳେ ତିଲକା ମାଝୀ ସମସ୍ତଙ୍କୁ ଏକଜୁଟ ପାଇଁ ଅନୁରୋଧ କଲେ, ଏକତ୍ରିତ ହେବା ପାଇଁ ଡାକରା ଦେଲେ। ବାହ୍ୟଶତ୍ରୁଙ୍କୁ ପ୍ରତିବାଦ କରି ୧୭୮୪ ମସିହା, ଜାନୁଆରୀ ୧୩ ତାରିଖ ଦିନ ତିଲକା ମାଝୀ ନିଜ ସହଯୋଗୀଙ୍କୁ ନେଇ ଭାଗଲପୁର ଆକ୍ରମଣ କରିଲେ। ସେଠାକାର ଯୁବ କଲେକ୍ଟର Augustus Clevelandଙ୍କ ଉପରକୁ ତିଲକା ମାଝୀ ତୀର ଚଳାଇବାରୁ ଯୁବ କଲେକ୍ଟର ୨୯ ବୟସରେ ମୃତ୍ୟୁବରଣ କଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଆଗରେ ଇଂରେଜ ଗୁଳିବାରୁଦ ଅକାମି ହେଲା, ତିଲକାଙ୍କ ଆକ୍ରମଣ ଭୟରେ ଦେଶରୁ ଚାଲିଯିବାକୁ ଇଂରେଜମାନେ ମନସ୍ଥ କଲେ। ତିଲ୍‌କା ଶବ୍ଦ ଶୁଣିଲେ ଇଂରେଜମାନେ ଭୟଭୀତ ହେଲେ। କିଛିଦିନ ପରେ ଅର୍ଥାତ ୧୭୮୪ରେ ଲେଫ୍ଟନାଣ୍ଟ ଜେନେରାଲ ଏରି କୁଟଙ୍କ ନେତୃତ୍ୱରେ ଅଚାନକ ଇଂରେଜ ସେନା ତିଲ୍‌କା ରହୁଥିବା ସ୍ଥାନକୁ ଚାରିପଟୁ ଘେରି ତିଲକାଙ୍କୁ ଧରିବାରେ ଇଂରେଜ ସେନା ସଫଳ ହେଲେ। ୧୭୮୫ ମସିହା, ଜାନୁଆରୀ ୧୩ ତାରିଖରେ ସର୍ବ ସମ୍ମୁଖରେ ମୁକ୍ତ ପ୍ରାଙ୍ଗଣରେ ଥିବା ଦୁଇଟି ବିରାଟ ବଟ ବୃକ୍ଷରେ ଦୁଇ ହାତଗୋଡ଼ ବାନ୍ଧି ନିର୍ମମ ଭାବେ ଫାଶୀ ଦିଆଯାଇଥିଲା। ଦୀର୍ଘ ବାରବର୍ଷ ଅର୍ଥାତ ୧୭୭୦ରୁ ୧୭୮୪ ମସିହା ଯାଏଁ ଇଂରେଜ ସହିତ ଲଢ଼େଇ କରି ତିଲକା ମାଝୀଙ୍କ ଯେଉଁ ପରାକ୍ରମ ଦେଖାଇଛନ୍ତି ତାହା ଭାରତୀୟଙ୍କ ହୃଦୟ ଆକାଶରେ ଜହ୍ନ ପରି ରହିଗଲା ଚିରକାଳ।



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ପଞ୍ଚାୟତ ଜଗନ୍ନାଥ ତୋଳା ବଡଦାଣ୍ଡରେ ୨୩୬ ବର୍ଷ ପ୍ରାଚୀନ ଜଗନ୍ନାଥଙ୍କ ଘୋଷଯାତ୍ରାରେ ପ୍ରଭୁଙ୍କୁ ରଥାରୁଢ କରାଯିବା ପରେ ଶିବନ ମିତ୍ର ଛେରାପହଁରା କରିଥିଲେ। ସିଦେଶ ସରକାର, ସୂର୍ଯ୍ୟକାନ୍ତ ସାହୁ, ସୁବ୍ରଜ୍ୟୋତି ମହାପାତ୍ର, ସିଦ୍ଧେଶ୍ୱର କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ରଥଟଣା ହୋଇଥିଲା, ଜଗନ୍ନାଥପୁର ବଜାର ମଦନମୋହନଙ୍କ ରଥଯାତ୍ରାରେ ମଦନମୋହନ ଜେନା, ଶ୍ରୀଜଗନ୍ନାଥଙ୍କ ଦାରୁସ୍ଥଳ ଖରିପଡିଆରେ ଆଇନଜୀବି ଗଗନ ଦାସ ଓ ସାନପାଟଣାରେ ରଞ୍ଜନ କୁମାର ସାହୁ ଛେରାପହଁରା କାର୍ଯ୍ୟ ସମାପନ କରିବା ପରେ ରଥଟଣା ହୋଇଥିଲା। କୋଟକଣା ଜଗନ୍ନାଥ ମନ୍ଦିରରେ ଛେରାପହଁରା କରିଥିଲେ ବିଜୟ କୁମାର ବିଶ୍ୱାଳ, ଏଥିରେ ସହଯୋଗ କରିଥିଲେ ଜଗବନ୍ଧୁ ବିଶ୍ୱାଳ, ଅଶୋକ ବିଶ୍ୱାଳ, ମାନସ ରଞ୍ଜନ ସ୍ୱାଇଁ, ଗଗନ ବିଶ୍ୱାଳ, ଉପେନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ରାମଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ନାରାୟଣ ଛକ, ଗୋପାଳପୁର, ଭାଷିଲିପୁର, ସିର୍ଲୋ ଗୋମତୀଆଶ୍ରମ, ଓଡ଼ପଡ଼ା, ଅରଙ୍ଗ, ତାରପୁର, ଗୋକୁଳପୁର, ଖଣ୍ଡତରି, ଜଇପୁର ହାଟ, ନାଳିବର, ରେଢୁଆ ହାଟ, ଟିକିଣିଆ, ମାହାଳହାଟ ମୁଗୁରିଆ, ତରିକୁନ୍ଦ, ଗୋଠିଣା, ବାରାଗୋଳ ଆଦି ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ଶ୍ରୀଜୀଉଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସୁଧା ସମସ୍ତ ରଥ ମାଉସୀ ମା ଘରେ ପହଞ୍ଚିଥିବା ଜଣାପଡିଛି।



## ଗହଣା ଦୋକାନରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ୨ ସୁନା ହାର ଲୁଟ୍

## ଟୋଲ୍ ପ୍ଲାଜା କର୍ମଚାରୀଙ୍କ ସହାୟତାରେ ଅଭିଯୁକ୍ତ ଅଟକ ଓ ସ୍କର୍ପିଓ ଜବତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ସହରର ଷ୍ଟେସନ ସମ୍ମୁଖରେ ଥିବା ଗିନି ହାଉସରୁ ଗତକାଲି ୨୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ୨ଟି ସୁନା ହାର ଚୋରି ହେବା ପରେ ଦୋକାନ ମାଲିକ ଦେବଦୁଲାଲ କର୍ମକାରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୬୦ ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଫାଟକ ନିକଟରେ କର୍ମଚାରୀଙ୍କ ସହାୟତାରେ ଅଭିଯୁକ୍ତଙ୍କୁ ଧରିବା ପରେ ଜଳେଶ୍ୱର ପୋଲିସ ତାଙ୍କୁ ଥାନାରେ ଅଟକ ରଖିବା ସହ ଏହି କାର୍ଯ୍ୟରେ ବ୍ୟବହାର ହୋଇଥିବା ଏକ ସ୍କୋର୍ପିଓକୁ ଜବତ କରି କୋର୍ଟ ମଧ୍ୟରେ ରଖିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗତକାଲି ଗୁରୁବାର ପ୍ରାୟ ଦିବା ୧୨.୨୦ ମିନିଟ ସମୟରେ ଜନଗହଳିପୂର୍ଣ୍ଣ ଷ୍ଟେସନ ଛକ ନିକଟରେ ଥିବା ଗିନୀ ହାଉସ ଗହଣା ଦୋକାନର ମାଲିକ ଅନୁପସ୍ଥିତ ଥିବାବେଳେ ଜଣେ କର୍ମଚାରୀ ଉପସ୍ଥିତ ଥିଲେ। ଠିକ୍ ସେହି ସମୟରେ ଜଣେ ବ୍ୟକ୍ତି ସେଠାରେ ପହଁଚି ଏକ ସୁନାହାର କିଣିବା ଉଦ୍ଦେଶ୍ୟରେ ଉକ୍ତ କର୍ମଚାରୀଙ୍କୁ କହିବା ପରେ ସେ ଦୁଇଟି ହାର ଦେଖାଇଥିଲେ। ମାତ୍ର ଏହି ଦୁଇଟି ହାରର ଡିଜାଇନ ପସନ୍ଦ ଲାଗୁନାହିଁ ବୋଲି ଅଭିଯୁକ୍ତଜଣକ କହିବା ପରେ କର୍ମଚାରୀ ଜଣକ ତଳକୁ ନଇଁ ଅନ୍ୟ ହାର କାଢୁଥିବାର ସୁଯୋଗ ନେଇ ସେ ଦୁଇଟି ସୁନା ହାର ନେଇ ଦୌଡ଼ି ଦୌଡ଼ି ଯାଇ କିଛି ମିଟର ନିକଟରେ ପୂର୍ବରୁ ରହିଥିବା ଏକ ସ୍କର୍ପିଓ ଡବ୍ଲ୍ୟୁ.ବି.୩୪-ବି.ବି-୮୬୭୬ ନେଇ ରାଜଘାଟ ଅଭିମୁଖେ ଚମ୍ପଟ ମାରିଥିଲେ। ଏହି ଖବର ବିଦ୍ୟୁତ ବେଗରେ ପ୍ରଚାରିତ ହେବା କ୍ଷଣି ଗିନି ହାଉସର ଦୁଇଜଣ କର୍ମଚାରୀ ମୋଟର ସାଇକେଲରେ ତାକୁ ପିଛା କରିଥିଲେ। ୬୦ ନମ୍ବର ରାଜପଥର ରାଜଘାଟ ଠାରେ ପହଞ୍ଚି ଅଭିଯୁକ୍ତ ଜଣକ ରାଜଘାଟ ଅଭିମୁଖେ ଯିବା ବଦଳରେ ଖଡ଼ଗପୁର ଅଭିମୁଖେ ଯିବା ସମୟରେ ପୂର୍ବରୁ ସୂଚନା ପାଇଥିବା ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଫାଟକ ନିକଟରେ କର୍ମଚାରୀମାନେ ଉକ୍ତ ସ୍କୋର୍ପିଓକୁ ଅଟକାଇବା ପାଇଁ ଚେଷ୍ଟା କରିବା ସମୟରେ ତାହା ରାସ୍ତାରେ ଥିବା ଡିଭାଇଡ଼ରେ ଧକ୍କା ଦେଇ ରାସ୍ତା କଡ଼କୁ ଚାଲି ଯାଇଥିଲା। ଫଳରେ ଉପସ୍ଥିତ ଟୋଲ ପ୍ଲାଜା ଫାଟକ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ଅଭିଯୁକ୍ତଙ୍କୁ କାବୁ କରି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିର ତଲାସୀ କରି ଅଭିଯୁକ୍ତଙ୍କୁ ଜେରା କରିବା ପରେ ଦୁଇଟି ସୁନା ହାରର କୌଣସି ସନ୍ଧାନ ପାଇ ନ ଥିଲା। ସ୍କାର୍ପିଓକୁ ଜବତ କରିବା ପରେ ଅଧିକ ତଦନ୍ତ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ଜଳେଶ୍ୱର ଥାନାରେ ଅଟକ ରଖିଛି। ଚୋରି ହୋଇଥିବା ଦୁଇଟି ସୁନା ହାରର ଆନୁମାନିକ ମୁଲ୍ୟ ୨୦ ରୁ ୨୫ ଲକ୍ଷ ଟଙ୍କା ମୁଲ୍ୟର ହେବ ବୋଲି ଜଣାପଡିଛି। ଘଟଣା ସମ୍ପର୍କରେ ଜଳେଶ୍ୱର ଥାନାରେ ଗିନୀ ହାଉସର ମାଲିକ ଦେବଦୁଲାଲ କର୍ମକାର ଏକ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

## ସାମାନ୍ୟ ବର୍ଷାରେ ଗ୍ରାମ ରାସ୍ତା ପାଲଟିଲା ପୋଖରୀ



ନିଆଳି(ଭାସ୍କର ନ୍ୟୁଜ): ଏ ହେଉଛି କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ପୋଖରୀଗାଁ ଗ୍ରାମ ପଞ୍ଚାୟତ ଅଧୀନ ପୋଖରୀଗାଁ ପୂର୍ବ ମୁଣ୍ଡର ଦୃଶ୍ୟ। ଏହି ରାସ୍ତା ଦେଇ ପୋଖରୀଗାଁ ବାଟ ଦେଇ ୧୦୦ ଓ କନ୍ଦର ନଦୀ ବନ୍ଧ ଦେଇ ପହଞ୍ଚ ଦେବୀ ଦେଉଳ ଆଦି ବଳି ଅଞ୍ଚଳକୁ ସଂଯୋଗ କରୁଛି। ଏହି ରାସ୍ତା ଆଉ ଏହି ଅବସ୍ଥା ଯାହା କି ଖାଲି ପୋଖରୀଗାଁ ପୂର୍ବ ମୁଣ୍ଡ ନୁହେଁ ସମ୍ପୂର୍ଣ୍ଣ ପୋଖରୀଗାଁରୁ ଶେଷ ଯାଏଁ କାଦୁଆ ପଚ ପଚ। ଆଉ ଏହି ଜାଗା ବା ଠାକୁରାଣୀ ଆଗର ଅବସ୍ଥା ନ କହିବା ଭଲ। ଏଠି ବେଙ୍ଗ ମୁତିଲେ ପାଣି ବର୍ଷା। ଅସରାଏ ହେଲେ ଘରୁ ବାହାରିବା ଅସମ୍ଭବ। ଏହି ପାଣି ରାସ୍ତା ଉପରେ ଏମିତି ହେଇଛି ଯେ ରାସ୍ତା କମ୍ ଏହା ଗାଡ଼ିଆ ଭଳି ମନେ ହୁଏ। ଏହି ପାଣି ବାଟ ଦେଇ ଅନେକ ସ୍କୁଲ କଲେଜ୍ ପଢୁଆ ପିଲା ସାଧାରଣ ଲୋକ ଅଫିସ୍ ଷ୍ଟାପ ସହ ସହ ଗ୍ରାମବାସୀ ତଥା ଅନେକ ଗାଡ଼ି ମଟର ଯିବା ଆସିବା କରେ। ଆଉ ପୋଖରୀଗାଁର ପୂର୍ବ ମୁଣ୍ଡ ବ୍ରାହ୍ମଣ ସାହିଠୁ ଲାଗି ନାୟକ ସାହି ବା ଶୋଠ ମୁହଁକୁ ସଂଯୋଗ କରୁଥିବା ଡ୍ରେନଟି ଆରମ୍ଭର କିଛି ମାସ ପରେ ପୋତି ହୋଇଯିବା ସହ ଅନେକ ଜାଗାରେ ଭାଙ୍ଗି ଯାଇଛି। ଅଳିଆ ତଥା ବାଲି କାଦୁଅରେ ଡ୍ରେନଟି ଠାକୁରାଣୀ ଆଗରୁ ଶୋଠମୁହଁ ଯାଏଁ ବ୍ଲକ ହେଇଯାଇଛି। ଏ ନେଇ ଅନେକ ବାର ପୋଖରୀଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କୁ କହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏ ନେଇ ପୋଖରୀଗାଁ ଗ୍ରାମ୍ୟ ପଞ୍ଚାୟତ ପୋଖରୀଗାଁ ବାସୀ ତଥା ଯୁବ ସମାଜସେବୀ ବା ସଂଗଠକ ଆଦେଶ ବଶିଷ୍ଠ ଖୁବଶୀଘ୍ର ସରକାର ଏହା ଉପରେ ଦୃଷ୍ଟି ଦେବା ସହ କାର୍ଯ୍ୟ ନ କରିଲେ ଆଗମୀ ଦିନରେ ସାଧାରଣ ଲୋକ ବା ପୋଖରୀଗାଁ ଗ୍ରାମ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି।

## ପିଚୁକୁଳି ରାଜସ୍ୱ ନିରକ୍ଷକଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

ବୋଲଗଡନ୍ତବୋଲଗଡ ତହସିଲ ପିଚୁକୁଳି ରାଜସ୍ୱ କାର୍ଯ୍ୟାଳୟ କର୍ମଚାରୀ ଅଭାବ ନେଇ ସମସ୍ତ ରାଜସ୍ୱ କାର୍ଯ୍ୟ ଠପ୍ ହୋଇଯାଉଥିବା ନିଜେ ପିଚୁକୁଳି ରାଜସ୍ୱ ନୀରକ୍ଷକ ଦ୍ୱେବ୍ରତ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନା ଜଣାଇଛିକି ଏହି କାର୍ଯ୍ୟାଳୟ ଅଧିନରେ ବ୍ଲକ ୫ଟି ପଞ୍ଚାୟତ ଜମିଜମା ପଞ୍ଜିକରଣ ତଦାରଖ, ଘରବାରି ପରିବର୍ତ୍ତନ, ମିଉଟେସନ ଓ ବିଭିନ୍ନ ଅଭିଯୋଗର ଅନୁସନ୍ଧାନ ସହ ସମସ୍ତ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ରହୁଛି। ଜଣେ ରାଜସ୍ୱ ନିରୀକ୍ଷକ ଏହି ସମସ୍ତ ଦାୟିତ୍ୱ ଏକା ତୁଲାଇବା ସମ୍ଭବ ହେଉନାହିଁ। ନିଜେ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ ଓ ଅନୁସନ୍ଧାନ କରିବାକୁ ଗାଁକୁଗାଁ ବୁଲିବା ମଧ୍ୟରେ କାର୍ଯ୍ୟାଳୟ ବାହାରେ ଦିନତମାମ ଗହଳି ଲାଗି ରହୁଛି। ଏହା ମଧ୍ୟରେ ନାମଲେଖା ମାସ ଚାଲୁଥିବାରୁ ଛାତ୍ରଛାତ୍ରୀ ନିହାତି ଆବଶ୍ୟକୀୟ ଅନଲାଇନ୍ ପ୍ରମାଣପତ୍ରର ଯାଞ୍ଚ ପରେ ଅନୁମୋଦନ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯାଉଛି। ତେବେ ଏହି କାର୍ଯ୍ୟାଳୟ ୫ଜଣ କର୍ମଚାରୀ ଅବଶ୍ୟକ ସ୍ଥଳେ ଜଣେ ଚଳାଇବା ସମ୍ଭବ ହେଉନାହିଁ। ୧୫ ଦିନ ହେବ ସହରାଜସ୍ୱ ନିରୀକ୍ଷକ ସରୋଜ ବେହେରାଙ୍କ ନିକଟସ୍ତ ଗେଡିଆପଲ୍ଲୀ କାର୍ଯ୍ୟାଳୟକୁ ବଦଳି ପରେ ଏବେ ଅନଲାଇନ୍ ସମସ୍ତ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ଏଥି ସହିତ ଏହି କାର୍ଯ୍ୟାଳୟ ଅଧିନରେ ଜାତୀୟ ରାଜପଥ ୫୭ର ବୃହତ୍ ଅଂଶ ରହୁଥିବାରୁ ଜମିର ଘରବାରି ପରିବର୍ତ୍ତନ ଓ କିଣାବିକା ଲାଗି ରହୁଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ତୁରନ୍ତ ଜଣେ ସହରାଜସ୍ୱ ନିରୀକ୍ଷକଙ୍କ ସହ ୨ଜଣ କର୍ମଚାରୀ ଯୋଗାଇ ଦେବାକୁ ଦାବି ହେଉଛି।

## ଜଳେଶ୍ୱର ବ୍ଲକ୍‌ରେ ପାଣି ବିଶୋଧନ ଅଭିଯାନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତିରେ ବହୁ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜଳେଶ୍ୱର ବ୍ଲକ୍ ପ୍ରଶାସନ ଦ୍ୱାରା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଯାଞ୍ଚ ହେବା ସହ ଅପରିସ୍କାର ସ୍ଥାନକୁ ପରିସ୍କାର କରାଯାଉଛି। ଏହାଛଡ଼ା ଜଳେଶ୍ୱର ବ୍ଲକର ଗତ ୧୪ରୁ ୩୫ଟି ଗ୍ରାମ ପଞ୍ଚାୟତରେ ସମସ୍ତ ଗ୍ରାମରେ ସରକାରୀ ଗ୍ରାମୀଣ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ଜୀବାଣୁମୁକ୍ତ କରିବା ପାଇଁ ବିଭିନ୍ନ ପଞ୍ଚାୟତରେ ନିୟୋଜିତ ପମ୍ପ ଚାଳକ, ସ୍ୱାବଲମ୍ବୀ କାରିଗରମାନେ ମୋଟ ୧୮୩୮ଟି ନଳକୂପ ଓ ୧୦୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବ୍ଲିଚିଂ ପକାଇ ବିଶୋଧନ କରିଛନ୍ତି। ଏହା ବ୍ୟତୀତ ଘରୋଇ ନଳକୂପଗୁଡ଼ିକରେ ମଧ୍ୟ ବ୍ଲିଚିଂ ପକାଯାଇଛି। ଇତିମଧ୍ୟରେ ଅଚାନକ ସୁବର୍ଣ୍ଣରେଖା ନଦୀରେ ବନ୍ୟା ହେବା ଫଳରେ ହଇଜା ହେବାର ସମ୍ଭାବନା ଥିବାରୁ ବିଭାଗ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯିବା ସହିତ ଯୁଦ୍ଧ କାଳୀନ ଭିତ୍ତିରେ ବିଶୋଧନ କରାଯାଇଛି। ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, କଲେଜ ଓ ବିଭିନ୍ନ କାର୍ଯ୍ୟାଳୟରେ ମଧ୍ୟ ବିଭାଗ ପକ୍ଷରୁ ବ୍ଲିଚିଂ ପକାଇ ବିଶୋଧନ କରାଯାଇଥିବା ବିଭାଗରୁ ସୂଚନା ମିଳିଛି।

## କୁଳଶ୍ରୀ କେନାଲ ବ୍ରିଜ୍ କାମ ନିମ୍ନମାନର



ନିଆଳୀ(ଭାସ୍କର ନ୍ୟୁଜ): ନିଆଳୀ ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଏରଞ୍ଚ ପଞ୍ଚାୟତ କୁଳଶ୍ରୀ ଗ୍ରାମରେ ବଡ଼ବିଲ ଜଳସେଚନ ବିଭାଗ ଅଧୀନରେ ଦେବୀ ନଦୀର ଡାହାଣ ପାର୍ଶ୍ୱ କେନାଲରେ ନିର୍ମାଣ ହେଉଛି ବ୍ରିଜ୍। ଏହି କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। କାମ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଅହୁଥିବା ସାଙ୍ଘାତିକ ଅଭିଯୋଗ ଆସୁଛି। ଏହା ଫଳରେ ପୋଲର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ଏଠାରେ ସୂଚନା ଥାଉକି ପୋଲ ନିର୍ମାଣ ପାଇଁ ଯେଉଁ ଗୋଡି ବ୍ୟବହାର ହେବାକଥା ତା ବଦଳରେ ବଡ ବଡ଼ ଗୋଡି ବ୍ୟବହାର କରାଯାଇଛି। ଏହି କାର୍ଯ୍ୟ ପ୍ରତି ବିଭାଗୀୟ ଉପରସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭକ୍ତ ଦାସିଆ ପୀଠରେ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ୱତନ୍ତ୍ର ତୁଳସୀ ବେଶ



ଡେଲାଙ୍ଗ(ଭାସ୍କର ନ୍ୟୁଜ): ଚଳିତ ବର୍ଷ ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଅବସରରେ ଭକ୍ତ ସିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲାର ବାଲିଗାଁ ଠାରେ ପ୍ରାତଃ ୬ ଘଟିକାରେ ଭକ୍ତଙ୍କ ସମାଧି ପୀଠରେ ବେଦ ଓ ଗୀତା ପାଠ ସହିତ ଭକ୍ତ ଦାସିଆ ସଂକୀର୍ତନ ମଣ୍ଡଳୀ ଦ୍ୱାରା ଅଖଣ୍ଡ ନାମଯଜ୍ଞ ପରିବେଷଣ କରାଯାଇଥିବା ବେଳେ ଭକ୍ତ ଦାସିଆସ୍ମୃତି କମିଟିର ବରିଷ୍ଠ ସଦସ୍ୟ ମାନେ ଓ ସନ୍ଥ ରାମ ଚରଣ ଦାସ ମହାରାଜଙ୍କ ନେତୃତ୍ୱରେ ତୁଳସୀ ଚୁଳ, ପଦ୍ମଫୁଲ, ନଡ଼ିଆ ଶ୍ରୀ ଜିଉମାନଙ୍କ ରଥରେ ଲାଗିହେବା ନିମନ୍ତେ ଏକ ସ୍ୱତନ୍ତ୍ର ସୁସଜ୍ଜିତ ବିମାନରେ ଭକ୍ତ ଦାସିଆ ତୁଳସୀ ଉଦ୍ୟାନରୁ ନିଆଯାଇଥିଲା। ପୀଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ୮ରେ ଗୋଟି ପହଣ୍ଡି ହୋଇ ସୁସଜ୍ଜିତ ବିମାନରେ ବିରାଜିତ କରାଯାଇ ସ୍ୱତନ୍ତ୍ର ତୁଳସୀ ବେଶରେ ଶ୍ରୀଜିଉଙ୍କୁ ବିମଣ୍ଡିତ କରାଯାଇଥିଲା। ନିକଟବର୍ତ୍ତି ଅଂଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ନାମସଂକୀର୍ତନ ଓ ଭଜନ କିର୍ତନରେ ଆଧାତ୍ମିକ ପରିବେଶରେ ଉତ୍ସବ ମୁଖର ହୋଇଉଠୁଥିଲା ଦାସିଆ ପୀଠ। ସମସ୍ତ ବୈଦିକ କର୍ମକାଣ୍ଡ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ଲିଙ୍ଗରାଜ ପଣ୍ଡା ଏବଂ ସହାୟକ ଆଚାର୍ଯ୍ୟ ପ୍ରସନ୍ନ କୁମାର ପଣ୍ଡାଙ୍କ ଦ୍ୱାରା ସଂପାଦିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ଇଂ ରୋହିତ କୁମାର ସେଠୀ, କିଟ୍ +୨ ବିଜ୍ଞାନ ବିଦ୍ୟାଳୟର ଅଧକ୍ଷ ଡ଼ଃ ଚିତରଞ୍ଜନ ମିଶ୍ର, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଇଂ. ଶ୍ରୀଧର ମହଲା, ଶିକ୍ଷାବିତ୍ ଡ଼ଃ ବାସନ୍ତି ଦାଶ, ପ୍ରତାପ ଚନ୍ଦ୍ର ସିଂ, କାର୍ତିକ ଦଳାଇ, ଗୋପାଳ ବଳ, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ସଦାଶିବ ସ୍ୱାଇଁ, ବଟକୃଷ୍ଣ ବିଶ୍ୱାଳ, ପ୍ରଫୁଲ ବିଶ୍ୱାଳ ପ୍ରମୁଖ ଏହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସଂପାଦକ ଆଇନଜୀବି ସରୋଜ କୁମାର ସାହୁ ଏବଂ ସାଧାରଣ ସଂପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଭୁବନେଶ୍ୱର (ଏମ୍ସ) ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ତଥା ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡ଼ାକ୍ତର ଅଶୋକ କୁମାର ମହାପାତ୍ର କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କୁ ଶୁଭେଚ୍ଛା ବାର୍ତା ଜଣାଇଥିଲେ। ସର୍ବଶେଷରେ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

## ନିମାପଡ଼ାର ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ): ପୁରୀରେ ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ପୁରୀ ଜିଲ୍ଲାର ଚାରିଛକରେ ବିଭିନ୍ନ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାରିଛକଳର ତୁଳସୀପୁର, ବେଲପଡ଼ା, ଜାହାଙ୍ଗୀରପଡ଼ା, ଭଇଁଚି ଗୋରଡ଼ି, ଜୁଣୁପୁର ଆଦି ଗ୍ରାମରେ ମହାସମାରୋହରେ ରଥଯାତ୍ରା ପାଳିତ ହୋଇଯାଇଛି। ଦୀର୍ଘ ଏକଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ତୁଳସୀପୁର ଗ୍ରାମରେ ରଥଯାତ୍ରା ପାଳିତ ହୋଇଆସୁଛି। ବନ୍ଦେଶ୍ୱରସ୍ଥିତ ଗୁରୁଦେବଙ୍କ ପୀଠରେ ପୂଜା ପାଉଥିବା ପ୍ରଭୁ ଶ୍ରୀ ଜଗନ୍ନାଥ ରଥାରଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି। ଗ୍ରାମର କୁନିକୁନି ପିଲା ରଥ ଟାଣି ବେଶ୍ ଖୁସି ଅନୁଭବ କରିଥିଲେ। ରଥ ସମ୍ମୁଖରେ ଘଂଟ ପଟୁଆଙ୍କ ଆକର୍ଷଣୀୟ ଘଂଟବଜା ଭକ୍ତମାନଙ୍କୁ ବେଶ୍ ଆନନ୍ଦିତ କରିଥିଲା। ଡ଼ାହୁକ ଭାବେ ରଘୁନାଥ ବେହେରା ହୁରୀ ବୋଲିବା ପରେ ରଥ ଆଗେଇ ଚାଲିଥିଲା। ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ପାଣି, କୈଳାସ ପାଣି, ଶ୍ରୀଧର ପାଣି, ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କ୍ଷମାନିଧି ତ୍ରିପାଠୀ, ବିଶ୍ୱନାଥ ତ୍ରିପାଠୀ, କାହ୍ନୁ ଚରଣ ଦାଶ, କୈଳାସ ଚନ୍ଦ୍ର ତ୍ରିପାଠୀ, ଅବନୀନ୍ଦ୍ର ତ୍ରିପାଠୀ, ଅନିରୁଦ୍ଧ ତ୍ରିପାଠୀ, ଦେବାଶିଷ ତ୍ରିପାଠୀ, ନିରୋଦ ତ୍ରିପାଠୀ, ରବୀନ୍ଦ୍ର କୁମାର ତ୍ରିପାଠୀ, ମନମୋହନ ଦାଶ, ସନ୍ତୋଷ ତ୍ରିପାଠୀ, ସନ୍ତୋଷ ଦାସ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀଙ୍କ ସମେତ ଆଖପାଖର ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଜୁଣୁପୁର ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ପ୍ରଦୀପ୍ତ କୁମାର ଦାଶ, ଡ଼ାହୁକ ଭାବେ ଚକ୍ରଧର ଦାସ, ରଥଯାତ୍ରା କମିଟିର ମୁଖ୍ୟ ଶ୍ରୀଧର ଦାସ, ନନ୍ଦ ବାବାଙ୍କ ସମେତ ଆଖପାଖର ଶତାଧିକ ଭକ୍ତ ରଥଯାତ୍ରା ଦର୍ଶନ କରିଥିଲେ। ଏହି ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଚାରଛକ ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## କାଳିଆପାଣିରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ



କାଳିଆପାଣି(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କାଳିଆପାଣିରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳି, ଘଣ୍ଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ରଥ ଟାଣିଥିଲେ। ସକାଳ ୬ରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ୮ରେ ପାଟବସ୍ତ୍ର ଆନୟନ, ୧୦ରେ ଆଜ୍ଞାମାଳ ବିଜେ, ୧୧ରେ ମହାପ୍ରସାଦ ନୀତି, ୧୨ରେ ରଥ ପ୍ରତିଷ୍ଠା ପରେ ୧ ଘଟିକାରେ ସେବାୟତ ମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ୨ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ସୁକିନ୍ଦା ରାଜା ଛେରାପହଁରା କରିଥିଲେ ଓ ଅପରାହ୍ନ ୪.୩୦ ଘଟିକା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬.୪୦ ସୁଦ୍ଧା ଟାଟା କଲୋନି ସ୍ଥିତ ମାଉସୀମା ମନ୍ଦିରରେ ସମ୍ମୁଖରେ ରଥ ପହଞ୍ଚିଥିଲା। କାଳିଆପାଣି ପୋଲିସ, ଟାଟାଷ୍ଟିଲ ସୁରକ୍ଷା କର୍ମି, ବିଦ୍ୟୁତ ବିଭାଗ କର୍ମଚାରି ମାନେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ନିଜ ନିଜର ଦାଇତ୍ୱ ସୁଚାରୁରୂପେ ତୁଲାଇଥିଲେ। ଢେଙ୍କାନାଳ ଜିଲ୍ଲାର ଶ୍ରାଦ୍ଧଳୁ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ଛତ୍ରପୁର ପ୍ରତିଭା ଆବାସିକ କଲେଜରୁ ଯୁକ୍ତ ୨ ଛାତ୍ର ନିଖୋଜ



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଶୁଭମ ସ୍ୱାଇଁ (୧୭), ୩ ଦିନ ହେଲା ସେ ନିଖୋଜ ଅଛନ୍ତି। ତାଙ୍କ ଘର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧ ବୋଲି ଜଣାପଡିଛି। ଗୁରୁବାର ସନ୍ଧ୍ୟା ରେ ତାଙ୍କ ବାପା ସୁଶାନ୍ତ ସ୍ୱାଇଁ ଛତ୍ରପୁର ଥାନାରେ ଏନେଇ ଏତଲା ଦେଇଛନ୍ତି। ଛାତ୍ରଙ୍କ ନିଖୋଜ ଘଟଣା ନେଇ କଲେଜ କର୍ତ୍ତୃପକ୍ଷ ବୁଧବାର ସନ୍ଧ୍ୟାରେ ଜଣାଇଥିବା ତାଙ୍କ ବାପା କହିଛନ୍ତି। ପୂର୍ବରୁ ଛତ୍ରପୁର ସହରରେ ଉକ୍ତ କଲେଜ ଚାଲୁଥିବା ବେଳେ ବର୍ତ୍ତମାନ ତାମ୍ପରା ନିକଟ ନିଜ କୋଠାକୁ ସ୍ଥାନାନ୍ତର ହୋଇଛି। ସେଠାରେ ସିସି କ୍ୟାମେରା ଲାଗିନଥିବା, ପାଚେରି ନଥିବାରୁ ପିଲାମାନେ ସୁରକ୍ଷିତ ନଥିବା ନିଖୋଜ ଛାତ୍ରଙ୍କ ବାପା ସୁଶାନ୍ତ ସ୍ୱାଇଁ କ?ହିଛନ୍ତି। ଏଥିପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି, ଅପରପକ୍ଷରେ ଉକ୍ତ କଲେଜ ଠାରୁ କିଛି ଦୂରରେ ରେଳ ଲାଇନରୁ ବୁଧବାର ରାତିରେ ରେ ଖଣ୍ଡ ବିଖଣ୍ଡିତ ଶବ ବ୍ରହ୍ମପୁର ଜିଆରପି ଥାନା ପୋଲିସ ଜବତ କରି ମାମଲା ରୁଜୁ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ନିଖୋଜ ଛାତ୍ରଙ୍କ ପରିବାର ଲୋକେ ଉକ୍ତ ଶବକୁ ଦେଖିଥିଲେ, ତେବେ ଶବ ଏପରି ଅବସ୍ଥାରେ ଅଛି ଯେ ତାଙ୍କର ଛୁଆ ବୋଲି ଜାଣିବା କଷ୍ଟକର ବୋଲି ନିଖୋଜ ଛାତ୍ରଙ୍କ ବାପା କହିଛନ୍ତି। ଛାତ୍ରଙ୍କ ପରିବାର ଲୋକେ ଏହା ତାଙ୍କ ପୁଅର ମୃତଦେହ ନୁହଁ ବୋଲି କହିବା ପରେ ପରିସ୍ଥିତି ଜଟିଳ ହୋଇପଡିଛି। ଫଳରେ ମୃତଦେହ ଚିହ୍ନଟ କରିବାକୁ ଜିଆରପି ପୋଲିସ ଡିଏନଏ ପରୀକ୍ଷା ପାଇଁ ଯୋଜନା କରିଛି। ସେହିକ୍ରମରେ ମୃତ ଯୁବକଙ୍କ ଏବଂ ଶୁଭମଙ୍କ ବାପା-ମାଆଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାର କୁ ପଠାଇବ ବୋଲି ଜଣାପଡିଛି। ନୂଆ କଲେଜରେ ସମସ୍ତ ବ୍ୟବସ୍ଥା କରାଯାଇଛି ଆହୁରି କରା?ଯିବ ବୋଲି କଲେଜ ମୁଖ୍ୟ ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ନିଖୋଜ ନେଇ ଛତ୍ରପୁର ଥାନା କୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ପାଣି ଟାଙ୍କି, ଘରକୁ ଆସୁନି ପାଣି



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡ଼ିଶାର ବିଭିନ୍ନ ଛଅ ଜିଲାକୁ ହଇଜା ଓ ତରଳଝାଡ଼ା ବ୍ୟାପିବାରେ ଲାଗିଥିବା ବେଳେ, କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ଅଧିବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ପାଇଁ ପୂର୍ବରୁ ଆସୁଥିବା ମାଛକାନ୍ଦଣା ନଦୀ ଜଳ ଅଞ୍ଜର ଘାଟି ନିକଟରେ ଥିବା ଜଳ ବିଶୋଧନାଗାର ରେ ବିଶୋଧିତ ହୋଇ ଦୈନିକ ତିନିଥର ଜଳଯୋଗାଣ କରାଯାଉଥିବା ବେଳେ ଏବେ ସହରର ପାନୀୟଜଳର ଆବଶ୍ୟକତା ପୁରଣ କରିବା ପାଇଁ ଆସୁଥିବା କାଳାଂଝର ନଦୀର ଜଳ ଗୋପାଳପୁର ବିଶୋଧନାଗାର ରୁ ଆସିବା ପରେ କେବଳ ସନ୍ଧ୍ୟା ସମୟରେ କିଛି ସମୟ ପାଇଁ ଜଳ ଆସୁଛି। ପାନୀୟ ଜଳର ଅଭାବ ଯୋଗୁ ସ୍ଥାନୀୟ ଅଧିବାସୀ ବାରମ୍ବାର ସହର ପାନୀୟ ଜଳଯୋଗାଣ ସଂସ୍ଥାର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ସନ୍ଧ୍ୟାରେ ଆସୁଥିବା ପାଣି ଲୋକଙ୍କ ଆବଶ୍ୟକତା ମେଣ୍ଟେଇ ପାରୁ ନଥିବାବେଳେ ଅନେକ ଲୋକ ମୋଟର ଲଗାଇ ପାଣି ସଂଗ୍ରହ କରୁଥିବା ଅଭିଯୋଗ ହେଉଛି।ଏହି କାରଣରୁ ଆଟୋପୁର ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁ ନାହିଁ। ଅଟୋପୁର ମଡେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନିକଟରେ ଦୀର୍ଘ ଛଅ ମାସ ଧରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନଥିବା କାରଣରୁ ଲୋକେ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଗଲେ ସହରର ଅନେକାଂଶରେ ଜଳକଷ୍ଟ ପୂରଣ ହୋଇ ପାରିବ।

## ମନ୍ଦିର ପ୍ରାଙ୍ଗଣରେ ଏଲ୍‌ଇଡ଼ି ସ୍କ୍ରିନ ଲୋକାର୍ପିତ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରଶାସନ ଓ ପାରାଦୀପ ପୌର ପ୍ରଶାସନ ମିଳିତ ସହଯୋଗରେ ବ୍ୟାପକ ପ୍ରସ୍ତୁତିରେ ଚଳିତ ବର୍ଷର ରଥଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରଥମେ ଛେରାପହଁରା କଳାପରେ ଅପରାହ୍ନରେ ରଥ ଟଣା ପର୍ବ ଆରମ୍ଭ ହୋଇ ସନ୍ଧ୍ୟାରେ ମାଉସୀ ମା ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ରଥଯାତ୍ରା ପୂର୍ବରୁ ବଡଦାଣ୍ଡ ରାସ୍ତାରୁ ମାଉସୀ ମା ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମରାମତି ଓ ସଫେଇ କରାଯାଇଥିଲା। ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବେଶ ସ୍ୱଚ୍ଛତା ସାଙ୍ଗକୁ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସ୍ତୁତ ଜଳ ଯୋଗାଣ କେନ୍ଦ୍ରକୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୁଣ୍ଡିଚା ମନ୍ଦିର ଛକରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ପୋଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ମାନଙ୍କ ତୃଷ୍ଣା ନିବାରଣ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଜଳ ସେବା କେନ୍ଦ୍ରମାନ ଖୋଲାଯାଇଥିଲା। ରଥଯାତ୍ରାର ସିଧା ପ୍ରସାରଣ ପାଇଁ ପୌରପାଳିକା ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଏଲଇଡ଼ି ସ୍କ୍ରିନ ଲୋକାର୍ପଣ କରାଯାଇଥିଲା। ରଥଯାତ୍ରାର ପାଗ ଅନୁକୂଳ ହେତୁ ଚଳିତ ବର୍ଷ ରଥ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

## ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ପହଞ୍ଚିଲା ଭୁବନର ୩ରଥ, ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

ଭୁବନ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ଭୁବନର ତୃତୀୟା ଜୀଉଙ୍କ ଘୋଷ ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ। ସକାଳ ୬ ଘଟିକା ସମୟରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ୮ଘଟିକାରେ ପାଟବସ୍ତ୍ର ଆନୟନ, ୧୦ ଘଟିକା ରେ ଆଜ୍ଞାମାଳ ବିଜେ, ୧୧ ଘଟିକାରେ ମହାପ୍ରସାଦ ନୀତି, ୧୨ ଘଟିକାରେ ରଥ ପ୍ରତିଷ୍ଠା ପରେ ୧ ଘଟିକା ରେ ସେବାୟତ ମନେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ୨ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ ଛେରା ପହଁରା କରିଥିଲେ ଓ ଅପରାହ୍ନ ୪ ଘଟିକା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ନୂଆ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ତିନି ରଥ ପହଞ୍ଚିଥିଲା। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ନୂଆ ବଜାର ବଣିକ ସଂଘ ତରଫରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତ୍ତନ ମଣ୍ଡଳୀ, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ଧୀରେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଏହି ପବିତ୍ର ରଥ ଯାତ୍ରାରେ ସାମିଲ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଡ଼ାଜଲିଙ୍ଗ କ୍ଲବ୍, ଗ୍ଲୋରିଅସ କ୍ଲବ ଏବଂ ଖୁସି ବାଣ୍ଟିବା ସେବା ସଂଗଠନ ଦ୍ୱାରା ସହସ୍ରାଧିକ ଭକ୍ତ ଉପରେ ପାଣି ସ୍ପ୍ରେ କରାଯିବା ସହ ଥଣ୍ଡା ସରବତ ପ୍ରସାଦ ବଣ୍ଟନ, ଭିଡ ନିୟନ୍ତ୍ରଣ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଆସନ୍ତାକାଲି ଅପରାହ୍ନରେ ପୁନର୍ବାର ରଥଟଣା ହୋଇ ବଡ଼ହାଟ ସ୍ଥିତ ମାଉସୀ ମା' ମନ୍ଦିରକୁ ନିଆଯିବ। ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ୩ ନୂଆ ଆଇନ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ଓ ସରକାରୀ ଓକିଲ ମାନଙ୍କୁ ନେଇ ଦେଶରେ ନୂଆ କରି ଲାଗୁ ହୋଇଥିବା ୩ ଆଇନର କାର୍ଯ୍ୟକାରିତା ନେଇ ଏକ ଆଇନ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଏହି କର୍ମଶାଳା ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଶରେ ଗତବର୍ଷ ଜୁଲାଇ ୧ରୁ କାର୍ଯ୍ୟକାରୀ ହେଉଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ତାଲିମ ଦିଆଯାଇଥିଲା। କର୍ମଶାଳାରେ ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ, ଗଣେଶ କୁମାର ବେହେରା ଅଧ୍ୟକ୍ଷତା କରି ଅତିଥିଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ତିନି ନୂଆ ଆଇନସହ ପୁରୁଣା ଆଇନର ତୁଳନାତ୍ମକ ବିସ୍ଲେଷଣ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନ୍ନ ସୋନକାର କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ତିନି ନୂଆ ଆଇନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏତତ ବ୍ୟତୀତ ନୂଆ ଆଇନରେ ଥିବା ଏଫଆଇଆର, ଜିରୋ ଏଫ.ଆଇ.ଆର, ଇ-ଏଫ.ଆଇ.ଆର., ପୀଡିତା କୁ କିପରି ତ୍ୱରିତ ନ୍ୟାୟ ମିଳିବ ତଥା ପ୍ରକୃତ ଅପରାଧୀ ବିରୁଦ୍ଧରେ ଅଭିଯୋଗ ଫର୍ଦ ସଠିକ ସମୟ ରେ ବିଚାରାଳୟ ରେ ସଠିକ ସମୟରେ ଦାଖଲ ହେବା ସହ ଅପରାଧୀ କୁ ଦଣ୍ଡବିଧାନ କରିବା ଦିଗରେ ପୋଲିସ ଏବଂ ସରକାରୀ ଓକିଲ ମାନଙ୍କର ପ୍ରମୁଖ ଭୂମିକା ସମ୍ପର୍କ ରେ ଗଭୀର ଭାବରେ ଆଲୋକପାତ କରିଥିଲେ। କର୍ମଶାଳାରେ ବିଶିଷ୍ଟ ଅତିଥି ତଥା ଯୁଗ୍ମ ନିର୍ଦ୍ଦେଶକ, ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ, ଓଡିଶା ଶ୍ରୀ ଅଜିତ କୁମାର ପଟ୍ଟନାୟକ ଅପରାଧୀଙ୍କ ଗିରଫ, ରିମାଣ୍ଡ, ଏଫ.ଆଇ.ଆର. ଆଦି ସମ୍ପର୍କ ରେ ପୁରୁଣା ଓ ନୂଆ ଆଇନ ରେ ଥିବା ବିଭିନ୍ନ ଦିଗ ଉପରେ ଏକ ତୁଳନାତ୍ମକ ବିସ୍ଲେଷଣ ଉପସ୍ଥାପନା କରିଥିଲେ। ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ର ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ବିଜୟ କୁମାର ମହାପାତ୍ର ଯୋଗଦେଇ ତିନି ଅପରାଧିକ ଆଇନ ଉପରେ ସବିଶେଷ ତଥ୍ୟ ରଖିବା ସହ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଉପରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡିଏସପି. ସନ୍ଧ୍ୟାରାଣୀ ବେଉରିଆ ନୂଆ ଆଇନରେ ଥିବା ପୋଲିସ, ମାଜିଷ୍ଟ୍ରେଟଙ୍କ କର୍ତ୍ତବ୍ୟ ଓ ଦାଇତ୍ୱ ଉପରେ ଆଲୋଚନା କରିବା ସହ ଅପରାଧ ଘଟୁଥିବା ସମୟରେ ଉପସ୍ଥିତ ଥିବା ଜନସାଧାରଣଙ୍କ ପୋଲିସକୁ ଖବର ଦେବା ଏବଂ ତଦନ୍ତରେ ସାହାଯ୍ୟ କରିବାର କର୍ତ୍ତବ୍ୟ ଆଦି ଉପରେ ଆଲୋଚନା କରିଥିଲେ। କର୍ମଶାଳାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର (ନ୍ୟାୟିକ ବିଭାଗ) ଅଗ୍ନିଜା ଶିବଦତ୍ତା ସଂଯୋଜନା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କର୍ମଶାଳାକୁ ପରିଚାଳନାରେ ସହାୟତା କରିଥିଲେ। ଏହି ଆଇନ କର୍ମଶାଳାରେ ଜିଲ୍ଲାର ବିଡିଓ, ତହସିଲଦାର, ଉପଜିଲ୍ଲାପାଳ, ପୋଲିସ ଅଧିକାରୀ ଓ ଜିଲ୍ଲାର ସରକାରୀ ଓକିଲମାନେ ଅଂଶ ଗ୍ରହଣ କରିଥିଲେ।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ପୁଣ୍ୟତିଥି ପାଳିତ ହୋଇ ଯାଇଛି। ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦାମୋଦର ସାହୁ, ବୈଷ୍ଣବ ଚରଣ ପ୍ରଧାନ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିମଳ କୁମାର ବେଉରା, କାଉନସିଲର ଆଶୁତୋଷ ଦାସ, ଅଜୟ ବେହେରା, ଅର୍ଜୁନୀ ବେହେରା, ବିଜେପି ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ଅକ୍ଷୟ ଭୂୟାଁ, କଂଗ୍ରେସ ନେତା ହରିହର ପରିଡ଼ା, ଦେବେନ୍ଦ୍ର ପୃଷ୍ଟି, ତନ୍ମୟ ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ଶିବ ପ୍ରସାଦ ପତି, ଜୀବନ ମହାପାତ୍ର, ବିଭୁ ଦାସବର୍ଦ୍ଧନ, ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରତାପ ଜେନା ପ୍ରମୁଖ ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ସେ ମାନବବାଦ ଓ ସେବାର ମନ୍ତ୍ରଦାତା ଥିଲେବୋଲି ମତବ୍ୟକ୍ତ କରିଥିଲେ । ଅକ୍ଷୟ ମିଶ୍ର, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ସରିତା ଦାସ, ଭାସ୍କର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ବିରୂପା ଘାଟରେ ତିଳ ତର୍ପଣ କରାଯିବା ସହିତ ଓଟିଏମ୍ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

# ଲଗାଣ ବର୍ଷାରେ ପାହାଡ ଧସି ରାସ୍ତା ଅବରୋଧ



ଖଇରପୁଟ, (ଭାସ୍କର ନ୍ୟୁଜ୍) : ଜିଲ୍ଲାରେ ୪ଦିନ ଧରି ଲଗାଣରେ ମାଲକାନଗିରି ଜିଲ୍ଲା ଖାଇରପୁଟ ବ୍ଲକ ବଣ୍ଡାଘାଟିରେ ପାହାଡ ଧସି ବଡ ବଡ ପଥର ରାସ୍ତାରେ ଖସିବା ସହିତ ବଡ ବଡ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବଣ୍ଡା ଘାଟିର ଦୁଇଟି ପଞ୍ଚାୟତର ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଖଇରପୁଟ ବ୍ଲକ ପ୍ରଶାସନ ପାଖରେ ଖବର ନଥିବା ବେଳେ ଆମେ ତହସିଲଦାର ଏବଂ ବିଡ଼ିଓଙ୍କ ସହ ବାରମ୍ବାର ଫୋନ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ହୋଇପାରି ନାହିଁ। ଉକ୍ତ ରାସ୍ତାଟି ଗୃହ ନିର୍ମାଣ ବିଭାଗର ହୋଇଥିବା ବେଳେ ଆମେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲୁ, ସେ ରାସ୍ତା ସଫା କରିବା ଆରମ୍ଭ କରିବାକୁ କର୍ମଚାରୀଙ୍କୁ ପଠାଇଥିବା କହିଛନ୍ତି ।

# ଚାଷୀଙ୍କ ସ୍ୱାର୍ଥରେ ବିଭିନ୍ନ କାର୍ଯ୍ୟକ୍ରମ



କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଆତ୍ମା ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଚାଷୀ ମାନଙ୍କ ନିମନ୍ତେ ବହୁ କାର୍ଯ୍ୟକ୍ରମ ଜାରି ରହିଛି। ଆତ୍ମା ଅଧକ୍ଷ ଭାବେ ପ୍ରଦୀପ୍ କୁମାର ପାତ୍ର ଦାୟିତ୍ୱ ନେବା ପରେ ଚାରି ବିଭାଗ କୃଷି, ଉଦ୍ୟାନ, ପ୍ରାଣୀ, ମତ୍ସ୍ୟ ପକ୍ଷରୁ ବିଭିନ୍ନ ଗ୍ରାମରେ କ୍ୟାମ୍ପ କରାଯାଇ ସରକାରୀ ସହାୟତାରେ କିଭଳି ଚାଷୀ ମାନେ ରୋଜଗାରକ୍ଷମ ହୋଇପାରିବେ ସେଥିପ୍ରତି ଆଲୋଚନା କରାଯାଇ ଚାଷୀ ମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପୂର୍ବରୁ ବାଛୁରୀ ଦାନା କାର୍ଯ୍ୟକ୍ରମ, ଗୋବିନ୍ୟା ନିରାକରଣ ଶିବିର, କୁକୁଡ଼ା ଚାଷ, କିଶୋରୀ ପକ୍ଷରୁ ମାଛ ଚାଷ, ଘାସ ଚାଷ, ଉଦ୍ୟାନ ବିଭାଗ ଫସଲ, ହଳଦୀ, କଦଳୀ, ଆମ୍ବ, ନଡ଼ିଆ, ଚାରା ଛତୁ, ଧନିଆ, ଲଙ୍କା, ଅମୃତଭଣ୍ଡା ମଞ୍ଜି ଓ ଚାରା ଯୋଗାଇ ଦିଆଯାଉଛି। ଏହି ଭଳି କୃଷି ବିଭାଗ ପକ୍ଷରୁ ମୁଗ, ବାଦାମ ଚାଷୀ ମାନଙ୍କୁ ଦିଆ ଯାଇଛି। ଏହି ପରିପ୍ରେକ୍ଷୀରେ ଆଜି କଣ୍ଟାପଡା ବ୍ଲକ ଉତାରଣ ପଂଚାୟତ ଉତାରଣ ଗ୍ରାମରେ ପ୍ରାଣୀ ବିଭାଗ ପକ୍ଷରୁ ଘାସ ଚାଷ ନିମନ୍ତେ ୩୨ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଆତ୍ମା ଅଧକ୍ଷ ପ୍ରଦୀପ ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫାର୍ମ ମାନଙ୍କରେ କିଭଳି କଞ୍ଚା ଘାସ ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବିଡ଼ିଓ ମୃତ୍ୟୁଞ୍ଜୟ ବେଉରା, ଭିଏସ୍, ସୁଧୀର ନାୟକ ଯୋଗ ଦେଇ ଘାସ ଚାଷ ଉପରେ ଆଲୋଚନା କରିଥିଲେ। ଚାଷୀ ବଂଶୀଧର ବେହେରା, ବାନାମ୍ବର ଦୀକ୍ଷିତ, କେଦାର ରାୟ, ଅରବିନ୍ଦ ରାୟ, କୁନା ପରିଜା, ପବି ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହିଥିଲେ।

# ଜୟ ଜଗନ୍ନାଥ ଧ୍ୱନୀରେ ଭକ୍ତିମୟ ପରିବେଶ







ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିଲା। ଶତାଧିକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥଯାତ୍ରା ହୋଇ ଆସୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଜଗନ୍ନାଥ ମନ୍ଦିରରେ ବହୁଆଡମ୍ବର ସହକାରେ ପାଳନ ହୋଇଛି। ଭୋର ସମୟରୁ ହିଁ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ପରେ ରାଜାଙ୍କ ଦ୍ୱାରା ଛେରା ପହଁରା, ରଥଟଣା ନୀତି ଆରମ୍ଭ ହୋଇ କିଛି ବାଟରେ ଅଟକି ରହିଥିଲା। ସେବାୟତ ବେଲାର ସେନ ପାଢ଼ୀ, ଅଜୟ ଦୀକ୍ଷିତି, ଶ୍ୟାମସୁନ୍ଦର ପାଢ଼ୀ, ଜଗମୋହନ ପାଢ଼ୀ, ସୁଧନା ପାଢ଼ୀ, ସୁବଳ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ବାମଦେବ ପାଢ଼ୀ ମହାପ୍ରଭୁଙ୍କ ସମସ୍ତ ନୀତି କାନ୍ତି କରିଥିବା ବେଳେ ଜଗନ୍ନାଥ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ବାରିକଙ୍କ ସହ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଅସ୍ତରଙ୍ଗ ଅଞ୍ଚଳ ସହନ, ବରଡ଼ି ରଥ, ଓଳିହା ଐଶାନେଶ୍ୱର ମନ୍ଦିର ନିକଟରେ ରଥ, ପର୍ଣ୍ଣେଶ୍ୱର ମନ୍ଦିର ନଗର ନିକଟରେ ରଥ ସହ ବିଭିନ୍ନ ଗ୍ରାମରେ କୁନି ପିଲାଙ୍କ କୁନି ରଥରେ ରଥଯାତ୍ରା ଧୁମଧାମରେ ପାଳିତ ହୋଇଛି। ସକାଳୁ ବିଭିନ୍ନ ସ୍ଥାନରେ ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ପରେ ପହଣ୍ଡି କରି ରଥକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣାଯାଇଥିଲା। ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ଅଘୋଷିତ ବିଜୁଳିକାଟ ପାଇଁ ଜନଜୀବନ ବିପର୍ଯ୍ୟସ୍ତ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବେହେଡା ଠାରୁ ବୁର୍ଜା ଫିଟର ଓ ଏହା ସଂଲଗ୍ନ ଗ୍ରାମଗୁଡ଼ିକରେ ରାତିରେ ଲାଇନ ଗଲେ ବିଜୁଳି ବିହୀନ ଅନ୍ଧକାରରେ ଜୀବନଯାପନ କରୁଛନ୍ତି ଲୋକେ। ବର୍ଷା ଦିନ ଆସିଛି, କିନ୍ତୁ ବିଜୁଳି ବିଭାଗର ଅଧିକାରୀମାନେ ବିଦ୍ୟୁତ ଗଲେ ତାହାକୁ ଠିକ୍ କରିବା ଉପରେ କୌଣସି ଧ୍ୟାନ ଦେଉନାହାନ୍ତି। ଗ୍ରାମବାସୀମାନଙ୍କ କହିବା ଅନୁସାରେ, ପବନ ଏବଂ ବର୍ଷା ନହେଲେ ବି ଘର ଭିତରେ ଅନ୍ଧାର ହେଉଛି ଓ ସାପ କଙ୍କଡାବିଛା ମାନେ ପଶି ଯାଉଛନ୍ତି। ଏହା ଦ୍ୱାରା ଗ୍ରାମବାସୀଙ୍କ ଜୀବନ ଓ ସୁରକ୍ଷା ଉପରେ ଭୟଙ୍କର ପ୍ରଭାବ ପଡୁଛି। ବିଶେଷକରି ଗତକାଲି ରାତିରେ ସୁଦମା ମିଶ୍ରଙ୍କ ଘରେ ଦୁଇଟି ବିଷାକ୍ତ ସାପ ପଶିଯାଇଥିଲେ। ତାଙ୍କର ଛୋଟ ଛୁଆ ଏସୁଁ ମିଶ୍ର ୮ବର୍ଷ ଏବଂ ସ୍ତ୍ରୀ ଗାୟତ୍ରୀ ମିଶ୍ର ୩୫ବର୍ଷ ତିନି ଜଣ ଭୟ ଭିତରେ ରାତି ସାରା ନ ଶୋଇ ଅନିଦ୍ରାରେ ଛଟପଟ ହୋଇଥିଲେ। ସେଥିପାଇଁ ଗ୍ରାମ ଲୋକେ ବିଜୁଳି ବିଭାଗ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ଦାବି କରୁଛନ୍ତି ଯେ, ବିଜୁଳି ବିଭାଗ ଅଧିକାରୀ ମାନେ ଲାଇନ କଟିଲେ ସମୟ ସରିଗଲେ ବି ତଦାରଖ କରୁନାହାନ୍ତି। ସେମାନଙ୍କ ଦାବି, ଯେତେବେଳେ ବିଜୁଳି ବିଚ୍ଛିନ୍ନ ହୁଏ, ସେହି ମୁହୂର୍ତ୍ତରୁ ଲାଇନ ଠିକ୍ କରି ମଧ୍ୟ ବିଜୁଳି ସଂଯୋଗ ଦେବାକୁ ବିଭାଗ ପକ୍ଷରୁ ଦ୍ରୁତ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ଯେ, ଉମରକୋଟ ବ୍ଲକ ବିଜୁଳି ବିଭାଗ ତଦନ୍ତ କରି ଦାୟିତ୍ୱ ଅଧିକାରୀଙ୍କ ବେପୁରୁଆ ଆଚରଣ ଉପରେ କଠୋର ପଦକ୍ଷେପ ନିଆଯାଉ ଓ ଗ୍ରାମ ଏବଂ ତାହା ସଂଲଗ୍ନ ଅଞ୍ଚଳକୁ ନିୟମିତ ବିଜୁଳି ସେବା ଦେବାକୁ ବ୍ୟବସ୍ଥା କରାଯାଉ।

# ପୋଷ୍ଟମାଷ୍ଟରଙ୍କୁ ଝୁରୁଛନ୍ତି ତୁର୍ଲା ଗାଁବାସୀ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଗାଁର ପୂର୍ବତନ ପୋଷ୍ଟମାଷ୍ଟର ମଧୁସୂଦନ ପଣ୍ଡା (୬୫)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଗାଁ ପୋଷ୍ଟ ଅଫିସରେ ଦୀର୍ଘ ୪୦ ବର୍ଷ କାମ କଲା ପରେ ୪ବର୍ଷ ତଳେ ଅବସର ଗ୍ରହଣ କରିଥିଲେ। କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଥିଲା। ଗୁରୁବାର ସକାଳେ ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ଏକ ମାତ୍ର ପୁତ୍ର ଖପ୍ରାଖୋଲ ପ୍ରେସ କ୍ଲବ୍ ସହ ସଂପାଦକ ଜ୍ୟୋତି ରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ତାଙ୍କ ପରିବାର, ବନ୍ଧୁ ବର୍ଗ, ପ୍ରେସ କ୍ଲବ ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ। ପଣ୍ଡାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରିଛନ୍ତି।

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ଓ କାକିରିଗୁମ୍ମା ଠାରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପୁର ବ୍ଲକ୍ ସଦରରେ ଅନୁଷ୍ଠିତ ରଥ ଯାତ୍ରା ଦେଖିବାକୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅପରାହ୍ନ ସାଢେ ଚାରିଟାରେ ଗୁଣ୍ଡିଚା ମନ୍ଦିରରୁ ରଥ ଟଣା ହୋଇ ସାତଟା ବେଳେ ଦେଢ଼ କିଲୋମିଟର ଦୂରରେ ଥିବା ମାଉସୀ ମାଙ୍କ ମନ୍ଦିର ପାଖରେ ରଥ ପହଞ୍ଚିଥିଲା। ଏନେଇ ଭକ୍ତଙ୍କ ଲମ୍ୱା ଲାଇନ୍ ଦେଖି ଭିଡ଼ ନିୟନ୍ତ୍ରଣ ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାଢେ ଗୋଟାରେ ରଥ ପ୍ରତିଷ୍ଠା କରାଜାଇଥିଲା ବେଳେ ସାଢେ ୨ଟାରେ ଠାକୁରଙ୍କ ନିତିକାନ୍ତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ଚାରିଟା ବେଳେ ପୁଜା ପଣ୍ଡା ଓ ସେବାୟତଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ଆରମ୍ଭ କରି ତିନି ଠାକୁରଙ୍କୁ ରଥରେ ବିଜେ କରାଯାଇଥିଲା। ପରେ ତହସିଲଦାର ନୈବେଦ୍ୟ ଭୋଇ ରାଜା ଭେଶରେ ପହଞ୍ଚି ଛେରା ପହରା କରିବା ପରେ ଅପରାହ୍ନ ଚାରିଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା। ଜାତୀୟ ରାଜପଥ ଉପରେ ରଥ ଟଣା ଜାଉଥିବାରୁ ଯାନ ବାହନ ଚଳପ୍ରଚଳରେ ସମସ୍ୟା ଦେଖ ଦେଇଥିଲା। ଏନେଇ ବାଇପାସ୍‌ର ବ୍ୟବସ୍ଥା କରା ଯାଇଥିଲା ମଧ୍ୟ ସମସ୍ତ ଯାନ ପାଇଁ ତାହା ଉଦ୍ଦିଷ୍ଟ ନଥିବାରୁ ଅନେକ ଯାନ ବାହାନ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା ବେଳେ ରଥ ଟଣା ସରିଲା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ କର୍ମୀ ମୁତୟନ ହୋଇଥିଲେ। ସେହିପରି କାକୀରିଗୁମ୍ମା ଠାରେ ମଧ୍ୟ ସବୁ ବର୍ଷ ଭଳି ଚଳିତ ବର୍ଷ ରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ନୀତି କାନ୍ତି ସରିବା ପରେ ସନ୍ଧ୍ୟା ପାଞ୍ଚଟାରେ ରଥ ଟଣା ଆରମ୍ଭ ହୋଇ ରାତି ଆଠଟାରେ ମାଉସୀ ମାଙ୍କ ମନ୍ଦିରରେ ପହଞ୍ଚିଥିଲା। ଶାନ୍ତି ଶୃଙ୍ଖଳା ପାଇଁ କାକିରିଗୁମ୍ମା ଥାନା ତରଫରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ଜାତୀୟ ଶକ୍ତି ସୁରକ୍ଷା ସପ୍ତାହ ପାଳିତ



ଉମରକୋଟ, (ଭାସ୍କର ନ୍ୟୁଜ୍): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜାମରୁଣ୍ଡା ଠାରେ ଭାରତ ସରକାରଙ୍କ ଶକ୍ତି ବିଭାଗ ଓ ସେଣ୍ଟର ଫର ଏନ୍‌ଭାଇର୍ଣ୍ଣମେଣ୍ଟାଲ ଷ୍ଟାଡିସ୍ ଭୁବନେଶ୍ୱରଙ୍କ ତରଫରୁ 'ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ' ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଘନଶ୍ୟାମ ମାଝୀଙ୍କ ସଭାପତିତ୍ୱରେ, ଇକୋ କ୍ଲବ ମୁଖ୍ୟ ଡ଼କ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ, ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଚେତନତା ପାଇଁ ମୁଖ୍ୟ ଅତିଥି ଭାବେ, ଜୟପୁର ଓ ନବରଙ୍ଗପୁରର ମୁଖ୍ୟ ଅଧିକ୍ଷକ ଯନ୍ତ୍ରୀ ଇଂ ସତ୍ୟଜିତ ରାଉତ, ଓ ସମ୍ମାନିତ ଅତିଥି ଭାବେ ସହକାରୀ ବିଦ୍ୟୁତ ପରିଦର୍ଶକ ଇଂ ମଙ୍ଗରାଜ କର୍ତ୍ତମ୍, ସିଆରସିସି ଚୁବାନ ସାହୁ ଯୋଗ ଦେଇ ବିଦ୍ୟୁତ ଶକ୍ତିର ସଦୁପଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଏହାର ଦୁରୁପଯୋଗ କିପରି ମୁହୂର୍ତ୍ତକ ମଧ୍ୟରେ ଧନ ଜୀବନକୁ ନଷ୍ଟ କରିଦିଏ, ସେ ସବୁର ଭିଡିଓ ପ୍ରଦର୍ଶନ କରିଥିଲେ। ଉପସ୍ଥିତ ସମସ୍ତ ସହଭାଗୀ ବିଦ୍ୟୁତ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଏଥିରେ ସହଯୋଗ କରିଥିଲେ, ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସେମାନେ ହେଲେ, ଅଭିନ୍ନ ଦାସ, ସୁସ୍ମିତା ବିଶ୍ୱାସ, ଜିତେନ୍ଦ୍ର ସେଠି, ଆଲୋକ କୁମାର ଷଣ୍ଡ, ବାଲୁଙ୍କେଶ୍ୱର ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ଅନିନ୍ଦିତା ରାୟ, ଅନିଲ କୁମାର ପାତ୍ର, ରମାକାନ୍ତ ମହାରଣା, ସୁଶ୍ରୀ ସର୍ବାଣୀ ମଣ୍ଡଳ, ସୁଶ୍ରୀ ଡାଳିମ୍ବ ଭତ୍ରା ପ୍ରମୁଖ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସିଦ୍ଧେଶ୍ୱର ନାୟକ।

# କଫି ବିକାଶ ଟ୍ରଷ୍ଟ ବୋର୍ଡ ବୈଠକ

♦ ୫୦୦ ହେକ୍ଟର ଜମିରେ କଫି ଚାରା ଲାଗିବ
♦ ସ୍ଥାନୀୟ ଲୋକଙ୍କୁ ମିଳିବ କର୍ମ ନିଯୁକ୍ତି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲ ପରିସରରେ କଫି ବିକାଶ ଟ୍ରଷ୍ଟ(ସିବିଟି) ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାୟୀ ଜୀବିକା ପାଇଁ କଫି ବୃକ୍ଷରୋପଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକରେ ୮୦୦ ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକରେ ୫୦୦ହେକ୍ଟର ଜମିରେ ଛାଇ ବୃକ୍ଷରୋପଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଛାଇ ବୃକ୍ଷରୋପଣ ଅଂଚଳରେ ୩୦ ହେକ୍ଟର କଫି ବୃକ୍ଷରୋପଣ କରାଯାଇଛି। ଏଥିମଧ୍ୟରୁ ଗତ ବର୍ଷ ବାଂଶପାଳ ବ୍ଲକର ମେଦିନପୁର ଗ୍ରାମରେ ୧୦ହେକ୍ଟର କଫି ଚାରା ଲଗାଯାଇଛି ଏବଂ ଚଳିତ ବର୍ଷ କୁଆଁର, ତରମାକାନ୍ତ ଏବଂ ଗୋନାସିକାରେ ୩୦ ହେକ୍ଟରରେ କଫି ଚାରା ଲଗାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବାଂଶପାଳ ବ୍ଲକର ଗୋନାସିକା, ତରମାକାନ୍ତ, ଶୁଆକାଟୀ, କଲଣ୍ଡା ଗ୍ରାମରେ ନର୍ସରୀ କରାଯାଇ ସିଲଭର ଓକ୍ ଏବଂ କୋରାପୁଟର କଫି ବୋର୍ଡ ଠାରୁ ମଞ୍ଜି ଆଣି କଫି ବୃକ୍ଷରୋପଣ ପାଇଁ ଚାରାରୋପଣ କରାଯାଉଛି। ଯେଉଁ ସ୍ଥାନରେ ଛାଇ ଏବଂ କଫି ଚାରା ରୋପଣ କରାଯିବ ସେହି ସ୍ଥାନରେ ବର୍ଷା ପୂର୍ବରୁ ସଫେଇ କାର୍ଯ୍ୟ ଶେଷ କରାଯାଇଛି। କଫି ବିକାଶ ଟ୍ରଷ୍ଟ(ସିବିଟି)ବୋର୍ଡ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାସ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର,ବ୍ଲକ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାର ବାଂଶପାଳର ପାହାଡିଆ ଅଂଚଳ ସମୁଦ୍ର ପତନ ଠାରୁ ୬୦୦ମିଟର ଉଚ୍ଚତାରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଏହି ବ୍ଲକରେ ଆଗକୁ ଅଧିକ ଅଂଚଳରେ କଫି ଚାଷ କରିବା ଉପରେ ବିଚାର କରାଯାଉଛି। ଉର୍ବର ମାଟି ଏବଂ ଥଣ୍ଡା ଜଳବାୟୁ କଫି ଚାଷକୁ ସୁହାଉଛି। କଫି ଚାଷକୁ ନେଇ ରାଜ୍ୟ ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା ରହିଛି। ୫ବର୍ଷରେ ଉତ୍ପାଦନ ୧୦ଗୁଣା ବଢାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୋରାପୁଟ କଫି ବୋର୍ଡର ବୈଜ୍ଞାନିକମାନଙ୍କ ପରାମର୍ଶ ଅନୁସାରେ ରକ୍ଷଣାବେକ୍ଷଣ କରାଯାଉଛି। କଫି ଚାରା ଉପରେ ସିଧାସଳଖ ସୂର୍ଯ୍ୟକିରଣ ନ ପଡିବା ପାଇଁ ଛାଇ ଗଛ ସିଲଭର ଓକ୍ ଜୁନ ମାସ ମଧ୍ୟରେ ଲଗାଇବାକୁ ଜିଲ୍ଲାପାଳ ବିଶାଲ ସିଂହ ନିର୍ଦ୍ଦେଶ ଦେଇଥିଲେ। ହେକ୍ଟର ପିଛା ୨୦୦୦ସିଲଭର ଓକ୍, ୨୦୦ଆମ୍ବ ଏବଂ ଜାମୁକୋଳି ଗଛ ଲଗାଯାଉଛି। ଏହି ଗଛ ଗୁଡିକ ବଡ ହେବା ପରେ ୩ବର୍ଷ ପରେ ଏହି ଗଛ ନିକଟରେ କଫି ଚାରା ଲଗାଯିବ ବୋଲି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି କହିଛନ୍ତି। କଫି ମିଶନ ଅଧିନରେ କଫି ଚାଷ ଯୋଗୁଁ ବାଂଶପାଳ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳର ବହୁ ଲୋକ ସ୍ଥାୟୀ କର୍ମ ନିଯୁକ୍ତି ପାଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳିତ



କୁଚିଣ୍ଡା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ତତ୍ତ୍ୱାବଧାନରେ କୁଚିଣ୍ଡା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିରରେ ଭାଜପାର ସମସ୍ତ କର୍ମୀ ଏବଂ ନଗର ମହିଳା ମୋର୍ଚ୍ଚା ତରଫରୁ ମା'ଙ୍କ ପାଖରେ ଧୂପ, ଦୀପ ପ୍ରଜ୍ୱଳନ କରି ଶ୍ରୀ ପ୍ରଧାନଙ୍କ ଚଲାପଥ କୁସୁମିତ ହେବା ସହିତ ଦୀର୍ଘ ଜୀବନ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ବିଭୁତି କଲ୍ୟାଣ ପଟେଲ,ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଅରୁଣ ଅଗ୍ରୱାଲ, ନଗର ମହିଳା ମୋର୍ଚ୍ଚା ନେତ୍ରୀ କୁଞ୍ଜଲତା ନାଏକ, ସୁଶିଲ ଅଗ୍ରୱାଲ, ମହେଶ ରାଏ, ସଚିଦାନନ୍ଦ ଶର୍ମା, ବାବୁଲୁ ଖଣ୍ଡା, ଜୟନ୍ତ ବାଘ, କାହ୍ନୁଚରଣ ନାଏକ, ପୁଷ୍ପାଞ୍ଜଳି ପଟେଲ, ସୁନେନା ବେହେରା, ସଙ୍ଗିତା ଦାସ, ଅଞ୍ଜନା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସାମାନ୍ୟ ବର୍ଷାରେ ରାସ୍ତା ବେହାଲ, ଯାତାୟତ ବାଧାପ୍ରାପ୍ତ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗର ଠାରୁ ଚଣ୍ଡିତଳ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଆଜି ସାମାନ୍ୟ ବର୍ଷା ହେବାରୁ ରାସ୍ତା ଅବସ୍ଥା ଏଭଳି କାଦୁଅ ହେଲା ଯେ ଛାତ୍ରଛାତ୍ରୀ ମାନେ ସ୍କୁଲ, କଲେଜ ଯିବାବେଳେ ଚପଲ ହାତରେ ଧରି ଯାଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ନାରାୟଣ ନଗର ଉପରେ ଚଣ୍ଡିତଳ, ଗୁଡିଆଲି, ମଝିଆଁଘରା, ବାଲିଦୋହଲି ଆଦି ଗ୍ରାମବାସୀ ଦୈନିକ ବଜାର ପାଇଁ ନିର୍ଭର କରନ୍ତି। ଏହା ସହିତ ପଞ୍ଚାୟତକୁ ଖାଉଟି ସାମଗ୍ରୀ ସହିତ ବୃଦ୍ଧ ବୃଦ୍ଧା ମାନେ ଭତ୍ତା ନେବାକୁ ଏହି ବାଟ ଦେଇ ଯାଇଥାନ୍ତି। ରାସ୍ତା ଅବସ୍ଥା ଏଭଳି ହେତୁ ଏହି ରାସ୍ତା ଦେଇ ଯିବାକୁ ଲୋକ ଭୟ କରୁଛନ୍ତି। ଫଳରେ ଲୋକ ବାଧହୋଇ ୩ କିମି ବାଟ ବୁରକଟା ଛକ, ଜହ୍ନାପଙ୍କ ଛକ ଦେଇ ନାରାୟଣ ନଗରକୁ ଆସୁଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାକୁ କଂକ୍ରିଟ କରିବା ଅଞ୍ଚଳବାସୀ ଦାବି ହେଉଛି।

# ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପଥପ୍ରାନ୍ତ ସାଧାରଣ ସଭା




ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ଆହ୍ୱାନ କ୍ରମେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଜଳେଶ୍ୱର ଷ୍ଟେସନ ଛକ ଠାରେ ଗୁରୁବାର ଅପରାହ୍ନ ସମୟରେ ଏକ ପଥପ୍ରାନ୍ତ ସାଧାରଣ ସଭା ପାର୍ଟିର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଜିକୁ ୫୦ ବର୍ଷ ତଳେ ୧୯୭୫ ମସିହା ଜୁନ୍ ୨୬ ତାରିଖ ଥିଲା ଭାରତବର୍ଷ ପାଇଁ ଏକ କଳଙ୍କିତ ଦିବସ। ଏହି ଦିନ ଭାରତବର୍ଷରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ବେଖାତିର କରି ଲାଗୁ ହୋଇଥିଲା ଜରୁରୀକାଳୀନ ପରିସ୍ଥିତି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କମିଟିର ସଦସ୍ୟ ଦିଲ୍ଲୀପ କୁମାର ଗିରି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ନେତା ଦିଲ୍ଲୀପ କୁମାର ପରିଡ଼ା, ଲକ୍ଷ୍ମୀଧର ପଲାଇ, ସବିତା ଭୂୟାଁ, ଆରତୀ ପଲାଇ, ପ୍ରକାଶ ଚନ୍ଦ୍ର ଦେ, ସୁବ୍ରତ ବିଶ୍ୱାଳ, ଗଣେଶ ପାତ୍ର, ସୁଶାନ୍ତ ରାଉତ ବକ୍ତବ୍ୟ ରଖିଥିଲେ।

# ସାଧୁସୁନ୍ଦର ଉଦ୍ୟାନ ଉଦ୍‌ଘାଟିତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ କୁଜିବରସ୍ଥିତ ମହାତ୍ମା ସାଧୁ ସୁନ୍ଦର ଦାସଙ୍କ ପୀଠ ପରିସରରେ ନବ ନିର୍ମିତ ସାଧୁସୁନ୍ଦର ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଓ ଆର୍‌ସିସି କୁଜିବରର ମିଳିତ ଉଦ୍ୟମରେ ନିର୍ମିତ ଏହି ପୁଷ୍ପ ଉଦ୍ୟାନକୁ ରୋଟାରୀ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପିଡ଼ିଜି ବିନ୍ଦୁସିଂ ଓ ଶରତ ଚନ୍ଦ୍ର ଲୋକାର୍ପିତ କରିଥିଲେ। ରୋଟାରୀ କ୍ଲବ୍ କଟକ ଅଭିନବର ସଭାପତି ବିଶ୍ୱନାଥ ପଣ୍ଡା, ସମ୍ପାଦକ ସୁଧାଂଶୁ ଶେଖର ଜେନା, ଜୀବନ ପଟ୍ଟନାୟକ, ଉମାକାନ୍ତ ମହାନ୍ତି ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୀଠ ପରିସରରେ ପ୍ରତିଷ୍ଠିତ ଏକ ସ୍ଥାୟୀ ଡଷ୍ଟବିନ୍‌କୁ ଅତିଥି ମାନେ ଉଦ୍‌ଘାଟନ କରିବା ସହିତ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୱାଟର ବଟଲ ଓ ବିଭିନ୍ନ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଉମେଶ ଚନ୍ଦ୍ର ସାହାଣୀ, ଆଲୋକ ବାରିକ, ମହେଶ୍ୱର ସାହୁ, ଅନ୍ତର୍ଯ୍ୟାମୀ ଦାସ, ସତ୍ୟଭାମା ମହାପାତ୍ରଙ୍କ ସମେତ ଆରସିସି କୁଜିବରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ୮ଜଣିଆ ପ୍ରତିନିଧି ଦଳର ଢିଙ୍କିଆ ଗସ୍ତ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢ଼ିଙ୍କିଆ ଚାରିଦେଶକୁ ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟିର କଂଗ୍ରେସ ପକ୍ଷରୁ ଆଠ ଜଣିଆ ପ୍ରତିନିଧି ଦଳ ଗସ୍ତ କରିଛି। ଏହି ଗସ୍ତ କାଳରେ ପ୍ରଥମେ ଢ଼ିଙ୍କିଆ ପଞ୍ଚାୟତର ଢ଼ିଙ୍କିଆ ଗ୍ରାମ ଫୁଲଖାଇ ମନ୍ଦିର ନିକଟରେ ଏକ ସଭା ସଂଗ୍ରାମୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ସୁଧାଂଶୁ ଶେଖର ଦେଓ, ବିଧାୟକ ସାଗର ଚରଣ ଦାସ, ବିଧାୟକ ସତ୍ୟଜିତ ଗମାଙ୍ଗ, ଯସବନ୍ତ ସିଂ ଲାଗୁରି, ଅନୁସୁଚିତ ଜାତି ଅଧକ୍ଷ ମାନସ ମଲ୍ଲିକ, ଜିଲ୍ଲା ପରିଷଦ ପିନାକୀ ନାରାୟଣ ଦାସ, ମାଗୁଣି ଜେନା, ନଟବର ବାରିକ, ବିପ୍ଳବ ଚୌଧୁରୀ, ନଳୀନ କୁମାର ସ୍ୱାଇଁ, ବଲ୍ଲବା ନନ୍ଦ ସ୍ୱାଇଁ ପ୍ରମୁଖ ଗସ୍ତ କରିଥିଲେ। ଜୀବନ, ଜୀବିକା ଓ ମାଟିର ସୁରକ୍ଷା ପାଇଁ ଦୀର୍ଘ କୋଡିଏ ବର୍ଷ ଧରି କିପରି ସଂଗ୍ରାମ କରି ଆସିଛନ୍ତି ସେ ସଂଘର୍ଷମୟ କାହାଣୀ କୋହଭରା କଣ୍ଠରେ ବଖାଣି ଥିଲେ ଗ୍ରାମବାସୀ। ମାଟିର ସୁରକ୍ଷା କରିବାକୁ ଯାଇ ଆଜି ଶହ ଶହ ମିଥ୍ୟା ମାମଲାରେ ଦିନ କାଟୁଥିବା କହିଥିଲେ। ପୋଲିସ ଦ୍ୱାରା ନିର୍ମମ ଅତ୍ୟାଚାର କରି କମ୍ପାନୀ ଜୋର ଜବରଦସ୍ତ ଜୀବିକା ଉଜାଡ଼ି ଦେଇଛି ବୋଲି ଲୋକ ମାନେ ଅଭିଯୋଗ କରିଥିଲେ। ବିନା ଗ୍ରାମସଭାରେ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କରି କମ୍ପାନୀ ବେଆଇନି ଭାବେ ଶହ ଶହ ଟ୍ୱିୱେଲ ବସାଇ ଭୂତଳ ଜଳକୁ ବ୍ୟବହାର କରୁଥିବା ବେଳେ ଗୋଟିଏ ହେଲେ ଗଛ ନ ଲଗାଇ ଲକ୍ଷାଧିକ ଗଛ କାଟି ଦେଇଥିବା ଅଭିଯୋଗ କରିଥିଲେ। ସରକାରୀ ବିଧି ବ୍ୟବସ୍ଥାରେ ଗ୍ରାମସଭା କରିବାକୁ କମିଟି ନିକଟରେ ଗ୍ରାମବାସୀ ଦାବି କରିଥିଲେ। ଢ଼ିଙ୍କିଆର ସରପଞ୍ଚ ପିଙ୍କି ଦାସ, ନାଏବ ସରପଞ୍ଚ ତୀର୍ଥଙ୍କର ଦାସ, ଭମରବର ଦାସ, ତୁଷାର ଗୋଛାୟତ, ମନୋଜ ପ୍ରଧାନ, ଶାନ୍ତି ଦାସ, ଗୋଲୀ ଦାସ, ଗୌତମ ଦାସ, ଧ୍ରୁବ ଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ। ପରେ ନୂଆଗାଁ ପଞ୍ଚାୟତର ଭାସ୍କର ସ୍ୱାଇଁ, ରଞ୍ଜନ ବାରିକ, ରଶ୍ମିରଞ୍ଜନ ସ୍ୱାଇଁ, ବାଇନ ଡାଲୁଆ, ସର୍ବେଶ୍ୱର ମଲ୍ଲିକଙ୍କ ସମେତ ଗ୍ରାମବାସୀ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗଡକୁଜଙ୍ଗ ପଞ୍ଚାୟତର ଅମୂଲ୍ୟ ନାୟକ, ସତ୍ୟ ପ୍ରକାଶ ମହାପାତ୍ର, ସୁବାସ ମହାନ୍ତି, ନରେଶ ଦାସ, କେଲୁ କୁଅଁର, ବିଜୟ ବେହେରା, ଫଗୁ ବେହେରା, ଉତ୍ତମ ବେହେରାଙ୍କ ସମେତ ଗ୍ରାମବାସୀ ମାନେ କମ୍ପାନୀ ଦ୍ୱାରା ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ତିନି ପଞ୍ଚାୟତ ଗସ୍ତ ପରେ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ଯାହା ଆମେ ପ୍ରଭାବିତ ତିନି ପଞ୍ଚାୟତର ଅଧିବାସୀଙ୍କ ଠାରୁ ତଥ୍ୟ ନେଲୁ, ଅଞ୍ଚଳବାସୀଙ୍କ ମୁଖ୍ୟ ଅଭିଯୋଗ ସରକାରୀ ଗ୍ରାମସଭା କରିବାକୁ। ଏ ଅଞ୍ଚଳବାସୀଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ହୋଇଛି। ଏ ତଥ୍ୟ ପ୍ରଦେଶ କଂଗ୍ରେସ କମିଟିକୁ ଜଣାଇବା ସହିତ ଅଞ୍ଚଳବାସୀଙ୍କୁ ନ୍ୟାୟ ଦେବା ପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ପରେ ବିଧାନସଭାରେ ଏ ପ୍ରସଙ୍ଗ ରଖିବୁ।

# ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ

ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଅବକାରୀ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ - ୨୫ ପାଳିତ ହୋଇ ଯାଇଛି। ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ରାଲି ସୁସଜ୍ଜିତ ରଥ ସହ ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ବିଭିନ୍ନ ସ୍ଲୋଗାନ ସହିତ ଏହି ରାଲି ଜନ ସଚେତନତା ସୃଷ୍ଟି କରିଥିଲା। ଏହାପରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ସ୍ଥାନୀୟ ସଦଭାବନା ସଭା ଗୃହରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରଇତ ସମସ୍ତଙ୍କୁ ସ୍ୱାଗତ କରି ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମନୋଜ କୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ପାଢୀ, ପ୍ରଜାପୀତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କେନ୍ଦ୍ର ପରିଚାଳିକା ଭଉଣୀ ଅଞ୍ଜଳି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। ସାମାଜରେ ନିଶା କିଭଳି ଭାବରେ ଦୁଷ୍ପ୍ରଭାବ ପକାଉଛି ଏବଂ ବ୍ୟକ୍ତି ତଥା ପରିବାରର ଅଧୋପୋତନ ହେଉଛି ଏହି ବିଷୟରେ ସଚେତନ କରିବା ସହିତ ଏହାର ସମାଧାନର ରାସ୍ତା ଉପରେ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା।




କରଞ୍ଜିଆ (ଭାସ୍କର ନ୍ୟୁଜ୍) : ସମ୍ବିଧାନ ବଞ୍ଚାଅ ସମାବେଶ କରଞ୍ଜିଆ କଂଗ୍ରେସ ପକ୍ଷରୁ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ଗଣଦୁଷ୍କର୍ମ ମାମଲା ଓ ସଦ୍ୟ କରଞ୍ଜିଆ ଥାନା ଅଞ୍ଚଳରେ ହୋଇଥିବା ଅପହରଣ ଓ ଗଣଦୁଷ୍କର୍ମ ମାମଲାରେ ପୀଡିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଆଦିବାସୀ କଂଗ୍ରେସ ଅଧକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରୀ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ ତିଉ, ବରିଷ୍ଠ ଆଦିବାସୀ ନେତ୍ରୀ ଯବାମଣି ଟୁଡ୍ଡୁ, ବଡ଼ସାହି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର, ଯୁବନେତା ସେକ ଜାକିର ହୁସେନ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସହ ଆବାହକ ଗୋଲାପ ମଞ୍ଜରୀ ସୋରେନ, ଗୌରାଙ୍ଗ ବାନ୍ଦିଆ, ସୁଶାନ୍ତ ପରିଡା ପ୍ରମୁଖଙ୍କ ସହିତ ଶତାଧିକ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଦୁଷ୍କର୍ମ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ସହିତ ମହିଳାଙ୍କ ଉପରେ ବଢିଚାଲିଥିବା ନିର୍ଯାତନାକୁ ବନ୍ଦ କରିବା ଦିଗରେ ପଦକ୍ଷେପ ଓ ପୀଡିତାଙ୍କୁ ୨୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ କଂଗ୍ରେସ ନେତୃବୃନ୍ଦ ଦାବି ରଖିଥିଲେ। କରଞ୍ଜିଆ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରୁ ଏହି ବିକ୍ଷୋଭ ଶୋଭାଯାତ୍ରା ବାହାରି କରଞ୍ଜିଆ ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ଧରଣୀଧର ମହାନ୍ତ, ଲାଳନ ସିଂ, ରବି ସିଂ, ଘନଶ୍ୟାମ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ରାଜପଥ ମରଣଯନ୍ତା

## ଆଁ କଲାଣି ସର୍ଭିସ ରୋଡ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ମୁକ୍ତାପସୀ ଠାରେ ୫୩ନଂ ଜାତୀୟ ରାଜପଥରେ ତିଆରି ହୋଇଥିବା ସର୍ଭିସ ରୋଡ଼ ଫାଟି ଆଁ କରି ରହିଥିବା ଦେଖାଯାଇଛି। ଅନ୍ୟତ୍ର ରାଜପଥ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ନହୋଇଥିବା ବେଳେ ମୁକ୍ତାପସୀ ଠାରେ ନୂତନ ଭାବେ ତିଆରି ହୋଇଥିବା ସର୍ଭିସ ରାସ୍ତାଟି ଅଳ୍ପଦିନ ଭିତରେ ତିରିଶି ଫୁଟରୁ ଊର୍ଦ୍ଧ୍ୱ ଲମ୍ୱା ରାସ୍ତା ଚଉଡା ଭାବେ ଫାଟି ରହିଅଛି। ସାଧାରଣତଃ ଏହି ରାସ୍ତାରେ ହାଲୁକା ଯାନ ଯିବାଆସିବା ହୋଇଥାଏ, କୌଣସି ଭାରି ଯାନ ଯଦି ଏହି ରାସ୍ତାରେ ଯିବାଆସିବା କରେ ତେବେ ରାସ୍ତାର ଅବସ୍ଥା ଯାହା ହେବ ତାହା ନକହିବା ଭଲ। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତା ଫାଟି ଯାଇଥିବା ସର୍ବସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ବିଭାଗୀୟ ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ପରଜଙ୍ଗ ବାଇପାସ୍‌ରେ ଟାୱାର ଲାଇନ ତଳେ ଚାଳିଶ ମିଟରରୁ ଊର୍ଦ୍ଧ୍ୱ ରାସ୍ତା କାମ ନହୋଇ ଫୁଟେ ଲେଖାଏଁ ଗଭୀର ଗର୍ତ୍ତ ହୋଇଥିବାରୁ ବହୁତ ଗାଡି ପାଲଟି ମାରିଥିବା ବେଳେ ଜନଜୀବନ ନଷ୍ଟ ହୋଇଥିବାର ନଜିର ରହିଛି। ଦୀର୍ଘଦିନ ଧରି କାହିଁକି ରାସ୍ତା କାମ ପଡ଼ିରହିଛି ତାହା ଜନସାଧାରଣଙ୍କୁ ଅଜଣା ରହିଥିବା ବେଳେ, ଏହାକୁ ତୁରନ୍ତ କାର୍ଯ୍ୟ ନହେଲେ ଆଗାମୀ ଦିନରେ ସଚେତନ ନାଗରିକମାନେ ପ୍ରତିବାଦ କରିବେ ବୋଲି ସୂଚନା ମିଳିଛି।

## ମାଉସୀ ମା' ଘରେ ପହଞ୍ଚିଲା ରଥ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଚଳିତ ବର୍ଷ ଛତିଆ ବାଇପାସ୍ ରଥ ନିର୍ଦ୍ଧାରିତ ସମୟ ଠାରୁ ଏକ ଘଣ୍ଟା ବିଳମ୍ୱରେ ଟଣା ଆରମ୍ଭ ହୋଇଥିଲେ ମଧ୍ୟ ସନ୍ଧ୍ୟା ପୂର୍ବରୁ ବଡଘୁମୁରି ସ୍ଥିତ ଜାହ୍ନଗିରି ପାହାଡ଼ ପାଦଦେଶରେ ଥିବା ମାଉସୀ ମା' ମନ୍ଦିର ଠାରେ ପହଞ୍ଚିଛି। ଭକ୍ତ ଓ ପୋଲିସ ପ୍ରଶାସନ ମିଳିତ ସହଯୋଗରେ ଦିନ ୧୨ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବୈରୀ ଥାନା ଅଧିକାରିଣୀ ଅଂଶୁମାଳା ଦାସ ଓବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ସହ ରଥଟଣା ହୋଇଥିଲା। ପ୍ରଥମେ ପୂଜକ ସତ୍ୟବାଦୀ ପଣ୍ଡା, ପ୍ରମୋଦ ପଣ୍ଡା ଓ ଉଦୟ ଶଙ୍କର ଦାସ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଉପେନ୍ଦ୍ର ଓଝା, ସଭାପତି ନିର୍ମଳ ଚନ୍ଦ୍ର ସାମଲ, ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମିତି ସଭ୍ୟ ଦୀପକ ସାହୁ ଓ ଅନ୍ୟ କର୍ମକର୍ତ୍ତା ମାନେ ଠାକୁରଙ୍କ ଚାରମାଳ ଆଣିବା ପରେ ମନ୍ଦିରରୁ ତିନି ଠାକୁର ଓ ସୁଦର୍ଶନଙ୍କୁ ପହଣ୍ଡିରେ ଆଣି ରଥରେ ବିଜେ କରିବା ପରେ ଉପେନ୍ଦ୍ର ଓଝା ଛେରା ପହଁରା କରିଥିଲେ। ପରେ ରଥଟଣା କାର୍ଯ୍ୟ ଶହ ଶହ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଛତିଆ ଠାରୁ କଢେଇ ପୋଲହ ପର୍ଯ୍ୟନ୍ତ ୧୬ନଂ ଜାତୀୟ ରାଜପଥରେ ୪କିଲୋମିଟର ଓ କଢେଇ ପୋଲହ ପାଖରୁ ଗ୍ରାମୀୟ ଉନ୍ନୟନ ରାସ୍ତାରେ ୭କିଲୋମିଟର ଟଣାଯାଇ ମାଉସୀ ମା' ମନ୍ଦିରରେ ତିନି ରଥ ପହଞ୍ଚିଥିଲା। ମଝିରେ ମଝିରେ ଝିପିଝିପି ବର୍ଷା ସତ୍ତ୍ୱେ ଆନନ୍ଦ ଉଲ୍ଲାସରେ ହରିବୋଲ ହୁଳହୁଳି ଘଣ୍ଟ ନାଦ ଓ ଜୟ ଜଗନ୍ନାଥ ଧ୍ୱନିରେ ରଥଟଣା ହୋଇଥିଲା। ରଥ ଟଣା



ଆରମ୍ଭ ପୂର୍ବରୁ ଜଗନ୍ନାଥ ମନ୍ଦିର ପରିସରରେ ଟିମ୍ ବଡ଼ଚଣାର ଅଧକ୍ଷ ଅଦ୍ୱିତ୍ୟ ପ୍ରସାଦ ଶତପଥୀ ବୃକ୍ଷରୋପଣ କରିବା ପରେ ତାଙ୍କ ସଂଗଠନର ଶତାଧିକ ଯୁବକ ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ସଂଗଠନର ସଦସ୍ୟ ଶରତ ପାଣିଗ୍ରାହୀ, ଅମରେଶ ନନ୍ଦ, ବିପିନି ବିଶ୍ୱାଳ, ବିଶ୍ୱଜିତ ଜେନା, ସୁଜିତ ସୌରଭ ସାମଲ, ଲକି ସେନାପତି, ଟୁକୁ ଧଳ, ବିଶ୍ୱଜିତ ବିଶ୍ୱାଳ, ଅମିନ ନାୟକ, ଅଭିଜିତ ଖିଲାର, ପ୍ରିୟବ୍ରତ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଯୁବକ ଓ ଛାତ୍ରମାନେ ରଥ ଟାଣିଥିଲେ। ଏହି ରଥ ଟଣା କାର୍ଯ୍ୟକ୍ରମରେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଗଗନ ଦାସ, ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ସନ୍ତୋଷ ସ୍ୱାଇଁ, ଛତିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଗ୍ରାମ୍ୟଉନ୍ନୟନ ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ, ଛତିଆ ରାଜସ୍ୱ ନିରୀକ୍ଷକ ଜାଗୃତି ଶତପଥୀ, ବୈରୀ ପୋଲିସ ସଂଗ୍ରାମ କେଶରୀ ରାଉତ, ଧୀରେନ୍ଦ୍ର ପଣ୍ଡା, ଛତିଆ ଫାଣ୍ଡିର କର୍ମଚାରୀ ତାପସ କୁମାର, ବଡଘୁମୁରି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ପ୍ରିୟନାଥ ପୃଷ୍ଟି, ଭାଗ୍ୟଧର ମଳିକ, ରଞ୍ଜନ କୁମାର ସାହୁ, ନକୁଳ ଓଝା, ହେମନ୍ତ ପରିଡା ପ୍ରମୁଖ ଅନୁଷ୍ଠାନର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।

## ରଥରୁଢ଼ ହେଲେ କାଳିଆ ଚାନ୍ଦ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରା ଅବସରରେ ଚାନ୍ଦବାଲିରେ ପ୍ରବଳ ବର୍ଷା ସତ୍ତ୍ୱେ ମହାଆଡମ୍ୱର ସହକାରେ ପାଳନ କରାଯାଇଛି ରଥଯାତ୍ରା। ସକାଳୁ ତିନି ଠାକୁରଙ୍କ ରୀତିନୀତି ହେଲା ପରେ ଭକ୍ତ ମାନଙ୍କ ପାଇଁ ହୋଇଥିଲା ମହାପ୍ରସାଦର ବ୍ୟବସ୍ଥା। ପ୍ରାୟ ୩୦୦୦ ଲୋକଙ୍କ ପାଇଁ ମହାପ୍ରସାଦର ଆୟୋଜନ କରାଯାଇଥିଲା। ଆଜକୁ ପ୍ରାୟ ୩୦ ବର୍ଷ ହେବ ଏହି ରଥଯାତ୍ରା ଉତ୍ସବ ପାଳନ କରାଯାଉଛି। ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ କିୟୁ ଟ୍ରେନିଂ ପାଖରେ ଥିବା ଜଗନ୍ନାଥ ମନ୍ଦିରରୁ ତିନି ଠାକୁର ବାହାରି ପାଞ୍ଚପଡା ନୟାପଟଣା ମାଉସୀମା ମନ୍ଦିରକୁ ବିରାଟ ଶୋଭାଯାତ୍ରାରେ ରଥଟଣା ଯାଇଥିଲା। ଏହି ରଥଯାତ୍ରାରେ ତିନି ଠାକୁରଙ୍କୁ ଦେଖିବା ପାଇଁ ଆଖପାଖ ୭ଟି ପଞ୍ଚାୟତରୁ ପ୍ରାୟ ୧୦ହଜାର ଲୋକଙ୍କ ସମାଗମ ହୋଇଥିଲା। ଚାନ୍ଦବାଲି ପୋଲିସ ପ୍ରଶାସନ ଏବଂ କମିଟିର ମେମ୍ବର ମାନଙ୍କ ସହଯୋଗରେ ଭିଡକୁ ନିୟନ୍ତ୍ରଣ କରାଯାଇଥିଲା। କମିଟିର ମୁଖ୍ୟ ସଦସ୍ୟ ସବ୍ୟସାଚୀ ରଥ, ରବିନାରାୟଣ ସାହୁ, ଦୀପକ କୁମାର ସାହୁ, ପଞ୍ଚାନନ ବିନ୍ଧାଣି, ପପୁ କାରା, ସୁଦର୍ଶନ ବାରିକ, ସନ୍ତୋଷ ଅଗ୍ରୱାଲ, ପ୍ରମୁଖ ଏହି ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।

## ଥାଲାସେମିଆ ପୀଡ଼ିତ ଶିଶୁଙ୍କୁ ରକ୍ତ ପ୍ରଦାନ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଥାଲାସେମିଆରେ ପୀଡ଼ିତ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦିନୀ (୬)ଙ୍କୁ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରକ୍ତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରାଯାଉଛି। ଆର୍ଥିକ ଅନଟନରେ ରହିଥିବା ମାନସିକ ଭିନ୍ନକ୍ଷମ ଗଗୁନି ଓ ତାଙ୍କ ପରିବାର କରୁଣ କାହାଣୀ ସମ୍ପର୍କରେ ଚଳିତ ବର୍ଷ ଫେବୃୟାରୀ ମାସରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନ ଗଗୁନିଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଥାଲାସେମିଆରେ ପୀଡ଼ିତ ଦୁଇ ସନ୍ତାନଙ୍କୁ ଆବଶ୍ୟକ ରକ୍ତ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପ୍ରଧାନଙ୍କ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ମାସରେ ପୀଡ଼ିତ ଭାଇଭଉଣୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ଯୋଗାଇ ଆସୁଛନ୍ତି। ଆଜି ସାଇରାମର ରକ୍ତ ଆବଶ୍ୟକ ହେବାରୁ କଳିଙ୍ଗ ଆବାସିକ ବିଦ୍ୟାଳୟର ହଷ୍ଟେଲ ସୁପରଭାଇଜର ରାକେଶ କୁମାର ସାହୁ କଟକ ବଡ଼ ମେଡ଼ିକାଲ ଯାଇ ପୀଡ଼ିତ ସାଇରାମଙ୍କୁ ରକ୍ତଦାନ କରିଛନ୍ତି। କଳିଙ୍ଗ ଆବାସିକ ବିଦ୍ୟାଳୟର ଅଧକ୍ଷ ମନୋଜଙ୍କ ଏହି ମହନୀୟତା ପାଇଁ ଉଭୟ ପୀଡ଼ିତାଙ୍କ ବାପା ଗଗୁନି ଓ ମା' ରଶ୍ମିତା ମନୋଜଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ମନୋଜ ତାଙ୍କ ବିଦ୍ୟାଳୟରେ ପ୍ରତ୍ୟେକ ବର୍ଷ ମେଗା ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ଭଣ୍ଡାରକୁ ବାର୍ଷିକ ୩୦୦ ୟୁନିଟ୍‌ରୁ ଅଧିକ ରକ୍ତ ଯୋଗାଉଛନ୍ତି। ଏଥିସହିତ ଅନ୍ୟ ସମୟରେ ରକ୍ତର ଆବଶ୍ୟକତା ରହିଥିବା ରୋଗୀମାନଙ୍କୁ ନିଜେ, ତାଙ୍କ ପରିବାର ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଶତାଧିକ କର୍ମଚାରୀମାନେ ରକ୍ତଦାନ କରୁଛନ୍ତି।

## ହଜାର ହଜାର ଭକ୍ତଙ୍କ ଗହଣରେ ଘୋଷ ଯାତ୍ରା ସମ୍ପନ୍ନ



ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସମେତ, ଜୋଡ଼ିଙ୍ଗା, ତୁରୁଡ଼ି, ବାଗ ବେଢ଼ା, ହାଟ ଭରାଣ୍ଡି, ହତୀଙ୍ଗା, ଚିଙ୍ଗିଡ଼ା ଭାଟା, ଆଦି ସ୍ଥାନରେ ଜଗତର ନାଥ ଜଗନ୍ନାଥଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ରଥାରୁଢ ହୋଇ ଛେରା ପହଁରା ପରେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଆଜି ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରା ବଜାର ସ୍ଥିତ ମାଉସି ମା' ମନ୍ଦିରକୁ ବିଜେ କରିଥିଲେ। ଭକ୍ତଙ୍କ ମଧ୍ୟରେ ଉତ୍ସାହ ଉଦ୍ଦିପନା ଦେଖା ଦେଇଥିଲା। ମାଉସୀ ମା' ମନ୍ଦିରରେ ପ୍ରତ୍ୟେକ ଦିନ ଅନ୍ନ ଭୋଗ ମିଳିବା ସହ ସହ ସନ୍ଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାଇଘର ବିଭିନ୍ନ ସଂଗଠନ ତଥା ଯୁବସମାଜ ସହଯୋଗ କରିଥିବା ବେଳେ ଆଜି ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ୍ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ବିଦ୍ୟୁତ ଆଘାତରେ ବୃଦ୍ଧାଙ୍କ ମୃତ୍ୟୁ, କ୍ଷତିପୂରଣ ଦାବିରେ ଧାରଣା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପବିତ୍ର ରଥଯାତ୍ରାରେ ଅଘଟଣ ଘଟିଛି। ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଅଞ୍ଚଳର ଲାବଣ୍ୟ କାଣ୍ଡି (୬୪)। ସୂଚନା ଅନୁସାରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡୁକି ଗ୍ରାମର ଶିବ କାଣ୍ଡି ଓ ପତ୍ନୀ ଲାବଣ୍ୟ ବାହାରକୁ ରାତ୍ର ୨ଘ ୩୦ମିନିଟ ସମୟରେ ପରିସ୍ରା କରିବାକୁ ଉଠିଥିବା ବେଳେ ରାତିରେ ବର୍ଷା, ପବନ ହୋଇ ପୂର୍ବରୁ ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଯାହାଫଳରେ ଛିଣ୍ଡି ପଡ଼ିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ଶରୀର ଅନେକ ସ୍ଥାନ ଜଳିଯାଇଥିବା ବେଳେ ପରିବାର ଲୋକ ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ଏ ଖବର ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇଁ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବିଜେପି ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ମାଣ୍ଡୁକି ସମିତି ସଭ୍ୟ ଗଗନ କାଣ୍ଡିଙ୍କ ସହ ଶତାଧିକ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚିଥିଲେ। ବିଦ୍ୟୁତ ତାରଟି ବିପଦ ସଂକୁଳ ଅବସ୍ଥାରେ ଥିବା ଘଟଣା ପୂର୍ବରୁ ସ୍ଥାନୀୟ ଲୋକ ବିଦ୍ୟୁତ ବିଭାଗକୁ ଜଣାଇଥିବା ବେଳେ କର୍ମଚାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁଁ ଅଳ୍ପ ପବନ ବର୍ଷା ଯୋଗୁଁ ବିଦ୍ୟୁତ ତାର ଛିଣ୍ଡି ଅକାଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତ ଲାବଣ୍ୟ ଙ୍କ ପୁଅ ପ୍ରତାପ କାଣ୍ଡି ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ନାମରେ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲାବଣ୍ୟଙ୍କ ମୃତ୍ୟୁକୁ ନେଇ କ୍ଷତି ପୂରଣ ଦାବିରେ ଅସ୍ତରଙ୍ଗ ଉକୁଳେଇ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସାମ୍‌ନାରେ ଶତାଧିକ ଲୋକ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣା ପରେ ବିଦ୍ୟୁତ କାର୍ଯ୍ୟାଳୟ ସେକ୍ସନ ଇନଚାର୍ଜ ସନ୍ତୋଷ କୁମାର ବେଉରା ପହଞ୍ଚି ଧାରଣା ବସିଥିବା ଲୋକଙ୍କ ସହ କଥାବାର୍ତ୍ତା ହେବା ସହ ସରକାରୀ ନିୟମ ଅନୁଯାୟୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇ ଯାହା କ୍ଷତି ପୂରଣ ଅଛି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ରୁ ଲୋକେ ଉଠିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆଗଡ ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନୁପମା ମଲ୍ଲିକଙ୍କ ସହ ଅନ୍ୟ ପୋଲିସ ଉପସ୍ଥିତ ଥିଲେ। ଏ ନେଇ ଅସ୍ତରଙ୍ଗ ଥାନାରେ ୧୩୦/୨୫ନଂରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଶବ ବ୍ୟବଛେଦ ପାଇଁ ଚାରିଛକ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ମାଣ୍ଡୁକିରେ ପହଞ୍ଚି ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଭେଣ୍ଡିଂ ଜୋନ୍ କାମରେ ଲାଗୁନି, ଉଠା ଦୋକାନୀ ହତାଶ




♦ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ
♦ ଅସାମାଜିକଙ୍କ ଆଡ୍ଡସ୍ଥଳୀ ପାଲଟିଛି

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସହରାଞ୍ଚଳରେ ବସବାସ କରୁଥିବା ଉଠା ଦୋକାନୀ, ଶିକ୍ଷିତ ତଥା ଅର୍ଦ୍ଧଶିକ୍ଷିତ ଯୁବକ ଏବଂ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରାଯିବା ସହ କର୍ମସଂସ୍ଥାନ ଯୋଗାଇ ଦିଆଯିବା ଲକ୍ଷ୍ୟରେ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିବା ବେଳେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ଦୋକାନ ଘରଗୁଡିକ ସଂପ୍ରତି କଳଙ୍କି କବଳକୁ ଚାଲିଯାଇ ପରିତ୍ୟକ୍ତ ସ୍ଥିତିରେ ଥିବା ଅନୁସନ୍ଧାନରୁ ଜଣାପଡିଛି। ଏପରିକି ଆବଶ୍ୟକ ନଥାଇ ଏବଂ ସଠିକ୍ ସ୍ଥାନ ଚୟନ ନକରି ସହରର ଅନେକ ସ୍ଥାନରେ ଯଥା ବଡହଲ, ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଛି। ଏହି ଭେଣ୍ଡିଂ ଜୋନ୍‌କୁ ନେବାକୁ କେହି କ୍ଷୁଦ୍ର ବ୍ୟବସାୟୀ ଆଗ୍ରହ ପ୍ରକାଶ କରୁନଥିବାରୁ ଏଗୁଡିକ ଚାବି ପଡି ନଷ୍ଟ ହେବାକୁ ବସିଲାଣି। ଏହାବ୍ୟତୀତ ଅଧିକ ଚାହିଦା ଥିବା ସ୍ଥାନ ଯଥା ତେଲକୋଇ ବସଷ୍ଟାଣ୍ଡ, ମାଧପୁର ଛକ, ବାରିପଦା ବସ୍‌ଷ୍ଟପରେ ଅଧିକ ଦୋକାନ ଘର ନଥିବାରୁ ଦୋକାନ ଘର ପାଇବାକୁ ଅପେକ୍ଷା କରିଥିବା ଆଶାୟୀ ଯୁବଗୋଷ୍ଠୀ ନିରାଶ ହେଉଛନ୍ତି। କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ସହରର ଭାରତୀୟ ଷ୍ଟେଟ ବ୍ୟାଙ୍କ ପଛ ପାର୍ଶ୍ୱ, ଧରଣୀଧର ବିଶ୍ୱ ବିଦ୍ୟାଳୟ ସନ୍ନିକଟ, ବଡହଲ, ବଡବିଲ ବସଷ୍ଟପ୍ ଏବଂ ତେଲକୋଇ ବସ ରହଣୀସ୍ଥଳ ଆଦି ଠାରେ ଏକାଧିକ ଦୋକାନ ଘର ନିର୍ମାଣ କରିଥିଲେ। ପର୍ଯ୍ୟାୟକ୍ରମେ ଏହି ଦୋକାନ ଘର ଗୁଡିକ ଆଶାୟୀ ଯୁବଗୋଷ୍ଠୀ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଇଥିଲେ ହେଁ କେତେକ ଦୋକାନ ଘର ଏବେ ବି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ଏହାଛଡା ଏହି ଦୋକାନ ଘରଗୁଡିକ ଲୁହା ପ୍ଲେଟରେ ନିର୍ମାଣ କରାଯାଇଥିବାରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାନଯିବାରୁ ଏଥିରେ କଳଙ୍କି ଲାଗି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ଧରଣୀଧର ବିଶ୍ୱ ବିଦ୍ୟାଳୟ ଅନତି ଦୂରରେ ନିର୍ମାଣ କରାଯାଇଥିବା ଏହି ଦୋକାନ ଘରର ପଛପାଖ ଲଟାବୁଦାମୟ ହୋଇ ପଡିଥିବା ଦେଖିବାକୁ ମିଳିଛି। ଏହାଛଡା ବଡହଲ ଓ ଷ୍ଟେଟ ବ୍ୟାଙ୍କ ପଛ ପାଖରେ ଥିବା ଏକାଧିକ ଦୋକାନ ଘର ଅବ୍ୟବହୃତ ଅବସ୍ଥାରେ ପଡି ରହିଥିବାବେଳେ କେତେକ ଅସାଧୁ ବ୍ୟବସାୟୀ ଏହାକୁ ଭାଙ୍ଗି ମନଇଚ୍ଛା ଦୋକାନ କରି ବ୍ୟବସାୟ କରୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ପରିତ୍ୟକ୍ତ ସ୍ଥିତିରେ ଥିବା କେତେକ ଦୋକାନ ଘରେ ପୌର କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଅସାମାଜିକ ଯୁବକମାନେ ସେଠାରେ ନିଶା କାରବାର ଏବଂ ସେବନ କରୁଥିବା ଜଣାପଡିଛି। କେନ୍ଦୁଝରଗଡ ପୌରପାଳିକାର ୧୫ନମ୍ବର ୱାର୍ଡର ମାଧପୁର ଠାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା) ଯୋଜନାରେ ୮ ଟି ଭେଣ୍ଡିଂଜୋନ ଉଦ୍ଘାଟନ ହେବାର ବର୍ଷେ ପରେ ବି ଖାଲି ପଡିଛି। ତେବେ ବିଭାଗର ଦୂରଦୃଷ୍ଟି ଅଭାବରୁ ଅନେକ ସ୍ଥାନରେ ଭେଣ୍ଡିଂଜୋନ ଅବ୍ୟବହୃତ ହୋଇ ଆବଣ୍ଟିତ ନହୋଇ ପଡି ରହିଛି। ଫଳରେ ଏସବୁ ଭାଙ୍ଗିରୁଜି ନଷ୍ଟ ହୋଇ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ଘଟୁଛି। ସଠିକ୍ ସ୍ଥାନ ଚୟନ ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ମତପ୍ରକାଶ ପାଇଛି। ଏଭଳି ଧରଣୀଧର ବିଶ୍ୱ ବିଦ୍ୟାଳୟ ନିକଟ ଗମ୍ଭାରିଆରେ ଉଠା ଦୋକାନୀମାନଙ୍କୁ ଥଇଥାନ ପାଇଁ ୧୨ଟି ଭେଣ୍ଡିଂଜୋନ ଦୋକାନ ନିର୍ମାଣ ହୋଇଥିଲା। ସେଥିରୁ ୭ଟି ଘର ବ୍ୟବହାର ନହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ସେଠାରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବହୁ ବ୍ୟବସାୟୀ ଘର ନେଇ ଖୋଲୁନାହାଁନ୍ତି ଏବଂ ଆଉ କେତେକ ଭଡାରେ ଲଗାଇ ଲାଭବାନ ହେଉଛନ୍ତି। ସେହିପରି କେତେକ ଭେଣ୍ଡିଂ ଜୋନରେ ଉପଯୁକ୍ତ ତଦାରଖ ଅଭାବରୁ ଭଡା ନଲାଗି ନଷ୍ଟ ହେବାକୁ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ ଘରଗୁଡିକ ଭାଙ୍ଗି ଗଲାଣି। ଭେଣ୍ଡିଂ ଜୋନ ଭଡାରେ ଦିଆଯାଉ ନଥିବାରୁ ବହୁ ସ୍ଥାନରେ କ୍ଷୁଦ୍ର ବ୍ୟବସାୟୀମାନେ ଫୁଟପାଥ୍ ଜବରଦଖଲ କରୁଛନ୍ତି ଫଳରେ କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ କେନ୍ଦୁଝରଗଡ ପୌରନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ଭଡ଼ା ଦିଆଯାଇ ନଥିବା ଭେଣ୍ଡିଂ ଘର ଆବଣ୍ଟନ କରାଯିବ ଏବଂ ଆଗାମୀ ଦିନରେ କେନ୍ଦୁଝର ସହରର କିଛି ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯାଇ ମାର୍କେଟ କଂପ୍ଲେକ୍ସ କରାଯାଇ ଭଡ଼ାରେ ଦିଆଯିବାର ଯୋଜନା ରହିଛି।

## ଶନି ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ଛତ୍ରପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର କରପଡା ଗ୍ରାମରେ ଥିବା ଶନି ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ନିକଟରେ ଲୋକକଳା ଓ ଲୋକାନୃତ୍ୟକୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଯୁବ ସମାଜସେବୀ ତଥା ମା' ରାମଚଣ୍ଡୀ ପୀଠର ସଂଯୋଜକ କମଳ ପଣ୍ଡା ଓ ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ (ମହାରାଜ) ଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କରପଡା ସରପଞ୍ଚ ଅଜୟ ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ନାୟକ, ସମାଜସେବୀ ରାମ ନାୟକ, ଗ୍ରାମ ଅଧିକାରୀ ଦିବାକର ନାୟକ, ମାଁ ରାମଚଣ୍ଡୀ ପୂଜା କମିଟିର କୁଞ୍ଜ ନାୟକ, ନାରାୟଣ ଚର୍ତ୍ତୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶନି ମନ୍ଦିର କମିଟି ସଦସ୍ୟମାନେ ସହଯୋଗ କରିଥିଲେ।


## 'ପ୍ରକୃତି ବନ୍ଧୁ' ଜେନାମଣିଙ୍କ ଦ୍ୱାରା ୨ଶହ ତାଳମଞ୍ଜି ରୋପଣ




ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲାରେ ତାଳ ମଣିଷ ଭାବେ ପରିଚିତ 'ପ୍ରକୃତି ବନ୍ଧୁ' ଜେନାମଣି ବଳ ଓ ତାଙ୍କ ସହଯୋଗୀମାନେ ଆଜି ୨୦୦ ତାଳ ମଞ୍ଜି ରୋପଣ କରିଛନ୍ତି। ଆଜି ଜେନାମଣିଙ୍କ ନେତୃତ୍ୱରେବିଜୟ କୁମାର ଯେନା, ଗୋପିନାଥ ଯେନା, ଯୁଗଳ କିଶୋର ଦାସ, ଡେରାବିଶ ବ୍ଲକର ଦାନପୁର ପଂଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ଶାଖାନାଳ ନଂ-୧୩(ହାପ)ର ବାମପାର୍ଶ୍ୱ ବନ୍ଧରେ ଏହି ତାଳ ମଞ୍ଜି ରୋପଣ କରିଛନ୍ତି। ସୂଚନାଯୋଗ୍ୟ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ତାଳ ମଣିଷ ଭାବେ ପରିଚିତ ଜେନାମଣି ଦୀର୍ଘ ୨୦୧୧ ମସିହା ଠାରୁ ଚାରାରୋପଣ କରି ଆସୁଛନ୍ତି। ସେ ତାଙ୍କ ପଂଚାୟତ ସମେତ ନିକଟସ୍ଥ ପଂଚାୟତ ମାନଙ୍କରେ ରହିଥିବା ବିଭିନ୍ନ କେନାଲ ବନ୍ଧ କଡ଼, ଶ୍ମଶାନ, ଗୋଚର, ରାସ୍ତା କଡ଼ ଓ ଖାଲି ସ୍ଥାନମାନଙ୍କରେ ବିଭିନ୍ନ ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରି ତା'ର ଯତ୍ନ ନେଇଥାନ୍ତି। ଏପରିକି ବଜ୍ରାଘାତରୁ ତାଳଗଛ ସୁରକ୍ଷା ଦେବ ବୋଲି ସରକାରୀ ଭାବେ ଘୋଷଣା ହେବାର ଢେର ବର୍ଷ ପୂର୍ବରୁ ଜେନାମଣି ଲୁଣା ନଦୀବନ୍ଧ କଡ଼ରେ ବନ୍ୟା ଦାଉରୁ ନଦୀ ବନ୍ଧ ଓ ପରିବେଶ ସୁରକ୍ଷା ନିମନ୍ତେ ଶହ ଶହ ତାଳଗଛ ସୃଷ୍ଟି କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ସରକାରଙ୍କ ପକ୍ଷରୁ 'ପ୍ରକୃତି ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯିବା ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି।

## ରାଶିଫଳ


ଶନିବାର, ୨୮ ଜୁନ୍ ୨୦୨୫



**ମେଷ:** ବ୍ୟବସାୟକୁ ବଢାଇବା ପାଇଁ ମନକୁ ନୂଆ ନୂଆ ବିଚାର ଆସିବ। ଚାକିରିରେ କର୍ମ ତତ୍ପର ରହି ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିବେ। ଯାନବାହନ କରିବାରେ ଆଗ୍ରହ ବଢିବ। ମହିଳାମାନେ କୌଣସି କଥାରେ ମନରେ ବ୍ୟାକୁଳତା ଅନୁଭବ କରିବେ।




**ବୃଷ:** ଜୀବନସାଥୀଙ୍କ ସହିତ ମଧୁର ସମ୍ବନ୍ଧ ରହିବ। ବିଦ୍ୟାର୍ଥୀମାନେ ଏକାଗ୍ରତା ରକ୍ଷା କରିବେ। ବ୍ୟବସାୟରେ ଲାଭପ୍ରଦ ହେବେ। ସୌଖିନ ଦ୍ରବ୍ୟ ସଂଗ୍ରହ କରିବେ। ଶତ୍ରୁମାନେ ଆପଣଙ୍କୁ ମାଲିମକଦ୍ଦମାରେ ପକାଇ ଖର୍ଚ୍ଚାନ୍ତ କରିପାରନ୍ତି।



**ମିଥୁନ:** ପରିବାରରେ ଆନନ୍ଦ ଉଲ୍ଲାସର ପରିବେଶ ରହିବ। ସଭା ସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଯିବ। ଆବଶ୍ୟକୀୟ ଜିନିଷ ପାଇଁ ଅତ୍ୟଧିକ ବ୍ୟୟ କରିପାରନ୍ତି। ଶତ୍ରୁମାନେ ପରାଜିତ ହେବେ ଏବଂ ସରକାରୀ ସହାୟତା ପାଇବେ।




**କର୍କଟ:** କର୍ମ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିବେ। ସାମାଜିକ ସହଯୋଗ ଲାଭ କରିବେ। ଶିକ୍ଷାକ୍ଷେତ୍ରରେ କୌଣସି ଶୁଭ ସମାଚାର ମଧ୍ୟ ମିଳିପାରେ। ଗୃହିଣୀମାନେ ଗୃହପୋକରଣ ସଂଗ୍ରହ କରିପାରନ୍ତି। ଅଯଥା ବିବାଦ ଭିତରକୁ ଟାଣି ହୋଇଯାଇପାରନ୍ତି।



**ସିଂହ:** ବ୍ୟବସାୟୀମାନେ ଭାଗିଦାରୀ ବ୍ୟବସାୟ କରିବେ। ଛାତ୍ରୀଙ୍କୁ କୌଣସି ଅଭିଜ୍ଞ ବ୍ୟକ୍ତିଠାରୁ ଭଲ ପରାମର୍ଶ ମିଳିବ। ଆପଣ ଅଭିଜ୍ଞତା ଅର୍ଜନ କରିବେ ଯାହା ଫଳପ୍ରଦ ଏବଂ ମୂଲ୍ୟବାନ ପ୍ରମାଣିତ ହେବ। ପ୍ରତ୍ୟେକ ବାଧାବିଘ୍ନକୁ ଦୂର କରିବାରେ ସକ୍ଷମ ହେବେ।




**କନ୍ୟା:** ନିଜ ଲୋକଙ୍କୁ ବୃଥା ସନ୍ଦେହ କରି ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟକୁ ନେଇ ଭଲ ଚୁକ୍ତି ହେବାର ସମ୍ଭାବନା ରହିଛି। ସନ୍ତାନ ଚିନ୍ତା ଦେଖା ଦେଇପାରେ। ଅଫିସରୁ ଆସିଲାବେଳେ ନିଜ ମନ ପସନ୍ଦର ଜିନିଷ ଟିଏ କିଣିକି ଆଣିବାରେ ସମର୍ଥ ହେବେ।




**ତୁଳା:** ପରିବାରରେ ଚିନ୍ତା ବଢିପାରେ। ଚାକିରି କ୍ଷେତ୍ରରେ ପ୍ରାଧାନ୍ୟ ହ୍ରାସ ପାଇବେ। ମୋହରେ ପଡି ଅପଦସ୍ତ ହେବେ। କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କ ସହଯୋଗରେ ସଫଳତା ମିଳିବ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ସଫଳତା ଲାଭ କରିବେ।



**ବିଛା:** କର୍ମକ୍ଷେତ୍ରରେ ପରିଶ୍ରମର ଭଲ ପରିମାଣ ପାଇବା ସହିତ ଉଚ୍ଚପଦ ପଦବୀ ପାଇବାରେ ସଫଳ ହେବେ। ଅଯଥା ଖର୍ଚ୍ଚରୁ ନିଜକୁ ରୋକିବାକୁ ହେବ। କ୍ୟାରିୟରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବେ। ସରକାରୀ ସ୍ତରରେ କେତେକ ସୁବିଧା ପାଇବା ହେତୁ ଖୁସି ରହିବେ। ଦୁର୍ଘଟଣାର ଶିକାର ହୋଇପାରନ୍ତି।




**ଧନୁ:** କୌଣସି କାର୍ଯ୍ୟରେ ସଫଳତା ହାସଲ କରିବେ। ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁ ମେଳରେ ଆନନ୍ଦ ଅନୁଭବ କରିବେ। ଆପଣଙ୍କର କ୍ରୀଡା କାର୍ଯ୍ୟକଳାପକୁ ପୁନଃ ଆରମ୍ଭ କରିବା ପାଇଁ ଚେଷ୍ଟା କରିବେ। ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି।



**ମକର:** ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ଦେଖାକରିବାକୁ ଯୋଜନା କରିପାରନ୍ତି। ବୈବାହିକ ଜୀବନ ସବୁଠୁ ଉତ୍ତମ ରହିବ। ନୂତନ ଆୟର ପନ୍ଥା ଖୋଲିଯିବା ସହ ଉତ୍ତମ ରୋଜଗାର ହେବ। ଘରକୁ ଜିନିଷ କିଣି ଅଧିକ ପଇସା ଖର୍ଚ୍ଚ କରିପାରନ୍ତି। ଶିକ୍ଷାର୍ଥୀମାନେ ପଥ ଭ୍ରଷ୍ଟ ହୋଇ ପାରନ୍ତି। ପଡ଼ୋଶୀ ସବୁ ପାସୋରି ବନ୍ଧୁତାର ହାତ ବଢାଇବେ।



**କୁମ୍ଭ:** ଆୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ସହିତ ମିଶି ଏକତ୍ର ଭୋଜନ କରିବେ। ଚାକିରି ଖୋଜୁଥିବା ଲୋକଙ୍କୁ ଭଲ ଚାକିରି ମିଳିବ। ଆପଣଙ୍କର ତୀବ୍ର ବୁଦ୍ଧି ପାଇଁ ପୁରସ୍କାର ମିଳିବା ଯୋଗ ଅଛି। ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ଲାଭ କରିବେ।



**ମୀନ:** ବାଣିଜ୍ୟ ବ୍ୟବସାୟ ମଧ୍ୟମ ଧରଣର ରହିବ। ପ୍ରେମ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ମାଲିମକଦ୍ଦମା ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୀତିରେ କୌଣସି କାମକୁ ହାତକୁ ନେବେ। ମହିଳାମାନେ ଇଶ୍ୱର ବିଶ୍ୱାସି ହେବେ। ପଛ କଥା ପଛରେ ପକାଇ ଏହି ସମୟର ସଦୁପଯୋଗ କରିପାରିଲେ ଭଲ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗଡ, ନବରଙ୍ଗପୁର ପ୍ରାଙ୍ଗଣରେ "International Day Against Drug Abuse and Illicit Trafficking" ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ସେବନ ଠାରୁ କିପରି ଦୂରେଇ ରହିବେ ସେ ବିଷୟରେ ଆଲୋକପାତ କରିଥିଲେ। ମଳୟ ପ୍ରଭାଳିନୀ ସାହୁ, ଔଷଧ ନିରିକ୍ଷକ, ନବରଙ୍ଗପୁର ଛାତ୍ରଛାତ୍ରୀ ମାନଙ୍କୁ ନିଶାଦ୍ରବ୍ୟ ବିଷୟରେ ଥିବା ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ରୂପେ ପ୍ରସନ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ଏଲଏଡ଼ିସିଏସ., ନବରଙ୍ଗପୁର, ରାଖୀ ଜୈନ, ସହାୟକ ସଚିବ, ଏଲଏଡ଼ିସିଏସ, ନବରଙ୍ଗପୁର ଓ ପ୍ରଭଞ୍ଜନ ତ୍ରିପାଠୀ, ଶିକ୍ଷକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରଯାଇଥିଲା ।

# ନାରୀ ନିର୍ଯାତନା ବିରୁଦ୍ଧରେ ବିକ୍ଷୋଭ




ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଓ ରାଜ୍ୟରେ ବଢୁଥିବା ମହିଳା ନିର୍ଯାତନା ବିରୁଦ୍ଧରେ ନବରଙ୍ଗପୁର ମହାବିଦ୍ୟାଳୟ ସମ୍ମୁଖରେ ଏବଂ ଉମରକୋଟ ପେଣ୍ଡ୍ରାଣି ମହାବିଦ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ପ୍ରତିବାଦ ସଭାରେ ବିଜେଡିର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ଶ୍ରୀ ପ୍ରଦୀପ ମାଝୀ, ନବରଙ୍ଗପୁରର ପୂର୍ବତନ ବିଧାୟକ ଶ୍ରୀ ସଦାଶିବ ପ୍ରଧାନୀ, ଯୁବନେତା ତାପସ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଅରୁଣ ମିଶ୍ରଙ୍କ ସମେତ ବିଜେଡିର ଦୟାନିଧି ବିଶୋଇ, ସୁମିତ ପୂଜାରୀ,ସୀମାଞ୍ଚଳ ପାଢ଼ୀ, ନନ୍ଦ ନାୟକ, ସଦନ ଗୌଡ଼ ସମେତ, ମହିଳା ବିଜେଡି ସଭାନେତ୍ରୀ କୌଶଲ୍ୟା ପ୍ରଧାନୀ, ମଞ୍ଜୁଳା ମାଝୀ ସମେତ ଶତାଧିକ ମହିଳା କର୍ମୀ ଓ ଯୁବ ବିଜେଡି ଛାତ୍ର ଉପସ୍ଥିତ ରହି ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ଡବଲ ଇଞ୍ଜିନ ସରକାରଙ୍କ ଉପରେ ବର୍ଷିଥିବା ଦେଖିବାକୁ ମିଳିଛି।

# ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର କୁପରିଣାମ ଉପରେ ସଚେତନତା



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ମେ ୩୧ ତାରିଖରୁ ଆରମ୍ଭ ହୋଇଥିବା ବିଭିନ୍ନ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର ବ୍ୟବହାର ଓ କୁ ପରିଣାମ ଉପରେ ବିଶେଷ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜୁନ ମାସ ଆଜି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସଚେତନ ପଦଯାତ୍ରା ଏବଂ ଗଣଦୌଡ ପୋଲିସ ପଡିଆ ଠାରୁ ଆରମ୍ଭ ହୋଇ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଯାଏଁ ବିଭିନ୍ନ ନିଶା ନିବାରଣ ନାରା ଦେଇ ଯାଇଥିଲା।ଏହି ସଚେତନ ଯାତ୍ରାକୁ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର , ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ୍ ,ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ, ଡିଆଇପିଆର୍ ଓ ମନୋଜ କୁମାର ବେହେରା, ଡିଏସଏସ ଓ ସୁଧାଂଶୁ ପାତ୍ରଙ୍କ ସହ ପୋଲିସ, ସିଆର୍‌ପିଏଫ୍ ଯବାନ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଜନସାଧାରଣ ସଚେତନତା ପଦ ଯାତ୍ରାରେ ସାମିଲ ହୋଇଥିଲେ। ଗଣଦୌଡ ପରେ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ଅବକାରୀ ଅଧିକ୍ଷକଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟବକ୍ତା ରୂପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ନବରଙ୍ଗପୁର ଶିଶୁ ପ୍ରକଳ୍ପ ଅଧିକାରୀ ମିନତି ନାୟକ, ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରୁ ଭଉଣୀ ଗୀତାଞ୍ଜଳି, ଆକାଶ ସଂସ୍ଥାରୁ ପ୍ରେମ ମହାନ୍ତି ,ଜିଲ୍ଲା ଭିନ୍ନକ୍ଷମ ପୁନଃଥଇଥାନ କେନ୍ଦ୍ର ଅଧିକାରୀ ବିଭୁଦତ୍ତ ସେଠୀ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପଟ୍ଟନାୟକ ଅବକାରୀ ଉପଅଧିକାରୀ ଦିଲୀପ କୁମାର ରଥ ମଞ୍ଚାସୀନ ହୋଇ ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ। ନିଶା ଏକ ସାମାଜିକ ବ୍ୟାଧି ରୂପରେ ଉଗ୍ର ରୂପ ଧାରଣ କରିଛି ଏବଂ ଏହାର ନିରାକରଣ ନିମିତ୍ତ ସଚେତନତା ସହ ବ୍ୟାପକ ଧରପଗଡ଼ ଉପରେ ମତ ପ୍ରକାଶ ପାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରା ଯାଇଥିଲା ଅବକାରୀ ବିଭାଗ ତରଫରୁ ରକ୍ତ ଦାନ ଶିବିରରେ ରକ୍ତ ଦେଇଥିବା ବ୍ୟକ୍ତିଙ୍କୁ ପ୍ରମାଣ ପତ୍ର ଦେଇ ସମ୍ମାନିତ କରା ଯାଇଥିଲା। ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ବିଭାଗ ରୁ ଧନୁର୍ଜୟ ରଓ , ବୃନ୍ଦାବନ, ମିଥୁନ, ସାନୁ, ପୀତବାସ, ସକୁନ୍ତଳା ସହିତ ଅବକାରୀ ବିଭାଗରୁ ସ୍ୱର୍ଣ୍ଣଲତା, ବୃନ୍ଦାବନ, ବିଘ୍ନରାଜ, ସମୀର , ପ୍ରଭୃତି ଯୋଗ ଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ନିଶା ନିବାରଣ ଉପରେ ଶପଥ ପାଠ କରା ଯାଇଥିଲା ।

# ଡିସିସି ବୈଠକ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ମିଶନଶକ୍ତି ହଲ ଠାରେ ଆର୍ଥିକ ଶେଷ ବର୍ଷର ଡିସିସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିଡିଓ ବିରଞ୍ଚି ନାରାୟଣ ଦର୍ବାନ, ଜିଲ୍ଲା ମୁଖ୍ୟ ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା,ଏଫଏଲସି କୋର୍ଡ଼ିନେଟର ହରିନାଥ ପଣ୍ଡା ପ୍ରମୁଖଙ୍କ ସହ ବ୍ୟାଙ୍କ କର୍ମଚାରୀ ଓ ସମ୍ପୃକ୍ତ କର୍ମଚାରୀ, ଧାନ ଫାଉଣ୍ଡେସନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏବଂ ୨୦୨୫ -୨୦୨୬ ନୂତନ ଆର୍ଥିକ ବର୍ଷର ଋଣ ସମ୍ବନ୍ଧୀୟ ଯୋଜନାର ଉନ୍ମୋଚନ କରାଯାଇଥିଲା। ଏଠାରେ ସମସ୍ତ ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ବ୍ୟାଙ୍କର କର୍ମଚାରୀମାନେ ନିଜର କାର୍ଯ୍ୟ ବିବରଣୀ ଦର୍ଶାଇଥିଲେ। ଜିଲ୍ଲାପାଳ ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ହିତାଧିକାରୀଙ୍କ ଯେକୌଣସି ଅଭିଯୋଗ ତଥା ଋଣ ସମ୍ବନ୍ଧୀୟ ଫାଇଲ ତ୍ୱରାନ୍ୱିତ କରିବା ପାଇଁ ଉପଦେଶ ଦେଇଥିଲେ । ଆଗାମୀ ବର୍ଷରେ ଋଣ ସମ୍ବନ୍ଧୀୟ ସମସ୍ତ ଲକ୍ଷ୍ୟ କିପରି ପୂରଣ କରା ଯାଇପାରିବ ସେ ନେଇ ପୂର୍ବ ପ୍ରସ୍ତୁତି ଯୋଜନା କରାଯାଇଥିଲା । ଅନ୍ୟ ପକ୍ଷରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ଦିଗରେ ଅବଗତ କରେଇଥିଲେ । ପ୍ରତି ଲୋକ କିପରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବା ସହ ତାର ଲାଭ ଉଠେଇ ପାରିବେ ସେ ନେଇ ମଧ ଆଲୋଚନା ହୋଇଥିଲା ।

# ଆନ୍ତର୍ଜାତୀୟ ଡ୍ରଗ୍ସ, ନିଶା ନିବାରଣ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ




ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ଜୁନ ୨୬ ତାରିଖକୁ ଆନ୍ତର୍ଜାତୀୟ ଡ୍ରଗସ, ନିଶା ବିବରଣ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ କରି ଆମ ସଂକଳ୍ପ ନିଶା ନୁହେଁ ଜୀବନ ନେଇ ବିଭିନ୍ନ ସ୍ଲୋଗାନ ଦେଇ ଖଡ଼ିଆଳ ସହର ବାସୀଙ୍କୁ ସଚେତନ କରିଥିଲେ । ଏଥିରେ ଖଡ଼ିଆଳ ବିଡ଼ିଓ ନରସିଂ ଗଡ଼ବା, ସମାଜ ସେବୀ ଅକ୍ଷୟ ନନ୍ଦ ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ ଅଲେଖ ପୁଟେଲ, ବରିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା, ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏ ଏସ ଆଇ ଅମରନାଥ ବିଶୋଇ, ସମେତ କନଷ୍ଟେବଲ ବୈଜୟନ୍ତୀ ଶବର, ପ୍ରଭାତ ନାୟକ ପ୍ରମୁଖଙ୍କ ସମେତ ବ୍ଲକ କର୍ମଚାରୀ, ଏନ ଏ ସି କର୍ମଚାରୀ ତଥା ଜନ ପ୍ରତିନିଧିମାନେ ସାମିଲ ହୋଇଥିଲେ ।

# ନବ ନିର୍ମିତ ଶବଦାହ କକ୍ଷ ଓ ରାସ୍ତା ଲୋକାର୍ପିତ



ବେଲପାହାଡ,( ଭାସ୍କର ନ୍ୟୁଜ୍ ): ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବେଲପାହାଡ଼ ପୌରାଞ୍ଚଳର ମହିମା ଛକଠାରେ ନବ ନିର୍ମିତ ଆଦର୍ଶ ସ୍ୱର୍ଗଦ୍ୱାର ଓ ବେଲପାହାଡ଼ ଶନି ମନ୍ଦିରରୁ ଛୁଆଲିବେର୍ଣ୍ଣା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପ୍ରଭୃତି ଦୁଇଟି ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ରାଜ୍ୟ ସରକାରଙ୍କ ଉନ୍ନତି ପାଣ୍ଠି ଯୋଗେ ୧ କୋଟି ୯ ଲକ୍ଷରୁ ଅଧିକ ବ୍ୟୟ ଅଟକଳ ରାଶି ଯୋଗେ ଆଦର୍ଶ ସ୍ୱର୍ଗଦ୍ୱାର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ବାହ କରାଯାଇଛି। ସେହିପରି ଜିଲ୍ଲା ଖଣିଜ ପାଣ୍ଠି ଯୋଗେ ୪୦୪.୬୨ ଲକ୍ଷ ବ୍ୟୟ ଅଟକଳ ରାଶି ଯୋଗେ ଶନି ମନ୍ଦିରରୁ ଛୁଆଲିବେର୍ଣ୍ଣା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ନିର୍ବାହ କରାଯାଇଛି। ଯାହା ବେଲପାହାଡ଼ ବାସୀଙ୍କ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା। ଇତି ମଧ୍ୟରେ ଏହି ଦୁଇଟି ବୃହତ ସମସ୍ୟାର ଅନ୍ତ ଘଟିଛି। ଏଥିରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହିତ ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ, ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ପୂର୍ତ୍ତ ବିଭାଗର ଅଧିକ୍ଷକ ଯନ୍ତ୍ରୀ ସତ୍ୟବାନ ପଟେଲ, କାଉନସିଲର କହ୍ନେଇ ଚରଣ ସେଠ, ବିଜୟ ପ୍ରଧାନ, ଦୀପକ ଭଇଁଶାଲ, ସୁନନ୍ଦା ପସାୟତଙ୍କ ସମେତ ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି, ତପନକାନ୍ତ ଜେନା, ସଞ୍ଜୟ ସିଂ, ମଙ୍ଗଳ ସାହୁ, ପ୍ରଚଣ୍ଡ ଜୟସ୍ୱାଲ, ରମେଶ ଜୟସ୍ୱାଲ, କ୍ଷୀତିଭୂଷଣ ପଧାନ, ମୋନାଲିସା ମୋଦକ, ସମୀର ମିଶ୍ର, ବିପ୍ଳବ ଅଗ୍ରଓ୍ୱାଲ, ଆରତୀ ରାଏ, ମଞ୍ଜରୀ ପୃଷ୍ଟି ପ୍ରମୁଖ ସାମିଲ ରହିଥିଲେ।

## କୋଟିଆରେ ରଥ ଟାଣିବେ ରାଜସ୍ୱ ମନ୍ତ୍ରୀ

କୋରାପୁଟ(ଭାସ୍କର ନ୍ୟୁଜ୍): କୋଟିଆ ରଥଯାତ୍ରାରେ ଯୋଗଦେବା ପାଇଁ ଆସୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ପଟାଙ୍ଗି ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଜିଲ୍ଲାପାଳ ଭି. କୀର୍ତି ଭାସନ, ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ କୋଟିଆ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରଥମ ଥର ପାଇଁ କୋଟିଆ ରଥଯାତ୍ରାରେ ସାମିଲ ହେବେ ମନ୍ତ୍ରୀ । ରାଜସ୍ୱ ମନ୍ତ୍ରୀ ଶ୍ରୀପୂଜାରୀଙ୍କ ସମେତ ଏକାଧିକ ମନ୍ତ୍ରୀ ରଥ ଟାଣିବାର ଯୋଜନା ଥିବା ସୂଚନା ମିଳିଛି। ପୁରୀ ରଥଯାତ୍ରାର ଗୋଟିଏ ଦିନ ପରେ କୋଟିଆରେ ରଥଯାତ୍ରା ପାଳିତ ହୋଇଥାଏ। ଚଳିତ ବର୍ଷ ଶନିବାର କୋଟିଆରେ ମହାଆଡମ୍ବରେ ରଥଯାତ୍ରା ଅନୁଷ୍ଠିତ ହେବ। କୋଟିଆ ରଥଯାତ୍ରା ପାଇଁ କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯିବ । କୋଟିଆ ରଥଯାତ୍ରାରେ ପଟାଙ୍ଗି ବ୍ଲକ ସମେତ ସୀମାନ୍ତବର୍ତ୍ତୀ ଆନ୍ଧ୍ରର ଶ୍ରଦ୍ଧାଳୁମାନେ ଯୋଗଦେଇଥାନ୍ତି । ବିବାଦ ଭୁଲି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୋଟିଆ ରଥଯାତ୍ରାରେ ସମସ୍ତେ ସାମଲି ହୋଇଥାନ୍ତି। କୋଟିଆକୁ ନେଇ ଓଡିଶା ଆନ୍ଧ୍ର ଭିତରେ ଅନେକ ବର୍ଷ ଧରି ତିକ୍ତତା ଲାଗି ରହିଛି। ଏପରିସ୍ଥିତିରେ କୋଟିଆ ରଥଯାତ୍ରାରେ ରାଜସ୍ୱ ମନ୍ତ୍ରୀଙ୍କ ଯୋଗଦାନ କୋରାପୁଟବାସୀଙ୍କ ମନରେ ଉତ୍ସାହ ଭରିଛି ।

# ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଦିବସ ବ୍ରଜରାଜନଗରରେ ପାଳିତ ହୋଇଯାଇଛି। ଏହି କ୍ରମରେ ଇଏସଆଇ ଛକ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ଭାବେ ବିଭିନ୍ନ ସଂଗଠନ, ସଂସ୍ଥା, ରାଜନୈତିକ ଦଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ସାଧାରଣ ଜନତା ମାଲ୍ୟାର୍ପଣ କରି ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମ୍ବାଦିକ ସଂଗ୍ରାମ ସାଏଙ୍କ ଅଧତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉପନ ଚରଣ ସାହୁ, ବିଜୟ ବରାଡ଼, ସଞ୍ଜୟ ବାହୁବଳେନ୍ଦ୍ର, ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ରଞ୍ଜନ ସିଂହ, ଅକ୍ଷୟ ମିଶ୍ର, ନବୀନ ପାଙ୍ଗଯୋଶୀ, ଜିତେନ୍ଦ୍ର ସାହୁ, ସୁବ୍ରତ ବସ୍ତିଆ, ଶଙ୍କର ତାଣ୍ଡି, ସୁରଜ କଣ୍ଟା, ସୁଦାମ ସାହୁ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଏବଂ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ନିଶା ନିବାରଣ କେନ୍ଦ୍ର ଅନ୍ତେବାସୀ ଓ କର୍ମଚାରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। କୋରାପୁଟ ଜିଲ୍ଲାପାଳ ଭି .କୀର୍ତିଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ପରେ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ କର୍ମଶାଳା, ନିଶା ସେବନ ବିରୋଧରେ ନାଟକ ପରିବେଷଣ ଏବଂ ପ୍ରଜାପତି ବ୍ରହ୍ମକୁମାରୀ ପକ୍ଷରୁ ଆଧ୍ୟାତ୍ମିକ ସଭା ହୋଇଥିଲା । ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଡିପିଏଚଓ ଡ. ଶିବସାଇ ସ୍ୱରୁପ, ପ୍ରଜାପିତା ବ୍ରହ୍ମକୁମାରୀ ଜିଲ୍ଲା ମୁଖ୍ୟ ସୁଶ୍ରୀ ସ୍ୱର୍ଣ୍ଣ, ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୧୨ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସାମାଜିକ ସୁରକ୍ଷା ଓ ଅବକାରୀ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କନିଷ୍ଠ ଯନ୍ତ୍ରୀ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ଉମରକୋଟ(ଭାସ୍କର ନ୍ୟୁଜ୍): ଗ୍ରାମବାସୀଙ୍କ ବହୁ ଦିନର ସମସ୍ୟା ଦୂର କରିଛନ୍ତି କିଛି ସାମ୍ବାଦିକ, ଖବର ପ୍ରସାରଣ କରିବା ପରେ କନିଷ୍ଠ ଯନ୍ତ୍ରୀ ତତ୍ପରତା ଦେଖାଇ ଗ୍ରାମର ସମସ୍ୟା ଦୂର କରିଥିଲେ। ଏହା ଦେଖି ଗ୍ରାମବାସୀ ଏକତ୍ରିତ ହୋଇ କନିଷ୍ଠ ଯନ୍ତ୍ରୀ ଓ ସାମ୍ବାଦିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବୁର୍ଜା ଗ୍ରାମରେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଏହି ଗ୍ରାମର ଟାଓ୍ୱାର ସାହି, ଚନ୍ଦ୍ର ସାହି, ଗାଉଁଟିଆ ସାହିରେ ପାଣିର ସମସ୍ୟା ରହିଥିଲା। ଏହି ସାହି ବାସିନ୍ଦା ଗ୍ରାମରେ ଥିବା ଚର୍ଚ୍ଚ ପରିସରରେ ଏକ ନଳକୂଅ ଉପରେ ଭରସା କରୁଥିଲେ। ଏହା ଦେଖି ଦିନେ ଉମରକୋଟର କିଛି ସାମ୍ବାଦିକ ଜୀତେନ୍ଦ୍ର କୁମାର ଦାଶ, ଶଙ୍କର ପ୍ରସାଦ ତୁରୁକ, ମନୋଜ ନାୟକ, ବନସିଂ ଗଣ୍ଡ, ଅନୁପ ବାରିକ, ଅଭିଷେକ ବେହେରା ଗ୍ରାମକୁ ଯାଇ ପାଣି ସମସ୍ୟାକୁ ନେଇ ଖବର ପ୍ରସାରଣ କରିଥିଲେ। ଖବର ପ୍ରସାରଣ ପରେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ପଂଚାୟତିରାଜ ପାନୀୟ ଜଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ଶରତ ବେହେରାଙ୍କୁ ଅବଗତ କରିବାରୁ କନିଷ୍ଠ ଯନ୍ତ୍ରୀ ତୁରନ୍ତ ବୁର୍ଜା ଗ୍ରାମକୁ ଯାଇ ଦୁଇଟି ନଳକୂଅ ଖୋଳି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିଛି ଦିନ ପରେ ଗ୍ରାମରେ ଦୁଇଟି ନଳକୂଅ ଖୋଳାଯାଇଥିଲା। ଏହା ଦେଖି ଗ୍ରାମବାସୀଙ୍କ ମୁହଁରେ ହସର ଲହରୀ ଖେଳିଯାଇଥିଲା ।ଗ୍ରାମର ବହୁ ଦିନର ସମସ୍ୟା ଦୂର ହେବାରୁ ଆଜି ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ଓ ଖବର ପ୍ରସାରଣ କରିଥିବା ସାମ୍ବାଦିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ !

# ଡେକ୍ରାଜୋଡ଼ି ପର୍ଯ୍ୟଟନ କ୍ଷେତ୍ର ପ୍ରତି ପ୍ରଶାସନିକ ଅବହେଳା

## ଜରାଜୀର୍ଣ୍ଣ ଓ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡ଼ିଛି ବିଭିନ୍ନ ସାମଗ୍ରୀ





ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଭେଜାଙ୍ଗୱାଡ଼ା ପଞ୍ଚାୟତ ଅନ୍ତର୍ଗତ ଡେକ୍ରାଜୋଡ଼ି ପର୍ଯ୍ୟଟନ ସ୍ଥଳୀ।ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଏହି ସ୍ଥାନଟି କେତେ ଅବହେଳାର ଶିକାର ହେଉଛି। ବିକାଶ ନାମରେ ବିନାଶ। ଏହି ପର୍ଯ୍ୟଟନ ସ୍ଥଳୀରେ ସିମେଣ୍ଟ ଦ୍ୱାରା ନିର୍ମିତ ଡାଇନୋସର ଏବଂ ଜେବ୍ରା ବିଭିନ୍ନ ପ୍ରକାର ସରଞ୍ଜାମ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳୁଛି। ପ୍ରଶାସନର ଅବହେଳାରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଦୃଶ୍ୟ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ ଭେଜଙ୍ଗୱାଡ଼ା ପଞ୍ଚାୟତର ପଲୁଗୁଡ଼ା ଗ୍ରାମ ପାର୍ଶ୍ୱରେ ଥିବା ଡେକ୍ରାଜୋଡ଼ି ପର୍ଯ୍ୟଟନ ସ୍ଥଳୀର । ଏଠାରେ ଭରପୂର ପ୍ରକୃତିର ସୌନ୍ଦର୍ଯ୍ୟ ଗଛ, ଲତା, ଝରଣା, ପାହାଡ଼, ପର୍ବତରେ ଘେରିରହିଥିବା ସତ୍ତ୍ୱେ ସରକାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାର ବଡ଼ ଦାବି କରୁଛନ୍ତି। ଅନ୍ୟପଟେ ବିଦ୍ୟମାନ ସ୍ଥାନଗୁଡ଼ିକର ଅବସ୍ଥା ଏହିପରି ଏହି ଚିତ୍ରରେ ଦେଖାଯାଉଥିବା ଭଙ୍ଗା ଡାଇନୋସର ଏବଂ ଜେବ୍ରା ଏବଂ ପ୍ରକୃତି କେବଳ ପିଲାମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇ ନଥାନ୍ତା ବରଂ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକର୍ଷିତ କରିଥାନ୍ତା। ଆଜି ଏହି ସ୍ଥାନ ପ୍ରଶାସନର ଉଦାସୀନତା ଏବଂ ସରକାରୀ ପାଣ୍ଠିର ଅପବ୍ୟବହାରର ପ୍ରତୀକ ପାଲଟିଛନ୍ତି। ଏହା କେବଳ ଏକ ଭଙ୍ଗା ଷ୍ଟାଚ୍ୟୁ ଓ ପ୍ରକୃତିର ବିଷୟରେ ନୁହେଁ, ଏହା ଏକ ମାନସିକତାକୁ ପ୍ରତିଫଳିତ କରେ ଯେଉଁଠାରେ ରକ୍ଷଣାବେକ୍ଷଣ ଏବଂ ଉନ୍ନତିକୁ କୌଣସି ପ୍ରାଥମିକତା ଦିଆଯାଏ ନାହିଁ। ତେବେ ପ୍ରଶାସନଠାରୁ ଜାଣିବାକୁ ଚାହେଁ ଯେ ଏହି ଷ୍ଟାଚ୍ୟୁଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଆସିଛି କି ? ଯଦି ଅର୍ଥ ମଞ୍ଜୁର ହୋଇଥିବ ତେବେ ଆବଣ୍ଟିତ ଅର୍ଥର କ'ଣ ହୋଇଛି। କାହାକୁ ଦାୟୀ କରାଯିବ। ଗୋଟିଏପଟେ ଯେତେବେଳେ ଏପରି ସ୍ଥାନ ଗୁଡ଼ିକ ଅବହେଳାର ଶିକାର ହେଉଛନ୍ତି, ଏପରି ପରିସ୍ଥିତିରେ, ଆଗାମୀ ଦିନରେ କେଉଁ ପର୍ଯ୍ୟଟକ ଆସିବେ ଏହି ସ୍ଥାନକୁ ତେବେ ସ୍ଥାନୀୟ ବାସୀଙ୍କ ତରଫରୁ ଦାବି କରାଯାଇଛି ଯେ, ଜିଲ୍ଲା ପ୍ରଶାସନ ତୁରନ୍ତ ସମସ୍ତ କ୍ଷତିଗ୍ରସ୍ତ ଷ୍ଟାଚ୍ୟୁର ମରାମତି ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯିବା ଓ ଏଥିପ୍ରତି ଅବହେଳା କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏହି ନିର୍ଜୀବ ଷ୍ଟାଚ୍ୟୁମାନଙ୍କୁ ଦେଖିଲେ ମନେହୁଏ ଯେପରି ସେମାନେ ମଧ୍ୟ ପ୍ରଶାସନର ଅବହେଳା ପାଇଁ ଯୋଜନା ପ୍ରସ୍ତୁତ କରାଯିବା ପାଇଁ ଦାବି କରିଛନ୍ତି ।

# ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଶ୍ରମ ବିଭାଗ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଉମରକୋଟ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ କରିଥିଲେ। ଏହି ସମୟରେ ବଡ ଭରଣ୍ଡି ଓ ଧଡରା ମଝିରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟରେ ୬ ଜଣ ନାବାଳକ ଯାହାର ବୟସ ୧୮ ବର୍ଷ ରୁ କମ ସେମାନେ ବିପଦ ସଙ୍କୁଳ ଅବସ୍ଥାରେ ଓ କୌଣସି ସୁରକ୍ଷା କବଚ ନଥାଇ ବିପଦ ଜନକ କାର୍ଯ୍ୟ କରୁଥିଲେ। ଏହି ସମୟରେ ଶ୍ରମ ବିଭାଗର ଏହି ଟିମ୍ ପହଞ୍ଚି ୬ ନାବାଳକଙ୍କୁ ଉଦ୍ଧାର କରିଛି। ସମସ୍ତ ନାବାଳକଙ୍କ ଘର ଚାଟିଗୁଡ଼ା ନିକଟସ୍ଥ ପାଟିଆ ଗ୍ରାମରେ। ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଉପସ୍ଥିତ ଥିବା ଶିଶୁ ମଙ୍ଗଳ କମିଟି ସମ୍ମୁଖ ରେ ଉଦ୍ଧାର ୬ ଶିଶୁ ଶ୍ରମିକଙ୍କୁ ଉପସ୍ଥାପନ କରିବା ପରେ ଏହି ଟିମ ପାଟିଆରେ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଟିମରେ ସହକାରୀ ଶ୍ରମ ଅଧିକାରୀ ମାନସ ଖୋସଲା,ଶୋଭାର ଜିଲ୍ଲା ସଂଯୋଜିକା ଉମା ସତନାମୀ, ଶିଶୁ ମଙ୍ଗଳ କମିଟି ପକ୍ଷରୁ ସନ୍ତୋଷ ଜେନା, ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରୁ ସମରେନ୍ଦ୍ର ପରିଡ଼ା, ଚାଇଲ୍ଡଲାଇନ କୋର୍ଡ଼ିନେଟର ଚିନ୍ମୟୀ ନାୟକ, ସୁପରଭାଇଜର ଲକ୍ଷ୍ମୀକାନ୍ତ ପୂଜାରୀ, ଶିଶୁ ଅଧିକାର ସୌରଭ ଉପାଧ୍ୟାୟ ପୋଲିସ ହୋମ ଗାର୍ଡ ଲକ୍ଷ୍ମଣ ଭତ୍ର। ଓ କପିଳ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନ୍‌ରେ ନିଅଣ୍ଟିଆ ବର୍ଷା, ଚିନ୍ତାରେ ଚାଷୀ



ମାଲକାନଗିରି(ଭାସ୍କର ନ୍ୟୁଜ୍): ଜୁନ ମାସ ସରିବାକୁ ବସିଲାଣି କିନ୍ତୁ ବର୍ଷାର ଦେଖାନାହିଁ। ତେଣୁ ଚାଷୀ ଜମିରେ ହଳ ବୁଲାଇ ପାରୁନି । ଯେଉଁ ମାସରେ କଚଡ଼ା ବର୍ଷା ହେବା କଥା ସେହି ସମୟରେ ବର୍ଷାର ଦେଖା ନାହିଁ। ଜଳବାୟୁର ଘନଘନ ପରିବର୍ତ୍ତନ ଯୋଗୁଁ ମୌସୁମୀ ଲୁଚକାଳି ଖେଳୁଛି। ଜମିରେ ହଳ ହେଲା ପରେ ତଳି ପଡ଼ିବା କଥା। ବର୍ଷା ଅଭାବ ଯୋଗୁଁ ଜିଲ୍ଲାରେ ଏବେ ସୁଦ୍ଧା ୭୩୦ ହେକ୍ଟର ଜମିରେ ତଳି ପଡ଼ିଥିବା ଜଣାପଡ଼ିଛି। ତେଣୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ୧ ଲକ୍ଷ ୪୨ ହଜାର ୨୫ ହେକ୍ଟର ଜମିରେ ଚାଷ କରାଯାଇଥାଏ। ସେଥିରୁ ୭୨ ହଜାର ୧୦୪ ହେକ୍ଟର ଜମିରେ ଧାନ ଚାଷ କରାଯାଉଥିବା ବେଳେ ୧୪ ହଜାର ୭୪୪ ହେକ୍ଟର ଜମିରେ ମାଣ୍ଡିଆ, ୬ ହଜାର ୬୮୫ ହେକ୍ଟର ଜମିରେ ମକା, ୯ ହଜାର ୩୨୭ ହେକ୍ଟର ଜମିରେ ଡାଲି ଜାତୀୟ ଚାଷ କରାଯିବ ବୋଲି ଜଣାପଡ଼ିଛି। ଏହିଭଳି ମୋଟ ୧ ଲକ୍ଷ ୨ ହଜାର ୮୬୦ ହେକ୍ଟର ଜମିରେ ଖାଦ୍ୟଶସ୍ୟ ପାଇଁ ଚାଷ କରାଯିବା ସେହିପରି ୧୬ ହଜାର ୮୨୨ ହେକ୍ଟର ଜମିରେ ତେଲ ଜାତୀୟ, ୧୯ ହଜାର ୬୦୬ ହେକ୍ଟର ଜମିରେ ପନିପରିବା, ୨ ହଜାର ୬୮୧ ହେକ୍ଟର ଜମିରେ ମସଲା ଜାତୀୟ ଏବଂ ୬ ହେକ୍ଟର ଜମିରେ ଆଖୁ ଚାଷ କରାଯିବ ବୋଲି ଜଣାପଡ଼ିଛି। ଜିଲ୍ଲାରେ ଅନ୍ୟ ଚାଷ ୬୯ ହଜାର ୯୨୧ ହେକ୍ଟର କରାଯିବ ବୋଲି ଜଣାପଡ଼ିଛି ତେବେ ଜିଲ୍ଲାରେ ୯୧ ହଜାର ୭୨୫ ହେକ୍ଟର ଜମି ଜଳସେଚିତ ହେଉଥିବା ବେଳେ ୫୦ ହଜାର ୩୮୦ ହେକ୍ଟର ଜମିରେ ବର୍ଷା ଜଳରେ ଚାଷ କରାଯିବା ହେଲେ ଚଳିତ ବର୍ଷ ଜିଲ୍ଲାରେ ଭଲ ବର୍ଷା ହେଉନଥିବାରୁ ବିଶେଷକରି ଧାନ ଫସଲ ଉପରେ ଏହାର ପ୍ରଭାବ ପଡୁଛି। ଜୁନ ମାସରେ ୧୬୯ ମିଲିମିଟର ବର୍ଷା ହେବା କଥା କିନ୍ତୁ ଚଳିତ ବର୍ଷ ଜୁନ ମାସରେ ମାତ୍ର ୭୩ ମିଲିମିଟର ବର୍ଷା ହୋଇଛି। ଗତବର୍ଷ ୧୩୦ ମିଲିମିଟର ବର୍ଷା ହୋଇଥିବା ବେଳେ ଗତ ୨୦୨୩ ମସିହାରେ ୧୩୮ ମିଲିମିଟର ବର୍ଷା ହୋଇଥିଲା। କୃଷି ବିଭାଗ କହିବା ଅନୁଯାୟୀ କିଛି ଦିନ ଭିତରେ ଯଦି ବର୍ଷା ହୁଏ ତେବେ ଏହା ଜୁନରେ ବର୍ଷାର ପରିମାଣକୁ ସମାନ କରିଦେବା ଚାଷ ପାଇଁ ଅନୁକୂଳ ହେବ ବୋଲି କୁହାଯାଇଛି। ଅପରପକ୍ଷରେ ଗତ ଦୁଇଦିନ ହେଲା ଜିଲ୍ଲାରେ ଝିପି ଝିପି ବର୍ଷା ଲାଗି ରହିଛି। କିନ୍ତୁ ଜୋର ବର୍ଷା ହେଉ ନଥିବାରୁ ଚାଷ ପାଇଁ ଅନୁକୂଳ ନୁହେଁ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।

# ବିକ୍ଷୋଭ ପୂର୍ବରୁ ଉଠାଇ ନେଲା ପୋଲିସ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଦିନକୁ ଦିନ ମହିଳା ଦୁଷ୍କର୍ମ ଓ ନିର୍ଯାତନା ବୃଦ୍ଧି ପାଉଥିବା ଅଭିଯୋଗ ନେଇ ଗତକାଲି ବିଜୁ ଯୁବ ଓ ଛାତ୍ର ଜନତା ପକ୍ଷରୁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ଏନେଇ ଗତକାଲି ବ୍ରଜରାଜନଗର ମହାବିଦ୍ୟାଳୟ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ପକ୍ଷରୁ ବିକ୍ଷୋଭ କରିବା ପୂର୍ବରୁ ସେମାନଙ୍କୁ ପୋଲିସ ଉଠାଇ ନେଇଥିବା ବିଜେଡ଼ି ଅଭିଯୋଗ କରିଛି। ରାଜ୍ୟରେ ଗଣତାନ୍ତ୍ରିକ ଶୈଳୀରେ କ'ଣ ପ୍ରତିବାଦ କରିବାର ଅଧିକାର କାହାର ନାହିଁ ବୋଲି ଆଜି ଗାନ୍ଧିଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ପ୍ରଶ୍ନ ଉଠାଇବା ସହିତ ପୋଲିସ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହେବାକୁ ତୀବ୍ର ବିରୋଧ କରିଛି। ରାଜ୍ୟ ସରକାର ସବୁ ଦିଗରେ ଫେଲ ମାରିଥିବାରୁ ସେମାନେ ଯୁବ ଓ ଛାତ୍ରମାନଙ୍କୁ ଭୟ କରୁଥିବା ବ୍ରଜରାଜନଗର ବିଜେଡ଼ି ନଗର ସଭାପତି ରାଧାକାନ୍ତ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ କହିଥିଲେ।



ଜଳେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ କଳାକାରଙ୍କ ଭତ୍ତା ୫୦୦୦ ଟଙ୍କାକୁ ବୃଦ୍ଧି ପାଇଁ ବାଲେଶ୍ୱର କଳାକାର ସଙ୍ଘ ପକ୍ଷରୁ ସ୍ଥାନୀୟ ଜଳେଶ୍ୱର ସ୍ଥିତ ସାଇରାମ ହୋଟେଲ ପରିସରରେ ଆୟୋଜିତ କର୍ମକର୍ତ୍ତା ମାନଙ୍କ ଜରୁରି ବୈଠକରେ ସଭାପତି ତଥା ବରିଷ୍ଠ ଯାତ୍ରା ଅଭିନେତା ଗୌର ଦାସ ଦାବୀ କରିଛନ୍ତି।ଅଧୁନା ରାଜ୍ୟ ସରକାର ୬୦ରୁ ଉର୍ଦ୍ଧ୍ୱ ପୁରୁଷ କଳାକାର ଓ ୫୦ରୁ ଉର୍ଦ୍ଧ୍ୱ ମହିଳା କଳାକାର ମାନଙ୍କୁ ୮୦ବର୍ଷ ପର୍ଯ୍ୟନ୍ତ ମାସିକ ୨୦୦୦ଟଙ୍କା ଭତ୍ତା ପ୍ରଦାନ କରୁଥିବା ବେଳେ ୮୦ବର୍ଷରୁ ଉର୍ଦ୍ଧ୍ୱ କଳାକାର ମାନଙ୍କୁ ୨୫୦୦ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ମାତ୍ର ନିକଟରେ ରାଜ୍ୟରେ ଶାସନାଧୀନ ମୋହନ ସରକାର ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାନଙ୍କ ପାଇଁ ମାସିକ ୩,୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ୮୦ବର୍ଷରୁ ଉର୍ଦ୍ଧ୍ୱ କଳାକାର ମାନଙ୍କ ମାସିକ ଭତ୍ତା ୨,୫୦୦ ରୁ ୫,୦୦୦ ଟଙ୍କାକୁ ବୃଦ୍ଧି ପାଇଁ ଶ୍ରୀ ଦାସ ଦାବି କରିଛନ୍ତି। ଅପରପକ୍ଷରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଯାତ୍ରା ମାଲିକ ମାନେ ସେମାନଙ୍କ ଯାତ୍ରା ପାର୍ଟିରେ କାର୍ଯ୍ୟ କରୁଥିବା ସମସ୍ତ କଳାକାର ମାନଙ୍କ ସହିତ ଚୁକ୍ତିନାମା କରିବା ଜରୁରି ବୋଲି ଶ୍ରୀ ଦାସ ମତ ରଖିଛନ୍ତି। ଏଥିପାଇଁ ବହୁ ନିରାଶ ଓ ଗ୍ରାମୀଣ କଳାକାର ଉପକୃତ ହେବେ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଉକ୍ତ ବୈଠକରେ ଉପସଭାପତି ରାଧାକୃଷ୍ଣ ଗିରି, ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ସାଧାରଣ ସମ୍ପାଦକ ବିଜୟ କୁମାର ଜେନା, ଯୁଗ୍ମ ସମ୍ପାଦକ ବିକ୍ରମ ଦତ୍ତ, ସାଂସ୍କୃତିକ ସମ୍ପାଦକ ରଣଜିତ କୁମାର ଦେ, କୋଷାଧ୍ୟକ୍ଷ ମାୟାଧର ଦାସ, ଆଇନ ପରାମର୍ଶଦାତା ସୁକୁମାର ରଣା, ରମେଶ ଚନ୍ଦ୍ର ସେନାପତି, ପ୍ରଫୁଲ୍ଲ ସାହୁ, ବିରେନ ଗୋଛାୟତ, ଆଇନଜୀବି ରାଜେଶ କୁମାର ପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଅବକାରୀ ବିଭାଗର ଚଢ଼ାଉ

ବାଲୁଗାଁ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଓ ଆଇସିଙ୍କ ନେତୃତ୍ୱରେ ନାଚୁଣୀ ଓ ବାଣପୁର ଥାନା ଅଞ୍ଚଳରେ ଚଢ଼ାଉ କରି ୫୪ ଲିଟର ମହୁଲି ଦେଶୀ ମଦ ଜବତ କରା ଯାଇଛି। ନାଚୁଣୀ ଥାନା ଅଞ୍ଚଳରେ କଣ୍ଢଆପେଣ୍ଠ ଗ୍ରାମର ସୁକାନ୍ତ ମଲ୍ଲ, ବାଣପୁର ଥାନା ଅଞ୍ଚଳର ଦଣ୍ଡ ଗାଡ଼ିଆ ଗ୍ରାମର କୈଳାସ ଦଳେଇ ଓ କୁରୁଞ୍ଜପୁର ଗ୍ରାମର ଗଣେଶ ପ୍ରଧାନଙ୍କୁ କାବୁ କରି କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ନାମରେ ତିନୋଟି ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଓଆଇସି ସୁଜିତ କୁମାର ମୁଦୁଲି, ଏଏସଆଇ ମୀନକେତନ ମହାଲିକ, ଏଏସଆଇ ରାମଚନ୍ଦ୍ର ଜେନା, ମନୋଜ କୁମାର ଜୟସିଂ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠି, ନିରଞ୍ଜନ ପରିଡ଼ା, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଶ୍ରୀକ୍ଷେତ୍ରରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ



ପୁରୀ(ଭାସ୍କର ନ୍ୟୁଜ): ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ରଥଯାତ୍ରାରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭକ୍ତମାନଙ୍କ ସହ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି। ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ରକ୍ଷାକର୍ତ୍ତା। ତାଙ୍କର ଲୀଳା ଅପାର। ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ନିର୍ବିଶେଷରେ ସେ ସମସ୍ତଙ୍କର ନାଥ। ଆଜି ବଡ଼ଦାଣ୍ଡରେ ରଥାରୂଢ଼ ଚକାନୟନ, ବଡ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବା ମୋର ସୌଭାଗ୍ୟ। ସବୁ ଭକ୍ତମାନେ ଆନନ୍ଦ ଓ ଉତ୍ସାହର ସହ ଆଧ୍ୟାତ୍ମିକ ବାତାବରଣରେ ରଥ ଟାଣିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ବ୍ୟବସ୍ଥିତ ହୋଇଛି। ଏହି ବ୍ୟବସ୍ଥା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ରଥଯାତ୍ରା ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ସହ 'ଶ୍ରୀଜଗନ୍ନାଥ ମନ୍ଦିର ସନ୍ଦିପିଡ଼ି' ଓ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ ପତ୍ରିକା ଉନ୍ମୋଚନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କରିବା ସହ ଏହି ଉପାଦେୟ ସନ୍ଦିପିଡ଼ି ଓ ପତ୍ରିକାର ବିପୁଳ ପାଠକୀୟ ଆଦୃତି ଲାଭ କରିଛନ୍ତି ଶ୍ରୀ ପ୍ରଧାନ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିବା ସହ ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜା ଏବଂ ଜଗଦଗୁରୁ ପରମପୂଜ୍ୟ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଥିଲେ। ବଡଦାଣ୍ଡରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ତରଫରୁ ଆୟୋଜିତ ଅନ୍ନଦାନ ସେବାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରିଥିଲେ। ପୁରୀରେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ହୋଇଥିବା "ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର" ପରିଦର୍ଶନ କରିବା ସହ ରଥଯାତ୍ରାରେ ପ୍ରଥମ ଥର ପାଇଁ ଡ୍ରୋନ୍ ଓ ଅନ୍ୟାନ୍ୟ ଟେକ୍ନୋଲୋଜି ମନିଟରିଂ ଦିଗରେ ଓଡ଼ିଶା ପୋଲିସର ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ।

## ଜିନ୍ଦଲନଗରରେ ଭବ୍ୟ ରଥଯାତ୍ରା ପାଳିତ
# ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ଅନୁଗୁଳ (ଭାସ୍କର ନ୍ୟୁଜ): ଦେବଭୂମି ଜିନ୍ଦଲନଗରରେ ପବିତ୍ର ଘୋଷଯାତ୍ରା ଉତ୍ସାହ ଓ ଆବେଗପୂର୍ଣ୍ଣ ବାତାବରଣ ମଧ୍ୟରେ ଆରମ୍ଭ ହୋଇଛି। ଏହି ଘୋଷଯାତ୍ରା ଦେଖିବାକୁ ଆଖପାଖ ଗ୍ରାମାଞ୍ଚଳ ଏବଂ ଅନୁଗୁଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ତାଳଧ୍ୱଜ, ଦର୍ପଦଳନ ଏବଂ ନନ୍ଦିଘୋଷର ଭବ୍ୟ ସୁସଜ୍ଜିତ ରଥରେ ଯଥାକ୍ରମେ ମହାପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାବାହୁ ଶ୍ରୀ ଜଗନ୍ନାଥ ଆସୀନ ହୋଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। ତୃତୀୟ ଥର ପାଇଁ କୁରୁକ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ନବୀନ ଜିନ୍ଦଲ, ତାଙ୍କ ଧର୍ମ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଚେୟାରମ୍ୟାନ୍ ଶାଲୁ ଜିନ୍ଦଲ ଏବଂ ତାଙ୍କ ମାତା ଓ.ପି. ଜିନ୍ଦଲ ଗ୍ରୁପର ସମ୍ମାନିତ ଅଧକ୍ଷ ତଥା ହରିୟାଣାର ହିସାର ବିଧାୟିକା ସାବିତ୍ରୀ ଜିନ୍ଦଲ ପ୍ରମୁଖ ରଥଯାତ୍ରାରେ ପ୍ରଧାନ ସେବକ ଭାବେ ଦାୟିତ୍ୱ ତୁଲାଇଥିଲେ। ନବୀନ ଜିନ୍ଦଲ ପହଣ୍ଡି କାର୍ଯ୍ୟକ୍ରମରେ ଭାଗ ନେବା ସହ ରଥରେ ସମର୍ଜନୀ



ଧରି ଛେରା ପହଁରା କରିଥିଲେ। ଏ ଅବସରରେ ନବୀନ ଜିନ୍ଦଲ କହିଥିଲେ, 'ମୁଁ ସର୍ବଶକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ଆମ ସମସ୍ତଙ୍କୁ ତାଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ। ଏହା ଏଭଳି ଏକ ପର୍ବ ଯେଉଁଠାରେ ସମସ୍ତେ ସମାନ - ଧନୀ ଏବଂ ଗରିବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଆମେ ରଥ ଟାଣିବା ପାଇଁ ଏକାଠି ହୋଇ ବିଶ୍ୱର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରୁଥାଉଁ। ଜିନ୍ଦଲ ପରିବାର ପକ୍ଷରୁ, ମୁଁ ସମସ୍ତଙ୍କୁ ଏକ ଆନନ୍ଦଦାୟକ ଏବଂ ଆଶୀର୍ବାଦପୂର୍ଣ୍ଣ ରଥଯାତ୍ରା କାମନା କରୁଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ, ଶ୍ରୀ ଜିନ୍ଦଲ ଭକ୍ତମାନଙ୍କ ପାଇଁ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଗରମ ରକ୍ଷା ଖାଦ୍ୟ ଏବଂ ଥଣ୍ଡା ପାନୀୟ ଜଳ ସେବା ବିଷୟରେ ଉଲ୍ଲେଖ କରିଥିଲେ, ଯାହା ସୁନାବେଶ ପର୍ଯ୍ୟନ୍ତ ଜାରି ରହିବ। ଶ୍ରୀ ଜିନ୍ଦଲ କହିଥିଲେ,' ଆମେ ୧୧ ବର୍ଷ ଧରି ଲଗାତାର ଜଗନ୍ନାଥ ଧାମ ପୁରୀରେ ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସୌଭାଗ୍ୟବାନ ମନେ କରୁଛୁ। ରଥଟଣା ପୂର୍ବରୁ ସକାଳେ ମନ୍ଦିରରେ ନେତ୍ର ଲାଗି, ନବ ଯୌବନ ଦର୍ଶନ, ମଙ୍ଗଳ ଆରତୀ, ପହଣ୍ଡିବିଜେ ଆଦି ପାରମ୍ପରିକ ରୀତିନୀତି ଆୟୋଜିତ ହୋଇଥିଲା। ଜିନ୍ଦଲ ପରିବାରର ସଦସ୍ୟମାନେ ଦେବଭୂମିର ମୁଖ୍ୟ ସେବାୟତ ଶ୍ରୀକାନ୍ତ ଜୀଙ୍କ ତତ୍ତ୍ୱାବଧାନରେ ଭକ୍ତିଭାବ ସହ ସମସ୍ତ ନିତିକାନ୍ତି ତୁଲାଇଥିଲେ। ସବୁଠାରୁ ଆକର୍ଷଣର କେନ୍ଦ୍ର ଥିଲା କି ଦେବୀ ସୁଭଦ୍ରାଙ୍କ ପହଣ୍ଡି ଓ ରଥ ଟଣାରେ କେବଳ ମହିଳାମାନେ ନିୟୋଜିତ ହୋଇ ନୀତି ସମ୍ପର୍ଣ୍ଣ କରିଥିଲେ। କମ୍ପାନୀର ଅନୁଗୁଳ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ କର୍ମଚାରୀମାନେ ଭକ୍ତି ଭାବରେ ରଥଯାତ୍ରା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଭିଏସ୍ଏସ୍ ନଗରରେ ରଥଯାତ୍ରା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୧୮ ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ ବଡ ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ସହିତ ସୁସଜ୍ଜିତ ରଥରେ ଡି.ଏଲ. କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରୁ ଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ଆଡପ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଆଜିର ଯାତ୍ରାରେ ଅନୁଷ୍ଠାନର ସଭାପତି ଡ. ଜୟନ୍ତ ପରିଡା ରାଜା ବେଶ ଧାରଣକରି ଛେରା ପହଁରା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ ପହଣ୍ଡି ବିଜେ କରାଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ ଓ ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା ସମିତିର ଉପ-ସଭାପତି ପ୍ରଶାନ୍ତ ଷଡଙ୍ଗୀ, କୋଷାଧକ୍ଷ ନିତ୍ୟରନ ନନ୍ଦ, ଯୁଗ୍ମ-ସମ୍ପାଦକ ନିଶିଥ ରନ ନନ୍ଦ, ଧରଣିଧର ରାଉତ, ରବି ନାରାୟଣ ରାୟ, ପ୍ରକାଶ କୁମାର ଦାସ, ଅସିମ ଦାଦା, ନବକିଶୋର ବେଉରାଙ୍କ ସମେତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବକ ରଥଯାତ୍ରାରେ ସହଯୋଗ କରିଥିଲେ।

## ବାଣୀକ୍ଷେତ୍ରରେ ଛେରା ପହଁରା କଲେ କୁଳପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ବାଣୀକ୍ଷେତ୍ରରେ ଭଗବାନ-ଭକ୍ତ-ରଥ-ପଥର ମହାମିଳନ ପର୍ବ ଅନୁଷ୍ଠିତ ହୋଇଛି। ଆରମ୍ଭ ହୋଇଛି ମହାପ୍ରଭୁଙ୍କ ନବ ଦିନାତ୍ମକ ଯାତ୍ରା। ଭାଇଭଉଣୀଙ୍କ ସହିତ ଭଗବାନ ଶ୍ରୀଜଗନ୍ନାଥ ଘୋଷଯାତ୍ରାରେ ବାହାରି ମାଉସୀ ମା' ମନ୍ଦିରରେ ପହଞ୍ଚିଛନ୍ତି। ବାଣୀବିହାରର ବାଣୀକ୍ଷେତ୍ରରେ ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବା ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା ବିଜେ କରିଥିଲେ। ଏହାପରେ ପୂର୍ବାହ୍ନରେ ପହଣ୍ଡି ପରେ ଝୁଲି ଝୁଲି ରାଜରାସ୍ତାକୁ ଓଲ୍ଲାଇ ଆସିଥିଲେ ବଡ଼ଠାକୁର। ବଡ଼ ଭାଇ ବଳଭଦ୍ର ଓ ସାନଭଉଣୀ ସୁଭଦ୍ରାଙ୍କ ସହ ରଥାରୁଢ଼ ହେବା ପରେ ବାଣୀକ୍ଷେତ୍ରରେ ଶ୍ରୀଜୀଉଙ୍କ ପୁରୀ ଗୁଣ୍ଡିଚା ଯାତ୍ରା ବିଧି ଅନୁଯାୟୀ ରଥଯାତ୍ରା ନୀତି ଆରମ୍ଭ ହୋଇଥିଲା। ରଥଉପରେ ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଓ ନୀତି ସମ୍ପନ୍ନ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଶ୍ରୀଜୀଉଙ୍କ ରଥ ଉପରେ ଜଗନ୍ନାଥଙ୍କର ରୀତିନୀତି ଅନୁସାରେ ଛେରା ପହଁରା କରିଥିଲେ। ଏହାପରେ ରଥକୁ ବନ୍ଦାପନା କରାଯାଇଥିଲା ଏବଂ ଘୋଡ଼ା ଓ ସାରଥୀ ଲଗାଯାଇ ରଥଟଣା ଆରମ୍ଭ ହୋଇଥିଲା। ଭାବ ଓ ଭକ୍ତିରେ ବାଣୀକ୍ଷେତ୍ରର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ରଥ ଗୁଣ୍ଡିଚାମନ୍ଦିର ଆଡ଼କୁ ଟାଣିନେଇଥିଲେ। ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ବାଣୀବିହାରର ବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ୨୮ଫୁଟ ଲମ୍ବର ସୁସଜ୍ଜିତ ରଥ ପ୍ରସ୍ତୁତ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଓ ବିଶ୍ୱେଶ୍ୱର ମନ୍ଦିର ପରିଚାଳନା ସମିତି ସଦସ୍ୟ ଏବଂ କର୍ମକର୍ତ୍ତା ଆନନ୍ଦ ଓ ଉଲ୍ଲାସରେ ରଥ ଟାଣିଥିଲେ।

## ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧାସୁମନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମାଲୁଦଠାରେ ବର୍ଷିଆନ ପାଇକ ଗୁରୁ ଦୁଃଶାସନ ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏଥିରେ ନିଖିଳ ଓଡ଼ିଶା ପାଇକ ମହାସଂଘ ସଭାପତି ଡ. ଅଶୋକ ପାଲଟାସିଂହ ଯୋଗଦେଇ କହିଥିଲେ ଯେ ଗୁରୁ ଦୁଃଶାସନ ଦାସ ଥିଲେ ଆଧୁନିକ ଓଡ଼ିଶାର ଦ୍ରୋଣାଚାର୍ଯ୍ୟ। ସର୍ଦ୍ଦାର ରବିନ୍ଦ୍ରନାଥ ଦକ୍ଷିଣ କବାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପାଇକଗୁରୁମାନେ ଯୋଗଦାନ କରିଥିଲେ। ଏହି ଅବସରରେ ତାଙ୍କ ସୁପୁତ୍ର କେଦାର ଦାସଙ୍କ ନେତୃତ୍ୱରେ ୫୫ଟି ପାଇକ ଆଖଡ଼ା ଦଳ ଓ ଶିଷ୍ୟବୃନ୍ଦ ସମରକଳା ପ୍ରଦର୍ଶନ ସହ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ଗଡ଼ଦୋକଦା ଦଳବେହେରା, ମନୋରଞ୍ଜନ ପଶ୍ଚିମ କବାଟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ରଥଯାତ୍ରା ହେଉଛି ପ୍ରଭୁଙ୍କ ବିଶ୍ୱ ପ୍ରେମର ଏକ କାଳଜୟୀ ବାର୍ତ୍ତା: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ରଥଯାତ୍ରାର ଶୁଭକାମନା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ରଥ ଯାତ୍ରାର ଶୁଭ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏହି ଦିବ୍ୟ ଯାତ୍ରା କେବଳ ଏକ ପବିତ୍ର ରୀତି ନୁହେଁ ବରଂ ଅନ୍ତର୍ଭୁକ୍ତି, ନମ୍ରତା ଏବଂ ପ୍ରଭୁଙ୍କ ବିଶ୍ୱ ପ୍ରେମର ଏକ କାଳଜୟୀ ବାର୍ତ୍ତା। ଏହି ପବିତ୍ର ଅବସର ଆମର ଭକ୍ତିକୁ ଗଭୀର ଓ ସାଂସ୍କୃତିକ ଗର୍ବକୁ ମଜବୁତ କରିବା ସହ ସେବା, ସମନ୍ୱୟ ଏବଂ ସାମୂହିକ ମଙ୍ଗଳର ଆଦର୍ଶକୁ ବଜାୟ ରଖିବା ପାଇଁ ଆମକୁ ପ୍ରେରଣା ଦେଉ। ଜୟ ଜଗନ୍ନାଥ ଧ୍ୱନି ଏବଂ ରଥଗୁଡ଼ିକର ମହନୀୟ ଦୃଶ୍ୟ ପ୍ରତ୍ୟେକ ହୃଦୟକୁ ଶାନ୍ତି ଏବଂ ଆଧ୍ୟାତ୍ମିକ ସମୃଦ୍ଧି ଆଣୁ। ଜୟ ଜଗନ୍ନାଥ।

## ରାଜଧାନୀରେ ଗଢ଼ିଲା ୬୦ ରଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ରାଜଧାନୀର ବିଭିନ୍ନ ସ୍ଥାନରେ ରଥଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଛି। ପଳାଶୁଣିରୁ ରସୁଲଗଡ, ବାଣୀବିହାରରୁ ପୁରୁଣା ଭୁବନେଶ୍ୱର ଓ ଇସ୍କନରୁ ତମାଣ୍ଡୋ ପର୍ଯ୍ୟନ୍ତ ସବୁଠି ରଥମୟ ରାଜଧାନୀ। ରାଜଧାନୀରେ ପାଖାପାଖି ୬୦ ରଥ ଗଡିଥିଲା। ଏଥିପାଇଁ କମିସନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ବିଏମ୍‌ସି ଖାଦ୍ୟ ସୁରକ୍ଷା ଟିମର ବିଭିନ୍ନ ସ୍ଥାନରେ ଚଢାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରଥଯାତ୍ରା ଅବସରରେ ଭୁବନେଶ୍ୱର ମହାନଗର ନିଗମ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରା ଅଞ୍ଚଳରେ ଚଢାଉ କରାଯାଇଛି। ଉଠା ଖାଦ୍ୟ ଦୋକାନ ଓ ଠେଲା ଗାଡିରେ ବିକ୍ରି କରୁଥିବା ଖାଦ୍ୟ ସହ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢାଉ କରି ସେମାନଙ୍କର ଖାଦ୍ୟ ଓ ପାନୀୟ ଜଳ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରିଛନ୍ତି। ସ୍ୱାସ୍ଥ୍ୟକର ପରିବେଶରେ ତାଜା ଓ ଗରମ ଖାଦ୍ୟ ବିକ୍ରି କରିବା ପାଇଁ ଖାଦ୍ୟ ବ୍ୟବସାୟୀମାନଙ୍କୁ ସଚେତନ କରାଇଛନ୍ତି। ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଏହି ଚଢେଉ ଅଭିଯାନ ଆଗାମୀ ଦିନରେ ଜାରି ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀଙ୍କ ହାତରୁ...

କଞ୍ଚାଲଙ୍କା, ଲେମ୍ବୁ, ଅଦା, ଭୃଶୁଙ୍ଗାପତ୍ର, ଜିରାଗୁଣ୍ଡ ଆଦି ମିଶାଇ ପ୍ରସ୍ତୁତ କରାଯାଇଥାଏ। ରଥଯାତ୍ରା ସମୟରେ ବଡ଼ଦେଉଳରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥଟାଣି ନେଲାବେଳେ ଶ୍ରଦ୍ଧାଳୁମାନଙ୍କୁ ଏହା ବଣ୍ଟନ କରାଯାଇଥାଏ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣନ୍ତୁ, ଏହା ହିଁ କାମନା କରିଛନ୍ତି।

### ଚକେ ଗଲା...

ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ତିନୋଟି କାରଣ ପାଇଁ ରଥଟଣାରେ ବିଳମ୍ବ ଘଟିଛି। ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ବାରମ୍ବାର ମୋଡ଼ ନେବା, କର୍ଡନ ଭିତରେ ଅଧିକ ଶ୍ରଦ୍ଧାଳୁ ପଶିବା ଏବଂ ଆଶାତୀତ ଗହଳି ହେବା ଯୋଗୁ ରଥଟଣାରେ ବିଳମ୍ବ ଘଟିଛି। ଚଳିତବର୍ଷ ଦେଢଗୁଣ ଶ୍ରଦ୍ଧାଳୁ ଅଧିକ ହୋଇଥିବା ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶନିବାର ସକାଳ ୯.୩୦ରୁ ପୁଣିଥରେ ରଥଟଣା ଆରମ୍ଭ ହେବ। ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଲୋକାରଣ୍ୟ ହୋଇ ଉଠିଥିଲା ବଡ଼ଦାଣ୍ଡ। ଶ୍ରୀକ୍ଷେତ୍ରରେ ଲାଗି ରହିଥିଲା ପ୍ରବଳ ଗହଳିଚହଳି। ଶଙ୍ଖ, ଘଣ୍ଟା, ଘଣ୍ଟ ନାଦରେ ଚତୁର୍ଦ୍ଦିଗ ହୋଇ ଉଠିଥିଲା ପ୍ରକମ୍ପିତ। ସେହିପରି ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିବେଶ ଭାବ ଓ ଭକ୍ତିମୟ ହୋଇ ଉଠିଥିଲା। ଶୁକ୍ରବାର ନିର୍ଦ୍ଧାରିତ ସମୟରେ ପହଣ୍ଡି ସକାଳ ୯.୩୦ରୁ ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଆସି ଦର୍ପଦଳନ ରଥରେ ବିରାଜମାନ କରିଥିଲେ। ଏହାପରେ ଟାହିୟା ସୁସଜ୍ଜିତ ହୋଇ ଘଣ୍ଟ,ବାଦ୍ୟ ତାଳେତାଳେ ହୁଳହୁଳିରେ ଧାଡ଼ି ପହଣ୍ଡିରେ ଆସିଥିଲେ ବଡ଼ଭାଇ ପ୍ରଭୁ ବଳଭଦ୍ର। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହେବାମାତ୍ରେ ବଡ଼ଦାଣ୍ଡ ହରିବୋଲ, ହୁଳହୁଳି ଧ୍ୱନିରେ ଉଚ୍ଛୁଳି ପଡ଼ିଥିଲା। ତାଳଧ୍ୱଜ ରଥରେ ବଳଭଦ୍ର ବିରାଜମାନ କରିଥିବାବେଳେ ଦର୍ପଦଳନରେ ଦେବୀ ସୁଭଦ୍ରା ଏବଂ ନନ୍ଦିଘୋଷରେ ପ୍ରଭୁ ଶ୍ରୀଜଗନ୍ନାଥ ବିରାଜମାନ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଚକାଆଖି ଦେଖି ଶ୍ରଦ୍ଧାଳୁମାନେ ଉଲ୍ଲସିତ ହୋଇ ଉଠିଥିଲା। ଦିନ ପ୍ରାୟ ଗୋଟାଏବେଳେ ପହଣ୍ଡିବିଜେ ଶେଷ ହୋଇଥିଲା। ଏହାପରେ ତିନି ରଥରେ ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ବିଜେନୀତି ସମ୍ପନ୍ନ କରାଯାଇଥିଲା। ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ତିନି ବିଗ୍ରହଙ୍କ ଚିତାଲାଗି ସମାପନ କରାଯାଇଥିଲା। ଅପରାହ୍ନ ୨.୩୦ ଭିତରେ ବେଶ ଶେଷ ହୋଇଥିଲା। ଅପରାହ୍ନ ୨.୩୦ରେ ରଥ ଉପରେ ଛେରାପହଁରା ନୀତି ଆରମ୍ଭ କରାଯାଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ତମଯାନରେ ଆସି ସୁନା ଖଡ଼ିକାରେ ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା କହିଥିଲେ। ପରେ ଗଜପତି ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥରେ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ଏହାପରେ ତିନି ରଥରେ ଚାରମାଳ ଫିଟା ସହ ଘୋଡ଼ା ଓ ସାରଥୀ ଯୋଚା ଯାଇଥିଲା। ଶେଷରେ ନିର୍ଦ୍ଧାରିତ ସମୟ ପ୍ରାୟ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଏଥିପୂର୍ବରୁ ସକାଳ ୬ଟାରେ ମଙ୍ଗଳ ଆଳତୀ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ରୀତିନୀତି ଆରମ୍ଭ ହୋଇଥିଲା। ୬.୧୦ରେ ମଇଲମ, ୬.୩୦ରେ ତଡ଼ପଲାଗି ଓ ରୋଷହୋମ, ୭ଟାରେ ଅବକାଶ ନୀତି ସମ୍ପନ୍ନ କରାଯାଇଥିଲା। ଏହାପରେ ୭.୧୦ରେ ସୂର୍ଯ୍ୟପୂଜା, ୭.୩୦ରେ ଦ୍ୱାରପାଳ ପୂଜା ଓ ବେଶ ଶେଷନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଗୋପାଳବଲ୍ଲଭ ଓ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ୯ଟାରେ ରଥ ପ୍ରତିଷ୍ଠା ଓ ୯.୧୫ରେ ମଙ୍ଗଳାର୍ପଣ ଶେଷ କରାଯିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ରଥଯାତ୍ରା ଦେଖିବା ପାଇଁ ପ୍ରବଳ ଗହଳି ଲାଗି ରହିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ ଓ ବିଧାୟକମାନେ ଯୋଗଦେଇ ରଥଟଣାରେ ସାମିଲ ହୋଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଟଙ୍କତୋରାଣି ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ତାଳଧ୍ୱଜ ରଥ ଟାଣୁଥିବାର ଦେଖିବାକୁ ମିଳିଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସିଂହଦ୍ୱାରଠାରେ ଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ରଥଯାତ୍ରାର ସ୍ୱତନ୍ତ୍ର ସଂଖ୍ୟା 'ଉତ୍କଳ ପ୍ରସଙ୍ଗ'କୁ ଉନ୍ମୋଚନ କରିଥିଲେ। ରଥଟଣାରେ ବିଳମ୍ବ ଘଟିଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାର ସୂଚନା ମିଳିପାରି ନାହିଁ। ଅନ୍ୟପକ୍ଷରେ ପ୍ରବଳ ଜନଗହଳି ସହ ଗରମ ହେବାରୁ ପ୍ରାୟ ୬୦୦ ଭକ୍ତ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ପୁରୀ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଘୋଷ ଯାତ୍ରା ପାଇଁ ମାଲକାନଗିରି ଜିଲ୍ଲା ଉତ୍ସବମୁଖର

ମାଲକାନଗିରି(ଭାସ୍କର ନ୍ୟୁଜ): ଘୋଷ ଯାତ୍ରା ପାଇଁ ସମଗ୍ର ମାଲକାନଗିରି ଜିଲ୍ଲା ଆଜି ଉତ୍ସବ ମୁଖର ହୋଇ ଉଠିଥିବା ଦେଖିବାକୁ ମିଳିଛି। ମାଲାନଗିରି ଜିଲ୍ଲାରେ ପାଗ ଅନୁକୂଳ ଥିବାରୁ ଜିଲ୍ଲାର ବିଭିନ୍ନ ଅଚଂଳରେ ରଥ ଯାତ୍ରା ଆଡମ୍ବର ସ?ହକାରେ ପାଳିତ ହୋଇ ଯାଇଛି। ଜିଲ୍ଲାସଦର ମହକୁମା ଠାରେ ଥିବା ଶ୍ରୀ ଜଗନ୍ନାଥମନ୍ଦିର ରେ ସକାଳେ ଠାକୁରଙ୍କ ରୀତିନୀତି ପାଳନ ଓ ମିଠା ପଲହାଉ ଭୋଗ ସରିବା ପରେ ଶ୍ରୀଜିଉଙ୍କ ରଥପ୍ରତିଷ୍ଠା ହୋଇଥିଲା। ଅପରାହ୍ନ ଘ ୩.୩୦ ମି. ସମୟ ରେ ଘଣ୍ଟି, ଶଙ୍ଖ,କାହାଳି, ମୃଦଙ୍ଗ ବାଜାର ତାଳେ ତାଳେ ସେବାୟତ ମାନେ ଚତୁର୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରି ରଥଉପରକୁ ନେଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ରାଜପଗଡି ବାନ୍ଧି ହାତ ରେ ସୁନା ଓ ରୁପା ଝାଡୁ ଧରି ଛେରାପହଁରା କରିଥିଲେ। ଛେରାପହଁରା ପରେ ରଥାରୁଢ ଶ୍ରୀଜିଉଙ୍କୁ ରାଜପୁରୋହିତ ବିନାୟକ ସତପଥି ,ସନ୍ତୋଷନନ୍ଦ, ରମେଶ ସତପଥି ଓ ସେବାୟତ ମାନେ ଠାକୁରଙ୍କ ନିକଟରେ ରାଜଭୋଗ ଲଗାଇବା ପରେ ଜିଲ୍ଲାପାଳ ଙ୍କ ଦ୍ୱାରା ଆଳତୀ କରାଯାଇଥିଲା। ଶ୍ରୀଜିଉଙ୍କ ପୂଜା ରିତି ନିତି ସରିବା ପରେ ଘ.୪.୩୦ ମି. ସମୟ ରେ ଗାଁ ପୂଜାରୀ ଡାହୁକ ତ୍ରିନାଥ ରାଜୁ କାହାଳି ବଜାଇ ରଥଟାଣିବା ପାଇଁ ଡାକପକାଇବା ପରେ ଭକ୍ତମାନେ ରଥ ଟାଣି ମାଉସୀମା ମନ୍ଦିର ନିକଟକୁ ରଥ ଟାଣି ନେଇଥିଲେ। ରଥଯାତ୍ରା ପୂଜା କମଟିର ସଭାପତି ସ୍ଥାନୀୟ ତହସିଲଦାର ଟିକୁନ ପୁଟାଙ୍କ ସହ ଅନ୍ୟ ସଦସ୍ୟ ଓ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ସବର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ସହକାରୀ ଏସପି ରାଜକିଶୋର ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି ରଥ ଯାତ୍ରାରେ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ପୁଲିସଟିମ ପକ୍ଷରୁ ସୁରକ୍ଷାବ୍ୟବସ୍ଥା କରାଇଥିଲା। ଜିଲ୍ଲା ସୁଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରବଚନ ଓ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଏହି ରଥ ଯାତ୍ରା ଦେଖିବା ଲାଗି ମାଲକାନଗିରି ଜିଲ୍ଲା ଓ ପଡୋଶୀ ରାଜ୍ୟ ଛତିଶଗଡରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଲାଗିଥିଲା, ମାଲକାନଗିରି ଜିଲ୍ଲାର କୁନି କଳାକାର ମାନଙ୍କ ଦ୍ୱାରା ରଥ ବଡଦାଣ୍ଡରେ ଗୋଟିପୁଅ ଓ ଓଡିଶୀ ନୃତ୍ୟ ପରିବେଷଣ ସହିତ ଜୟବଜରଙ୍ଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ ସଂକୀର୍ତ୍ତନ ଚାଲିଥିଲା। ବିଶେଷ କରି ମାଲକାନଗିରି ଜିଲ୍ଲାର ବିଭିନ୍ନ ଆଦିବାସୀ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇ ରଥ ଦୌଡି ଧରି ରଥ ଟାଣିଥିଲେ। ଅନୁରୂପ ଭାବେ ଜିଲ୍ଲା ସଦର ମହାକୁମା ରେ ଜିଲ୍ଲାବନବିଭାଗ ପକ୍ଷରୁ ମଧ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ବିଶେଷ କରି ଆନ୍ଧ୍ର ଓଡିଶା ଛତିଶଗଡ ସିମାନ୍ତ ମୋଟୁ ଠାରେ ଥିବା ଶ୍ରୀଜଗନାଥ ମନ୍ଦିର ପରିସରରେ ଓ ପଡିଆ ଠାରେ ପବିତ୍ର ରଥ ଯାତ୍ରା ପାଳିତ ହୋଇଛି ଏହି ଦୁଇଟି ସ୍ଥାନରେ ନିଆରା ଢଙ୍ଗ ରେ ସର୍ବ ଧର୍ମ ଭାଇଚାରାର ପ୍ରତୀକ ହିନ୍ଦୁ ମାନଙ୍କ ସହିତ ମୁଲମାନ ଓ ଖ୍ରୀଷ୍ଟଧର୍ମର ଲୋକମାନେ ମିଳିତ ଭାବେ ରଥ ଟାଣି ଘୋଷଯାତ୍ରାର ମଜାନେଇ ଥିଲେ। ଠିକ ସେହିପରି ଦୟାଣ ଶ୍ରୀକ୍ଷେତ୍ର ପରକନାମାଳା ପଂଚାୟତର ଶିରିପେଟା ଠାରେ ମଧ ମହା ଆଡମ୍ବର ସହକାରେ ରଥ ଯାତ୍ରା ପାଳିତ ହୋଇଥିବା ଦେଖିବାକୁ ମିଳିଛି। କାଳିମେଳା ଠାରେ ଠିକ୍ ଘ.୪.୦୦ ଟା ସମୟ ରେ ମାଲା ମାଡ଼ି ରାଜ ମକୁଟ ପିନ୍ଧି ରଥରେ ଛେରା ପହଁରା ଓ ମୁଖ୍ୟ ପୂଜାରୀ ରାଜଭୋଗ କରିବା ପରେ ଭକ୍ତ ମାନେ ରଥଟଣା ଆରମ୍ଭ କରିଥଲେ। କାଳିମେଳା ରଥ ଯାତ୍ରା ରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଜଣା ପଡ଼ିଛି। ସେହିପରି ଜିଲ୍ଲାର ଏମଭି ୭୯, ଚିତ୍ରକୋଣ୍ଡା, କୋରକୁଣ୍ଡା, ବାଲିମେଳା, ଗୋବିନ୍ଦପାଲି, ମାଥିଲି ଭଳି ବିଭିନ୍ନ ସ୍ଥାନରେ ମହା ଆଡମ୍ବର ସହକାରେ ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି।



**NOTICE**

By virtue of an affidavit sworn before the Executive Magistrate, Ranpur, dated: 25.06.2025, I Jitendra Kumar Dora, Address: At-Kunjaban, Po- Brajarajpur, Ps- Ranpur, Dist-Nayagarh, Odisha, PIN-752026, declare that I have changed my son's name from Ausman Dora to Ayushman Dora. Henceforth, he shall be known as Ayushman Dora for all purposes.
Sd/- Jitendra Kumar Dora

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଡିଆରଏମ୍/ଇଞ୍ଜିନିୟରିଂ, ଦକ୍ଷିଣ-ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବଦଳରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏ କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣୀୟ ନୁହେଁ। ଯଦି ବି ଆସେ ଏହାକୁ ଅଗ୍ରାହ୍ୟ କରି ଦିଆଯିବ। ଟେଣ୍ଡର ନୋଟିସ ନଂ ସିକେପି-ଇଷ୍ଟ-୨୫-୨୬-୧୬, ତାରିଖ: ୨୬.୦୬.୨୦୨୫, କାର୍ଯ୍ୟର ନାମ: ଆଦିତ୍ୟପୁରରେ ତୁରନ୍ତ ଜଳଯୋଗାଣ ପାଇଁ ଯାନ୍ତ୍ରିକ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧,୨୪,୫୮,୮୧୧.୧୮/-, ଅମାନତ ଜମା: ଟ.୨,୧୨,୩୦୦/-। ଟେଣ୍ଡର ପେପର ମୂଲ୍ୟ: ଶୂନ। ଖୋଲିବା ତାରିଖ: ୨୧.୦୭.୨୦୨୫। ଏହି ଟେଣ୍ଡରଟି ଆମର ୱେବସାଇଟ୍:http://www.ireps.gov.in ରେ ଦେଖିପାରିବେ। ଟେଣ୍ଡରର ଏବଂ ବିଡରମାନଙ୍କର ନିଶ୍ଚିତ ଭାବେ କ୍ଲାସ୍-ଥ୍ରୀ ଡିଜିଟାଲ ସିଗନେଚର ସାର୍ଟିଫିକେଟ ଥିବ ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରର/ବିଡର ଏହି ଇ-ଟେଣ୍ଡରରେ ଭାଗ ନେଇପାରିବେ। ଇ-ଟେଣ୍ଡର ସମୟରେ ସମସ୍ତ କାଗଜପତ୍ର ଅପଲୋଡ୍ କରିବାକୁ ପଡ଼ିବ। ବିଶେଷ ଦ୍ରଷ୍ଟବ୍ୟ: ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଟେଣ୍ଡରରମାନଙ୍କୁ ଯୋଗାଇ ଦିଆଯିବ। (ଅଧିକାରୀ-ରେଳବାଇ ବୋର୍ଡର ଚିଠି ନଂ ୨୦୨୦/ସିଇ-୧/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬.୦୭.୨୦୨୦)

(PR-325)



ନୂଆଦିଲ୍ଲୀ : ଇରାନ ଉପରେ ଆମେରିକୀୟ ବିମାନ ଆକ୍ରମଣକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସିମା ଏବଂ ନାଗାସାକି ପରମାଣୁ ବୋମା ମାଡ଼ ସହିତ ତୁଳନା କରିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ନିନ୍ଦା କରିଛି ଜାପାନ। ୧୯୪୫ ମସିହାରେ ଦୁଇଟି ଜାପାନୀ ସହର ଉପରେ ଆମେରିକା ପରମାଣୁ ବୋମା ପକାଇବା ସମୟରେ ପ୍ରାୟ ଏକ ଲକ୍ଷ ୪୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ନାଗାସାକିର ମେୟର ଶିରୋ ସୁଜୁକି କହିଛନ୍ତି ଯେ ଟ୍ରମ୍ପଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦ ଏବଂ ଏହାକୁ ପରମାଣୁ ଅସ୍ତ୍ର ବ୍ୟବହାରକୁ ଯଥାର୍ଥ ବୋଲି ଦେଖାଯାଇପାରେ। ଅନେକ ବଞ୍ଚିଥିବା ଲୋକଙ୍କ ଦ୍ୱାରା ଟ୍ରମ୍ପଙ୍କ ମନ୍ତବ୍ୟକୁ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଥିଲା। ଗତକାଲି ବଞ୍ଚିଥିବା ଲୋକମାନେ ହିରୋସିମାରେ ଏକ ପ୍ରତିବାଦ କରିଥିଲେ, ଟ୍ରମ୍ପଙ୍କୁ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।

# ରଥଯାତ୍ରାରେ ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ



ରାୟପୁର: ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଛତିଶଗଡ ଜନସାଧାରଣଙ୍କୁ ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ପବିତ୍ର ଅବସରରେ ପ୍ରଭୁ ଜଗନ୍ନାଥ ସମସ୍ତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି ତଥା ଖୁସିରେ ରଖନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ମହାପ୍ରଭୁ ଜଗନ୍ନାଥଙ୍କ ଧାମ ପୁରୀ ସହିତ ଦେଶର ବିଭିନ୍ନ ସ୍ଥାନରେ ରଥଯାତ୍ରା ବଡ ଧୁମ୍‌ଧାମ୍ ଓ ଶ୍ରଦ୍ଧାର ସହିତ ପାଳନ କରାଯାଉଛି। ଭଗବାନ ଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ଏହି ଯାତ୍ରା ଭାରତୀୟ ସଂସ୍କୃତିର ଏକତା ଏବଂ ସୌହାର୍ଦ୍ଦ୍ୟକ କରିବାର ସଶକ୍ତ ପ୍ରତୀକ ବୋଲି ଶ୍ରୀ ସାଏ କହିଥିଲେ। ପୁରାତନ କାଳରେ ଛତିଶଗଡବାସୀ ଭଗବାନ ଜଗନ୍ନାଥଙ୍କ ପ୍ରତି ଗଭୀର ଆସ୍ଥା ରଖୁଥିଲେ। ଓଡ଼ିଆ ସମାଜ ସହ ମିଶି ଛତିଶଗଡବାସୀ ପ୍ରତିବର୍ଷ ଭକ୍ତି ଭାବନା ସହ ଜଗନ୍ନାଥଙ୍କ ରଥଯାତ୍ରା କରିଥାନ୍ତି। ଏହି ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଥାଏ ବୋଲି ସେ କହିଥିଲେ।

# ଆଶାରାମଙ୍କ ଜାମିନ୍ ୭ ଜୁଲାଇକୁ ବୃଦ୍ଧି

ନୂଆଦିଲ୍ଲୀ: ଗୁଜରାଟ ହାଇକୋର୍ଟ ୨୦୧୩ ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ତାଙ୍କ ଅସ୍ଥାୟୀ ଜାମିନକୁ ୭ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେ ଏହି ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଆବେଦନର ଶୁଣାଣି ସମୟରେ, ବିଚାରପତି ଇଲେଶ ଭୋରା ଏବଂ ସନ୍ଦୀପ ଭଟ୍ଟଙ୍କ ଖଣ୍ଡପୀଠ ଆଶାରାମଙ୍କ ଅସ୍ଥାୟୀ ଜାମିନକୁ ତିନି ମାସରୁ ବୃଦ୍ଧି କରିଛନ୍ତି, ଯାହା ପୂର୍ବରୁ ୨୮ ମାର୍ଚ୍ଚରେ ଦିଆଯାଇଥିଲା। ଏହାର ଅବଧି ୩୦ ଜୁନ୍ ରେ ଶେଷ ହେଉଛି। ଆଶାରାମ (୮୬) ସ୍ୱାସ୍ଥ୍ୟଗତ କାରଣରୁ ଜାମିନରେ ଅଛନ୍ତି। ତାଙ୍କ ଓକିଲ ଆବେଦନରେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିପାରିବେ ସେଥିପାଇଁ ଜାମିନ ଅବଧି ବୃଦ୍ଧି କରାଯାଇଛି ।ଗାନ୍ଧୀନଗରର ଏକ କୋର୍ଟ ଜାନୁଆରୀ ୨୦୨୩ ରେ ଆଶାରାମଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। ୨୦୧୩ ରେ ରାଜସ୍ଥାନର ତାଙ୍କ ଆଶ୍ରମରେ ଜଣେ ନାବାଳିକା ଝିଅକୁ ଯୌନ ନିର୍ଯାତନା ଦେବାର ଅନ୍ୟ ଏକ ମାମଲାରେ ଆଶାରାମ ମଧ୍ୟ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

# ବିଜେପି-ଆରଏସ୍ଏସ୍‌କୁ ରାହୁଲଙ୍କ ଟାର୍ଗେଟ



ନୂଆଦିଲ୍ଲୀ: ଆରଏସଏସ ନେତା ଦତ୍ତାତ୍ରେୟ ହୋସାବଲେ ସମ୍ବିଧାନରୁ ଧର୍ମନିରପେକ୍ଷ ଏବଂ ସମାଜବାଦୀ ଶବ୍ଦଗୁଡ଼ିକୁ ହଟାଇବା ବିଷୟରେ ଏକ ବିବୃତ୍ତି ଦେଇଥିଲେ। ଏହା ଏବେ ଦେଶରେ ରାଜନୈତିକ ହଇଚଇ ସୃଷ୍ଟି କରିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ ବିଜେପି ଏବଂ ଆରଏସଏସକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଆରଏସଏସର ମୁଖା ପୁଣି ଖୋଲିଯାଇଛି। ସେ କହିଛନ୍ତି, 'ସମ୍ବିଧାନ ସେମାନଙ୍କୁ ଆଘାତ ଦିଏ କାରଣ ଏହା ସମାନତା, ଧର୍ମନିରପେକ୍ଷତା ଏବଂ ନ୍ୟାୟ ବିଷୟରେ କଥାବାର୍ତ୍ତା କରେ। ବିଜେପି-ଆରଏସଏସ ସମ୍ବିଧାନ ଚାହାଁନ୍ତି ନାହିଁ, ସେମାନେ ମନୁସ୍ମୃତି ଚାହାଁନ୍ତି। ସେମାନେ ଗରିବଙ୍କୁ ସେମାନଙ୍କର ଅଧିକାର ଛଡ଼ାଇ ନେଇ ପୁଣି ଥରେ ଦାସତ୍ୱ କରି ରଖିବାକୁ ଚାହାଁନ୍ତି।' କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, 'ସେମାନଙ୍କଠାରୁ ସମ୍ବିଧାନ ଭଳି ଏକ ଶକ୍ତିଶାଳୀ ଅସ୍ତ୍ର ଛଡ଼ାଇ ନେବା ହେଉଛି ସେମାନଙ୍କର ପ୍ରକୃତ ଏଜେଣ୍ଡା।

# ଖୁବ୍‌ଶୀଘ୍ର ହେବ ବିଜେପି ରାଷ୍ଟ୍ରୀୟ ସଭାପତି ନିର୍ବାଚନ !

ନୂଆଦିଲ୍ଲୀ: ବିଜେପି ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପାଇଁ ଆଉ ପାଦେ ଆଗକୁ ବଢ଼ିଛି । ଦଳ ଆଜି ତିନୋଟି ରାଜ୍ୟରେ ରାଜ୍ୟ ସଭାପତି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିଛି। ଏପର୍ଯ୍ୟନ୍ତ, ବିଜେପି ୧୪ଟି ରାଜ୍ୟରେ ଏହାର ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରିଛି। ଯେତେବେଳେ ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପାଇଁ, ୧୯ଟି ରାଜ୍ୟରେ ସଂଗଠନ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ଆବଶ୍ୟକ। ଏପରି ପରିସ୍ଥିତିରେ, ଏବେ ବିଜେପିର ରାଷ୍ଟ୍ରୀୟ ସଭାପତିଙ୍କ ନିର୍ବାଚନ ଖୁବ୍ ଶୀଘ୍ର ହୋଇପାରେ। ଶୁକ୍ରବାର ବିଜେପି ମହାରାଷ୍ଟ୍ରରେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ, ଉତ୍ତରାଖଣ୍ଡରେ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ଏବଂ ପଶ୍ଚିମବଙ୍ଗରେ ରବି ଶଙ୍କର ପ୍ରସାଦଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତ କରିଛି। ଜାତୀୟ ରିଟର୍ଣ୍ଣିଂ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣ ଏକ ଚିଠି ଜାରି କରି ତିନି ଜଣଙ୍କ ନାମ ଘୋଷଣା କରିଛନ୍ତି। ଏବେ ଏହି ତିନି ନେତା ଏହି ରାଜ୍ୟଗୁଡ଼ିକୁ ଯିବେ ଏବଂ ଏହି ତିନୋଟି ରାଜ୍ୟରେ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ, ଯାହା ପରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯିବ। ବିଜେପିର ୧୯ଟି ରାଜ୍ୟରେ ସଂଗଠନ ନିର୍ବାଚନ ପରେ, ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହେବେ, ଏହା ବିଶ୍ୱାସ କରାଯାଉଛି ଯେ ଆସନ୍ତା ମାସ ଆରମ୍ଭ ସୁଦ୍ଧା ଦଳ ଏହାର ରାଷ୍ଟ୍ରୀୟ ସଭାପତି ନିର୍ବାଚନ ପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟା ସମାପ୍ତ କରିବ।


OFFICE OF THE PRINCIPAL-CUM-SECRETARY

**MAHIMA DEGREE COLLEGE, BIJAPALI**

P.O.-PANCHGAON, DIST.-JHARSUGUDA, ODISHA, PIN-768226,
E-mail: mahimacollege116@gmail.com

Letter No. : 130/MDCB/25 Date : 26.06.2025

## TENDER QUOTATION CALL NOTICE

Sealed quotations are invited for the supply of Desktop Computers, UPS, Printer, LED TV, Wireless MIC and internet connection from the interested registered firm/authorized dealers having IT and GST clearance. The sealed tender paper should reach the office of the undersigned on or before 05.07.2025 only through speed post or registered post and the tender will be opened on the same day at 4.30 pm on 05.07.2025.

For more details regarding the specification of item and bidding procedure, please mail us:- mahimacollege116@gmail.com

Sd/-
**Principal**
Mahima Degree College, Bijapali


# ଚାଇନାକୁ ଭାରତର ଚେତାବନୀ

ବେଜିଂ: ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବୈଠକ ସମୟରେ, ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କ୍ୱିଂଡାଓରେ ଚାଇନାର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନଙ୍କୁ ଭେଟିଥିଲେ। ଏହି ବୈଠକରେ ରାଜନାଥ ସିଂହ ଚୀନକୁ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ ଯେ ଉଭୟ ଦେଶ କୌଣସି ନୂତନ ଉତ୍ତେଜନାକୁ ଏଡାଇବା ଉଚିତ ଏବଂ ସୀମାରେ ଶାନ୍ତି ବଜାୟ ରଖିବା ଆବଶ୍ୟକ। ବୈଠକ ସମୟରେ, କୈଳାସ ମାନସରୋବର ଯାତ୍ରା ସମ୍ପର୍କରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଯାତ୍ରା ଗତ ଛଅ ବର୍ଷ ଧରି ସ୍ଥଗିତ ଥିଲା। ରାଜନାଥ ସିଂହ ତାଙ୍କ ପୋଷ୍ଟରେ କହିଛନ୍ତି, ଏବେ ଏହି ଯାତ୍ରା ପୁଣି ଥରେ ଆରମ୍ଭ ହେବାକୁ ଯାଉଛି। ସୂଚନାଯୋଗ୍ୟ ଯେ, କୋଭିଡ-୧୯ ମହାମାରୀ ଯୋଗୁ ଏହି ଯାତ୍ରା ପ୍ରଥମେ ୨୦୨୦ ରେ ବନ୍ଦ କରାଯାଇଥିଲା, କିନ୍ତୁ ତା'ପରେ ଲଦାଖର ଗାଲଭାନ ଉପତ୍ୟକାରେ ଭାରତ-ଚାଇନା ସାମରିକ ମୁହାଁମୁହିଁ ଯୋଗୁ ଯାତ୍ରା ପୁନଃଆରମ୍ଭ ହୋଇପାରି ନ ଥିଲା।

# ୫ଟି ନୂଆ ଫୁଲଫିଲମେଣ୍ଟ ସେଣ୍ଟର ସାମିଲ କରିଛି ଆମାଜନ


ନୂଆଦିଲ୍ଲୀ: ପ୍ରାଇମ ଡେ' ୨୦୨୫ ଆସନ୍ତା ଜୁଲାଇ ମାସରୁ ଆରମ୍ଭ ହେବା ସହିତ, ଆମାଜନ ୫ଟି ନୂଆ ଫୁଲଫିଲମେଣ୍ଟ ସେଣ୍ଟର୍ (ଏଫସି)ର ଶୁଭାରମ୍ଭ ଘୋଷଣା କରିଛି, ଯାହାକୁ ଭାରତରେ ଏହାର ମଜବୁତ ଅପରେଶନ ନେଟ୍ୱର୍କରେ ସାମିଲ କରାଯାଇଛି । ଏହି ସମ୍ପ୍ରସାରଣ ଇନ୍ଦୋର, ଭୁବନେଶ୍ୱର, କୋଚି ଓ ରାଜପୁରାରେ ପ୍ରଥମ ଆମାଜନ ଏଫସିର ଉନ୍ମୋଚନ କରିଛି । ଏହି ନୂଆ ଫୁଲଫିଲମେଣ୍ଟ ସେଣ୍ଟରଗୁଡିକୁ ରଣନୈତିକ ସହଯୋଗୀଙ୍କ ଦ୍ୱାରା ପରିଚାଳନା ଓ ନିୟନ୍ତ୍ରଣ କରାଯିବ ଯେଉଁମାନେ ଲଜିଷ୍ଟିକ୍ସ ଇଣ୍ଡଷ୍ଟ୍ରୀର ଲିଡର ଅଟନ୍ତି ଏବଂ ଏହା ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଡେଲିଭରି ବେଗକୁ ବହୁମାତ୍ରାରେ ବୃଦ୍ଧି କରିବ । ଏହି ସମ୍ପ୍ରସାରଣ ସେଲରମାନଙ୍କୁ ସିଲେକ୍ସନକୁ ତାଙ୍କ ନିକଟତର ରଖି ଗ୍ରାହକଙ୍କୁ ଉତମ ଭାବେ ସେବା ପ୍ରଦାନ କରିବା ଏବଂ ହଜାର ହଜାର ନୂଆ କାର୍ଯ୍ୟ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହା ଅଞ୍ଚଳକୁ ଆର୍ଥିକ ଲାଭ ପ୍ରଦାନ କରିବ । ଏହି ଶୁଭାରମ୍ଭ ସମ୍ପର୍କରେ କମ୍ପାନୀର ଭିପି, ଅପରେଶନ୍ସ ଇଣ୍ଡିଆ ଓ ଅଷ୍ଟ୍ରେଲିଆ ଅଭିନବ ସିଂହ କହିଛନ୍ତି, ଆମେ ଭାରତର ଦ୍ରୁତତମ, ସୁରକ୍ଷିତ ଓ ସବୁଠାରୁ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ନେଟ୍ୱର୍କର ନିର୍ମାଣ ଓ ପରିଚାଳନା ଉପରେ ଗୁରୁତ୍ୱ ଦେଉଛୁ ଯାହା ଦେଶର ଗ୍ରାହକମାନଙ୍କୁ ସେବା ଯୋଗାଇବ । ଏହି ୫ଟି ନୂଆ ଫୁଲଫିଲମେଣ୍ଟ ସେଣ୍ଟର ଆମର ପରିଚାଳନା ଭିତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତିନିଧିତ୍ୱ କରୁଛି ଏବଂ ଭାରତବ୍ୟାପୀ ଆମର ଗ୍ରାହକ ଓ ସେଲରଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ।

# ନୂଆଦିଲ୍ଲୀ ହଜଖାସ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ନୂଆଦିଲ୍ଲୀ:ସାରା ବିଶ୍ୱରେ ଆଜି ଧୁମଧାମରେ ପାଳନ ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହି ଅବସରରେ ନୂଆଦିଲ୍ଲୀ ହଜଖାସ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳନ ହେଉଛି । ଚଳିତ ବର୍ଷ ହଜଖାସ ଜଗନ୍ନାଥ ମନ୍ଦିରର ୪୭ ତମ ରଥଯାତ୍ରା ଅନୁଷ୍ଠିତ ହେଉଛି । ମୁଖ୍ୟ ଅତିଥିଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପହଞ୍ଚିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଧର୍ମପତ୍ନୀ ମୃଦୁଳା ପ୍ରଧାନ ମଧ୍ୟ ଅତିଥିଭାବେ ଆସିବେ । ପାଖାପାଖି ୫୦ ହଜାର ଶ୍ରଦ୍ଧାଳୁ ରଥଯାତ୍ରାରେ ଭାଗ ନେବେ। ଓଡ଼ିଆ ସମେତ ଅଣଓଡ଼ିଆ ଭକ୍ତଙ୍କ ଆଗମନ ହେଉଛି । ଏଥିପାଇଁ ଦିଲ୍ଲୀ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ହୋଇଛି। ଆନନ୍ଦ ବଜାରରେ ସମସ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ହୋଇଛି।










# ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ୫ ଉନ୍ମୋଚିତ

ମୁମ୍ବାଇ: ସୋନି ଇଣ୍ଡିଆ ପକ୍ଷରୁ ବହୁ ପ୍ରତିକ୍ଷୀତ ବ୍ରାଭିଆ ସିରିଜର ଟିଭି ବ୍ରାଭିଆ ୫କୁ ଉନ୍ମୋଚନ କରାଯାଇଛି। ଏହା ଦ୍ୱାରା ବ୍ରାଭିଆ ଟିଭି ବର୍ଗମାଳାର ସମ୍ପ୍ରସାରଣ ହୋଇଛି। ଗୃହ ମନୋରଞ୍ଜନରେ ରୂପାନ୍ତରଣ ଆଣିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ଟିଭି ଏଭଳି ଟିଭି ଦେଖିବା ଅନୁଭୂତି ପ୍ରଦାନ କରିବ, ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଗ୍ରାହକମାନଙ୍କ ବାସସ୍ଥାନର ଆକାର ଓ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବିଭିନ୍ନ ସ୍କ୍ରିନ ଆକାରରେ ଉପଲବ୍ଧ ହୋଇଛି। ସୋନିର ଉନ୍ନତ ଭିଜୁଆଲ ଓ ଅଡିଓ ପ୍ରଯୁକ୍ତି ଭାରତରେ ଗୃହ ମନୋରଂଜନର ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବ। ବ୍ରାଭିଆ ୫ରେ ରହିଛି ଏଆଇ ପ୍ରୋସେସର ଯାହା ଛବିର ଗୁଣାଙ୍କଗକ ମାନରେ ବେଶ ଉନ୍ନତି ଆଣିବ। ଏହା ମେସିନ ଲର୍ଣ୍ଣିଂ ଓ କଗ୍ନିଟିଭ ଇଣ୍ଟେଲିଜେନ୍ସକୁ ବ୍ୟବହାର କରି ମଣିଷ ଯେଭଳି ଦେଖେ ଓ ଶୁଣେ ସେହି ଅନୁସାରେ ଛବିକୁ ଉନ୍ନତ କରିବ। ଏଥିରେ ଥିବା ଏକ୍ସଆର ବ୍ୟାକ୍ଲାଇଟ୍ ମାଷ୍ଟର ଡ୍ରାଇଭ୍ ପ୍ରଯୁକ୍ତି ସ୍କ୍ରିନ ଉପରେ ଥିବା ବିଷୟବସ୍ତୁକୁ ଅଧିକ ବାସ୍ତବ, ପ୍ରାକୃତିକ କରିବ। ଏହାର ଡଲବି ଭିଜନ ଓ ଡଲବି ଆଟମସ ସହ ବହୁମୁଖୀ ସରାଉଣ୍ଡ ସାଉଣ୍ଡ ଏବଂ ଏଚଡିଆର ଭିଜୁଆଲ ଘରେ ସିନେମା ଦେଖିବା ଭଳି ଅନୁଭବ ପ୍ରଦାନ କରିବ। ୨୦୨୫ ଜୁନ ୨୬ରୁ ଏହା ଉପଲବ୍ଧ ହେବାକୁ ଯାଉଛି। ଏହାର କେ-୮୫ଏକ୍ସଆର୫୫ଏ ମଡେଲର ଦାମ ୪,୧୭,୯୯୦ ଟଙ୍କା, କେ-୭୫ଏକ୍ସଆର୫୫ଏ ଦାମ ୨,୮୪,୯୯୦ ଟଙ୍କା, କେ-୬୫ଏକ୍ସଆର୫୫ଏ ଦାମ ୧,୭୩,୮୪୦ ଟଙ୍କା ଏବଂ କେ-୫୫ଏକ୍ସଆର୫୫ଏ ଦାମ ୧,୩୭,୭୪୦ ଟଙ୍କା ରହିଛି। ଏହି ମଡେଲଗୁଡିକ ସମସ୍ତ ସୋନି ସେଣ୍ଟର୍ସ ପ୍ରମୁଖ ଇଲେକ୍ଟ୍ରୋନିକ୍ ଷ୍ଟୋର୍ ଏବଂ ଇ-କମର୍ସ ପୋର୍ଟାଲରେ ଭାରତରେ ଉପଲବ୍ଧ ହେବ। ସୋନି ବ୍ରାଭିଆ ୫ ପାଇଁ ଏକ ବର୍ଷର ବିସ୍ତୃତ ୱାରେଣ୍ଟି ମଧ୍ୟ ପ୍ରଦାନ କରୁଛି।


# ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ ପକ୍ଷରୁ ଆକ୍‌ଜୋ ନୋବେଲ୍ ସହ ରାଜିନାମା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜେଏସ୍‌ଡବ୍ଲୁ ପେଂଟସ୍ ପକ୍ଷରୁ ଆକ୍‌ଜୋ ନୋବେଲ୍ ଏନ୍‌ଭି ଓ ଏହାର ସହଯୋଗୀଙ୍କଠାରୁ ୮୯୮୬ କୋଟି ଟଙ୍କାର ସେୟାର କ୍ରୟ ରାଜିନାମା ଅଧୀନରେ ଆକ୍‌ଜୋ ନୋବେଲ୍ ଇଣ୍ଡିଆ ଲିମିଟେଡ୍ (ଏଏନ୍‌ଆଇଏଲ୍)ର ୭୪.୭୬% ଅଂଶଧନ ଅଧିଗ୍ରହଣ କରିବା ଲାଗି ରାଜିନାମା ସ୍ୱାକ୍ଷର କରାଯାଇଛି। ଏହି ପ୍ରସ୍ତାବିତ ଅଧିଗ୍ରହଣକୁ ଭାରତୀୟ ପ୍ରତିଯୋଗିତା କମିସନଙ୍କ ଅନୁମୋଦନର ଆବଶ୍ୟକତା ରହିଛି ଏବଂ ଏଏନ୍‌ଆଇଏଲ୍‌ର ସାର୍ବଜନୀନ ଅଂଶଧନକାରୀଙ୍କୁ ବାଧ୍ୟତାମୂଳକ ଟେଣ୍ଡର ଅଫର ଆଣିବାକୁ ପଡ଼ିବ। ଜେଏସ୍‌ଡବ୍ଲୁ ପେଂଟସ୍ ହେଉଛି ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ପେଂଟ୍ କମ୍ପାନି ଏବଂ ଏହା ଭାରତର ଅଗ୍ରଣୀ ବ୍ୟବସାୟିକ ପ୍ରତିଷ୍ଠାନ ୨୩ ବିଲିଅନ ଡଲାରର ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଏକ ଅଂଶ ଯାହା ଇସ୍ପାତ, ସିମେଂଟ୍, ଶକ୍ତି ଭିତିଭୂମି, ଅଟୋମୋଟିଭ୍ ଓ ପେଂଟ୍ କ୍ଷେତ୍ରରେ କାରବାର କରୁଛି। ଏଏନ୍‌ଆଇଏଲ୍ ହେଉଛି ଭାରତର ଅଗ୍ରଣୀ ଡେକୋରେଟିଭ୍ ପେଂଟ୍ ଓ ଶିଳ୍ପ କୋଟିଂ କମ୍ପାନି ଯାହାର ମୁଖ୍ୟ କାର୍ଯ୍ୟାଳୟ ନେଦରଲ୍ୟାଣ୍ଡ୍‌ସରେ ରହିଛି। ଜେଏସ୍‌ଡବ୍ଲୁ ପେଂଟ୍‌ସର ପରିଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି ଯେ, 'ପେଂଟ୍ ଓ କୋଟିଂ ହେଉଛି ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କ୍ଷେତ୍ର ଏବଂ ଜେଏସ୍‌ଡବ୍ଲ୍ୟୁ ପେଂଟ୍‌ସ ହେଉଛି ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ପେଂଟ୍ କମ୍ପାନି। ଆକ୍‌ଜୋ ନୋବେଲ୍ ଇଣ୍ଡିଆ ହେଉଛି ଡ୍ୟୁଲକ୍ସ ଇଂଟରନ୍ୟାସନାଲ୍ ଓ ସିକେନ୍‌ସ ଭଳି ଅନେକ ବିଶ୍ୱସ୍ତରରେ ପ୍ରତିଷ୍ଠିତ ପେଂଟ୍ ଓ କୋଟିଂ ବ୍ରାଣ୍ଡର କମ୍ପାନି। ଆମେ ସେମାନଙ୍କୁ ଜେଏସଡବ୍ଲ୍ୟୁ ପରିବାରକୁ ସ୍ୱାଗତ କରୁଛୁ। ଆକ୍‌ଜୋନୋବେଲ୍‌ର ସିଇଓ ଗ୍ରେଗ୍ ପୌକ୍ସ-ଗୁଇଲାଉମେ କହିଛନ୍ତି ଯେ, 'ଆମ ରଣନୀତି କାର୍ଯ୍ୟକାରିତାରେ ଏହି କାରବାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଆକ୍‌ଜୋନୋବେଲ୍ ଇଣ୍ଡିଆ ଲଗାତାର ଭାବେ ଦୃଢ଼ ପ୍ରଦର୍ଶନକାରୀ ହୋଇରହିଛି ଏବଂ ଏହାକୁ ସଫଳ କରିଥିବା ବ୍ରାଣ୍ଡ୍ ଓ ପ୍ରତିଭାଙ୍କୁ ନେଇ ଆମେ ଗର୍ବିତ।










# ଖେଳ ଖବର




ନୂଆଦିଲ୍ଲୀ: ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ଦଳ ରାଜସ୍ଥାନ ରୟାଲ୍ସ (ଆରଆର)ର ପୂର୍ବତନ ସହ-ମାଲିକ ରାଜ କୁନ୍ଦ୍ରା ସମସ୍ୟାରେ ପଡ଼ିଛନ୍ତି। ରାଜସ୍ଥାନ ରୟାଲ୍ସର ବର୍ତ୍ତମାନର ମାଲିକ ମନୋଜ ବଡାଲେ ତାଙ୍କ ଉପରେ 'ବ୍ଲାକମେଲିଂ' ଅଭିଯୋଗ ଆଣିଛନ୍ତି। ମନୋଜ ୟୁକେର ଏକ କୋର୍ଟରେ କୁନ୍ଦ୍ରାଙ୍କ ବିରୋଧରେ ଆଇନଗତ ଲଢ଼େଇ ଆରମ୍ଭ କରିଛନ୍ତି। ପ୍ରକୃତରେ, ୨୦୦୯ ମସିହାରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ଏକ ମରିସସ କମ୍ପାନୀର ସହାୟତାରେ ରାଜସ୍ଥାନ ରୟାଲ୍ସର ମାଲିକ ହୋଇଥିଲେ। ତାଙ୍କ ଦଳ (ରାଜସ୍ଥାନ ରୟାଲ୍ସ) ମଧ୍ୟ ପ୍ରଥମ ଆଇପିଏଲ ଟାଇଟଲ ଜିତିଥିଲା, କିନ୍ତୁ ୨୦୧୩ ଜୁନ ମାସରେ ଏହି ଦଳ ସମସ୍ୟାରେ ପଡ଼ିଥିଲା। ସେହି ସମୟରେ ରାଜ କୁନ୍ଦ୍ରାଙ୍କୁ ଦିଲ୍ଲୀ ପୋଲିସ ବେଟିଂ ଅଭିଯୋଗରେ ଗିରଫ କରିଥିଲା। ଏଥିପାଇଁ ସେ ବହୁତ ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ, ୨୦୦୯ ମସିହାରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ପ୍ରାୟ ୧୫.୪ ମିଲିୟନ ଡଲାରରେ ରାଜସ୍ଥାନ ରୟାଲ୍ସର ୧୧.୭% ଅଂଶଧନ କିଣିଥିଲେ, କିନ୍ତୁ ସ୍ପଟ ଫିକ୍ସିଂ ଅଭିଯୋଗ ପରେ ସେମାନଙ୍କୁ ନିଷିଦ୍ଧ କରାଯାଇଥିଲା। ରାଜସ୍ଥାନ ଦଳକୁ ୨ ବର୍ଷ ପାଇଁ ନିଷିଦ୍ଧ କରାଯାଇଥିଲା। ଏହା ପରେ ରାଜ କୁନ୍ଦ୍ରା ଏବଂ ଶିଳ୍ପା ସେଟ୍ଟୀ ଆଇପିଏଲରୁ ଅଲଗା ହୋଇଗଲେ। ଏହି ମାମଲା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ।

# କ୍ରିଷ୍ଟିୟାନ ରୋନାଲ୍ଡୋଙ୍କ ରାଜିନାମା ୨ ବର୍ଷକୁ ବୃଦ୍ଧି

ନୂଆଦିଲ୍ଲୀ : ବିଶ୍ୱର ଖ୍ୟାତାନାମା ଫୁଟବଲର୍ସଙ୍କ ମଧ୍ୟରେ ଅନ୍ୟତମ କ୍ରିଷ୍ଟିୟାନୋ ରୋନାଲଡୋ ୨୦୨୨ ମସିହାରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହିତ ରାଜିନାମା କରିଥିଲେ। ଏହି ରାଜିନାମା ଜୁନ ୨୦୨୫ରେ ସମାପ୍ତ ହେଉଥିଲା। ଏବେ ସେ ଅଲ-ନାସର କ୍ଲବ ସହିତ ଡିଲକୁ ଆଉ ୨ ବର୍ଷ ବୃଦ୍ଧି କରିଛନ୍ତି। କ୍ରିଷ୍ଟିୟାନୋ ରୋନାଲ୍ଡୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହ ତାଙ୍କ ରାଜିନାମା ଆଉ ଦୁଇ ବର୍ଷ ସମ୍ପ୍ରସାରଣ କରିଥିବା ସୂଚିତ କରିଛନ୍ତି। ସେ ଲେଖିଛନ୍ତି ଯେ 'ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା। ଅନ୍ୟପଟେ ଅଲ-



ନାସର କ୍ଲବ କହିଛି ଯେ ରୋନାଲଡୋଙ୍କ ସହିତ ରାଜିନାମା ୨୦୨୭ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଟାସ୍କ ସ୍ପୋର୍ଟସ୍ ଅନୁସାରେ ଅଲ-ନାସର ସହିତ ରାଜିନାମା ଆଗକୁ ବଢ଼ିବା ଯୋଗୁ ରୋନାଲଡୋଙ୍କୁ ପ୍ରତିବର୍ଷ ୧୭୮ ମିଲିନୟ ପାଉଣ୍ଡ (ପାଖାପାଖି ୨୦୦୦ କୋଟି ଟଙ୍କା) ମିଳିବ। ଏହା ସହିତ ଫୁଟବଲରଙ୍କୁ ଅନ୍ୟ ଭତ୍ତା ସବୁ ମଧ୍ୟ ମିଳିବ। ଏଥିରେ ଯଦି ଅଲ-ନାସର କ୍ଲବ ଟାଇଟଲ ଟ୍ରଫି ଯିତେ ତେବେ ରୋନାଲ୍ଡୋଙ୍କୁ ଅଲଗା ୮ ମିଲିୟନ ପ୍ରଦାନ କରାଯିବ। ଏହା ଛଡା ସାଇନିଂ ଏମାଉଣ୍ଟ ରୂପେ ରୋନାଲଡୋଙ୍କୁ ୨୪.୫ ମିଲିୟନ ପ୍ରଦାନ କରାଯିବ। ସେହିପରି କ୍ଲବ ତାଙ୍କ ପ୍ରାଇଭେଟ ଜେଟ୍ ଖର୍ଚ୍ଚ ମଧ୍ୟ ବହନ କରିବ। ଉଲ୍ଲେଖଯୋଗ୍ୟ ଯେ ପର୍ତ୍ତୁଗାଲ ଫୁଟବଲର ରୋନାଲ୍ଡୋଙ୍କ ପ୍ରଦର୍ଶନ ଅଲ-ନାସର କ୍ଲବ ପାଇଁ ଉଲ୍ଲେଖନୀୟ ରହିଛି। ସେ ଏହି କ୍ଲବ ପାଇଁ ଟପ ସ୍କୋରର ମଧ୍ୟ। ସେ କ୍ଲବରେ ଖେଳିବା କାଳରେ ମୋଟ ୨୫ଟି ଗୋଲ ସ୍କୋର କରିଛନ୍ତି। ହେଲେ ଅଲ-ନାସର କ୍ଲବ ଏପର୍ଯ୍ୟନ୍ତ ସାଉଦୀ ପ୍ରୋ ଲିଗ ଟାଇଟଲ ଜିତି ନାହିଁ। ତେବେ ଫ୍ୟାନ୍ସ ଆଶା କରୁଛନ୍ତି ଏଥର ରୋନାଲ୍ଡୋ ନିଶ୍ଚିତ ରୂପେ ଟିମକୁ ଚାମ୍ପିୟନ କରିବେ।

# ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରୁ ବୁମ୍‌ରା ବାଦ୍

ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟକା ଲାଗିଛି। ଭାରତର ଷ୍ଟାର ଦ୍ରୁତ ବୋଲର ଜସପ୍ରିତ ବୁମରା ଏଡ୍‌ଜବାଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ



ପଡ଼ିଛନ୍ତି। ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ବୁମରାଙ୍କୁ କାର୍ଯ୍ୟଭାର ପରିଚାଳନା କାରଣରୁ ଏହି ମ୍ୟାଚରେ ବିଶ୍ରାମ ଦିଆଯାଇଛି। ହେଡିଂଲିରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବୁମରା ଭାରତର ଶ୍ରେଷ୍ଠ ବୋଲର ଥିଲେ। ସେ ପ୍ରଥମ ଇନିଂସରେ ୮୩ ରନ୍ ଦେଇ ୫ଟି ୱିକେଟ ନେଇଥିଲେ, ଯାହା ଇଂଲଣ୍ଡ ବ୍ୟାଟିଂ ଲାଇନଅପକୁ ଦୋହଲାଇ ଦେଇଥିଲା। ତାଙ୍କ ଏହି ପ୍ରଦର୍ଶନ ଭାରତକୁ ମ୍ୟାଚରେ ପ୍ରତିଯୋଗିତାମୂଳକ ସ୍ଥିତିରେ ରଖିଥିଲା। ଏପରି ସ୍ଥିତିରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳର ବୋଲିଂ ଲାଇନଅପକୁ ଦୁର୍ବଳ କରିପାରେ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବୁମରାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅର୍ଶଦୀପ ଘରୋଇ କ୍ରିକେଟ ଏବଂ ସୀମିତ ଓଭର ଫର୍ମାଟରେ ନିଜର ପ୍ରତିଭା ଦେଖାଇଛନ୍ତି, କିନ୍ତୁ ଟେଷ୍ଟ କ୍ରିକେଟରେ ତାଙ୍କ ଅଭିଜ୍ଞତା ସୀମିତ। ତେଣୁ, ବୁମରାଙ୍କ ଅନୁପସ୍ଥିତିରେ ଅର୍ଶଦୀପଙ୍କ ଉପରେ ବଡ଼ ଦାୟିତ୍ୱ ରହିବ। ଅନ୍ୟ ବୋଲରମାନେ ଯେପରି ମହମ୍ମଦ ସିରାଜ ଏବଂ ଆକାଶ ଦୀପଙ୍କୁ ମଧ୍ୟ ନିଜର ପ୍ରଦର୍ଶନକୁ ଉନ୍ନତ କରିବାକୁ ପଡ଼ିବ। ଜସପ୍ରିତ ବୁମରା ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ଅତ୍ୟନ୍ତ ସଫଳ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ସେ ୪ ମ୍ୟାଚରେ ୩୦ରୁ ଅଧିକ ୱିକେଟ ନେଇଛନ୍ତି, ଯାହା ତାଙ୍କୁ ସିରିଜର ସଫଳତମ ବୋଲର କରିଛି। ଏହା ବ୍ୟତୀତ, ଚଳିତ ବର୍ଷ ସେ ୭୧ ଉଇକେଟ ନେଇ ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ବୋଲରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ହରାଇଥିଲା, ଯେଉଁଠି ସେ ୯ ଉଇକେଟ ନେଇଥିଲେ।

## ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# କର୍ଣ୍ଣାଟକ ବିଜେତା, ଓଡ଼ିଶା ସପ୍ତମ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଭୟ ପୁରୁଷ ଓ ମହିଳା ସହ ମୋଟ ଉପରେ କର୍ଣ୍ଣାଟକ ବିଜେତା ହେବାର ଗୌରବ ଅର୍ଜନ କରିଛି। ଓଡ଼ିଶା ୬ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ପଦକ ସହ ସପ୍ତମରେ ଅଭିଯାନ ଶେଷ କରିଛି। କର୍ଣ୍ଣାଟକ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୪ କାଂସ୍ୟ ସହ ୪୧ ପଦକ ପାଇଛି। କର୍ଣ୍ଣାଟକର ଦୁଇ ଖେଳାଳି ସୋଆନ ଗାଙ୍ଗୁଲି ଓ ଧୀନିଧୀ ଦେସିଙ୍ଘୁ ୨ଟି ଲେଖାଏଁ ଜାତୀୟ କୀର୍ତ୍ତିମାନ କରିବା ସହ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ସ୍ୱିମର ହୋଇଛନ୍ତି। ଏହି ୫ ଦିନିଆ ପ୍ରତିଯୋଗିତାରେ ୧୪ ଜାତୀୟ କୀର୍ତ୍ତିମାନ ଦେଖିବାକୁ ମିଳିଛି। ଶେଷ ଦିନରେ ଓଡ଼ିଶାକୁ ୨ ପଦକ ଭେଟି ଦେଇଥିଲେ ମନ୍ନତା ମିଶ୍ର ଓ ପ୍ରତ୍ୟାଶା




ରାୟ। ମନ୍ନତା ରୌପ୍ୟ ଓ ପ୍ରତ୍ୟାଶା କାଂସ୍ୟ ପାଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ମନ୍ନତା (୧:୧୫.୫୭) ଦ୍ୱିତୀୟରେ ରହିଥିଲେ। ଏହି ସମାନ ସମୟରେ ରେସ୍ ଶେଷ କରିଥିବା ମହାରାଷ୍ଟ୍ରର ସାନ୍‌ଭୀ ଦେଶୱାଲଙ୍କ ସହ ମନ୍ନତା ଯୁଗ୍ମ ଭାବେ ରୌପ୍ୟ ବିଜୟିନୀ ହୋଇଥିଲେ। ଆରଏସ୍‌ପିବିର ହର୍ଷିତା ଜୟରାମ ସ୍ୱର୍ଣ୍ଣ ପାଇଥିଲେ। ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଚତୁର୍ଥରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ତୃତୀୟ ସ୍ଥାନରେ ରହିଥିଲା ବେଳେ କର୍ଣ୍ଣାଟକର ବିହିତା ନୟନା ଲୋଗନାଥନ ସ୍ୱର୍ଣ୍ଣ ଏବଂ ବେଙ୍ଗଲର ସେବ୍ରିତି ମଣ୍ଡଳ ରୌପ୍ୟ ଜିତିଥିଲେ। ଶେଷ ଦିନରେ ଗୋଟିଏ ଜାତୀୟ କୀର୍ତ୍ତିମାନ ହୋଇଥିଲା। ପୁରୁଷ ୪୦୦ ମିଟର ମିଡ୍‌ଲେରେ ଅର୍ଯ୍ୟନ ନେହେରାଙ୍କ ନାମରେ ଥିବା ଜାତୀୟ କୀର୍ତ୍ତିମାନକୁ କର୍ଣ୍ଣାଟକର ସୋଆନ ଗାଙ୍ଗୁଲି ଭାଙ୍ଗିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ୭ ଲେଖାଏଁ ପୁରୁଷ ଓ ମହିଳା ଖେଳାଳି ଭାଗନେଇଥିଲେ। ପୁରୁଷ ଖେଳାଳି ବିଫଳ ହୋଇଥିଲା ମହିଳା ଖେଳାଳି ଓଡ଼ିଶା ପାଇଁ ସମସ୍ତ ପଦକ ଜିତିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଫିନା ବ୍ୟୁରୋ ସଦସ୍ୟ ତଥା ଏସୀୟ ଆକ୍ୱାଟିକ୍ ଫେଡେରେସନ୍ ସଭାପତି ବୀରେନ୍ଦ୍ର ନାନାବତୀ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଯୁଗ୍ମସଚିବ ସୋନାଲି ଚାନ୍ଦ, ଅମିତ କୁମାର ନାଏକ, ଓଏସ୍‌ଡି ଧୀରାଜ କୁମାର ପଟ୍ଟନାୟକ, ଭାରତୀୟ ସନ୍ତରଣ ମହାସଂଘ ସମ୍ପାଦକ ମୋନାଲ ଚୋକ୍ ?ସି ଏବଂ ଉପସଭାପତି ବଳଦେବ ରାଜ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନର ଆଶା ମଉଳିଲା

ନୂଆଦିଲ୍ଲୀ : ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନକୁ ଏକ ବଡ଼ ଝଟକା ଲାଗିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି ଅଲିମ୍ପିକ୍ସ ଆୟୋଜକ ସହର ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଏବଂ ଏହାର ସମୀକ୍ଷା କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଭାରତର ଅହମ୍ମଦାବାଦକୁ ୨୦୩୬ ଅଲିମ୍ପିକ୍ସ ଆୟୋଜନର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଦାବି କରିବାର ଯୋଜନାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ଆଇଓସିର



ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି, ଯିଏ ଜିମ୍ବାୱେର ପୂର୍ବତନ ଅଲିମ୍ପିଆନ ଏବଂ ଅଲିମ୍ପିକ୍ ଇତିହାସରେ ପ୍ରଥମ ଆଫ୍ରିକୀୟ ଅଧ୍ୟକ୍ଷ, ଘୋଷଣା କରିଛନ୍ତି ଯେ ଆୟୋଜକ ସହର ଚୟନ ପ୍ରକ୍ରିୟାରେ ଏକ ସମୀକ୍ଷା ଆବଶ୍ୟକ। ତାଙ୍କ ମତରେ, ବର୍ତ୍ତମାନର ଚୟନ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ କରିବା ପାଇଁ ଏକ କାର୍ଯ୍ୟଗୋଷ୍ଠୀ ଗଠନ କରାଯିବ। ଏହି ସମୀକ୍ଷା କେବେ ଏବଂ କିପରି ଭବିଷ୍ୟତ ଅଲିମ୍ପିକ୍ସ ଆୟୋଜକମାନଙ୍କୁ ଚୟନ କରାଯିବ ତାହା ନିର୍ଦ୍ଧାରଣ କରିବ। ଏହି ଘୋଷଣା ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ଲୋଜାନେ (ଆଇଓସି ମୁଖ୍ୟାଳୟ) ପ୍ରସ୍ତାବିତ ଗସ୍ତ କିଛି ଦିନ ପୂର୍ବରୁ ଆସିଛି, ଯେଉଁଠାରେ ଭାରତ ନିଜର ପ୍ରାର୍ଥୀତା ଉପସ୍ଥାପନ କରିବାକୁ ଯାଉଥିଲା। ତେବେ, ଆଇଓସିର ଏହି ନିଷ୍ପତ୍ତି ସତ୍ତ୍ୱେ ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଆଗାମୀ ସପ୍ତାହରେ ଜାରି ରହିବ। ଭାରତ ଦୀର୍ଘ ଦିନ ଧରି ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଛି, ଯେଉଁଥିରେ ଗୁଜରାଟର ଅହମ୍ମଦାବାଦକୁ ପ୍ରମୁଖ ଆୟୋଜକ ସହର ଭାବେ ପ୍ରସ୍ତୁତ କରାଯାଉଛି। ଅହମ୍ମଦାବାଦରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଯେପରିକି ନରେନ୍ଦ୍ର ମୋଦି ଷ୍ଟାଡିୟମ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟସ ଏନକ୍ଲେଭ, ଏହାର ଦାବିକୁ ମଜବୁତ କରୁଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଏବଂ କେନ୍ଦ୍ର ସରକାର ଏହି ପ୍ରସ୍ତୁତିରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଲକ୍ଷ୍ୟକୁ ନେଇ ଅନେକ ଥର ଉତ୍ସାହଜନକ ବୟାନ ଦେଇଛନ୍ତି। ତେବେ, ଆଇଓସିର ଏହି ନୂତନ ନିଷ୍ପତ୍ତି ଭାରତର ଯୋଜନାକୁ ଅସ୍ଥାୟୀ ଭାବେ ବାଧା ସୃଷ୍ଟି କରିଛି। ଅନ୍ୟ ପ୍ରାର୍ଥୀ ଦେଶ ଯେପରିକି ସାଉଦି ଆରବ, ଇଣ୍ଡୋନେସିଆ, ଏବଂ ମେକ୍ସିକୋ ମଧ୍ୟ ୨୦୩୬ ଅଲିମ୍ପିକ୍ସ ପାଇଁ ଦାବିଦାର ଥିବାରୁ, ଚୟନ ପ୍ରକ୍ରିୟା ସ୍ଥଗିତ ହେବା ଏକ ଅଧିକ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି କରିପାରେ। ଆଇଓସିର ଏହି ନିଷ୍ପତ୍ତି ଭାରତର ଅଲିମ୍ପିକ୍ସ ଆୟୋଜନ ଯୋଜନାକୁ ବିଳମ୍ବ କରିପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ହୋଇନାହିଁ। ବିଶେଷଜ୍ଞମାନଙ୍କ ମତରେ, ଏହା ଭାରତକୁ ନିଜର ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ଏବଂ ଆଇଓସିର ନୂତନ ଚୟନ ମାନଦଣ୍ଡ ଅନୁଯାୟୀ ନିଜକୁ ପ୍ରସ୍ତୁତି ସୁଯୋଗ ଦେଇପାରେ। ଅହମ୍ମଦାବାଦରେ ଥିବା ଭିତ୍ତିଭୂମି ଏବଂ ଭାରତର ଅର୍ଥନୈତିକ ଓ ରାଜନୈତିକ ସ୍ଥିରତା ଏହାର ଦାବିକୁ ଏକ ଶକ୍ତିଶାଳୀ ଆଧାର ଯୋଗାଇ ଦେଉଛି।

## ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତ ମନୋନୀତ

# ପ୍ରତ୍ୟେକ ନାଗରିକଙ୍କ ପାଇଁ ଏହା ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ : ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ 'ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ, କାରଣ ଭାରତକୁ ସମ୍ମାନଜନକ ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବରେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ୫୦ରୁ ଅଧିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୋଲିସ୍, ଅଗ୍ନିଶମ ଏବଂ ବିପର୍ଯ୍ୟୟ ମୁକାବିଲା ସେବାକୁ ଏକତ୍ର କରୁଥିବା କାର୍ଯ୍ୟକ୍ରମର ସ୍ଥାନ ଭାବରେ ଅହମ୍ମଦାବାଦ ଚୟନ ହେବା ଏକ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ବୃଦ୍ଧି ପାଉଥିବା ଭିତ୍ତିଭୂମିର ପ୍ରମାଣ। ୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି। ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି (ଆମେରିକା-୮ ଥର, କାନାଡା-୫ ଥର, ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ)। ଏହି ଖେଳଗୁଡିକ ପୋଲିସ୍/ଅଗ୍ନିଶମ/ଚିକିତ୍ସା/ଜରୁରୀକାଳୀନ/ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ। ଭାରତୀୟ ପୋଲିସ୍ ଦଳ ପ୍ରଥମେ ୨୦୦୭ ରେ ଆଡିଲେଡ୍ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଜୁଲାଇ ୨୬ ରୁ ଅଗଷ୍ଟ ୬,୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୋଲିସ କ୍ରୀଡ଼ାବିତ୍ ରେକର୍ଡ ୩୪୩ ପଦକ (ସ୍ୱର୍ଣ୍ଣ-୨୨୪, ରୌପ୍ୟ-୮୨, ବ୍ରୋଞ୍ଜ-୩୭) ଜିତିଥିଲେ। ୨୦୦୭ ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୋଲିସ ଦଳ ଖେଳର ୮ ଟି ସଂସ୍କରଣରେ ୧୪୦୦ ରୁ ଅଧିକ ପଦକ ଜିତିଛନ୍ତି। ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୋଲିସ୍ କ୍ରୀଡାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ। ଦେଶରେ ପୋଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ୫୩ ଜଣ ସଦସ୍ୟ ସଂଗଠନ ଅଛନ୍ତି, ପ୍ରତିବର୍ଷ ୪୦ ଟି ବାର୍ଷିକ ପୋଲିସ୍ କ୍ରୀଡା ଆୟୋଜନ କରନ୍ତି। ସେହି ବର୍ଷ ସର୍ବଭାରତୀୟ ପୋଲିସ୍ କ୍ରୀଡା ସମୟରେ ବିଭିନ୍ନ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ଲାଗି ଭାରତୀୟ ଦଳ ପାଇଁ ମନୋନୀତ କରାଯାଏ।

# ଟି୨୦ ପାୱାର ପ୍ଲେ ନିୟମରେ ପରିବର୍ତ୍ତନ କଲା ଆଇସିସି

ନୂଆଦିଲ୍ଲୀ: ଆନ୍ତର୍ଜାତୀୟ ଟି୨୦ର ପାୱାର ପ୍ଲେ ନିୟମରେ ଆଇସିସି ସାମାନ୍ୟ ପରିବର୍ତ୍ତନ କରିଛି। ନୂତନ ନିୟମ ଜୁଲାଇ ୨୦୨୫ରୁ ଲାଗୁ ହେବ। ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ ବାଧାପ୍ରାପ୍ତ ହେଲେ ପରେ ପାୱାର ପ୍ଲେରେ ନୂତନ ନିୟମ ଲାଗୁ ହେବ । ପୂର୍ବରୁ ୬ ଓଭର ପର୍ଯ୍ୟନ୍ତ ପାୱାର ପ୍ଲେ ଓଭର ରହୁଥିଲା। ଏହି ସମୟରେ ୩୦ ୟାର୍ଡ ସର୍କଲ ବାହାରେ ୨ଜଣ ଫିଲ୍ଡର ରହୁଥିଲେ। ମ୍ୟାଚରେ ୩୦ ପ୍ରତିଶତ ଓଭରରେ ୨ ଫିଲ୍ଡର ବାହାରେ ରହୁଥିଲେ । କୌଣସି କାରଣବଶତଃ ମ୍ୟାଚ ବାଧାପ୍ରାପ୍ତ ହେଲେ ଓଭର କମାଯାଉଥିଲା । ସେହି ଅନୁସାରେ ପାୱାର ପ୍ଲେ ଓଭର ଲାଗୁ କରାଯାଉଥିଲା। ଉଦାହରଣ ସ୍ୱରୂପ ୮ ଓଭର ମ୍ୟାଚରେ ୨ ଓଭର ପାୱାର ପ୍ଲେ ରହୁଥିଲା । ଯାହାକି ମ୍ୟାଚର ୨୫ ପ୍ରତିଶତ । ଏହା ଦ୍ୱାରା ଟିମର ରଣନୀତି ବାଧାପ୍ରାପ୍ତ ହେଉଥିଲା । ଏବେ ନୂତନ ନିୟମ ଅନୁସାରେ ୮ ଓଭର ମ୍ୟାଚରେ ୨.୨ ଓଭର ପାୱାର ପ୍ଲେ ରହିବ । ଆଇସିସିର ଏହି ନିଷ୍ପତିକୁ ଖେଳାଳିମାନେ ସ୍ୱାଗତ କରିଛନ୍ତି। ଟି୨୦ରେ ଗୋଟିଏ ଦୁଇଟା ବଲ କିମ୍ବା କିଛି ରନ ମ୍ୟାଚର ଗତିପଥ ବଦଳାଇ ଦେଇଥାଏ ।

# କୁଲ୍‌ଦୀପ୍‌ଙ୍କୁ ସମର୍ଥନ କଲେ ମାଇକେଲ କ୍ଲାର୍କ

ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲର ଆକ୍ରମଣ ଦୁର୍ବଳ ନଜର ଆସିଛି। ଯଶପ୍ରୀତ ବୁମରାଙ୍କୁ ଛାଡ଼ି ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା ଓ ଶାର୍ଦ୍ଦୁଳ ଠାକୁର ପ୍ରଭାବହୀନ ସହ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଦଳରେ ଏକମାତ୍ର ସ୍ପିନର ଭାବେ ଖେଳୁଥିବା ରବୀନ୍ଦ୍ର ଜାଡ଼େଜାଙ୍କୁ କେବଳ ଗୋଟିଏ ୱିକେଟ୍ ମିଳିଛି। ଜାଡ଼େଜା ଶାଣିତ ବୋଲିଂ କରିଥିଲେ ହେଁ ଅନ୍ୟ ପାର୍ଶ୍ୱରୁ ତାଙ୍କୁ ଉତ୍ତମ ସହଯୋଗ ମିଳି ନ ଥିଲା। ଏହି କାରଣରୁ ପୂର୍ବତନ କ୍ରିକେଟର ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳରେ ପରିବର୍ତ୍ତନ ଦେଖିବାକୁ ଚାହାନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ୍ କ୍ଲାର୍କଙ୍କ ମତରେ ଭାରତୀୟ ଦଳ ପ୍ରବନ୍ଧକ କୁଲଦୀପ ଯାଦବଙ୍କୁ ଅବଶିଷ୍ଟ ମ୍ୟାଚ୍ ଗୁଡ଼ିକରେ ଚୂଡ଼ାନ୍ତ ଏକାଦଶରେ ସାମିଲ୍ କରାଯିବା ଉଚିତ୍। ମାଇକେଲ୍ କ୍ଲାର୍କ ଏକ ପୋଡକାଷ୍ଟରେ କହିଛନ୍ତି, ବୋଲିଂ ହିସାବରେ ମୁଁ କୌଣସି ଗୋଟିଏ ବୋଲରକୁ ନେଇ କିଛି ଟିପ୍ପଣୀ କରିବି ନାହିଁ। ମାତ୍ର ମୋତେ ଲାଗୁଛି କୁଲଦୀପଙ୍କୁ ମ୍ୟାଚ୍‌ରେ ସାମିଲ୍ କରିବାକୁ ପଡ଼ିବ। ମୋତେ ଲାଗୁଛି ଏହା ହିଁ ଭାରତ ପାଇଁ ସହଜ ହେବ। କାରଣ କୁଲଦୀପ ୱିକେଟ୍ ଟେକର ବୋଲର। ପ୍ରଥମ ଟେଷ୍ଟରେ ଆମେ ଯେଉଁ ବୋଲିଂ ଆକ୍ରମଣ ଦେଖିଲୁ ତାଠୁ ଅଧିକ ପ୍ରଭାବଶାଳୀ ହୋଇ ପାରିବେ କୁଲଦୀପ। ଇଂଲଣ୍ଡ ଖେଳାଳିଙ୍କୁ କୁଲଦୀପଙ୍କୁ ଖେଳିବା ମୁସ୍କିଲ ହେବ। ଯଦି କୁଲଦୀପ ଭଲ ଫର୍ମରେ ଥିବେ ତେବେ ସେ ସିରିଜରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇ ପାରନ୍ତି।

# ଅନେକ ନିୟମ ପ୍ରଣୟନ କଲା ଆଇସିସି

ନୂଆଦିଲ୍ଲୀ: ଜୁଲାଇ ୨ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟରେ ବହୁତ କିଛି ପରିବର୍ତ୍ତନ ହେବାକୁ ଯାଉଛି। ଆଇସିସି ଅନ୍ତର୍ଜାତୀୟ କ୍ରିକେଟ ପାଇଁ ଅନେକ ନୂତନ ନିୟମ ଏବଂ ଖେଳର ନିୟମାବଳୀରେ ପରିବର୍ତ୍ତନକୁ ଅନୁମୋଦନ କରିଛି। ଏହି ପରିବର୍ତ୍ତନଗୁଡ଼ିକରେ ଦିନିକିଆରେ ୩୫ତମ ଓଭରରୁ କେବଳ ଗୋଟିଏ ବଲ ବ୍ୟବହାର କରିବାର ନିୟମ ରହିଛି। ଏହା ସହିତ ଆଇସିସି ଟେଷ୍ଟରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିଛି। ଯଦି କ୍ୟାଚ୍ ସ୍ୱଷ୍ଟ ନ ହୁଏ ଏବଂ ତଥାପି ଖେଳାଳି ଦାବି କରନ୍ତି ଯେ ବ୍ୟାଟସମ୍ୟାନ୍ ଆଉଟ୍ ହୋଇଛନ୍ତି, ତେବେ ଏହାକୁ ନୋ ବଲ୍ ଘୋଷଣା କରାଯିବ। ଟି-୨୦ ଏବଂ ଏକଦିବସୀୟ କ୍ରିକେଟରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାର ଗୋଟିଏ ବର୍ଷ ପରେ, ଏବେ ଆଇସିସି ଏହାକୁ ଟେଷ୍ଟରେ ମଧ୍ୟ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଟେଷ୍ଟରେ ସ୍ଲୋ ଓଭର ରେଟ୍ ଏକ ବଡ଼ ସମସ୍ୟା ପାଲଟିଛି। ଏବେ ନୂତନ ଆଇସିସି ନିୟମ ଅନୁଯାୟୀ, ଫିଲ୍ଡିଂ ଦଳକୁ ଓଭର ଶେଷ ହେବାର ଗୋଟିଏ ମିନିଟ୍ ମଧ୍ୟରେ ପରବର୍ତ୍ତୀ ଓଭର ଆରମ୍ଭ କରିବାକୁ ପଡିବ। ଯଦି ଦଳ ଏପରି ନ କରନ୍ତି, ତେବେ ଅମ୍ପାୟାରଙ୍କଠାରୁ ଦୁଇଟି ଚେତାବନୀ ମିଳିବ। ଏହା ପରେ, ଯଦି ଏହାର ପୁନରାବୃତ୍ତି ଘଟେ ତେବେ ପ୍ରତିଥର ପାଞ୍ଚ ରନ ପେନାଲଟି ଲାଗିବ। ୮୦ ଓଭର ପରେ ଚେତାବନୀ ପୁଣି ଥରେ ମିଳିବ। ଏହି ନିୟମ କେବଳ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପାଇଁ ପ୍ରଯୁଜ୍ୟ। **ସଟ୍ ରନ ଉପରେ ବଡ଼ ଦଣ୍ଡ :** ଆଇସିସି ମଧ୍ୟ ସଟ୍ ରନ ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବରୁ, ଜାଣିଶୁଣି ସଟ୍ ରନ ନେବା ପାଇଁ ପାଞ୍ଚ ରନର ପେନାଲଟି ଲାଗୁ କରାଯାଉଥିଲା। କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ଜାଣିଶୁଣି ଅତିରିକ୍ତ ରନ ଚୋରି କରିବା ପାଇଁ ରନ ପୂରଣ କରନ୍ତି ନାହିଁ, ତେବେ ଅମ୍ପାୟାର ଫିଲ୍ଡିଂ ଦଳକୁ ପଚାରିବେ ଯେ ସେମାନେ କେଉଁ ବ୍ୟାଟରଙ୍କୁ ଷ୍ଟ୍ରାଇକରେ ଚାହାନ୍ତି। ଏହା ବ୍ୟତୀତ ସଟ୍ ରନ ନେଉଥିବା ବ୍ୟାଟରଙ୍କ ଦଳ ଉପରେ ପାଞ୍ଚ ରନର ପେନାଲଟି ଲାଗୁ ହେବ। କିନ୍ତୁ




ଏହି ନିୟମ ସେତେବେଳେ ଲାଗୁ ହେବ ଯେତେବେଳେ ଅମ୍ପାୟାର ଅନୁଭବ କରିବେ ଯେ ବ୍ୟାଟର ଅମ୍ପାୟାରଙ୍କୁ ଠକିବା ପାଇଁ ଏମିତି କରୁଛନ୍ତି। **ଯଦି ଲାଳ ଲଗାଯାଏ, ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ :** ଆଇସିସି ବଲ୍ ଉପରେ ଲାଳ ପ୍ରୟୋଗକୁ ନିଷିଦ୍ଧ କରିଥିଲା। କିନ୍ତୁ ବଡ଼ ପରିବର୍ତ୍ତନ ହେଉଛି ଯଦି ଅମ୍ପାୟାର ବଲ୍ ଉପରେ ଲାଳ ପାଆନ୍ତି, ତେବେ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯିବ ନାହିଁ। ଏହି ନିୟମ ଏଥିପାଇଁ ଲଗୁ କରାଯାଇଛି ଯଦ୍ୱାରା ଯେମିତି ଦଳଗୁଡ଼ିକ ବଲ୍ ପରିବର୍ତ୍ତନ କରିବା ପାଇଁ ଜାଣିଶୁଣି ଲାଳ ବ୍ୟବହାର ନକରନ୍ତି। ଏବେ ଅମ୍ପାୟାର ବଲ୍ ପରିବର୍ତ୍ତନ ସେତେବେଳେ ପରିବର୍ତ୍ତନ କରିବେ ଯେବେ ଏହାର ଅବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆସିବ, ଯେପରିକି ବଲ୍ ବହୁତ ଓଦା କିମ୍ବା ଏଥିରେ ଅତିରିକ୍ତ ଚମକ ଅଛି। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଅମ୍ପାୟାରଙ୍କ ନିଷ୍ପତ୍ତି ଆଧାରରେ ହେବ। ଯଦି ଅମ୍ପାୟାର ଅନୁଭବ କରନ୍ତି ଯେ ଲାଳ ବ୍ୟବହାର ଯୋଗୁଁ ବଲ୍ ଅବସ୍ଥା ବହୁତ ପରିବର୍ତ୍ତନ ହୋଇନାହିଁ, ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ। **ଆଉଟ୍ ନିଷ୍ପତ୍ତି ପରେ ଡିଆର୍‌ଏସ୍ ପ୍ରୋଟୋକଲରେ ପରିବର୍ତ୍ତନ:** ଆଇସିସି ଡିଆରଏସ ପ୍ରୋଟୋକଲରେ ମଧ୍ୟ ବଡ଼ ପରିବର୍ତ୍ତନ କରିଛି। ଧରି ନିଅନ୍ତୁ ଜଣେ ବ୍ୟାଟରଙ୍କୁ କ୍ୟାଚ୍ ଆଉଟ୍ ଦିଆଯାଉଛି। ଏହା ପରେ ବ୍ୟାଟର ଅମ୍ପାୟରଙ୍କ ନିଷ୍ପତ୍ତି ବିରୋଧରେ ରିଭ୍ୟୁ ମାଗୁଛନ୍ତି। ଆଲଟ୍ରାଏଜରେ ଜଣା ପଡୁଛି ଯେ, ବଲ୍ ବ୍ୟାଟରେ ନ ବାଜି ପ୍ୟାଡରେ ବାଜୁଛି। ଏମିତି ସ୍ଥିତିରେ କ୍ୟାଚ୍ ଆଉଟ୍ ଖାରଜ ହେବା ପରେ ଟିଭି ଅମ୍ପାୟର ଦ୍ୱିତୀୟ ଡିସମିସାଲ ଭାବେ ଏଲବିଡବ୍ଲ୍ୟୁର ଯାଞ୍ଚ କରନ୍ତି। ପ୍ରଥମେ ଯଦି କ୍ୟାଚ୍ ଆଉଟ୍ ନ ଥାଆନ୍ତି ତେବେ ଏଲବିଡବ୍ଲ୍ୟୁ ପାଇଁ ଡିଫଲ୍ଟ ନିର୍ଣ୍ଣୟ ନଟଆଉଟ୍ ରହୁଥିଲା। ମାତ୍ର ନୂଆ ନିୟମ ଅନୁସାରେ ଯେବେ ଏଲବିଡବ୍ଲ୍ୟୁ ପାଇଁ ବଲ୍ ଟ୍ରାକିଙ୍ଗ ଗ୍ରାଫିକ ଦେଖାଯିବ ଏବଂ ବ୍ୟାଟର ଯଦି ଏଠାରେ ଆଉଟ୍ ହୁଅନ୍ତି ତେବେ ତାଙ୍କୁ ପାଭିଲିୟନ୍ ଫେରିବାକୁ ପଡିବ। **ଯଦି ବ୍ୟାଟରଙ୍କ ବିରୁଦ୍ଧରେ ଦୁଇଟି ଅପିଲ୍:** ଆଇସିସି ଅମ୍ପାୟାର ଏବଂ ଖେଳାଳି ସମୀକ୍ଷା ପ୍ରକ୍ରିୟାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରିଛି। ଅର୍ଥାତ୍ ପୂର୍ବରୁ ଟିଭି ଅମ୍ପାୟାର ପ୍ରଥମେ ଅମ୍ପାୟାରଙ୍କ ସମୀକ୍ଷା ଏବଂ ତା'ପରେ ଖେଳାଳିଙ୍କ ସମୀକ୍ଷା ବିଚାର କରୁଥିଲେ, କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ପ୍ରଥମ ଘଟଣାରେ ଆଉଟ୍ ହୁଅନ୍ତି, ତେବେ ବଲ୍ ଡେଡ୍ ହୋଇଯିବ। ଦ୍ୱିତୀୟ ସମୀକ୍ଷା ଆଦୌ ଯାଞ୍ଚ କରାଯିବ ନାହିଁ। ଉଦାହରଣ ସ୍ୱରୂପ, ଯଦି ଏଲ୍‌ବିଡବ୍ଲ୍ୟୁ ଏବଂ ରନ ଆଉଟ୍ ପାଇଁ ଆବେଦନ ହୁଏ, ତେବେ ଟିଭି ଅମ୍ପାୟାର ପ୍ରଥମେ ଏଲ୍‌ବିଡବ୍ଲ୍ୟୁ ଯାଞ୍ଚ କରିବେ, କାରଣ ଏହା ପ୍ରଥମେ ଘଟିଥିଲା। ଯଦି ବ୍ୟାଟ୍ସମ୍ୟାନ୍ ଆଉଟ୍ ହୁଅନ୍ତି, ତେବେ ବଲ୍ ସେଠାରେ ଡେଡ୍ ହୋଇଯିବ। **ଯଦି ବ୍ୟାଟରଙ୍କ ବିରୋଧରେ ଦୁଇଟି ଅପିଲ୍ ହୁଏ:** ଆଇସିସି ଅମ୍ପାୟର ଓ ଖେଳାଳିଙ୍କ ରିଭ୍ୟୁ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ କରିଛି। ମାତ୍ର ନୂଆ ନିୟମ ଅନୁସାରେ ଯଦି ବ୍ୟାଟର ପ୍ରଥମ ଘଟଣାରେ ଆଉଟ୍ ହୁଅନ୍ତି ତେବେ ବଲ୍ ଡେଡ୍ ହୋଇଯିବ। ଆଉ ଦ୍ୱିତୀୟ ରିଭ୍ୟୁର ଆବଶ୍ୟକତା ପଡିବ ନାହିଁ। ଉଦାହରଣ ସ୍ୱରୂପ ଯଦି ଏଲବିଡବ୍ଲ୍ୟୁ ଓ ରନ ଆଉଟ୍ ପାଇଁ ଅପିଲ୍ କରାଯାଏ ତେବେ ଟିଭି ଅମ୍ପାୟର ପ୍ରଥମେ ଏଲବିଡବ୍ଲ୍ୟୁର ଯାଞ୍ଚ କରିବେ, କାରଣ ପ୍ରଥମେ ବଲ୍ ପ୍ୟାଡରେ ବାଜିଛି। ଯଦି ବ୍ୟାଟର ଆଉଟ୍ ତେବେ ବଲ୍ ସେଠାରେ ଡେଡ୍ ହୋଇଯିବ। **କ୍ୟାଚ୍ ଉପରେ ମଧ୍ୟ ବଡ଼ ନିୟମ ପରିବର୍ତ୍ତନ:** ଆଇସିସି କ୍ୟାଚ୍ ସମ୍ପର୍କରେ ଏକ ବଡ଼ ନିୟମ ମଧ୍ୟ ପରିବର୍ତ୍ତନ କରିଛି। ପୂର୍ବେ ନିୟମ ଅନୁସାରେ ଯଦି କୌଣସି ଖେଳାଳି କ୍ୟାଚ୍ ଧରୁଛନ୍ତି। ଏହା ପରେ ଥାର୍ଡ ଅମ୍ପାୟର ଏହା ନୋ ବଲ୍ ବୋଲି ଜଣାଇବା ପରେ କ୍ୟାଚ୍ ଠିକରେ ନିଆଯାଇଛି କି ନାହିଁ ତାର ଯାଞ୍ଚ ହେଉ ନ ଥିଲା। କିନ୍ତୁ ଏବେ ଟିଭି ଅମ୍ପାୟର ନୋ ବଲ୍ ପରେ ବି ଏହା ଦେଖିବ ଯେ, କ୍ୟାଚ୍ ଠିକରେ ଧରା ଯାଇଛି କି ନାହିଁ। ଯଦିଓ କ୍ୟାଚ୍ ଠିକରେ ଧରା ଯାଇଛି ତେବେ ନୋ ହିସାବରେ ବ୍ୟାଟର ନଟଆଉଟ୍ ରହିବେ ଏବଂ ନୋ ବଲ୍ କାରଣରୁ କେବଳ ଗୋଟିଏ ରନ ମିଳିବ। ଯଦି କ୍ୟାଚ୍ ଠିକରେ ଧରା ଯାଇ ନ ଥିବ ତେବେ ବ୍ୟାଟର ସେହି ସମୟରେ ଯେତେ ରନ ଦୌଡ଼ିଥିବେ ତାହା ସବୁ ମିଳିବ। ଅପରପକ୍ଷରେ ଆଇସିସି ଏକଦିବସୀୟ କ୍ରିକେଟ୍‌ରେ ୩୫ତମ ଓଭର ପରେ ଗୋଟିଏ ନୂତନ ବଲ୍ ବ୍ୟବହାର କରିବାକୁ ଅନୁମତି ଦେଇଛି। ଏହା ଏବେ ଡେଥ୍ ଓଭରରେ ଦ୍ରୁତ ବୋଲରମାନଙ୍କୁ ସାହାଯ୍ୟ କରିବ। ଏହା ବ୍ୟତୀତ, ଆଇସିସି ବାଉଣ୍ଡରୀରେ କ୍ୟାଚ୍ ନିୟମରେ ମଧ୍ୟ ପରିବର୍ତ୍ତନ କରିଛି। ଯଦି କୌଣସି ଖେଳାଳି ବାଉଣ୍ଡରୀ ଟଚ୍ କରିବା ସମୟରେ ବଲ୍ ଧରୁଛନ୍ତି, ତେବେ ଏହାକୁ ବେଆଇନ୍ ବିବେଚନା କରାଯିବ। ଫିଲ୍ଡରମାନେ ବାଉଣ୍ଡରୀ କେବଳ ଥରେ ବଲ୍‌କୁ ବାଉନ୍ସ କରି ବଲ୍‌କୁ ଧରିପାରିବେ।

# ଘୋଷଯାତ୍ରା-୨୦୨୫








ଶୁକ୍ରବାର ଜନସମୁଦ୍ର ପାଲଟିଥିଲା ଶ୍ରୀକ୍ଷେତ୍ର। ଘଣ୍ଟ-ଘଣ୍ଟା ନାଦ ସହ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ବଡ଼ଦାଣ୍ଡ। ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ଘୋଷ ଯାତ୍ରା ଅବସରରେ ବଡ଼ଦାଣ୍ଡ ହୋଇଉଠିଥିଲା ଜନାରଣ୍ୟ। ସମସ୍ତେ ଚାତକ ଭଳି ଚାହିଁ ରହିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ। ଗୋଟି ପହଣ୍ଡିରେ ତିନି ଠାକୁର ବିଜେ କଲାବେଳେ ଭକ୍ତଙ୍କ ଆଖିରେ ଲୁହ ବୋଲ ମାନୁ ନଥିଲା। ସମସ୍ତେ ଜୟ ଜଗନ୍ନାଥ ଧ୍ୱନିରେ ମସ୍‌ଗୁଲ ରହିଥିଲେ। ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ସାଂସଦ ଓ ବିଧାୟକ ମଧ ରଥ ଟାଣିଥିଲେ। ଏହି ପବିତ୍ର ଘୋଷ ଯାତ୍ରାର ଫଟୋରେ ଫଟୋରେ କିଛି ଝଲକ।










Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଜୀଉଙ୍କ ଘୋଷଯାତ୍ରା ବା ରଥଯାତ୍ରା ଆଡମ୍ବରରେ ପାଳନ କରାଯାଇଛି । ପାଗ ମେଘୁଆ ରହିଥିବାରୁ ହଜାର ହଜାର ଭକ୍ତ ଆସି ଶ୍ରୀ ଜୀଉଙ୍କୁ ଦର୍ଶନକରିବା ଶହ ରଥଟାଣରେ ଭାଗ ନେଇ ଆନନ୍ଦ ଅନୁଭବ କରିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରା ଓ ପତିତପାବନ ଙ୍କ ଘୋଷଯାତ୍ରା ବିଧିବଦ୍ଧ ଭାବେ ମନ୍ଦିର ପରିଚାଳନା କମିଟି ଓ ତହସିଲଦାର ବା ଦେବତ୍ତୋର ବିଭାଗ ଦ୍ୱାରା ପରିଚାଳିତ ରେ ଅନୁଷ୍ଠିତ କରାଯାଉଛି । ଆଜି ସକାଳୁ ଶ୍ରୀ ଜୀଉଙ୍କ ମଙ୍ଗଳ ଆଳତୀ, ଅବକାଶ ସକାଳଧୂପ କରିବା ପରେ ଖେଚୁଡ଼ି ଭୋଗ ଲାଗି କରି ସେବାୟତ ଓ ମନ୍ଦିର ପୂଜକ ମାନେ ଶ୍ରୀ ଜୀଉଙ୍କୁ ସୁସଜ୍ଜିତ କରିଥିଲେ । ସକାଳ ୯ ଘଣ୍ଟା ସମୟରେ ପୁରହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା ୧୨ଟା ମଧ୍ୟରେ ମଙ୍ଗଳାରୋପଣ କରାଇବା ପରେ ଅପରାହ୍ନ ୩ଟାରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ମା ସୁଭଦ୍ରା ଓ ପତିତପାବନଙ୍କୁ ସେବାୟତ ମାନେ ଗୋଟି ପହଣ୍ଡି କରି ରଥାରୁଢ଼ କରିଥିଲେ । ଭକ୍ତଙ୍କୁ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ ଦେବାପରେ ୪ଟାରେ ରଥଟଣା ଆରମ୍ଭ କରିଥିଲେ । ଦେବୋତ୍ତର ବିଭାଗର ସମସ୍ତ କର୍ମଚାରି ଓ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ । ସ୍ଥାନୀୟ ପୁଲିସ ସମେତ ଏକ ସେକ୍ସନ ପୁଲିସ ଓ ଓଏସଏସଏଫ ଯବାନ ଶାନ୍ତିଶୃଙ୍ଖଳା ରକ୍ଷା ସହ ଟ୍ରାଫିକ ନିୟମ କରିଥିଲେ । ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ । ସନ୍ଧ୍ୟା ୭ଟା ପରେ ଶ୍ରୀ ଜୀଉଙ୍କୁ ମାଉସୀ ମନ୍ଦିର ଭିତରେ ପ୍ରବେଶ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ପାଢ଼ୀ କହିଛନ୍ତି ।

## କେଶପୁର ହରିବୋଲ କ୍ଷେତ୍ରରୁ ମୋଡସାହି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗଡ଼ିଲା ତିନି ରଥ

# ଛେରାପହଁରା କଲେ ଜିଲ୍ଲାପାଳ, ମହିଳା ଟାଣିଲେ ସୁଭଦ୍ରା ରଥ



ତିହିଡ଼ି(ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରା ଅବସରରେ ଭଦ୍ରକ ଜିଲା କେଶପୁର ହରିବୋଲ କ୍ଷେତ୍ରରୁ ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ମୋଡସାହି ଗ୍ରାମସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ତିନିରଥ ଗଡ଼ିଛି । କେଶପୁର ସ୍ଥିତ ହରିବୋଲ କ୍ଷେତ୍ରରୁ ଶ୍ରୀଜୀଉମାନଙ୍କୁ ତିନୋଟି ସୁସଜ୍ଜିତ ରଥରେ ଶ୍ରଦ୍ଧାଳୁମାନେ ଟାଣି ଟାଣି ନେଇ ମାଉସୀ ମା ମନ୍ଦିରରେ ପହଞ୍ଚାଇଛନ୍ତି । ଘଣ୍ଟ, ଘଣ୍ଟା, ହୁଳହୁଳି ସହିତ ଭକ୍ତମାନଙ୍କର ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ସମଗ୍ର ହରିବୋଲ କ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଭକ୍ତ ଭଗବାନ ଏକାକାର ହୋଇଥିଲେ । ହରିବୋଲ କ୍ଷେତ୍ରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶୁକ୍ରବାର ସକାଳେ ଚଳିତ ବର୍ଷ ନୀତି ଅନୁସାରେ ମନ୍ଦିରରେ ଦ୍ୱାରପାଳ ପୂଜା, ରଥ ସଂସ୍କାର ଓ ଧ୍ୱଜାରୋପଣ କରାଯାଇଥିଲା । ଅଥରେ ଆଜ୍ଞାମାଳ ଲାଗି ହେବା ପରେ ମହାପ୍ରଭୁଙ୍କର ସ୍ନାନ, ପୂଜନ ଓ ନୈବେଦ୍ୟ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ୧୨ଟା ପରେ ପ୍ରଥମେ ସୁଦର୍ଶନ ଓ ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପହଣ୍ଡି କରାଯାଇ ଶ୍ରୀ ଜୀଉମାନଙ୍କୁ ରଥାରୁଢ କରାଯାଇଥିଲା । ଅପରାହ୍ନରେ ଜିଲାପାଳ ଦିଲୀପ ରାଉତରାଏ ତିନି ରଥରେ ଛେରା ପହଁରା କରିଥିଲେ । ଜିଲାପାଳ ଶ୍ରୀ ରାଉତରାଏଙ୍କ ଏକ ସୁସଜ୍ଜିତ ପାଲିଙ୍କିରେ ମନ୍ଦିର ନିକଟକୁ ନିଆଯାଇଥିଲା । ପରେ ସେ ରଥ ନିକଟକୁ ଯାଇ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ମୁଖ୍ୟ ପୂଜକ ଜଗନ୍ନାଥ ପଣ୍ଡା ଓ କଳ୍ପତରୁ ଉଦଗାତା ଏଥିରେ ଜିଲାପାଳଙ୍କୁ ସହାୟତା କରିଥିଲେ । ସେବାୟତ କେଶବ ପଣ୍ଡା, ଭାଗବତ ପଣ୍ଡା, ପ୍ରଶାନ୍ତ ମିଶ୍ର, ନିରଂଜନ ପଣ୍ଡା, ଦେବେନ୍ଦ୍ର କୁମାର ଉଦଗାତା ପ୍ରମୁଖ ଶ୍ରୀଜୀଉଙ୍କ ପହଣ୍ଡି କରାଇଥିଲେ । ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥକୁ ଟଣାଯିବା ପରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣାଯାଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ହରିବୋଲ କ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ନଗେନ୍ଦ୍ର ପ୍ରସାଦ ଦାଶ, ସମ୍ପାଦକ ପତିତପାବନ ପଣ୍ଡା, ସରୋଜ କୁମାର ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସଞ୍ଜୟ ସାହୁ, ରବିନ୍ଦ୍ରନାଥ ସାହୁ, ପ୍ରକାଶ ସାହୁ, ପ୍ରତାପ ସାହୁ ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ସନାତନ ଜେନା, ମନୋରଞ୍ଜନ ଖୁଣ୍ଟିଆ, ରବିନାରାୟଣ ସାମଲ, ଭରତ ଚନ୍ଦ୍ର ସାହୁ, ରବିନ୍ଦ୍ର ପୃଷ୍ଟି, ପ୍ରମୋଦ କୁମାର ନାୟକ, ଅତୁଲ୍ୟ ଜେନା, ସନ୍ତୋଷ ସାମଲ, ଦୀପ୍ତିକାନ୍ତ ଖୁଣ୍ଟିଆ, ଦିଲୀପ ଖୁଣ୍ଟିଆ, ବିଦ୍ୟାଧର ସାମଲ, ଶଶିକାନ୍ତ ଜେନା, ପ୍ରକାଶ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ହରିବୋଲକ୍ଷେତ୍ରକୁ ଯାଇ ଶ୍ରୀଜୀଉମାନଙ୍କ ଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶରତ କୁମାର ସାହୁ, ବିଶ୍ୱମିତ୍ର ନାୟକ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ଲଳିତ ମୋହନ ମିଶ୍ର, ମନୋରମା ଆଚାର୍ଯ୍ୟ, ନିତ୍ୟାନନ୍ଦ ମିଶ୍ର, ଉଦ୍ଧବ ଚରଣ ମିଶ୍ର, ପୁଷ୍ପଲତା ପଣ୍ଡା, ଅନିମା କର, ହରିହର ଦାସ ପ୍ରମୁଖ ପ୍ରବଚକ ଧାରାବିବରଣୀ ପ୍ରଦାନ କରିଥିଲେ । ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା । ହରିବୋଲ କ୍ଷେତ୍ରରେ ବହୁ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଲକ୍ଷ୍ମୀବରାହ ଜିଉ ମନ୍ଦିରରେ ରଥଯାତ୍ରା



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ବିଭିନ୍ନ ସ୍ଥାନରେ ରଥଟଣା କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜିଉ ମନ୍ଦିର ପରିସରରେ ଅବସ୍ଥାନ କରୁଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହ ରେ ପାଳିତ ହୋଇଯାଇଛି । ଶୁକ୍ରବାର ସକାଳେ ଠାକୁରଙ୍କର ବିଭିନ୍ନ ନୀତିକାନ୍ତି ପରେ ଅପରାହ୍ନରେ ପଣ୍ଡା ସେବକ ମାନେ ପହଣ୍ଡି କରି ଠାକୁରଙ୍କୁ ରଥାରୁଢ଼ କରିଥିଲେ । ଏହାପରେ ଆଳିର ପାରମ୍ପରିକ ରାଜା ବ୍ରଜକେଶରୀ ଦେବ ଛେରା ପହଁରା କରିବା ପରେ ମାଉସୀ ମନ୍ଦିର ଅଭିମୁଖେ ରଥକୁ ଶ୍ରଦ୍ଧାଳୁ ମାନେ ଟାଣି ନେଇଥିଲେ । ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଇଆଇସି ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ପ୍ରମୁଖ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ । ଏହି ରଥଯାତ୍ରା ଦେଖିବା ନିମନ୍ତେ ଆଳି ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ । ରଥଟଣା ସମୟରେ ସ୍ୱାସ୍ଥ୍ୟବିଭାଗର ଏକ ଟିମ ସମ୍ପୂର୍ଣ୍ଣ ସଜାଗ ଥିବା ବେଳେ ଗରମ ଗୁଳୁଗୁଳିକୁ ଲକ୍ଷକରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା । ସେହିପରି ବାଙ୍କେଶ୍ୱର-ଭରତପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଥିବା ରଥଯାତ୍ରାରେ ଶହ ଶହ ଭକ୍ତଙ୍କ ସମାଗମରେ ପାଳିତ ହୋଇଛି । ପୋତାମରାଇ, ଗୋବିନ୍ଦପୁର, ଭୁଇଁପୁର, କୁମାରଟଙ୍କା, ସହିରା, କଇଁଡିଆ, ମାଳପାଣିଆ ଓ ଗଜାରିଆ ଆଦି ବିଭିନ୍ନ ଗ୍ରାମରେ ମଧ୍ୟ ରଥଟଣା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସବୁ ସ୍ଥାନରେ ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ରଥଯାତ୍ରାକୁ ନେଇ ସଜାଗ ରହିଥିଲେ ।

## ମଙ୍ଗଳା ମନ୍ଦିର ସମ୍ମୁଖରେ କୁନିରଥ



କାକଟପୁର(ଭାସ୍କର ନ୍ୟୁଜ): ପବିତ୍ର ରଥ ଯାତ୍ରାରେ ପ୍ରତି ବର୍ଷ ଭଳି ଚଳିତବର୍ଷ ରଥଯାତ୍ରା ଦିନ ବହୁ କୁନି କୁନି ରଥ କରି ଛୋଟଛୋଟ ପିଲାମାନେ ବଜାର ବୁଲାଇ ପଇସା ମାଗି ଭୋଜି କରିଥାନ୍ତି । କିନ୍ତୁ ଚଳିତ ବର୍ଷ ସେବାୟତ ଶରତ ଭାଇନା ଏକ ସୁନ୍ଦର ରଥ ନିର୍ମାଣ କରି ମନ୍ଦିର ସମ୍ମୁଖରେ ରଖି ଚର୍ଚ୍ଚା ସାଉଁଟିଛନ୍ତି । ସେ କାକଟପୁର ମଙ୍ଗଳା ମନ୍ଦିରରେ ରଥଯାତ୍ରା ହେଉ ବୋଲି ଆଶା ପ୍ରକଟ କରିଥିବା ବେଳେ ପୁରୀ ରଥଯାତ୍ରା ସହ ସାମଞ୍ଜସ୍ୟ ରଖି ଏକ କୁନି ରଥ ନିର୍ମାଣ କରିଛନ୍ତି । ମନ୍ଦିରକୁ ଆସୁଥିବା ମାତୃଭକ୍ତ କୁନି ରଥରେ ପୂଜାର୍ଚ୍ଚନା କରିଛନ୍ତି । ସନ୍ଧ୍ୟାରେ ରଥରେ ଖେଚୁଡ଼ି ଓ ବାଳଭୋଗ କରାଯାଇଥିବା ବେଳେ ଆସନ୍ତା ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ପୂଜାପଣ୍ଡା ସେବକ ଶରତ ଦୀକ୍ଷିତ ପ୍ରକାଶ କରିଛନ୍ତି ।

## ଶ୍ରଦ୍ଧାଳୁଙ୍କୁ ଚାରା, ଦହିପାଣି ଓ ମୃଦୁ ପାନୀୟ ବଣ୍ଟନ କଲେ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ଓ କାର୍ଯ୍ୟରତ ସାମ୍ବାଦିକ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ରେ ରଥଯାତ୍ରା ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନା ସହ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଆଗନ୍ତୁକ ଭକ୍ତମାନଙ୍କ ତୃଷ୍ଣା ନିବାରଣ ପାଇଁ ମାଉସୀ ମା' ମନ୍ଦିର ନିକଟସ୍ଥ ଜଳସେବା କେନ୍ଦ୍ରରେ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଦସ୍ୟ ଓ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନେ ବିଶୁଦ୍ଧ ଥଣ୍ଡା ଦହି ପାଣି, ମୃଦୁ ପାନୀୟ ଓ ଓଆରଏସ ପାଉଚ ଦେବା ସହ ଚାରା ବଣ୍ଟନ କରିଥିଲେ । ଏହି କେନ୍ଦ୍ରକୁ ଅତିଥି ଭାବେ ଯୋଗଦେଇ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱଳ ଉଦଘାଟନ କରିଥିଲେ । ଏହି ଅବସରରେ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ସଦସ୍ୟମାନଙ୍କ ସହିତ ଦହିପାଣି ଓ ଚାରା ବଣ୍ଟନ କରିଥିଲେ ଏବଂ ଏଥିରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଟ୍ରଷ୍ଟର ସଂଯୋଜକ ସୁଧାଂଶୁ ନାୟକ, ଉପଦେଷ୍ଟା ସାମ୍ବାଦିକ ଶୁକଦେବ ଜେନା ଓ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଦସ୍ୟ ବିବେକାନନ୍ଦ ରାଉତ, ଆଲୋକ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ଦୀପକ ଦାସ, ସନ୍ତୋଷ ଭାରତୀ, ଅଜିତ ଦାସ, ପ୍ରଶାନ୍ତ ରାଉତ, ସୁମନ୍ତ ସ୍ୱାଇଁ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ତେବେ ହଇଜା ଓ ଡାୟରିଆ ସଂକ୍ରମାଣ ସମୟରେ ସ୍ୱଚ୍ଛ ପାନୀୟ ଜଳ ଏବଂ ପରିବେଶ ସୁରକ୍ଷା ପାଇଁ ସଂଗଠନ ର ଚାରା ବଣ୍ଟନ ମହତ ଚିନ୍ତାଧାରାକୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉଚ୍ଚ ପ୍ରଶଂସା କରିଥିଲେ ।

# ଚୌଦ୍ୱାରରେ ଘୋଷଯାତ୍ରା



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଉତ୍ସବ ଚୌଦ୍ୱାରରେ ସମାରୋହରେ ଅନୁଷ୍ଠିତ ହୋଇଛି । ତିନିକୋଣିଆସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରାରେ ଚଳିତ ବର୍ଷ ୩ଟି ରଥ ହୋଇଥିବାବେଳେ ମା ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଶ୍ରଦ୍ଧାର ସହିତ ଟାଣିଥିଲେ । ଠାକୁର ରାଜା ଡ. ପ୍ରଣୟାନନ୍ଦ ସ୍ୱାଇଁ ୩ ରଥରେ ଛେରା ପହଁରା କରିଥିଲେ । ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ବଡ଼ ଠାକୁର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପୂଜାର୍ଚ୍ଚନା ଓ ନୀତିକାନ୍ତି ଶ୍ରଦ୍ଧା ଓ ଭକ୍ତିର ସହ ସମ୍ପନ୍ନ ହେବାପରେ ଅପରାହ୍ଣରେ ତିନି ଦିଅଁଙ୍କୁ ପହଣ୍ଡି କରି ରଥାରୁଢ଼ କରା ଯାଇଥିଲା ।ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଠାକୁର ରାଜା ଭାବରେ ରଥରେ ଛେରା ପହଁରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇ ଶ୍ରଦ୍ଧାର ସହ ରଥଟାଣି ତାରିଣୀ ମନ୍ଦିର ନିକଟ ମାଉସୀ ମା ମନ୍ଦିରକୁ ନେଇଥିଲେ । ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମିତ କାଶୀ ବିଶ୍ୱନାଥ ମନ୍ଦିରରେ ମହାଦେବ ବିଶ୍ୱନାଥଙ୍କ ଦେଉଳ ପ୍ରବେଶ କରାଯିବା ସହିତ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା ।ମାଉସୀ ମା ମନ୍ଦିରରେ ନବଦିନ ବ୍ୟାପି ତିନିଦିଅଁଙ୍କ ପୂଜାର୍ଚ୍ଚନା, ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି କମିଟି ତରଫରୁ ସୂଚନା ଦିଆ ଯାଇଛି । ଅନୁରୂପ ଭାବେ ଓଟିଏମ୍ ବଜାରରେ ବାବାଜୀ କେଶନ ଚରଣ ଦାସ ଛେରା ପହଁରା କରିଥିଲେ । ଗୁପ୍ତେଶ୍ୱର ସାହିରେ ଠାକୁର ରାଜା ଅଜିତ କୁମାର ସ୍ୱାଇଁ ଓ କପାଳେଶ୍ୱରସ୍ଥିତ ବାୟାବାବ ମଠରେ ନରେନ୍ଦ୍ର ସ୍ୱାଇଁ ଠାକୁର ରଜା ଭାବେ ରଥରେ ଛେରା ପହଁରା କରିଥିଲେ । ତିନିକୋଣିଆସ୍ଥିତ ମନ୍ଦିରରେ ପ୍ରଥମଥର ପାଇଁ ୩ ରଥ ନିର୍ମିତ ହୋଇଥିବା ବେଳେ ଗୁପ୍ତେଶ୍ୱର ସାହିରେ ନୂତନ ସୁଦୃଶ୍ୟ ରଥ ନିର୍ମିତ ହୋଇଥିବାରୁ ଉଭୟ ସ୍ଥାନରେ ରଥ ଓ ଦିଅଁ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥିଲା ।

## ହୋଇପାରୁନାହିଁ ଜେଏମ୍ଏଫ୍‌ସି କୋର୍ଟ, ପ୍ରଧାନମନ୍ତ୍ରୀଙ୍କୁ ଚିଠି

କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ଜେଏମଏଫସି କୋର୍ଟ ସ୍ଥାପନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ କଣ୍ଟାପଡା ବ୍ଲକ ସରପଞ୍ଚ ସଙ୍ଘର ସଭାପତି । ରାଜ୍ୟ ର ପ୍ରତ୍ୟେକ ଲୋକଙ୍କ ଦ୍ୱାର ଦେଶରେ ଆଇନ ସେବା ପାଇଁ ପହଂଚାଇବା ପାଇଁ ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ । ମାତ୍ର ତାହା ଏକ ଧୂଆଁବାଣ ଥିଲା ବୋଲି ପ୍ରତୀୟମାନ ହୋଇଛି । ନୂଆ ସରକାର ଆସିଲା ପରେ ଯଦିଓ କିଛିଟା ଆଶା ସଂଚାର ହୋଇଛି ତେବେ ଆଶାନୁରୂପ ସଫଳତା ମିଳିନି । କଣ୍ଟାପଡା ତହସିଲ ଅଧିନ ଉଡ଼ିଜୋଲ ଗ୍ରାମରେ ଖାତା ନମ୍ବର ୧୦୪/୬୩ରେ ୩ ଏକର ଜମି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଖୋଲିବାକୁ ଓଡିଶା ସରକାରଙ୍କ ଆଇନ ବିଭାଗକୁ ହସ୍ତାନ୍ତର ହେବାର ଅନେକ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୋର୍ଟ ଖୋଲିନି । ଏ ସମ୍ବନ୍ଧରେ କଣ୍ଟାପଡା ବ୍ଲକ ସରପଞ୍ଚ ସଙ୍ଘର ସଭାପତି ତଥା ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡ଼ିଆ ହ୍ୟାଣ୍ଡେଲ ଏକ୍ସ ଯୋଗେ କୋର୍ଟ ଖୋଲିବାକୁ ବିନମ୍ର ଅନୁରୋଧ କରିଛନ୍ତି । ଏତଦ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଅନଲାଇନ ଅଭିଯୋଗ ପ୍ରକୋଷ୍ଠରେ ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯଥା ଶୀଘ୍ର କୋର୍ଟ ସ୍ଥାପନ ନିମନ୍ତେ ଆଦେଶ ଦେବେ ବୋଲି ଶ୍ରୀ ରାଉତରାୟ ଆଶାବ୍ୟକ୍ତ କରିଛନ୍ତି ।

## ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସ ପକ୍ଷରୁ ରଥଯାତ୍ରା ସେବା ଶିବିର



ଢେଙ୍କାନାଳ-ଜିଲ୍ଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କ ଆହ୍ୱାନ କ୍ରମେ ଓଡିଶା ରାଜ୍ୟ ସ୍କାଉଟ୍ ଗାଇଡ୍ସ ଓ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ ମିଳିତ ସହଯୋଗରେ ଟାଉନ୍ ହଲ୍ ସମ୍ମୁଖରେ ରଥଯାତ୍ରା ସେବା ଶିବିରର ଆୟୋଜନ କରାଯାଇଥିଲା । ଉକ୍ତ ଶିବିରକୁ ଢେଙ୍କାନାଳ ଜିଲ୍ଲା ଭାରତୀୟ ରେଡ୍‌କ୍ରସ୍‌ର ଉପସଭାପତି ବିରଂଚି ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ସ୍କାଉଟ୍ସ କମିଶନର ଇତିଶ କୁମାର ବରାଳ, ତାଲିମ୍ କମିଶନର ନରେଶ କୁମାର ମହାରଣା, ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ବରିଷ୍ଠ ସ୍କାଉଟ୍ ମାଷ୍ଟର ପ୍ରଶାନ୍ତ ଧଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଗାଇଡ୍‌ର ସମ୍ପାଦକ ପ୍ରକାଶଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୫ ବିଦ୍ୟାଳୟରୁ ୩୦ସ୍କାଉଟ୍ସ ଗାଇଡ୍ସ ଓ ୧୫ଜଣ ସ୍କାଉଟ୍ ମାଷ୍ଟର ଗାଇଡ୍ କ୍ୟାପ୍‌ଟେନ୍ ଭକ୍ତମାନଙ୍କୁ ବିଶୁଦ୍ଧ ଜଳ ପ୍ରଦାନ କରିବା ସହିତ ପ୍ରାଥମିକ ଚିକିତ୍ସା ଓ ଟ୍ରାଫିକ୍ କଂଟ୍ରୋଲ୍ କରିଥିଲେ । ଏହି ଶିବିରରେ ସ୍କାଉଟ୍ ମାଷ୍ଟର ସୁବ୍ରତ କୁମାର ମିଶ୍ର, ଉମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ସାହୁ, କନିଷ୍ଠ କିରାଣୀ ପ୍ରଶାନ୍ତ ସାହୁ, ସ୍କାଉଟ୍ ମାଷ୍ଟର ରସାନନ୍ଦ ସାହୁ, ଗାଇଡ୍ ସଂଗଠନ କମିଶନର ସବିତା ସାହୁ, ଗାଇଡ୍ କ୍ୟାପ୍‌ଟେନ୍ ହରପ୍ରିୟା ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ ।

# କୁରାଙ୍ଗ ଶାସନରେ ଘୋଷଯାତ୍ରା ପାଳିତ



ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଫୁଲ ନଖରା ନିଆଳି ରାସ୍ତାର ନଡ଼ିଆ ଗୁରୁଡି ଠାରେ ପବିତ୍ର ଘୋଷ ଯାତ୍ରା ମହାସମାହାର ରେ ପାଳିତ ହୋଇଯାଇଛି. ଅପରାହ୍ନ ସାଢେ ଚାରି ସମୟରେ ଜଗନ୍ନାଥ ମହାପ୍ରଭୁ ଓ ଭଉଣୀ ସୁଭଦ୍ରା, ବଡ଼ ଭାଇ ବଳଭଦ୍ର ପହଣ୍ଡି ବିଜେକରି ରଥ ଉପରକୁ ଆସିବା ମାତ୍ରେକ ମନ୍ଦିର ପୂଜକ ବାବା ଜଗନ୍ନାଥ ଦାଶ ପରମ୍ପରା ଅନୁସାରେ ଛେରା ପହଁରା କରିଥିଲେ ।ପରେ ପରେ ରଥ ଟଣା ହୋଇ ମାଉସୀ ମା ମନ୍ଦିର ଅଭିମୁଖେ ଯାଇ ଭକ୍ତଙ୍କ ହରିବୋଲ ହୁଳହୁଳି ଭିତରେ ମାଉସୀ ମା ମନ୍ଦିର ରେ ରାତ୍ର ସାତ ଘଟିକା ସମୟରେ ପହଂଚି ଥିଲେ । ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ଚେତନା ପରିଷଦ କମିଟି ସଭାପତି ଗିରିଧାରୀ ସାହୁ, ସମ୍ପାଦକ କାର୍ତ୍ତିକ ସାହୁ, ସତ୍ୟ ମହାନ୍ତି, ପ୍ରକାଶ ନାୟକ, ସୁବ୍ରତ ବିଶ୍ୱାଳ, କବିନାରାୟଣ ଜେନା, ଅଜୟ କୁମାର ପତି, ସୁରେନ୍ଦ୍ର ସାହୁ, ଅରୁଣ ସାହୁ, ବିଶ୍ୱଜିତ ବେହେରା, ଦିଲ୍ଲୀପ ବେହେରା, ବିଜୟ ବିଶ୍ୱାଳ, ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟ ରଞ୍ଜନ ଜେନା, ଦିଲ୍ଲୀପ କୁମାର ପାତ୍ର, ଇଂଜିର ସୁଶାନ୍ତ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରାଚୀପ୍ରଜ୍ଞା ପରିଷଦର ସଭାପତି ହଂସନାଥ ସାହୁ, ଅନୁପ ଶାସମଲଙ୍କ ସହ ପ୍ରାଚୀ ପ୍ରଜ୍ଞା ପରିଷଦର ସଦସ୍ୟମାନଙ୍କ ଦ୍ୱାରା ରଥଯାତ୍ରା ଉପଲକ୍ଷେ ଦହିପଣା ବଣ୍ଟନ ସହ ଧାରାବିବରଣୀ ପ୍ରଦାନ କରାଯାଇଥିଲା । ଏହି ରଥଯାତ୍ରାରେ ଅତିଥି ଭାବେ ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କ ତ୍ତ୍ୱାବଧାନ ରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

# ଭାପୁରର ୩ ସ୍ଥାନରେ ଘୋଷଯାତ୍ରା

ଭାପୁର(ଭାସ୍କର ନ୍ୟୁଜ): ମହାବାହୁଙ୍କ ମାନବୀୟ ଲୀଳା ଦେଖିଲେ ଭାପୁର ଅଞ୍ଚଳବାସୀ । ଭାପୁର ସଦର ମହକୁମା, ପଦ୍ମାବତୀ ଗ୍ରାମରେ ଅନୁଷ୍ଠିତ ଘୋଷଯାତ୍ରା ଏବଂ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ଅନୁଷ୍ଠିତ ରଥଯାତ୍ରା ଦେଖିଲେ ଶହଶହ ଭକ୍ତ ଏବଂ ରଥ ଉପରେ ବିଶ୍ୱ ନୀୟନ୍ତାଙ୍କୁ ଦେଖି ଆଶୀର୍ବାଦ ଭିକ୍ଷା ନେଲେ ଅଗଣିତ ଭକ୍ତ । ବ୍ଲକର ୩ଟି ସ୍ଥାନରେ ଠାକୁରଙ୍କ ସ୍ୱତନ୍ତ୍ର ନୀତି ସମାପନ ପରେ ଅପରାହ୍ନରେ ପହଣ୍ଡି ବିଜେ ଆରମ୍ଭ ହୋଇ ଛେରାପହଁରା କାର୍ଯ୍ୟ ସମାପ୍ତ ପରେ ଶହ ଶହ ଭକ୍ତଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଫତେଗଡ ଥାନା ପକ୍ଷରୁ ତିନୋଟି ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବାହିନୀ ମୁତୟନ ହୋଇଥିଲେ । ଘୋଷଯାତ୍ରାରେ ପାଗ ଅନୁକୂଳ ରହିଥିବାରୁ ବିଶେଷ ଗହଳି ପରିଲକ୍ଷିତ ହୋଇଥିଲା । ଭାପୁର ସଦର ମହକୁମାରେ ଅନୁଷ୍ଠିତ ରଥଯାତ୍ରାକୁ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ ଥାନାର ଆଇଆଇସି ପଞ୍ଚାନନ ପରିଡ଼ା ଏବଂ ଭାପୁର ବିଟ୍ ହାଉସ୍ ଅଧିକାରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଶାନ୍ତିଶୃଙ୍ଖଳାର ସହ ଘୋଷଯାତ୍ରାକୁ ସମାପ୍ତ କରିଥିଲେ । କୌଣସି ଅଘଟଣ ଘଟିବାକୁ ଆଶଙ୍କା କରି ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ ସଜାଗ ରହିଥିଲେ । ବିଶେଷକରି ପ୍ରତି ଗ୍ରାମରେ କୁନିକୁନି ପିଲାଙ୍କ ଦ୍ୱାରା କୁନି ରଥ ଟଣା ଅଧିକ ଆକର୍ଷଣୀୟ ହୋଇଥିଲା ।

## ଆଇଓସିଏଲ୍ ପକ୍ଷରୁ ରଥଯାତ୍ରା ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ଟାଉନସିପରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ । ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା । ଉତ୍ସବ ଅତ୍ୟନ୍ତ ମନୋରମ ସହିତ ଆୟୋଜିତ କରାଯାଇଥିଲା । ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭ ହୋଇଥୁଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା । ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ ।

# ବୋଲଗଡ଼ରେ ପବିତ୍ର ରଥଯାତ୍ରା ପାଳିତ



ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ଼ ମୁଖ୍ୟାଳୟସ୍ଥିତ ସର୍ବ ମଙ୍ଗଳମୟ ଶ୍ରୀଜଗନ୍ନାଥଙ୍କର ପବିତ୍ର ଘୋଷଯାତ୍ରା ଆଡ଼ମ୍ବରପୂର୍ଣ୍ଣ ସହକାରେ ଅନୁଷ୍ଠିତ ହୋଇଅଛି । ପ୍ରଭୁ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ ନିମନ୍ତେ ଆଜି ପ୍ରାତଃ ସମୟେ ମନ୍ଦିର ମୁଖ୍ୟ ସେବକ କୈଳାସ ଅଧିକାରୀ ମହାପାତ୍ର ଓ ଅନ୍ୟ ପ୍ରମୁଖ ସେବକ ମାନଙ୍କ ବିଶେଷ ସହଯୋଗରେ ପ୍ରାରମ୍ଭରେ ଚତୁର୍ଦ୍ଧାମୂର୍ତ୍ତି ତଥା ଦାରୁ ଦେବତା ମାନଙ୍କର ମଙ୍ଗଳ ଆଳତି, ମଇଲମସେବା, ତଡପଲାଗି, ଅବକାଶନୀତି, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା ଇତ୍ୟାଦି ନୀତି ସମ୍ପର୍ଣ୍ଣ ପରେ ସକାଳଧୂପ ଖେଚୁଡ଼ି ଭୋଗ ଠାକୁର ମାନଙ୍କୁ ଲାଗି କରାଯାଇଥିଲା । ସେବକ ମାନଙ୍କ ଦ୍ୱାରା ଶୁଦ୍ଧପୂତ ଭାବେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ନୀତି କରାଯାଇ ଦିନ ୧୨ଟା ସମୟରେ ସେବକ ମାନେ ପ୍ରାରମ୍ଭରେ ଆୟୁଧ ଠାକୁର ସୁଦର୍ଶନ ମହାରାଜ ପରେ ବଡ଼ ଠାକୁର ବଳଭଦ୍ର, ଭଗ୍ନୀ ସୁଭଦ୍ରା ଓ ଶେଷରେ ଟିକେ ରହି ଟିକେ ଯାଇ ଦୋହଲି ଦୋହଲି ରାଜକୀୟ ଠାଣିରେ ବିଶ୍ୱ ବ୍ରହ୍ମାଣ୍ଡ କୋଟିନିଧି ଠାକୁର କାଳିଆ ସାଆନ୍ତ ଜଗନ୍ନାଥଙ୍କୁ ସେବକ ମାନେ ଧାଡି ପହୁଣ୍ଡିରେ ରଥାରୂଢ଼ କରାଇ ଥିଲେ ।ପରେ ରଣପୁରସ୍ଥିତ ଚୈତନ୍ୟଦ୍ୱେ ମଠ ମହନ୍ତ ପର୍ଶୁରାମ ଦାଶ ରଥରେ ଛେରାପହଁରା କରିଥିଲେ ।ରଥାଗ୍ରେ ପ୍ରିୟ ଭକ୍ତ ହନୁମାନଙ୍କୁ ସ୍ଥାପନା କରାଯାଇ କଳାଧଳା ଘୋଡା ଓ ଦାରୁକଙ୍କୁ ରଥ ସମ୍ମୁଖ ଭାଗରେ ସ୍ଥାନିତ କରାଯାଇ ଅପରାହ୍ନରେ ଠାକୁର ମାନଙ୍କର ପବିତ୍ର ଘୋଷଯାତ୍ରା ଆରମ୍ଭ କରାଯାଇ ଥିଲା । ଭକ୍ତ ମାନେ ଆନନ୍ଦର ସହିତ ରଥ ଟାଣିଥିଲେ ।ଆଲଟ,ଚାମର,ଛତ୍ରୀ ସହ ଘଣ୍ଟ,ଘଣ୍ଟି ନିନାଦର ତାଳେ ତାଳେ ଡାହୁକ ଈଶ୍ୱର ମହାପାତ୍ରଙ୍କ ରଥବୋଲି ଓ ଭକ୍ତ ମାନଙ୍କର ହରିବୋଲ ହୁଳହୁଳି ମଧ୍ୟରେ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥ ଗଡି ଚାଲିଥିଲା । ସନ୍ଧ୍ୟା ୬ଟା ୩୦ ସମୟରେ ରଥ ପହଁଚିବା ପରେ ସେବକ ବୈକୁଣ୍ଠ ମହାପାତ୍ର, ରାଧାଶ୍ୟାମ ରାୟଗୁରୁ ମହାପାତ୍ର,ସଚ୍ଚିଦାନନ୍ଦ ରାୟଗୁରୁ ମହାପାତ୍ର, ବିଚିତ୍ରା ନନ୍ଦ ରାୟଗୁରୁ ମହାପାତ୍ର,ଶରତ ମହାପାତ୍ର,ସରୋଜ ମହାପାତ୍ର, ଅରବିନ୍ଦ ରାୟଗୁରୁ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର ଓ କାନ୍ତିଲାଲ ମହାପାତ୍ର ପ୍ରମୁଖ ମାନେ ବିଗ୍ରହ ମାନଙ୍କୁ ଗୋଟି ପହୁଣ୍ଡିରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରାଇ ଥିଲେ ।ଆଇନ ଶୃଙ୍ଖଳା ଦୃଷ୍ଟିରୁ ଥାନା ଆଇଆଇସି ସ୍ନିଗ୍ଧମୟୀ ବରାଳଙ୍କ ତତ୍ତ୍ୱବଧାନ ସହିତ ପୁରୁଷ ଓ ମହିଳା ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥାଇ ଭକ୍ତ ମାନଙ୍କୁ ରଥ ଟାଣିବାରେ ବିଶେଷ ସହଯୋଗ କରିଥିଲେ ।ସେହିପରି ଅଗ୍ନିଶମ ସେବା ଓ ବିଦ୍ୟୁତ କର୍ମଚାରୀମାନେ ବିଶେଷ ସହଯୋଗ କରି ଥିଲେ ।ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ବସଷ୍ଟାଣ୍ଡ ବଣିକ ସଂଘ, ଟାକ୍ସିଷ୍ଟାଣ୍ଡ ସଂଘପକ୍ଷରୁ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କୁ ଦହିପଣା ଓ ରାମ ଖେଚୁଡ଼ି ବଣ୍ଟନ କରାଯାଇଥିଲା ।

# ଶ୍ରୀଗୁଣ୍ଡିଚାରେ ବ୍ରହ୍ମ ତାଳଧ୍ୱଜରେ ଶ୍ରୀବଳଦେବଜିଉ, ଘଣ୍ଟାଏ ବିଳମ୍ବରେ ଟଣାଗଲା ରଥ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମରେ ସତେ ଯେମିତି ଫାଟି ପଡୁଥିଲା ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ । ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା ତୁଳସୀକ୍ଷେତ୍ର ରଥଦାଣ୍ଡର ଗଗନ ପବନ । ବ୍ରହ୍ମ ତାଳଧ୍ୱଜ ରଥକୁ ଛୁଇଁବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ ଆବେଗ ବଢି ଯାଇଥିଲା । ଭକ୍ତ ଓ ଭଗବାନଙ୍କ ମିଳନ ବର୍ଷକରେ ଥରେ ଥିଲା ବେଶ ଭାବବିହ୍ୱଳିତ । ଭକ୍ତମାନଙ୍କ ଆଖିରୁ ଝରି ପଡୁଥିଲା ଅଶ୍ରୁ । ରଥାରୂଢ ଶ୍ରୀଜୀଉମାନଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ଉଠିଥିଲେ ଭକ୍ତମାନେ । ରଥ ଟାଣିବାର ଅପୂର୍ବ ଅନୁଭୂତିକୁ କେହି ହାତଛଡା କରିବାକୁ ଚାହୁଁନଥିଲେ । ତେଣୁ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ରଥ...ପଥ...ବ୍ରହ୍ମ ତଳଧ୍ୱଜ ହୋଇଥିଲା ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉମୟ । ଅର୍ଥାତ ବ୍ରହ୍ମ ତାଳଧ୍ୱଜ ରଥ ଉପରେ ବଡ଼ ଭାଇ ବଳଭଦ୍ର, ସୁନା ଭଉଣୀ ସୁଭଦ୍ରା ଓ କାଳିଆ ସାଆନ୍ତଙ୍କୁ ଦର୍ଶନ କରି ଭକ୍ତମାନେ ଖୁସିରେ ଗଦଗଦ ହୋଇପଡିଥିଲେ । ଶୁକ୍ରବାର ସକାଳୁ ରଥାରୂଢ ଠାକୁରମାନଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା । ଶ୍ରୀଜୀଉମାନେ ପହଣ୍ଡି ବିଜେ କରି ରଥାରୂଢ ହୋଇଥିଲେ । ଏହାପରେ ବ୍ରହ୍ମତାଳଧ୍ୱଜ ରଥ ଗଡିବା ପାଇଁ ପ୍ରସ୍ତୁତ ହୋଇଥିଲା । ଭକ୍ତମାନଙ୍କ ଭାବାବେଗକୁ ଦେଖି ପ୍ରଶାସନ ରଥ ଟାଣିବା ପାଇଁ ପ୍ରସ୍ତୁତ ହେବା ପରେ ଅପରାହ୍ଣ ପ୍ରାୟ ସାଢେ୫ଟା ବେଳେ ଏକଘଣ୍ଟା ବିଳମ୍ବରେ ରଥ ଟଣା ହୋଇଥିଲା । ରଥ ଟଣାହେବାକୁ ସାଢେ ୪ଟା ସମୟ ନିର୍ଘଣ୍ଟ ହୋଇଥିଲେ ମଧ୍ୟ ଭକ୍ତଙ୍କ ଭାବାବେଗକୁ ଦେଖି ଏହା ଏକ ଘଣ୍ଟା ବିଳମ୍ବିତ ହୋଇଥିଲା । ଫଳରେ ସାଢେ ୫ଟା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା । ରଥ ଟାଣିବା ପାଇଁ ତ୍ରିସ୍ତରୀୟ ପୋଲିସ କର୍ଡନ ବ୍ୟବସ୍ଥା ହୋଇଥିଲା । କର୍ଡ଼ନ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡା କର୍ଡ଼ନ ମଧ୍ୟରେ ରହି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଯା[illegible] କରୁଥିଲେ । ତାଙ୍କୁ ସହଯୋଗ କରୁଥିଲେ ଟାଉନ୍ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ, ଇନ୍ସପେକ୍ଟର ରାଜେନ୍ଦ୍ର ମହାପାତ୍ର,ଇନ୍ସପେକ୍ଟର ସୌମ୍ୟରଞ୍ଜନ ବିଶ୍ୱାଳ, ଇନିସପେକ୍ଟର ଧିରଜ ଲେଙ୍କା, ପଦ୍ମାଳୟା ପ୍ରଧାନ ଓ ତପନ ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ । ରଥ ଉପରକୁ ଛୋଟ ଛୋଟ ପିଲାମାନଙ୍କୁ ଉଠାଇବାକୁ ସେବାୟତମାନଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ରଥ ଉପରକୁ ଛୋଟ ପିଲାମାନଙ୍କୁ ଉଠାଇ ଶ୍ରୀଜୀଉଙ୍କ ଦର୍ଶନ କରାଇବା ପାଇଁ ସେବାୟତମାନେ ଭକ୍ତମାନଙ୍କ ଠାରୁ ଦକ୍ଷିଣା ନେଉଥିଲେ । କିନ୍ତୁ ଏହି କାର୍ଯ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଚାଲିଥିଲା । ଲୋକେ ସେମାନଙ୍କ ପିଲାମାନଙ୍କୁ ରଥ ଛୁଇଁବାକୁ ଛାଡୁଥିବାରୁ ଆମେ ରଥ ଉପରକୁ ଚଢାଉଛୁ ବୋଲି ଅନ୍ୟ ଜଣେ ସେବାୟତ କହିଥିଲେ । ଫଳରେ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା । ସେମାନଙ୍କୁ ବିରୋଧ କଲେ ରଥ ଗଡାଇ ଦେବେ ନାହିଁ ବୋଲି ମଧ ଧମକ ଦେଇଥିଲେ । ସେଥିପାଇଁ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଥିଲେ । ରଥ ସିଂହଦ୍ୱାରରୁ ଟଣା ହୋଇ ଦେବୋତ୍ତର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହା ହେଉଛି ତୁଳସୀ କ୍ଷେତ୍ରର ପରମ୍ପରା । ଆସନ୍ତା କାଲି ଅର୍ଥାତ ଶନିବାର ରଥ ଟଣା ଯାଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଚକଡା ଲାଗିବ । ପରେ ରଥାରୂଢ ଶ୍ରୀଜୀଉମାନେ ଜନ୍ମବେଦୀ ତଥା ମାଉସୀ ମା'ଙ୍କ ମନ୍ଦିରକୁ ପ୍ରବେଶ କରିବାର ପରମ୍ପରା ରହିଛି । ରଥ କର୍ଡନ ନିକଟରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ଅରୁଣ କୁମାର ନାୟକ, ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।



କଲରାରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହାର ମୁଖ୍ୟ ଭୂମିକା ଅଛି ବୋଲି ଜଣାପଡ଼ିଛି। 'କଲରା ଓ ରୋଗ ପ୍ରତିରୋଧକ ଶକ୍ତି' ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଏହାବ୍ୟତୀତ କଲରାରେ ଆଣ୍ଟି-ଅକ୍ସିଡାଣ୍ଟ୍ ଗୁଣ ଥିବାରୁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ। ଏଥିରେ ଭିଟାମିନ୍-ଏ ଭରିରହିଛି, ଯାହା ନୂଆ ଚର୍ମ ଗଠନରେ ସହାୟକ ହୋଇଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ପରି କାମ କରେ। ହୃଦ୍‌ଜନିତ ଏବଂ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଦରକାର। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ। କଲରା ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ। ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଂଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା। ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛିମାତ୍ରାରେ ମଧ୍ୟ କମାଇଥାଏ। ଏହା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ସୌନ୍ଦର୍ଯ୍ୟ ସହ ସ୍ୱାସ୍ଥ୍ୟ ଠିକ୍ ରଖିଥାଏ ବିନ୍ଦି



*ଭାରତୀୟ ମହିଳାମାନେ ବିନ୍ଦି ଲଗାଇବା ପାଇଁ ବହୁତ୍ ପସନ୍ଦ କରିଥାନ୍ତି । ଏହା ଏମାନଙ୍କ ସଜ୍ଜା-ସାଜ୍ୟରେ ଏକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ରଖିଥାଏ । ଏତିକି, ନୁହେଁ ଏହା ସେମାନଙ୍କର ରୂପକୁ ମଧ୍ୟ ଆହୁରି ସୁନ୍ଦର କରିଥାଏ । କିନ୍ତୁ କ'ଣ ଆପଣ ଜାଣିଛନ୍ତି ବିନ୍ଦି କେବଳ ଆପଣଙ୍କ ମୁହଁର ସୁନ୍ଦରତା ବଢାଇ ନଥାଏ ଏହା ସହିତ ଆପଣଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ଠିକ୍ ରଖିଥାଏ । ତ' ଆସନ୍ତୁ ଜାଣିବା ଏହା ବିଷୟରେ ....*

☐ ବିନ୍ଦି ଆପଣଙ୍କର ଶରୀରରେ ଉର୍ଜାର ସ୍ତର ତିଆରି କରି ରଖିଥାଏ । ସତକଥା ହେଉଛି ବିନ୍ଦି ସର୍ବଦା ଅଜା ଚକ୍ର ଉପରେ ଲଗାଯାଏ । ଅଜା ଚକ୍ର ଉପରେ ବିନ୍ଦି ଲଗାଇବା କାରଣରୁ ଏହା ଉର୍ଜାକୁ ଠିକ୍ ରଖିଥାଏ ।

☐ ଆପଣଙ୍କୁ ବୋଧେ ଜଣା ନାହିଁ କିନ୍ତୁ ବିନ୍ଦି ମନକୁ ଶାନ୍ତ ଏବଂ ଏକାଗ୍ରତା ରଖିବାରେ ଏକ ଗୁରୁତ୍ୱ ଭୂମିକା ପାଳନ କରିଥାଏ । ମଥାରେ ବିନ୍ଦି ଲଗାଇବା ଦ୍ୱାରା ସେଠାରେ ବିନ୍ଦୁ ଜାଗ୍ରତ ହୋଇଥାଏ ଯାହା ଫଳରେ ମନକୁ ଏକାଗ୍ରତା ମିଳିଥାଏ ।

☐ ଯଦି ଆପଣଙ୍କୁ ସର୍ବଦା ମୁଣ୍ଡ ବିନ୍ଧାର କଷ୍ଟ ସହିବାକୁ ପଡୁଛି ତେବେ ଅବଶ୍ୟ ବିନ୍ଦି ଲଗାନ୍ତୁ । ଉର୍ଜା ଚକ୍ରର ବିନ୍ଦୁ ମୁଣ୍ଡ ବିନ୍ଧାର ସମସ୍ୟାକୁ ଦୂର କରିଥାଏ । ଏହି ବିନ୍ଦୁରୁ ନାଶାର ଶକ୍ତ କୋଶିକା ସକ୍ରିୟ ହୋଇଥାଏ ଯାହା ଯନ୍ତ୍ରଣାରୁ ରକ୍ଷା କରିଥାଏ ।

☐ ବିନ୍ଦି ଆଖି ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ । ଯେଉଁ ସ୍ଥାନରେ ବିନ୍ଦି ଲଗାଯାଇଥାଏ ସେଠାରେ ସୁପରଟ୍ରାଚଲର ନର୍ଭରେ ସମ୍ବନ୍ଧିତ ହୋଇଥାଏ । ଯାହା ଉପରେ ଚାପ ପଡିବାରୁ ଆଖିକୁ ଭିନ୍ନ ଭିନ୍ନ ଦିଗରେ ଦେଖିବାରେ ସାହଯ୍ୟ ମିଳିଥାଏ ।

## ବିଶ୍ୱର ସବୁଠାରୁ ଛୋଟ ଜେଲ
### ରହୁଛନ୍ତି ୨ କଏଦୀ




ଜେଲ କେତେ ଛୋଟ ହୋଇପାରେ ? ଆଉ ଏଥିରେ କେତେ ଜଣ କଏଦୀ ରହିପାରିବେ । ବିଶ୍ୱରେ ଏମିତି ଏକ ଜେଲ ରହିଛି ଯେଉଁଠି ମାତ୍ର ଦୁଇ ଜଣ କଏଦୀ ସଜା କାଟୁଛନ୍ତି। ଯେତେବେଳେ ବିଭିନ୍ନ ଜେଲ ବିଷୟରେ ଆଲୋଚନା ହୁଏ ସେତେବେଳେ ଦିଲ୍ଲୀର ତିହାର ଜେଲ ଏବଂ ପୁଣେର ୟେରୱାଡ଼ା ଜେଲ କଥା ମନକୁ ଆସିଥାଏ। ଭାରତର ଏହି ୨ଟି ଜେଲରେ ସର୍ବାଧିକ ସଂଖ୍ୟାରେ କଏଦୀ ରହୁଛନ୍ତି। ତିହାର ଜେଲରେ ୧୪ ହଜାରରୁ ଅଧିକ କଏଦୀ ରହୁଥିବା ବେଳେ ୟେରୱାଡ଼ା ଜେଲରେ ୭ ହଜାରରୁ ଅଧିକ କଏଦୀ ରହୁଛନ୍ତି। ତେବେ ଏଥିମଧ୍ୟରେ ବିଶ୍ୱର ସବୁଠାରୁ ଛୋଟ ଜେଲ ବ୍ରିଟେନ୍‌ର ସାର୍କ ଦ୍ୱୀପରେ ରହିଥିବା ଜଣାପଡିଛି। ଏହି ଜେଲରେ ମାତ୍ର ୨ ଜଣ କଏଦୀଙ୍କ ରହିବା ପାଇଁ ସ୍ଥାନ ଥିବାବେଳେ ଏହା ୧୬୮ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା। ବ୍ରିଟିଶ୍ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଇଂଲିଶ ଚ୍ୟାନେଲର ସାର୍କ ଦ୍ୱୀପରେ ଥିବା ସାର୍କ ଜେଲ ହେଉଛି ବିଶ୍ୱର ସବୁଠାରୁ ଛୋଟ କାରାଗାର। ୧୮୫୬ ମସିହାରେ ନିର୍ମିତ ହୋଇଥିବା ଏହି ଜେଲରେ କେବଳ ୨ ଜଣ କଏଦୀ ରହିପାରିବେ। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଜେଲରେ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ତେବେ ଏହି ଜେଲ ଭିତରର ଦୃଶ୍ୟ କିଛିମାତ୍ରାରେ ବଦଳିଛି। ଟ୍ୟାପ ଯୋଗେ ଜଳ ଯୋଗାଣ, ଶୌଚାଳୟ ଆଦି ସୁବିଧା ଏହି ଜେଲରେ କରାଯିବା ସହ ଏଠାରେ ବିଦ୍ୟୁତସେବା ମଧ୍ୟ ଯୋଗାଇ ଦିଆଯାଇଛି। ସେହିପରି ଜେଲ ଭିତରର ଅଂଶକୁ ୨ ଭାଗରେ ବିଭକ୍ତ କରାଯାଇ ୨ଟି କୋଠରି କରାଯାଇଛି। ଉଭୟ କୋଠରିରେ କଏଦୀଙ୍କ ଲାଗି ପତଳା କାଠ ଶଯ୍ୟା ରହିଛି।ସମୁଦାୟ ୫.୪ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଥିବା ଏହି ଦ୍ୱୀପରେ, ୨୦୨୩ ଜନଗଣନା ଅନୁଯାୟୀ ୫୬୨ ଜଣ ଲୋକ ବସବାସ କରନ୍ତି। ମସିହାରେ ଏହି ଜେଲ ନିର୍ମାଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାହାରି ପାଖରେ ଅର୍ଥ ନ ଥିବାରୁ ଏହାକୁ ନିର୍ମାଣ କରିବାକୁ ୨୪ ବର୍ଷ ସମୟ ଲାଗିଯାଇଥିଲା କ୍ଷ ତେବେ ଏହି ଦ୍ୱୀପରେ ଏବେ କୌଣସି ବଡ଼ ଧରଣର ଅପରାଧ ହେଉନାହଁ, ତେଣୁ ସମ୍ପ୍ରତି ଏଠାରେ କେବଳ ୨ ଜଣ ପୋଲିସ କର୍ମଚାରୀ ରହିଛନ୍ତି।

## ମା' ହେବେ ଲାଖଣ୍ଡେ



ମା' ହେବେ ଟେଲି ପରଦାର ଲୋକପ୍ରିୟ ଅଭିନେତ୍ରୀ ଅଙ୍କିତା ଲାଖଣ୍ଡେ। କିଛି ଏଭଳି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। ଶୋ' 'ଲାଫଟର ସେଫ୍ ୨'ର ସୁଟିଂ ସେଟ୍‌ରେ ନିଜେ ଅଭିନେତ୍ରୀ ଏନେଇ ଖୁଲାସା କରିଛନ୍ତି। ଏହା ସାମ୍ନାକୁ ଆସିବା ପରେ ଅଙ୍କିତାଙ୍କ ପ୍ରଶଂସକ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ନିକଟରେ ଶୋ'ର ଏକ ପ୍ରମୋ ସେୟାର ହୋଇଛି। ଏଥିରେ ଦେଖାଯାଇଛି ଯେ ଅଭିନେତ୍ରୀଙ୍କଠାରୁ କୃଷ୍ଣା ଅଭିଷେକ କିଛି ସାମଗ୍ରୀ ଛଡ଼ାଇ ଦେଉଛନ୍ତି। ଏହାପରେ ଅଭିନେତ୍ରୀ ତାଙ୍କ ପଛରେ ଦୌଡୁଛନ୍ତି। ପରେ ସେ କୃଷ୍ଣାଙ୍କୁ କହୁଛନ୍ତି ଯେ ମୁଁ ଗର୍ଭବତୀ ଏବଂ ନିଜ ପେଟକୁ ଧରି ନେଉଛନ୍ତି। ଏହାଶୁଣି ସମସ୍ତେ ଚମକି ଯାଉଛନ୍ତି। କୃଷ୍ଣା ସତରେ କି ବୋଲି ପଚାରିବାରେ ଅଙ୍କିତା ମୁଣ୍ଡ ହଲାଇ ସହମତି ଦେଉଛନ୍ତି। ୨୦୨୧ରେ ଅଙ୍କିତା ବ୍ୟବସାୟୀ ବିକ୍କି କୌଶଲଙ୍କୁ ବିବାହ କରିଥିଲେ। ଏହାପରେ ଦୁହେଁ ଅନେକ ଶୋ'ରେ ଏକାଠି ନଜର ଆସିଛନ୍ତି। ଏବେ ଏଭଳି ପ୍ରମୋ ଦେଖିବା ପରେ ପ୍ରଶଂସକ ଭଳିକି ଭଳି ପ୍ରତିକ୍ରିୟା ଦେଉଛନ୍ତି।

## ଭିନ୍ନ ଅବତାରରେ ରଶ୍ମିକା


'ଛାଭା'ର ଜବରଦସ୍ତ ସଫଳତା ପରେ ରଶ୍ମିକା ମନ୍ଦାନା ଏବେ ଧନୁଷଙ୍କ 'କୁବେରା'ରେ ନଜର ଆସିଛନ୍ତି। ଇତି ମଧ୍ୟରେ ଅଭିନେତ୍ରୀଙ୍କ ଆଗାମୀ ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଛି। ଶୁକ୍ରବାର ରିଲିଜ୍ ହୋଇଥିବା ଏହି ପୋଷ୍ଟରରେ ରଶ୍ମିକା ସମ୍ପୂର୍ଣ୍ଣ ଭିନ୍ନ ତଥା ଲୋମ ହର୍ଷଣକାରୀ ଅବତାରରେ ନଜର ଆସିଛନ୍ତି, ଯେଉଁଥିପାଇଁ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ବୃଦ୍ଧି ପାଇଛି। ଚଳଚ୍ଚିତ୍ର ନର୍ମାତା ପୋଷ୍ଟର ସହ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଆଗାମୀ ଫିଲ୍ମର ପୋଷ୍ଟର ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ଅଭିନେତ୍ରୀଙ୍କ ପ୍ରଥମ ଲୁକ୍ ସାମ୍ନାକୁ ଆସିଛି, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରିଛନ୍ତି। ଏଥିସହ ଅଭିନେତ୍ରୀଙ୍କ ମୁହଁ ରକ୍ତ ଜୁବୁବୁବୁ ହୋଇଥିବା ଏବଂ ତାଙ୍କ ଆଖିରେ କ୍ରୋଧର ଜ୍ୱାଳା ଦେଖିବାକୁ ମିଳିଛି। ରଶ୍ମିକା ଫିଲ୍ମର ଏକ ପୋଷ୍ଟର ଶେୟାର କରିଥିଲେ, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରି ଠିଆ ହୋଇଥିଲେ। ପୋଷ୍ଟର ଶେୟାର କରି ରଶ୍ମିକା କ୍ୟାପ୍ସନରେ ଲେଖିଛନ୍ତି, ''ମୁଁ ସର୍ବଦା ଆପଣମାନଙ୍କୁ କିଛି ନୂଆ ଦେବାକୁ ଚେଷ୍ଟା କରେ। କିଛି ଭିନ୍ନ, ରୋମାଞ୍ଚକର ଏବଂ ଏହା ତା' ମଧ୍ୟରୁ ଗୋଟିଏ। ଏପରି ଏକ ଚରିତ୍ର ଯେଉଁଥିରେ ମୁଁ ପୂର୍ବରୁ କେବେ ଅଭିନୟ କରିନାହିଁ, ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ଦେଇନାହିଁ ଏବଂ ମୋର ଏଭଳି ଏକ ରୂପ ଯାହାକୁ ମୁଁ ମଧ୍ୟ ପୂର୍ବରୁ କେବେ ଭେଟି ନଥିଲି। ଏହା ଅତ୍ୟନ୍ତ ତୀବ୍ର ଓ ଭୟଙ୍କର, ସେଥିପାଇଁ ମୁଁ ସାମାନ୍ୟ ଅଧୀର, କିନ୍ତୁ ବହୁତ ଉତ୍ସାହିତ ମଧ୍ୟ ଅଛି। ଏହି ପୋଷ୍ଟର ରିଲିଜ୍ କରି ଫିଲ୍ମ ନିର୍ମାତାମାନେ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି। ରଶ୍ମିକା ମନ୍ଦାନାଙ୍କ ଏହି ଆଗାମୀ ଫିଲ୍ମର ନାମ 'ମାଏସା'। ରବିନ୍ଦ୍ର ପୁଲେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଅଜୟ ଏବଂ ଅନିଲ ସୟାପୁରେଡ୍ଡୀ ପ୍ରଯୋଜନା ଭାର ବହନ କରିଛନ୍ତି। ଚଳଚ୍ଚିତ୍ରକୁ ୪ଟି ଭାଷାରେ ମୁକ୍ତିଲାଭ କରାଯିବ। ଏବେ ଦର୍ଶକ 'ମାଏସା'ର ମୁକ୍ତିଲାଭ ତାରିଖ ଘୋଷଣା ଅପେକ୍ଷାରେ ରହିଛନ୍ତି।



## ବର୍ଷା ଦିନେ କୀଟପତଙ୍ଗ ଦାଉରୁ ରକ୍ଷା ପାଇଁ
### ଘରେ ତିଆରି କରନ୍ତୁ ସ୍ପ୍ରେ

*ବର୍ଷା ଋତୁ ଆସିଗଲାଣି। ଏହି ଋତୁରେ ଘରେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଘୁରି ବୁଲିଥାନ୍ତି। ଯଦ୍ୱାରା ଘରେ ଛୋଟପିଲା ଥିଲେ ଅସୁବିଧା ହୋଇଥାଏ। ସମୟସମୟରେ ଖେଳୁଥିବା ବେଳେ ଛୋଟଛୁଆମାନେ ଉକ୍ତ କୀଟପତଙ୍ଗଙ୍କୁ ପାଟିରେ ପୁରାଇ ଦେଇଥାଆନ୍ତି। ଯଦ୍ୱାରା ଅନେକ ସମୟରେ ଛୁଆ ସଂକ୍ରମଣ ଶିକାର ହୋଇଥାଆନ୍ତି। କେବଳ ଏତିକି ନୁହେଁ ବର୍ଷା ଋତୁରେ ଘରକୁ ପଶି ଆସୁଥିବା କୀଟପତଙ୍ଗ ହେତୁ ଖାଇବା ଓ ବସିବାରେ ବି ଅସୁବିଧା ହୋଇଥାଏ। ତେବେ ଆସନ୍ତୁ ଜାଣିବା ଏଥିରୁ କିପରି ପାଇବା ମୁକ୍ତି..*

ବଜାରରେ ଅନେକ କମ୍ପାନୀର କୀଟପତଙ୍ଗ ନାଶକ ସ୍ପ୍ରେ ଉପଲବ୍ଧ ରହିଛି। ତେବେ ଏହି ସ୍ପ୍ରେ



କ୍ରମାଗତ ଭାବେ ବ୍ୟବହାର କରିବା ଦ୍ୱାରା ମଣିଷ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଏଭଳି ପରିସ୍ଥିତିରେ ଘରେ ବି ଆପଣ ଗୁଣବତ୍ତା ସ୍ପ୍ରେ ତିଆରି କରି କୀଟପତଙ୍ଗ ଦାଉରୁ ରକ୍ଷା ପାଇପାରିବେ। ଏହି ସ୍ପ୍ରେ ଘରେ ଘୁରି ବୁଲୁଥିବା ପିମ୍ପୁଡ଼ି, ମାଛି ଏବଂ ଅସରପା ସହିତ ଅନ୍ୟାନ୍ୟ ପୋକଜୋକକୁ ଦୂର କରିବାରେ ଭଲ ପ୍ରଭାବ ପକାଇଥାଏ।

■ ବର୍ଷାଦିନେ କୀଟପତଙ୍ଗଙ୍କୁ ଦୂର କରିବା ପାଇଁ ଏକ ସରଳ ସ୍ପ୍ରେ ଘରେ ତିଆରି କରାଯାଇପାରିବ।

■ ସ୍ପ୍ରେ ତିଆରି କରିବା ପାଇଁ, ଏକ ପାତ୍ରରେ ପାଣି ଗରମ କରନ୍ତୁ।

■ ଏହି ପାଣିରେ ଲବଙ୍ଗ ମିଶାନ୍ତୁ। ପାଣିର ରଙ୍ଗ ପରିବର୍ତ୍ତନ ହେଲେ, ସେଥିରେ ଏକ ଚାମଚ ବେକିଂ ସୋଡ଼ା ମିଶାନ୍ତୁ ।

■ ଏବେ ଏହି ମିଶ୍ରଣକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ରଖି ସେଥିରେ କିଛି ତେଜପତ୍ର ଭାଙ୍ଗି ପକାଇ ଦିଅନ୍ତୁ । ଏବେ ଆପଣଙ୍କର ସ୍ପ୍ରେ ପ୍ରସ୍ତୁତ।

■ ଭିନେଗାରର ଗନ୍ଧ ଯୋଗୁଁ କୀଟପତଙ୍ଗମାନେ ଦୌଡ଼ି ପଳାନ୍ତି। ଏକ ସ୍ପ୍ରେ ବୋତଲରେ ଭିନେଗାର ଭର୍ତ୍ତି କରି କୀଟପତଙ୍ଗ ଉପରେ ସ୍ପ୍ରେ କରିପାରିବେ।

■ ନଚେତ ଭିନେଗାର ପାଣିରେ ଘରର ଚଟାଣ ପୋଛନ୍ତୁ। ଏପରି କରିବା ଦ୍ୱାରା ଘରର ଚଟାଣରେ କୀଟପତଙ୍ଗ ବୁଲିବା ହ୍ରାସ ପାଇବ।

■ ଲୁଣ ଓ ଲେମ୍ବୁ ମଧ୍ୟ ଏକ ଭଲ ଘରୋଇ ଉପଚାର ପ୍ରମାଣିତ ହୁଏ। କୀଟପତଙ୍ଗମାନଙ୍କୁ ମାରିବା ପାଇଁ ସେମାନଙ୍କ ଉପରେ ଲୁଣ କିମ୍ବା ଲୁଣିଆ ପାଣି କିମ୍ବା ଲେମ୍ବୁ ପାଣି ଛିଞ୍ଚି ପାରିବେ।

■ ରସୁଣ ମଧ୍ୟ ଏକ କୀଟପତଙ୍ଗ ପ୍ରତିରୋଧକ କରେ। ଏଥିପାଇଁ, ରସୁଣକୁ ଗୁଣ୍ଡ କରି ପାଣିରେ ପକାଇ ଭଲ ଭାବରେ ମିଶ୍ରଣ କରନ୍ତୁ। ଏହାକୁ କୀଟପତଙ୍ଗ ଉପରେ ଛିଞ୍ଚିଲେ ସେମାନେ ମରି ଯାଇଥାଆନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି





## ସିଆରପିଏଫ୍ ୬୪ ବାଟାଲିୟନ ପକ୍ଷରୁ ରଥଯାତ୍ରା


ମାତା ସୁଭଦ୍ରାଙ୍କୁ ପହଣ୍ଡି କଲେ ମହିଳା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ସାରା ବିଶ୍ୱ ଉତ୍ସବ ମୁଖର ହୋଇ ପଡଥିଲା ବେଳେ ମାଓ ପ୍ରବଣ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାର ଅନତି ଦୂରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା କଳାହାଣ୍ଡି ସିଆରପିଏଫ ୬୪ ବାଟାଲିୟନ କ୍ୟାମ୍ପ ପରିସରରେ ପ୍ରଥମ ଥର ପାଇଁ ପବିତ୍ର ରଥଯାତ୍ରା ପାରମ୍ପରିକ ନୀତକାନ୍ତି ଅନୁସାରେ ମହାସମାରୋହରେ ପାଳିତ ହୋଇ ଯାଇଛି। ସେଠାରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଆଜି ପୂର୍ବାହ୍ନ ଘ ୧୦.୩୦ ମି. ସମୟରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ପର୍ବ ଅନୁଷ୍ଠିତ ହୋଇଥିଲା। ସିଆରପିଏଫ ୬୪ ବାଟାଲିୟନର ସେକେଣ୍ଡ କମାଣ୍ଡାଣ୍ଟ ପି.କେ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପବିତ୍ର ଉତ୍ସବରେ ସିଆରପିଏଫର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ଥାନୀୟ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନେ ଉପସ୍ଥିତଥିଲେ। ମହାପ୍ରଭୁଙ୍କ ପୂଜାବିଧି ଓ ପରମ୍ପରା ଅନୁସାରେ ଶ୍ରୀ ଜୀଉଙ୍କ ପହଣ୍ଡି ବିଜେ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମହିଳା ଭକ୍ତମାନେ ମାତା ସୁଭଦ୍ରାଙ୍କୁ ପହଣ୍ଡି କରାଇଥିଲେ। ରଥ ଉପର ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ସରିଲା ପରେ ରଥଟଣା ଅନୁଷ୍ଠିତ ହୋଇଥିଲା। ଆଇନ, କାନୁନ୍, ଶୃଙ୍ଖଳା, ବନ୍ଧୁକ, ଗୁଳି ସହ ସବୁବେଳେକୁ ଯୋଡି ହୋଇ ରହିଥିବା ୬୪ ସିଆରପିଏଫ୍ ବାଟାଲିୟନ କ୍ୟାମ୍ପ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ୨୬ ତାରିଖ ଗୁରୁବାର ଦିନ ବର୍ଷା ହେଉଥିଲା ବେଳେ ଆଜି କିନ୍ତୁ ପାଗ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ଅନୁକୂଳ ରହିଥିଲା। ତେଣୁ ଭକ୍ତମାନଙ୍କ ବିଶେଷ ଗହଳି ଦେଖିବାକୁ ମିଳିଥିଲା।ମହାପ୍ରଭୁଙ୍କ ରଥ କ୍ୟାମ୍ପ ପରିସରରୁ ବାହାରି ମୁଖ୍ୟ ରାସ୍ତାରେ କିଛିବାଟ ଯାଇ ଫେରି ଆସିଥିଲା ଓ ସେଠାରେ ଭକ୍ତମାନଙ୍କ ନିମନ୍ତେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଥର ପାଇଁ ଏ ଭଳି ଏକ ପବିତ୍ର ପର୍ବ ପାଳନ ପାଇଁ ବିଶେଷ ଆୟୋଜନ କରିଥିବାରୁ ଶ୍ରଦ୍ଧାଳୁମାନେ ସିଆରପିଏଫ୍ ଅଧିକାରୀ ତଥା କର୍ମଚାରୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରଥଯାତ୍ରାକୁ ନେଇ ରହିଛି ଭିନ୍ନ ପରମ୍ପରା



କୋକସରା, (ଭାସ୍କର ନ୍ୟୁଜ୍) : ଶ୍ରୀ ଜଗନ୍ନାଥ ଏକ ବୈଚିତ୍ରମୟ ଦେବତା। ଶ୍ରୀକ୍ଷେତ୍ର ବ୍ୟତିରେକ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପୂଜିତ ହୁଅନ୍ତି ମହାବାହୁ। ସେହି କ୍ରମରେ କଳାହାଣ୍ଡିର କୋକସରା ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭିନ୍ନ ପରମ୍ପରା ଅନୁକ୍ରମେ ଅନୁଷ୍ଠିତ ହୋଇଥାଏ। କଳାହାଣ୍ଡି ଜିଲ୍ଲାରେ ପ୍ରାଚୀନ ଅଭିଚାର ତନ୍ତ୍ର ଧାରାର ଅନେକ ଦେବାଦେବୀ ପୂଜା ପାଆନ୍ତି। ଏହାସହ ପ୍ରାଚୀନ ଧର୍ମଧାରା ସହ ଶୈବ, ଶାକ୍ତ ଏବଂ ବୈଷ୍ଣବ ଧର୍ମର ସମନ୍ୱୟ ଦେଖିବାକୁ ମିଳେ। ଏଠାକାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ। ସେହି କ୍ରମରେ କୋକସରା ବ୍ଲକର ଅନେକ ସ୍ଥାନରେ ମଧ୍ୟ ଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ଭାବେ ପୂଜା କରାଯାଇଥାଏ। ତେବେ କୋକସରା ଅଞ୍ଚଳରେ ପାଳନ କରାଯାଉଥିବା ରଥଯାତ୍ରାରେ ସାମାନ୍ୟ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ବ୍ଲକର ଆମପାଣି, ସିଉନୀ, ବଡପୋଡାଗୁଡା, ଗୋତମୁଣ୍ଡା, କେନ୍ଦୁଡଙ୍ଗରୀ, କାଉଡୋଳା, ଲଡୁଗାଁ, କୋକସରା, କାଶିବାହାଲ, ମୋଟେର, ଛିଲପାମାଲ, ଡଙ୍ଗରିଗୁଡା, ତୁନଗାଁ, ଟେମରା ଆଦି ଗ୍ରାମରେ ରଥଯାତ୍ରା ପାଳିତ ହୋଇଥାଏ। ଅନେକ ସ୍ଥାନରେ ଜଗନ୍ନାଥଙ୍କ ଏକକ ବିଗ୍ରହ ଦଧିବାମନଙ୍କ ରଥଯାତ୍ରା ହୋଇଥାଏ। ଏହାକୁ ସ୍ଥାନୀୟ ଅଞ୍ଚଳରେ 'ରଥ୍ ଦୁତିଆ ବା 'ଗୁନ୍ସା ରଥ୍' ବୋଲି କୁହା ଯାଇଥାଏ। ଏହି ଅଞ୍ଚଳରେ 'ରଥ ଛୁଆଁ' ଗୋଟିଏ ଅଲଗା ଓ ନିଆରା ପରମ୍ପରା। ଜନମ ହେଲା ଛୁଆକୁ ଭାତ ଖୁଆ ହେଲା ପରଠୁ ଦେଉଳ ପ୍ରବେଶ ବିଧି ଅଛି। ଏହା ଆଗରୁ 'ରଥ ଛୁଆଁ' ବିଧି କରାଯାଏ। ରଥଯାତ୍ରାବେଳେ ଛୁଆମାନଙ୍କୁ ନୂଆ ଜାମା ପିନ୍ଧାଇ ରଥ ଉପରକୁ ଚଢାଯାଇ ବିଗ୍ରହଙ୍କ ଦର୍ଶନ କରାଯାଏ। ଏହାଦ୍ୱାରା ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହେବାର ବିଶ୍ୱାସ କରାଯାଏ। ସେଥିପାଇଁ ମା' ବାପାମାନେ ଛୁଆକୁ ରଥ ଛୁଆଁ କରେଇଥାଆନ୍ତି। ଅନ୍ୟପକ୍ଷରେ ବ୍ଲକର ଗୋତମୁଣ୍ଡା ଠାରେ ନିଆରା ଢଙ୍ଗରେ ରଥଯାତ୍ରା ପାଳିତ ହୋଇଥାଏ। ଏଥିରେ ଦ୍ୱିତୀୟା ତିଥିରେ ଟଣା ଯାଉଥିବା ରଥକୁ ସର୍ବସାଧାରଣ ଟାଣି ଥାନ୍ତି। କିନ୍ତୁ ବାହୁଡ଼ା ରଥଯାତ୍ରାକୁ ଗ୍ରାମ୍ୟ ଦେବାଦେବୀ ଲାଠି କାଳିସୀ ହିଁ ଟାଣିଥାନ୍ତି। ଏହା ଆଦିବାସୀ ସଂସ୍କୃତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଶ୍ରୀଜଗନ୍ନାଥଙ୍କ ଏହି ନବଦିନ ଯାତ୍ରା ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରିଥାଏ। ସପ୍ତାହକର ସାତଦିନ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ। ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର। କିନ୍ତୁ ଅନ୍ୟ ଦୁଇଗ୍ରହ, ଯଥା ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କର କୌଣସି ସ୍ୱତନ୍ତ୍ର ବାର ନାହିଁ। ଆଷାଢ଼ ମାସର ତୃତୀୟା ତିଥି ଯେଉଁଦିନ ପଡ଼ିବ ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକଗ୍ରହ ରୂପେ ପୂଜା ପାଆନ୍ତି। ମନେ କରାଯାଉ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ସୋମବାର ହେବ ଏବଂ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ସେହି ଗ୍ରହଙ୍କ ସ୍ୱରୂପ ଭାବରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପ, ବୁଧବାର ଦିନ ବୁଧଙ୍କ ସ୍ୱରୂପ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପ, ଶନିବାର ଦିନ ଶନିଙ୍କ ସ୍ୱରୂପ ଓ ରବିବାର ଦିନ ରବିଙ୍କ ସ୍ୱରୂପ ଭାବରେ ପୂଜା ପାଆନ୍ତି। କିନ୍ତୁ ରାହୁ ଓ କେତୁ ଏ ଦୁଇ ଗ୍ରହଙ୍କ ସ୍ୱତନ୍ତ୍ର ବାର ନଥିବା ହେତୁ ପ୍ରଥମ ଗୁଣ୍ଡିଚା ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ବୋଲି ନିର୍ଣ୍ଣୟ କରାହୁଏ। ଏକସପ୍ତାହ ବ୍ୟାପି ଗୁଣ୍ଡିଚାରେ ରହଣୀ କାଳ ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ରବିଙ୍କ ପର୍ଯ୍ୟନ୍ତ ସପ୍ତଗ୍ରହକୁ ସୂଚେଇଲା ଭଳି ଦୁଇ ଯାତ୍ରାକୁ ସାଙ୍କେତିକ ଭାବରେ ରାହୁ ଓ କେତୁଙ୍କୁ ସୂଚାଇ ନବଦିନ ବ୍ୟାପି ଯାତ୍ରା ନବଗ୍ରହକୁ ସମ୍ପୂର୍ଣ୍ଣ କରେ। ଏହି ତତ୍ତ୍ୱ କୃଷି କର୍ମ ଓ ପାଣିପାଗ ସହ ମଧ୍ୟ ସଂଯୁକ୍ତ ହୋଇଥାଏ। ତେଣୁ କୋକସରା ସମେତ କଳାହାଣ୍ଡିର ଚାଷୀକୂଳ ଓ ଜନସାଧାରଣ 'ରଥ୍ ଦୁତିଆ' ଆସିଲେ ବହୁତ ଉତ୍ସାହିତ ହୋଇ ଥାଆନ୍ତି।

## ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ଅଞ୍ଚଳ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନବ ଯୌବନ ବେଶ (ନେତ୍ରୋତ୍ସବ) ମହା ସମାରୋହରେ ଗୁରୁବାର ଅନୁଷ୍ଠିତ ହୋଇଥିବାବେଳେ ଆଜି ହେଉଛି ଘୋଷଯାତ୍ରା। ଅଣସର ଗୃହରୁ ଶ୍ରୀଜୀଉ ମାନଙ୍କୁ ମନ୍ଦିରକୁ ଅଣାଯିବା ପରେ ପଣ୍ଡିତ ପ୍ରଭାକର ନନ୍ଦ ଓ ମନ୍ଦିର ପୂଜକ ଭଣ୍ଡେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ବିଧିମତେ ସମସ୍ତ ନୀତିକାନ୍ତି ମଧ୍ୟରେ ପୂଜାର୍ଚ୍ଚନା କରାଯାଇ ଶ୍ରୀ ଜୀଉଙ୍କର ସମସ୍ତ ନୀତିକାନ୍ତି ବିଧିମତେ ସଂପନ୍ନ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ପଟ୍ଟଯୋଷୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ ଟ୍ରଷ୍ଟର ସଭାପତି ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ କୁମାର ତିର୍କୀ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଏନ୍ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷୀ, ଟ୍ରଷ୍ଟର ସଂପାଦକ ନିରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ସୁରେଶ ଚନ୍ଦ୍ର ମୁଣ୍ଡ, ସୁକଲାଲ ଅଗ୍ରୱାଲ, ବିଦ୍ୟାଧର ସାହୁ, ହୃଷୀକେଶ ମିଶ୍ର, ସରୋଜ କୁମାର ସାହୁ, ଜନ୍ମେଜୟ ନାଏକ, ସମେତ ଲକ୍ଷ୍ମୀକାନ୍ତ ଖମାରୀ, ଇଙ୍ଗିତ କୁମାର ପଣ୍ଡା, ଲଳିତ ଅଗ୍ରୱାଲ, ତ୍ରିଲୋଚନ ମୁଣ୍ଡ, ବିର କିଶୋର ପଣ୍ଡା, ହିମାଂଶୁ ପଣ୍ଡା ତଥା ବହୁ ଭକ୍ତ ଏହି ଅବସରରେ ଉପସ୍ଥିତ ଥିଲେ। ସେଭଳି ଶୁକ୍ରବାର ଦିନ ଶ୍ରୀଜିଉଙ୍କ ପହଣ୍ଡି ବିଜେ ପରେ ରଥଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଛେରା ପହଁରା ସହ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଧର୍ମଗଡ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଠିକ୍ ଅପରାହ୍ନ ୪ଘଣ୍ଟା ସମୟରେ ଶ୍ରୀଜୀଉଙ୍କ ରଥ ମୁଖ୍ୟ ରାସ୍ତା ଦେଇ ଗଡି ଥିଲା। ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଶ୍ରୀ ଜଗନ୍ନାଥ ନାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## କଲ୍ୟାଣୀ ନଦୀରେ ବନ୍ୟା ପରିସ୍ଥିତି; ୬ଖଣ୍ଡ ଗାଁ ପ୍ରଭାବିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ନଦୀ ଆରପାରିରେ ଥିବା ଗାଁ ଗୁଡିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି। ହେଲେ ଦୁର୍ନୀତି ଖୋର ଯନ୍ତ୍ରୀ ଓ ଠିକାଦାର ମାନଙ୍କ ଯୋଗୁଁ ୩ ବର୍ଷ ପରେ ମଧ୍ୟ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗି ଯିବାରୁ ୬ଗୋଟି ଗାଁର ୩୫୦ ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ସାହାଜା ପଡ଼ା ନିକଟସ୍ଥ କଲ୍ୟାଣୀ ନଦୀରେ। ଦୀର୍ଘ ବର୍ଷର ଅଭିଯୋଗ ପରେ କଲ୍ୟାଣୀ ନଦୀ ବ୍ରିଜ ନିର୍ମାଣ ପାଇଁ ୨୦୨୩ ମସିହାରେ ମଞ୍ଜୁର ହୋଇଥିଲା ଓ କଳାହାଣ୍ଡିର ଜଣେ ଠିକାଦାର ଏହାର ଠିକା ନେଇଥିବା ବେଳେ ୨୦୨୩ ମସିହା ମେ ମାସରେ କାମ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ ଆଜକୁ ୩ ବର୍ଷ ହୋଇଥିଲେ ହେଁ ଏ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଲୋକଙ୍କ ଯିବା ଆସିବା ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା ହେଲେ ପ୍ରବଳ ଲଗାଣ ବର୍ଷା ହେବା ଯୋଗୁଁ ନଦୀର ବନ୍ୟା ପାଣି ଅସ୍ଥାୟୀ ପୋଲକୁ ଭାଙ୍ଗି ଦେଇଛି। ଅସ୍ଥାୟୀ ପୋଲ ଭାଙ୍ଗିଯିବା ଯୋଗୁଁ ବିଜେପୁର ପଞ୍ଚାୟତର ୬ଖଣ୍ଡ ଗାଁର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲ୍ୟାଣୀ ନଦୀ ବ୍ରିଜ ସମ୍ପୂର୍ଣ୍ଣ ନ ହେବା ଯୋଗୁଁ ପୁଣି ୩୫୦ ପରିବାର ଜଳବନ୍ଦୀରେ ରହିଛନ୍ତି। ତେବେ କେନ୍ଦୁପଡ଼ା ଛକରୁ ସାହାଜପଡ଼ା ଗ୍ରାମକୁ ସଂଯୋଗ କରୁଥିବା ୨ କିମି ରାସ୍ତା ମଝିରେ କଲ୍ୟାଣୀ ନଦୀ ରହିଥିବାବେଳେ ସମ୍ପୂର୍ଣ୍ଣ ଭାବେ ସାହଜପଡ଼ା, ଡୋକରିଗୁଡ଼ା, ବଣ୍ଡେଲ, ଗାଟ୍ରାଗୁଡା, ବାରଗୁଡ଼ା ଓ ପଣସଗୁଡ଼ା ଗାଁ ଲୋକଙ୍କ ପାଇଁ ଏହି ନଦୀ ମୁଖ୍ୟ ସମସ୍ୟା ପାଲଟିଛି। ଲଗାଣ ବର୍ଷା ଯୋଗୁଁ ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ୍ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ସେହିପରି ପଞ୍ଚାୟତରୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା,ଗୋରୁ ଗାଈଙ୍କୁ ନଦୀ ପାର କରିବା, ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି। ତେବେ ବ୍ରିଜ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨୦୨୩ ମେ ମାସରେ କାମ ଆରମ୍ଭ କରିଥିଲେ ସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ କରି ପାରିନାହାନ୍ତି ବୋଲି ଅଞ୍ଚଳବାସି ଅସନ୍ତୋଷ ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ କାମକୁ ଠିକ ଭାବରେ ତଦାରଖ କରୁ ନାହାନ୍ତି ଯାହାଦ୍ୱାରା ଅତି ନିମ୍ନମାନର କାମ ଓ ମନ୍ଥର ଗତିରେ କାମ ଚାଲିଛି ବୋଲି ଗ୍ରାମବାସି ଅଭିଯୋଗ ଆଣିଛନ୍ତି କ୍ଷ ସେହିପରି ଲଗାଣ ବର୍ଷା ଯୋଗୁଁ ବେନଗାଁ ପଞ୍ଚାୟତ ସ୍ଥିତ ବେନଗାଁ ଉପର ପଡ଼ାର ଅନେକ ଘରକୁ ଆଣ୍ଠୁଏ ପାଣି ପଶିଯାଇ ଜମି ରହିଥିବା ବେଳେ ଏଥିପାଇଁ ଲୋକ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଦାୟି କରିଛନ୍ତି। କାରଣ ପୂର୍ତ୍ତ ବିଭାଗର ରାସ୍ତା ଉଚ୍ଚତା ବଢ଼ାଇବା ସହିତ ପାଣି ନିଷ୍କାସିତ ପାଇଁ ଡ୍ରେନର ବ୍ୟବସ୍ଥା କରିବା କଥା କିନ୍ତୁ ପାଣି ନିଷ୍କାସିତ ପାଇଁ କୌଣସି ଡ୍ରେନର ବ୍ୟବସ୍ଥା କରିନାହାନ୍ତି ଯାହାଦ୍ୱାରା ରାସ୍ତା କଡରେ ଥିବା ପ୍ରତ୍ୟେକ ଘରରେ ଆଣ୍ଠୁଏ ପାଣି ଜମି ରହିଛି ବୋଲି ଗ୍ରାମବାସି ଅଭିଯୋଗ ଆଣିଛନ୍ତି। ତ୍ୱେ ଏଠି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ନୂତନ ଚିକିତ୍ସା ଅଧିକାରୀଙ୍କ ନିଯୁକ୍ତି



ନର୍ଲା (ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଶ୍ରୀଯୁକ୍ତ ଆଶୁତୋଷ ପଧାନ୍ ଯୋଗଦାନ୍ କରିଛନ୍ତି। ଶ୍ରୀଯୁକ୍ତ ପଧାନ୍ ପୂର୍ବରୁ ବାଲେଶ୍ୱର ଡାକ୍ତରଖାନାରେ କାର୍ଯ୍ୟରତ ଥିଲେ। ନର୍ଲାରେ ଥିବା କାର୍ଯ୍ୟରତ ଡକ୍ଟର ଅକ୍ଷୟ କୁମାର ଗୋଛାୟତ ଲାଞ୍ଜିଗଡ଼ରୁ ଡେପୁଟେସନରେ ଆସିଥିବାରୁ ସେ ପୁନଃ ଲାଞ୍ଜିଗଡ଼ ଚିକିତ୍ସାଳୟକୁ ଯିବେ ବୋଲି ସୂଚନା ମିଳିଛି। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୨୬ଟି ପଞ୍ଚାୟତର ଲୋକ ନିର୍ଭର କରୁଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାର ଏକ୍ସରେ ମେସିନ୍ ସହିତ ତାକୁ ପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତି କରିଥିଲେ ମଧ୍ୟ ତିନି ଫେଜର ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଏକ୍ସରେ ମେସିନ୍ ଚାଲୁ ନ ଥିବା କଥା ପ୍ରକାଶ୍ କରିଛନ୍ତି ଡାକ୍ତର ଆଶୁତୋଷ ପଧାନ୍। ସରକାର୍ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ତିନି ଫେଜର ବିଦ୍ୟୁତ୍ ସଂଯୋଗ କରିବାକୁ ସାଧାରଣରେ ଦାବି ହେଉଛି।

## ୧୪ରୁ କାର୍ଯ୍ୟ ବନ୍ଦ ଚେତାବନୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆଜି ଓଡ଼ିଶା ରାଜସ୍ୱ ଅମଲା ସଂଘ କଳାହାଣ୍ଡିର ଜିଲ୍ଲା ଶାଖାର ଜିଲ୍ଲା ଉପସଭାପତି ନୀଳକଣ୍ଠ ଗଡତଙ୍କ ନେତୃତ୍ୱରେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ୧୦ ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବଲ- ୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା : ୮୮୯୮ ଅନୁଯାୟୀ ସମସ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା,ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯିବା ଓ ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପ୍ରମୁଖ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି ବୋଲି ସଂଘ କହିଛି। କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ। ତେଣୁ ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପୋରକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୦୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳା ବ୍ୟାଜ୍ ପରିଧାନ କରିବ ଏବଂ ତା ସତ୍ତ୍ୱେ ଯଦି ରାଜ୍ୟ ସରକାର ଉପୋରକ୍ତ ଦାବିଗୁଡିକ ପୂରଣ ନ କରନ୍ତି। ତେବେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତି ଅନୁସାରେ ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ମୈଥିଳୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ୟୁପି ଓ ଗଞ୍ଜାମ ଘଟଣାକୁ ତୀବ୍ର ନିନ୍ଦା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଧର୍ମଗଡ଼(ଭାସ୍କର ନ୍ୟୁଜ୍): ଉତ୍ତର ପ୍ରଦେଶର ଇଟାଓ୍ୱା ଠାରେ ଦୁଇଜଣ ଯାଦବ ସମ୍ପ୍ରଦାୟର କଥାବାଚକଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ନିର୍ଯ୍ୟାତନା ତଥା ଓଡ଼ିଶାର ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖରିଗୁମାରେ ଦୁଇଜଣ ଦଳିତଙ୍କ ଉପରେ ଅମାନବିକ ନିର୍ଯାତନା ସହିତ ଅଧା ଲଣ୍ଡା କରି ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚଲାଇବା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଘୃଣ୍ୟ ଜାତିପ୍ରଥା ଓ ହୀନ ମାନସିକତାର ଶିକାର ହୋଇଥିବା ଉଭୟ ସ୍ଥାନର ପୀଡିତଙ୍କୁ ନେଇ ସାରା ଦେଶରେ ବିରୋଧର ସ୍ୱର ଶୁଭୁଥିବାବେଳେ ଆଜି ଉଭୟ ଘଟଣାକୁ ନେଇ କଳାହାଣ୍ଡି ଜିଲ୍ଲାରେ ବେଶ ତାତି ଦେଖିବାକୁ ମିଳିଛି। ରାଜ୍ୟସ୍ତରୀୟ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ସହିତ ଏଭଳି ଘୃଣ୍ୟ କାର୍ଯ୍ୟ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଉଭୟ ଘଟଣାରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା, ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ପୀଡିତଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବା ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗ ଉପରେ ଅତ୍ୟାଚାରକୁ ରୋକିବା, ଏଟ୍ରୋସିଟି ଆଇନକୁ କଡ଼ାକଡି କରିବା, ଘୃଣ୍ୟ ଜାତିପ୍ରଥା ଓ ହୀନମାନସିକତା ବିରୋଧରେ ଦେଶ ବ୍ୟାପି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେବା, ଜାତି-ଜାତି ମଧ୍ୟରେ ସମନ୍ୱୟ ରକ୍ଷା କରି ଗୋଷ୍ଠୀହତ୍ୟା, ଧର୍ମାନ୍ଧତା ଓ ଧାର୍ମିକ ବର୍ବରତା ବିରୋଧରେ ଦୃଢ଼ ପଦକ୍ଷେପ ନେବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା, ଏକ ମାସ ମଧ୍ୟରେ ଚାର୍ଜସିଟ ଦାଖଲ କରି ଫାଷ୍ଟ ଟ୍ରାକ କୋର୍ଟରେ ଏସବୁ କେସର ଶୁଣାଣି କରିବାକୁ ଦାବି କରିଛି ମହାସଂଘ। ସେହିପରି ପୀଡିତ ବ୍ୟକ୍ତି ଓ ତାଙ୍କ ପରିବାର ତଥା ଉକ୍ତ ଗାଁର ଦଳିତ ମାନଙ୍କ ଧନ ଜୀବନର ସୁରକ୍ଷା ଦେବା ସମଗ୍ର ରାଜ୍ୟରେ ଦଳିତ ନିର୍ଯାତନା ବିରୋଧରେ ପଦକ୍ଷେପ ନେବା, ଲୋକଙ୍କ ଭିତରେ ଜାତି ନିର୍ଯାତନା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଉପରେ ମହାସଂଘ ଗୁରୁତ୍ୱାରୋପ କରିଛି। ଗୋ ରକ୍ଷା ନାଁରେ ଧାର୍ମିକ ଉନ୍ମାଦତା ବନ୍ଦ କରିବା, ସାମ୍ପ୍ରଦାୟିକ ଶକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ବୁଧବାର ମହାସଂଘର ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ଼ଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, ଜିଲ୍ଲା କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଜୟପ୍ରକାଶ ଜାଲ, ସାଧାରଣ ସମ୍ପାଦକ କୀର୍ତ୍ତନ ନାୟକ ଯାଦବ, ସତ୍ୟ ମାହାର, ରାଜ୍ୟ ସାଧାରଣ ସଂପାଦକ ଦିଗାମ୍ବର ଦୁରିଆ, ଆଇନଜୀବୀ ପୃଥ୍ୱୀରାଜ ତାଣ୍ଡି, କୁଞ୍ଜବିହାରୀ ବାଗ, ସୁଧୀର ବାଗ, ସୁରେଶ ମାଝୀ, ସନ୍ତୋଷ ପ୍ରଧାନ, ଏସ. ସୁଜାତା, ଘନ ମାଝୀ, ସଞ୍ଜୟ ସୁନାନୀଙ୍କ ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶଙ୍କୁ ସାକ୍ଷାତ କରିବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ରାଶିଫଳ


ଶନିବାର, ୨୮ ଜୁନ୍ ୨୦୨୫



**ମେଷ:** ବ୍ୟବସାୟକୁ ବଢାଇବା ପାଇଁ ମନକୁ ନୂଆ ନୂଆ ବିଚାର ଆସିବ। ଚାକିରିରେ କର୍ମ ତତ୍ପର ରହି ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିବେ। ଯାନ,ବାହନ କରିବାରେ ଆଗ୍ରହ ବଢିବ। ମହିଳାମାନେ କୌଣସି କଥାରେ ମନରେ ବ୍ୟାକୁଳତା ଅନୁଭବ କରିବେ।




**ବୃଷ:** ଜୀବନସାଥୀଙ୍କ ସହିତ ମଧୁର ସମ୍ବନ୍ଧ ରହିବ। ବିଦ୍ୟାର୍ଥୀମାନେ ଏକାଗ୍ରତା ରକ୍ଷା କରିବେ। ବ୍ୟବସାୟରେ ଲାଭପ୍ରଦ ହେବେ। ସୌଖିନ ଦ୍ରବ୍ୟ ସଂଗ୍ରହ କରିବେ। ଶତ୍ରୁମାନେ ଆପଣଙ୍କୁ ମାଲିମକଦ୍ଦମାରେ ପକାଇ ଖର୍ଚ୍ଚାନ୍ତ କରିପାରନ୍ତି।




**ମିଥୁନ:** ପରିବାରରେ ଆନନ୍ଦ ଉଲ୍ଲାସର ପରିବେଶ ରହିବ। ସଭା ସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଯିବ। ଆବଶ୍ୟକୀୟ ଜିନିଷ ପାଇଁ ଅତ୍ୟଧିକ ବ୍ୟୟ କରିପାରନ୍ତି। ଶତ୍ରୁମାନେ ପରାଜିତ ହେବେ ଏବଂ ସରକାରୀ ସହାୟତା ପାଇବେ।



**କର୍କଟ:** କର୍ମ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିବେ। ସାମାଜିକ ସହଯୋଗ ଲାଭ କରିବେ। ଶିକ୍ଷାକ୍ଷେତ୍ରରେ କୌଣସି ଶୁଭ ସମାଚାର ମଧ୍ୟ ମିଳିପାରେ। ଗୃହିଣୀମାନେ ଗୃହପୋକରଣ ସଂଗ୍ରହ କରିପାରନ୍ତି। ଅଯଥା ବିବାଦ ଭିତରକୁ ଟାଣି ହୋଇଯାଇପାରନ୍ତି ।



**ସିଂହ:** ବ୍ୟବସାୟୀମାନେ ଭାଗିଦାରୀ ବ୍ୟବସାୟ କରିବେ। ଛାତ୍ରୀଙ୍କୁ କୌଣସି ଅଭିଜ୍ଞ ବ୍ୟକ୍ତିଠାରୁ ଭଲ ପରାମର୍ଶ ମିଳିବ। ଆପଣ ଅଭିଜ୍ଞତା ଅର୍ଜନ କରିବେ ଯାହା ଫଳପ୍ରଦ ଏବଂ ମୂଲ୍ୟବାନ ପ୍ରମାଣିତ ହେବ। ପ୍ରତ୍ୟେକ ବାଧାବିଘ୍ନକୁ ଦୂର କରିବାରେ ସକ୍ଷମ ହେବେ।



**କନ୍ୟା:** ନିଜ ଲୋକଙ୍କୁ ବୃଥା ସନ୍ଦେହ କରି ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟକୁ ନେଇ ଭଲ ଚୁକ୍ତି ହେବାର ସମ୍ଭାବନା ରହିଛି। ସନ୍ତାନ ଚିନ୍ତା ଦେଖା ଦେଇପାରେ। ଅଫିସରୁ ଆସିଲାବେଳେ ନିଜ ମନ ପସନ୍ଦର ଜିନିଷ ଟିଏ କିଣିକି ଆଣିବାରେ ସମର୍ଥ ହେବେ।



**ତୁଳା:** ପରିବାରରେ ଚିନ୍ତା ବଢିପାରେ। ଚାକିରି କ୍ଷେତ୍ରରେ ପ୍ରାଧାନ୍ୟ ହ୍ରାସ ପାଇବେ। ମୋହରେ ପଡି ଅପଦସ୍ତ ହେବେ। କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କ ସହଯୋଗରେ ସଫଳତା ମିଳିବ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ସଫଳତା ଲାଭ କରିବେ।



**ବିଛା:** କର୍ମକ୍ଷେତ୍ରରେ ପରିଶ୍ରମର ଭଲ ପରିମାଣ ପାଇବା ସହିତ ଉଚ୍ଚପଦ ପଦବୀ ପାଇବାରେ ସଫଳ ହେବେ। ଅଯଥା ଖର୍ଚ୍ଚରୁ ନିଜକୁ ରୋକିବାକୁ ହେବ। କ୍ୟାରିୟରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବେ। ସରକାରୀ ସ୍ତରରେ କେତେକ ସୁବିଧା ପାଇବା ହେତୁ ଖୁସି ରହିବେ। ଦୁର୍ଘଟଣାର ଶିକାର ହୋଇପାରନ୍ତି ।



**ଧନୁ:** କୌଣସି କାର୍ଯ୍ୟରେ ସଫଳତା ହାସଲ କରିବେ। ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁ ମେଳରେ ଆନନ୍ଦ ଅନୁଭବ କରିବେ। ଆପଣଙ୍କର କ୍ରୀଡା କାର୍ଯ୍ୟକଳାପକୁ ପୁନଃ ଆରମ୍ଭ କରିବା ପାଇଁ ଚେଷ୍ଟା କରିବେ । ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି।



**ମକର:** ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ଦେଖାକରିବାକୁ ଯୋଜନା କରିପାରନ୍ତି। ବୈବାହିକ ଜୀବନ ସବୁଠୁ ଉତ୍ତମ ରହିବ। ନୂତନ ଆୟର ପନ୍ଥା ଖୋଲିଯିବା ସହ ଉତ୍ତମ ରୋଜଗାର ହେବ।ଘରକୁ ଜିନିଷ କିଣି ଅଧିକ ପଇସା ଖର୍ଚ୍ଚ କରିପାରନ୍ତି। ଶିକ୍ଷାର୍ଥୀମାନେ ପଥ ଭ୍ରଷ୍ଟ ହୋଇ ପାରନ୍ତି। ପଡ଼ୋଶୀ ସବୁ ପାସୋରି ବନ୍ଧୁତାର ହାତ ବଢାଇବେ।



**କୁମ୍ଭ:** ଆୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ସହିତ ମିଶି ଏକତ୍ର ଭୋଜନ କରିବେ। ଚାକିରି ଖୋଜୁଥିବା ଲୋକଙ୍କୁ ଭଲ ଚାକିରି ମିଳିବ। ଆପଣଙ୍କର ତୀବ୍ର ବୁଦ୍ଧି ପାଇଁ ପୁରସ୍କାର ମିଳିବା ଯୋଗ ଅଛି । ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ଲାଭ କରିବେ।



**ମୀନ:** ବାଣିଜ୍ୟ ବ୍ୟବସାୟ ମଧ୍ୟମ ଧରଣର ରହିବ। ପ୍ରେମ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ମାଲିମକଦ୍ଦମା ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୀତିରେ କୌଣସି କାମକୁ ହାତକୁ ନେବେ। ମହିଳାମାନେ ଇଶ୍ୱର ବିଶ୍ୱାସି ହେବେ। ପଛ କଥା ପଛରେ ପକାଇ ଏହି ସମୟର ସଦୁପଯୋଗ କରିପାରିଲେ ଭଲ।


ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯